
RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in

ଅକ୍ଟୋବର ୨୦୧୮
ମୂଲ୍ୟ : ୨୫ ଟଙ୍କା

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ
# PRACHEE







*ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ*

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ

**ସମ୍ପାଦକ :**

**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଲିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଚତୁର୍ଥ ବର୍ଷର ସପ୍ତମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଓଁ 'ପ୍ରାଚୀ'ର କଲମ ୫୦

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଐତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

বାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.-4, October 2018, Issue No. VII
RNI No. : ODIODI/2015/64435
P.R. No. : CK(C)/96/2016-2018

**ପ୍ରାଚୀ ପରିବାର :**

ଉପଦେଷ୍ଟା :
**କୃଷ୍ଣ ପ୍ରସାଦ ଦାସ**
ସମ୍ପାଦକ :
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**
ସମ୍ପାଦନା ସହଯୋଗୀ :
**ପ୍ରାଚୀ ପ୍ରଯୁକ୍ତା**
ସହ ସମ୍ପାଦକ :
**ଡ. ନିରୋଦ କୁମାର ମନ୍ତ୍ରୀ**
**ବନଲତା ସିଂହ**
**ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର**
ପରିଚାଳନା ସମ୍ପାଦିକା :
**ପ୍ରଜ୍ଞା ପରିମିତା**
ଉପସ୍ଥାପନା :
**ମମତା ଖଣ୍ଡାୟତରାୟ**
ଡିଟିପି :
**ମନୋଜ କୁମାର ଦାସ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ରାମଚନ୍ଦ୍ର ବିଶ୍ୱାଳ**
ବିତରଣ ଅଧିକାରୀ :
**ପ୍ରଦୀପ୍ତ କୁମାର ପାଢ଼ୀ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

**ପ୍ରାଚୀ ସାହିତ୍ୟ ସମାଜ**
ସଭାପତି :
**ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheevoice.in ରେ ଲଗ୍‌ଇନ୍ କରନ୍ତୁ ।

**Declaration**
**Edited, Published & Owned by :**
**Dr. Bibhudatta Khandayatray**

**Niladri Vihar, Cuttack - 4**
**E-mail :**
**pracheepatrika@rediffmail.com**
**Web Site :**
**www.pracheevoice.in**


## ଏଇ ସଂଖ୍ୟାରେ...


| | | |
|---|---|---|
| ଅଗ୍ନିଶିଖା | ସାରଙ୍ଗଧର ଷଡ଼ଙ୍ଗୀ | ୦୭ |
| ଉଦ୍ୟତ ଖଡ୍‌ଗ | ରବୀନ୍ଦ୍ର କୁମାର ବେହୁରିଆ | ୦୯ |
| ନିୟତିର ଖେଳ | ସୁଦର୍ଶନ ବରିହା | ୧୦ |
| ରାମରାଜ୍ୟ କ'ଣ ଫେରିବ ନାହିଁ | ଗୋବିନ୍ଦ ଚନ୍ଦ୍ର ନନ୍ଦ | ୧୩ |
| ଧୂଳିଆ | ତ୍ରିଲୋଚନ ଦାସ | ୧୬ |
| ଅଶୁଭ ବେଳାରେ ଶୁଭ ଜାତ | ନାରାୟଣ ଶତପଥୀ | ୧୭ |
| ମୁଁ ବରଯାତ୍ରୀ | ଚୈତନ୍ୟ ଚରଣ ସାହୁ | ୧୯ |
| ଈଶ୍ୱରଙ୍କ ଇଚ୍ଛାରେ ସଂସାର ଚାଲେ | ସୁମିତ୍ରା ମହାରଣା | ୨୧ |
| ସନ୍ଦେହର ଭୂତ | ଲବଙ୍ଗଲତା ପରିଡ଼ା | ୨୨ |
| ସମସ୍ୟାର ସତ୍ୟପାଠ | ରାମଚନ୍ଦ୍ର ଶତପଥୀ | ୨୩ |
| ଡେଙ୍ଗା-ବାଟକୁ ଉପାଖ୍ୟାନ | ବିଚିତ୍ରାନନ୍ଦ ପଣ୍ଡା | ୨୬ |
| ଝଡ଼ ପରର ସକାଳ | ଏଲିନା ସାହୁ | ୨୮ |
| ଅନୁତପ୍ତର ଅଭିଶାପ | ଶ୍ରୀନିବାସ ସାହୁ | ୩୦ |
| ମହମବତୀ ଓ ବାସନ୍ତୀ ଅପା | ବ୍ରଜକିଶୋର ସିଂହ | ୩୨ |
| ଅପେକ୍ଷା | ତରୁଲତା ପତି | ୩୪ |
| ସେବାକାରୀ ବୃକ୍ଷ | ସଞ୍ଜୁଲତା ପାତ୍ର | ୩୫ |
| ଦାଦନ | ରଜନୀକାନ୍ତ ମହାନ୍ତି: | ୩୬ |
| ଘରବାହୁଡ଼ା | ହରେକୃଷ୍ଣ ପ୍ରଧାନୀ | ୪୨ |
| ଜନେ ହସିବେ | ଲୋଚନ ବେହେରା | ୪୪ |
| ମଲାଜହ୍ନ | ନିରୋଜ କୁମାର ପରିଡ଼ା | ୪୫ |

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011


# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡ଼ିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡ଼ିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................

ଠିକଣା ........................................................ ପିନ୍‌କୋର୍ଡ଼ ..................................

ମୋବାଇଲ୍ ନମ୍ବର ........................................ ଇ-ମେଲ୍ ..........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.................................................. ତାରିଖ.......................................

ବ୍ୟାଙ୍କ୍.......................................... ସ୍ଥାନ.........................................................

ତାରିଖ........................................ ଦସ୍ତଖତ.......................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheevoice.in

# ଅଗ୍ନି ଶିଖା

■ ସାରଙ୍ଗଧର ଷଡ଼ଙ୍ଗୀ

ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ଅହ୍ୟ ନାରୀର ସୀମନ୍ତ ସିନ୍ଦୂର ଓ ମଣିଷ ଜୀବନର ଆରମ୍ଭ ଓ ପରିସମାପ୍ତି ସେହି ଲେଲିହାନ ଅଗ୍ନିର ଅଗ୍ନିଶିଖା ଭିତରେ । କାହାଣୀ ଅଗ୍ନିଶିଖା ଏହି ଲାଲ୍ ରଙ୍ଗର ପବିତ୍ରତା ଓ ସୃଷ୍ଟିର ନିରାଟ ଓ ଚରମ ସତ୍ୟତାକୁ ବହନ କରେ । ସୂର୍ଯ୍ୟୋଦୟର ରକ୍ତିମ ବର୍ଣ୍ଣର ଆଲୋକ ମାନବ ଜାତିର ପ୍ରାଣରେ ଆଶାର ଆଲୋକ ସଞ୍ଚାର କରେ । ମଣିଷ ତା'ର ଉଚିତ ପଥ ନିର୍ଦ୍ଧାରଣ କରି ସେହି ପଥରେ ଯାଇ ଶେଷରେ ମିଶିଯାଏ ଅର୍ଥାତ୍ ତାର ଶରୀରର ଅସ୍ତିତ୍ୱ ନିଶ୍ଚିହ୍ନ ହୋଇଯାଏ ଲାଲ୍ ରଙ୍ଗର ଅଗ୍ନିଶିଖା ଭିତରେ ।

କୌଣସି ଗୋଟିଏ ନାରୀ ଚରିତ୍ର । ନାରୀ ବିନା ସୃଷ୍ଟି ଅସମ୍ଭବ । ପୁରୁଷ ପ୍ରଧାନ ସମାଜରେ ନାରୀ ହେଉଛି ଅଥଳ ସମୁଦ୍ରରେ ଏକ ଅସହାୟ ପତ୍ର । ସମାଜର ନୀତିନିୟମଗୁଡ଼ିକ ସମୁଦ୍ରର ଢେଉ । ସେହି ଢେଉ ନାରୀକୁ ସ୍ୱଚ୍ଛନ୍ଦରେ କୂଳରେ ଲଗେଇଦିଏ ନଚେତ୍ ବୁଡ଼େଇଦିଏ । ନାରୀ ସମାଜରେ ମା', ଭଗିନୀ ଓ ପତ୍ନୀ ଏହିପରି ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନ ଗ୍ରହଣ କରିଥାଏ । ନାରୀ ଅର୍ଦ୍ଧାଙ୍ଗିନୀ । ତାର ବିନା ସାହଚର୍ଯ୍ୟ ପୁରୁଷ ଜୀବନକୁ ବ୍ୟର୍ଥ, ନୀରସ କରିଦିଏ । ଗୋଟିଏ ମମତାମୟୀ ନାରୀ ଓ ସହନଶୀଳ ପୁରୁଷ ଭିତରେ ଉନ୍ନତ ବୁଝାମଣା ଥିଲେ ସାଂସାରିକ ବନ୍ଧନ ନିବିଡ଼ ହୁଏ । ସରଳ ଓ ସୁଖମୟ ହୁଏ । ଆମର ଧାର୍ମିକ ପରମ୍ପରା ଓ ଚେତନାକୁ ଭୁଲିଯାଇ, ପାଶ୍ଚାତ୍ୟ, ଅସଭ୍ୟ ନଗ୍ନ ସଭ୍ୟତାକୁ ଅନୁକରଣ କରି ନାରୀ ଜାତିର ମର୍ଯ୍ୟାଦାହାନି କରିବା ଆଦୌ ସ୍ପୃହଣୀୟ ନୁହେଁ । ନାରୀ ସର୍ବଂସହା ଧରିତ୍ରୀ । ଏହା ପାଶ୍ଚାତ୍ୟ ରାଷ୍ଟ୍ରର ଅଧିବାସୀମାନେ ଅନୁଭବ କରନ୍ତି ନାହିଁ । ମହାଭାରା ଓ ରାମାୟଣ ଅତି ପୁରାତନ, ସର୍ବପ୍ରାଚୀନ ଧର୍ମଗ୍ରନ୍ଥ । ସେଥିରେ ମୁଖ୍ୟତଃ ଶ୍ରୀରାମଚନ୍ଦ୍ର, ଦେବୀ ସୀତା (ରାମାୟଣର ଚରିତ୍ର) ଏବଂ କୁନ୍ତୀ, ଦ୍ରୌପଦୀ, ପଞ୍ଚୁପାଣ୍ଡବ (ମହାଭାରତର ଚରିତ୍ର) ଯେଉଁ ବାସ୍ତବବାଦୀ ଓ ଆଦର୍ଶ ନୀତିଶିକ୍ଷା ଦେଇଯାଇଛନ୍ତି, ସାରା ବିଶ୍ୱରେ ତାର ତୁଳନା ନାହିଁ, ଏହା ଅଦ୍ୱିତୀୟ ଶାସ୍ତ୍ର ।

ଆକାଶର ସିନ୍ଦୂରା ଫାଟି ନାହିଁ । ଧରଣୀ ବକ୍ଷରେ ଜନ୍ମ ନେଉଥିବା ଅଗଣିତ ବୃକ୍ଷଲତା, କୀଟପତଙ୍ଗ ଆବେଗପୂର୍ଣ୍ଣ ନୟନରେ ଅପେକ୍ଷା କରିଛନ୍ତି ପ୍ରକୃତିର ନିଦ୍ରାଭଙ୍ଗକୁ ଅନୁଭବ କରିବା ପାଇଁ । ପ୍ରକୃତିର ନିଦ୍ରାଭଙ୍ଗ ଦୂର କରିଦେବ ଅନ୍ଧକାରର କାଳିମାମୟ କଳୁଷକୁ । ସାରା ଧରାଧାମକୁ ଆଲୋକିତ କରିଦେବ । ପ୍ରତ୍ୟେକ, ପ୍ରତ୍ୟେକଙ୍କର ଅସ୍ତିତ୍ୱକୁ ଦେଖି ଚିହ୍ନିପାରିବେ ।

ପାହାଡ଼ କୋଳରୁ ଝରଣାଟିଏ କୁଳୁକୁଳୁ ହୋଇ ବହିଚାଲିଛି କେଉଁ ଅସରନ୍ତି ଓ ଅସୀମ ଲକ୍ଷ୍ୟ ନେଇ । ସେପଟୁ ଦେଖାଯାଉଛି ଆକାଶର ଗର୍ଭ ଚିରି ସୂର୍ଯ୍ୟଦେବ ପ୍ରକୃତି ଗର୍ଭରୁ ଜନ୍ମ ନେଉଛନ୍ତି । ରକ୍ତିମ ବର୍ଣ୍ଣ କିରଣରେ ସାରା ନଭମଣ୍ଡଳ ଆଲୋକିତ । ଏହି ପ୍ରଥମ ଆଲୋକର ସ୍ପର୍ଶ ପାଇ ଫୁଲମାନେ ପାଖୁଡ଼ାସବୁ ମେଲିଦେଲେଣି । ପକ୍ଷୀମାନଙ୍କ ସ୍ୱରର କୋଳାହଳ, ଝରଣାକୂଳ ଗଛ ଉପରୁ ଓ ପାହାଡ଼, ପର୍ବତଭରା ଅରଣ୍ୟ ଭିତରୁ ଶୁଣିବାକୁ ମିଳେ । ଅନ୍ଧକାର ସତେଯେପରି ସେମାନଙ୍କୁ ନିଶ୍ଚଳ, ନିସ୍ତେଜ ଓ ନିର୍ଜୀବ ପ୍ରାୟ କରିଦେଇଥିଲା । ସେମାନଙ୍କର ନୀରବତା ଧରଣୀପୃଷ୍ଠରେ ଉଦାସତା ଭରି ଦେଇଥିଲା ।

ପ୍ରାତଃକାଳର ଏହି ଶୁଭମୁହୂର୍ତ୍ତରେ କୌଣସି ଏକ ଯୁବକ ପ୍ରକୃତିର ଏହି ବୈଚିତ୍ର୍ୟମୟ ସୃଷ୍ଟି ବିଷୟରେ ଭାବି ଭାବି ବଣ, ପାହାଡ଼, ନଦୀ, ଝରଣା ମଧ ଦେଇ ଯାଇଥିବା ଅଙ୍କାବଙ୍କା ରାସ୍ତାରେ ଚାଲିଛି । ନିଜ ଅସ୍ତିତ୍ୱକୁ ତା' ଭିତରେ ଖୋଜିବାରେ ଲାଗିଛି । ଚାଲିବା ଭିତରେ ତାର ଦୃଷ୍ଟିଗୋଚର ହୁଏ ଝରଣାରେ ସ୍ନାନ କରୁଥିବା ଗୋଟିଏ ଯୁବତୀର ଦୃଶ୍ୟ । ଏହା ଦେଖି ଯୁବକଟିର ସାରା ଶରୀରରେ ନୂତନ ରୋମାଞ୍ଚ ଓ ଶିହରଣ ସୃଷ୍ଟି ହୁଏ । ଯୁବତୀଟି, ଯୁବକକୁ ନିଭୃତ ଭାବରେ ନିରୀକ୍ଷଣ କରେ । ଏହି ଚାହାଣି ପରସ୍ପରକୁ ପ୍ରେମର ଭାବରେ ଆକୃଷ୍ଟ କରି ମନକୁ ଆନ୍ଦୋଳିତ କରେ । ପରବର୍ତ୍ତୀ ସମୟରେ ପରସ୍ପର ମିଳିତ ହୁଅନ୍ତି । ଉଭୟଙ୍କର ଅବିରତ ମିଳନ, ଜୀବନସଙ୍ଗୀତର ତାଳ, ଲୟ ଗଢ଼ି ତୋଳେ । ସେମାନେ ଏକ ସଙ୍ଗେ ବଞ୍ଚିବେ ଓ ମରିବେ ଓ ଏହି ପବିତ୍ର ବନ୍ଧନରେ ଆବଦ୍ଧ ହେବାର ପ୍ରତିଜ୍ଞା କରନ୍ତି । ପ୍ରେମର ଉତ୍ତାଳ ତରଙ୍ଗ ଭିତରେ ନିଜକୁ ହଜେଇଦେବାର ସ୍ୱପ୍ନ ଦେଖନ୍ତି । ଶେଷରେ ସେମାନଙ୍କର ସ୍ୱପ୍ନ ସାକାର ହୁଏ ।

ଯୁବକଟି ଗୋଟିଏ କାରଖାନାରେ ଯନ୍ତ୍ରୀ ଭାବରେ କାର୍ଯ୍ୟ କରେ । କାରଖାନାରୁ ଘରକୁ ଫେରିବା ପରେ ଜମେଇ ରଖିଥିବା ହୃଦୟର କଥାକୁ ଅର୍ଦ୍ଧାଙ୍ଗିନୀ ନିକଟରେ ପ୍ରକାଶ କରେ । ପ୍ରେମ, ପ୍ରଣୟକୁ ବାଦ୍ ଦେଲେ ସୁରକ୍ଷା ପାଇଁ ନାରୀ ଜୀବନରେ ଗୋଟିଏ ପୁରୁଷର ସହଯୋଗ ଓ ଆଶ୍ରୟ ଲୋଡ଼ା । ସକାଳର ଶିଶିର ଯେପରି ପତ୍ରସବୁକୁ ଜାବୁଡ଼ି ଧରି ରଖିଥାନ୍ତି ସେହିଭଳି ନାରୀଟିଏ ପୁରୁଷକୁ

ଉନ୍ନତ ବୃଝାମଣା, ଦୁଃଖସୁଖର ସାଂସାରିକ ଜୀବନ ଭିତରେ ଜାବୁଡ଼ି ଧରି ରଖେ । ଏହା ଉଭୟଙ୍କର ହୃଦୟକୁ ପ୍ରସାରିତ ପରିବ୍ୟାପ୍ତ କରି ଜୀବନରେ ବୌଦ୍ଧିକ ଉନ୍ନତି, ମାନସିକ ସ୍ଥିରତା ଓ ଶାରୀରିକ ସୁସ୍ଥତା ଆଣିଦିଏ । କିଛିଦିନ ସାଂସାରିକ ବନ୍ଧନ ଓ ମିଳନରେ ଜୀବନ ଅତିବାହିତ କରିବା ପରେ ସେମାନେ ନୂତନ ସ୍ୱପ୍ନ ଦେଖନ୍ତି । ପଛରେ ଆଉ ଗୋଟିଏ ଫୁଲ ଫୁଟିବ । ଫୁଲରୁ ଯେଉଁ ଫଳଟି ସୃଷ୍ଟି ହେବ ତାହା ବହୁତ ସୁନ୍ଦର ହେବ । ତାଙ୍କର ଏହି ଭାବନା ଠାକୁର ସାକାର କରନ୍ତି । ସେମାନେ ଗୋଟିଏ ପୁତ୍ର ସନ୍ତାନର ଜନକଜନନୀ ହୁଅନ୍ତି । ହୃଦୟର ସମସ୍ତ ସ୍ନେହ, ଶ୍ରଦ୍ଧା, ବାତ୍ସଲ୍ୟ ମମତାକୁ ଏକୋଇର ବଳା ବିଶିକେଶନ ଉପରେ ସମର୍ପି ଦିଅନ୍ତି ।

ଆଜିର ଜଟିଳ, ବିପଜ୍ଜନକ ଦୁନିଆରେ ବିଳାସ, ଆଡ଼ମ୍ବର, ପ୍ରେମ ପ୍ରଣୟ, ସୁଖ, ଐଶ୍ୱର୍ଯ୍ୟ ଅପେକ୍ଷା ସୁରକ୍ଷା ଓ ନିରାପତ୍ତା ଗୋଟିଏ ନାରୀ ପାଇଁ ନିତାନ୍ତ ଆବଶ୍ୟକ । ଏଥିପାଇଁ ନାରୀ ପୁରୁଷର ଅନୁଗତ୍ୟ ସ୍ୱୀକାର କରେ ।

କାରଖାନାରେ କାର୍ଯ୍ୟରତ ଥିବା ସମୟରେ, କାରଖାନାରୁ ନିର୍ଗତ ହେଉଥିବା ବିଷାକ୍ତ ବାଷ୍ପ ସଂସ୍ପର୍ଶରେ ଆସି ପୁରୁଷଟି ରୋଗାକ୍ରାନ୍ତ ହୁଏ । ଚିକିତ୍ସା ପାଇଁ, କାର୍ଯ୍ୟାଳୟରୁ କିଛିଦିନ ପାଇଁ ଛୁଟି ନିଏ । ନିଜର ଆରୋଗ୍ୟ ପାଇଁ ଔଷଧ, ଖାଦ୍ୟ ଓ ବିଶ୍ରାମର ଜରୁରୀ ଆବଶ୍ୟକତା ରହିଛି । ଆୟର ପନ୍ଥା ବନ୍ଦ । ଏହି ଦୁର୍ଦ୍ଦିନରେ କିଏ ତାର ସାଥୀ ଓ ଆପଣାର ହୋଇ ସହାୟତା କରିବ ଓ ମାନସିକ ଉତ୍ସାହ ଦେବ ଓ ସେବାଶୁଶ୍ରୂଷା କରିବ ।

ତାର ଅର୍ଦ୍ଧାଙ୍ଗିନୀ, ସ୍ୱାମୀଙ୍କ ଶାରୀରିକ ସୁସ୍ଥତା ଫେରାଇ ଆଣିବା ପାଇଁ ଆୟପନ୍ଥା ଖୋଜିବସେ । ଏକ ପ୍ରାଇଭେଟ୍ ଟ୍ୟୁଟର୍ର କାର୍ଯ୍ୟ କରି କିଛି ଅର୍ଥ ଉପାର୍ଜନ କରେ । ଘରୁ ଗୋଡ଼କାଢ଼ି ବାହାରକୁ ଯାଏ । ଖଳପ୍ରକୃତି ଓ ଅସାମାଜିକ ଲୋକଙ୍କର ତାତ୍ସଲ୍ୟ ଓ କର୍କଶ ଇଙ୍ଗିତର ଶରବ୍ୟ ହୁଏ । ସେ ସହିବାକୁ ବାଧ୍ୟ ହୁଏ । ସେମାନେ ସ୍ତ୍ରୀ ଲୋକଟିର ଅସହାୟ ଅବସ୍ଥାର ଫାଇଦା ଉଠାଇବାକୁ ଚେଷ୍ଟା କରନ୍ତି । ଏହା ଭିତରେ ପୁତ୍ର ସନ୍ତାନଟି ବଡ଼ ହୋଇଯାଇଛି । ସେ ପାଠପଢ଼ି, ଉଚ୍ଚଶିକ୍ଷିତ ହୋଇ ଉଚ୍ଚ ପୋଲିସ ପଦାଧିକାରୀ ହୋଇଛି । ବହୁ ବାଧାବିଘ୍ନ, ଘାତପ୍ରତିଘାତକୁ ପ୍ରତିହତ କରି ଅର୍ଦ୍ଧାଙ୍ଗିନୀ, ସ୍ୱାମୀଙ୍କୁ ଆରୋଗ୍ୟ କରିଛି । ସେ ପୁନର୍ବାର ନିଜ କର୍ମକ୍ଷେତ୍ରରେ ଯୋଗଦାନ କରିଛନ୍ତି ।

ପୁରୁଷ ଓ ପୁତ୍ର ସନ୍ତାନର ଅନୁପସ୍ଥିତିର ସୁଯୋଗ ନେଇ ଅସାମାଜିକ ଲୋକମାନଙ୍କର ମୁଖିଆ, ସ୍ତ୍ରୀ ଲୋକଟିକୁ ଦୈହିକ ଓ ମାନସିକ ଅତ୍ୟାଚାର କରିବାକୁ ଉଦ୍ୟମ କରିଛନ୍ତି । ଠିକ୍ ଏହି ସମୟରେ ପୁତ୍ରର ଉପସ୍ଥିତି ସେମାନଙ୍କୁ ବିବ୍ରତ କରିଦିଏ । ଅପରାଧୀ ସଇତାନଟି ଯେତେବେଳେ ବନ୍ଧୁକ ଉଠାଇ ସନ୍ତାନଟିକୁ ଟାର୍ଗେଟ୍ କରିଛି, ସେହି ସମୟରେ ସନ୍ତାନବତ୍ସଳ, ମମତାମୟୀ ନାରୀ, ମାତୃ ହୃଦୟକୁ ବ୍ୟାପକ କରିଦେଇ ପୁତ୍ର ଆଗକୁ ଚାଲିଆସନ୍ତି । ପରେ ପରେ ଗୁଳିବିଦ୍ଧ ଅବସ୍ଥାରେ ତଳେ ଲୋଟିପଡ଼ନ୍ତି । ଅପରାଧୀ ସ୍ଥାନ ଛାଡ଼ି ଫେରାର୍ ହୋଇଯାଏ ।

ପୁରୁଷଟି ଘରେ ପହଞ୍ଚି ଏହି ହୃଦୟ ବିଦାରକ ଦୃଶ୍ୟ ଦେଖି ହତବାକ୍ ହୋଇଯାଏ । କହିଚାଲେ– ଜୀବନସାରା କର୍ତ୍ତବ୍ୟର ବୋଝ ମୁଣ୍ଡେଇ ନିଜ ସୁଖକୁ ଜଳାଞ୍ଜଳି ଦେଇ ଶେଷରେ ଦୁଇଟି ଜୀବନକୁ ବଞ୍ଚେଇବାକୁ ଯାଇ ନିଜେ ଆତ୍ମବଳୀ ଦେଲା । ତୁମେ ମରିନାହଁ ଖାଲି ମୋ ହୃଦୟରେ ନୁହେଁ, ଏ ସମାଜରେ ଏକ ବିରଳ ଦୃଷ୍ଟାନ୍ତ ସୃଷ୍ଟି କଲ ।

ତୁମର ଏ ତ୍ୟାଗ, ବଳିଦାନ ସମସ୍ତେ ଉପଲବ୍ଧି କରି ମନେରଖିବେ । ତୁମର ଏ ସୀମନ୍ତ ସିନ୍ଦୂର କେବଳ ସୌଭାଗ୍ୟର ପ୍ରତୀକ ନୁହେଁ, ଏହା ଏକ ଅଗ୍ନିଶିଖା । ସମଗ୍ର ନାରୀ ଜାତିକୁ ତ୍ୟାଗ, ଆଦର୍ଶର ଆଲୋକବର୍ତ୍ତିକା ଭଳି ଦିଗ୍‌ଦର୍ଶନ ଦେବ । 'ଜାତସ୍ୟ ହିଁ ଧ୍ରୁବମୃତ୍ୟୁ, ଧ୍ରୁବଜନ୍ମ ମୃତସ୍ୟ ଚ ।' ପ୍ରତ୍ୟେକ ମଣିଷ ଏ ଦେହ ଛାଡ଼ିବେ; କିନ୍ତୁ କିଛି ମଣିଷ ଚାଲିଯିବା ପରେ ସମାଜରେ ଶୂନ୍ୟସ୍ଥାନ ସୃଷ୍ଟି କରି ପରୋପକାର, ଆଦର୍ଶର ବାର୍ତ୍ତାବହନ କରି କିମ୍ବଦନ୍ତୀ ହୋଇ ରହିଯା'ନ୍ତି ।

ନିଜ ମାତାଙ୍କ ମୃତ୍ୟୁ ପାଇଁ ଯେଉଁ ପାଷାଣ୍ଡ, ବର୍ବର, ନୃଶଂସ ଅପରାଧୀ ଦାୟୀ, ତାକୁ ଲୋକଲୋଚନକୁ ଆଣି ତାଙ୍କ ପୁତ୍ର ପୋଲିସ ଅଧିକାରୀ ଶେଷରେ ଦଣ୍ଡବିଧାନ କରନ୍ତି । ସେମାନେ ଆଇନ ପରିସର ଭିତରକୁ ଯାଇ ମୃତ୍ୟୁଦଣ୍ଡରେ ଦଣ୍ଡିତ ହୁଅନ୍ତି ।

'ସତ୍ୟମେବ ଜୟତେ' ଏହି ବାଣୀର ସତ୍ୟତା ପ୍ରତିପାଦିତ ହୁଏ ।

*ମୈତ୍ରୀ ବିହାର, ସିଦ୍ଧ ମହାବୀର, ପୁରୀ ।*

◆❖◆

# ଉଦ୍ୟତ ଖଡ୍‌ଗ

ମୂଳ ବଙ୍ଗଳା ■ **ଅଚିନ୍ତ୍ୟ କୁମାର ସେନଗୁପ୍ତ**
ଅନୁବାଦ ■ **ଅଧ୍ୟାପକ ରବୀନ୍ଦ୍ର କୁମାର ବେହୁରିଆ**

ଚାରୁ ! ଚାରୁ ! ଚାରୁର ଘର ଦରଜା ପାଖରେ ଛିଡ଼ାହୋଇ ସୁଭାଷ ଡାକୁଛନ୍ତି ବନ୍ଧୁଙ୍କୁ ।

ଚାରୁ ବାହାରି ଆସିଲେ ।

'ମଠକୁ ରାମଦାସ ବାବାଜୀ ଆସିଛନ୍ତି, ଯିବେ ?'

ମଠ ଅର୍ଥାତ୍ ଚରଣ ଦାସ ବାବାଜୀର ମଠ, ବୁଝିପାରିଲେ ଚାରୁ । କହିଲେ, ଯିବେ ।

'ଚାଲନ୍ତୁ ନା ଦେଖିବା କ'ଣ ?

'ଚାଲ ।'

ଦୁଇବନ୍ଧୁ ଚାଲିବାକୁ ଲାଗିଲେ ।

ସ୍ୱାମୀ ବିବେକାନନ୍ଦ ବହି ପଢ଼ିଛ ? ଚାରୁ ପଚାରିଲେ ।

ପଢ଼ିଛି । ବୁଝିଛି । ଭୀଷଣ ଭଲ ଲାଗିଛି ।

ଅତ୍ୟନ୍ତ ଭଲ ।

ସୁଭାଷ ଉଦୀପ୍ତ କଣ୍ଠରେ କହିଲେ, 'ମୁଁ ସେଇ' ସୋଽହମ୍ । କେତେ ବଡ଼ ଆଶା । ବୀଜ ଭିତରେ ଯେପରି ବନସ୍ପତି, ସେଇପରି ଆମ ଭିତରେ ବ୍ରହ୍ମ । ଗୋଟିଏ ସ୍ଫୁଲିଙ୍ଗ ଭିତରେ ପ୍ରକାଣ୍ଡ ଦାବାନଳ ।

କେତେବଡ଼ ସମ୍ଭାବନା । ଚାରୁ ବି ପ୍ରତିଧ୍ୱନିତ ହେଲେ । ଆମ ମଧ୍ୟରେ ମେଘାଚ୍ଛନ୍ନ ସୂର୍ଯ୍ୟ, ଖାଲି ମେଘକୁ ଅପସାରଣ କରାଇଦେବା ।

'ଅଦ୍ୱୈତ ହିଁ ଏକମାତ୍ର ମତବାଦ, ସ୍ୱାମିଜୀ କହିଛନ୍ତି, କହିଲେ ସୁଭାଷ, ଯାହା ମଣିଷକୁ ତା'ର ସ୍ୱାଧିକାର ପ୍ରଦାନ କରେ, ଯାହା ତା'ର ସମସ୍ତ ସ୍ୱାଧୀନତା, ସମସ୍ତ କୁ-ସଂସ୍କାର ଦୂର କରେ, ସମସ୍ତ ଦୁଃଖକଷ୍ଟ ସହ୍ୟ କରିବାର କ୍ଷମତା ଓ କାର୍ଯ୍ୟ କରିବାର ସାହସ ଯୋଗାଏ । ସେଇ ଶେଷକାଳେ ଆମର ପୂର୍ଣ୍ଣ ସ୍ୱାଧୀନତା ଲାଭକରିବା ପାଇଁ ସକ୍ଷମ କରି ଗଢ଼ିତୋଳେ ।' ମାକ୍ସମୁଲାର ତାହାହିଁ କହିଛନ୍ତି । 'ଅଦ୍ୱୈତବାଦ ଧର୍ମଜଗତରେ ଶ୍ରେଷ୍ଠ ଆବିଷ୍କାର ।'

ଅଦ୍ୱୈତବାଦ ଏତେ ସହଜ, ସ୍ୱାମିଜୀ କହିଛନ୍ତି, ଜଣେ ଶିଶୁକୁ ବି ମୁଁ ଏଇ ଜିନିଷଟା ବୁଝାଇବାକୁ ସକ୍ଷମ ହୋଇପାରିବି । ସୁଭାଷ କହିଲେ ।

ଚାରୁ ପ୍ରତିଧ୍ୱନିତ ହେଲେ । ହଁ, ପୁଣି କହିଲେ, ଉଚ୍ଚ ଆଧ୍ୟାତ୍ମିକ ସତ୍ୟାନ୍ୱେଷୀ ଶିକ୍ଷା ଥରେ ପ୍ରଥମରୁ ଦେବା ଉଚିତ । ଦୁଇ ବନ୍ଧୁ ମଠରେ ଆସି ଉପସ୍ଥିତ ହେଲେ ।

ଦେଖିଲେ ବାବାଜୀ ମଠ ବାହାରେ ଗଛ ତଳେ ବସିଛନ୍ତି । ତା'ର ମନର ପ୍ରଶାନ୍ତି ହିଁ ଯେପରି ଗଛ ଛାୟାପରି ବିସ୍ତୀର୍ଣ୍ଣ । ଦୁଇବନ୍ଧୁ ଭୂମିରେ ପ୍ରଣାମ କରି ବସିପଡ଼ିଲେ ।

ସଶ୍ରଦ୍ଧ ବିନୀତ କଣ୍ଠରେ ସୁଭାଷ କହିଲେ, ଆମେ ଆପଣଙ୍କ ପାଖକୁ ଆସିଛୁ, ଆମ୍ଭଙ୍କୁ କିଛି ଉପଦେଶ ଦିଅନ୍ତୁ ।

ବାବାଜୀ ବିସ୍ମିତ ହେଲେ । କହିଲେ, ଏପରି କଥା ତ କେହି କହିନାହିଁ । ସମସ୍ତେ ତ ଖାଲି ବକ୍ତୃତା ଦିଅନ୍ତି, ଉପଦେଶ ଶୁଣିବାକୁ କେବେବି ଚାହାନ୍ତିନି । ସେବକ ହେବାକୁ ନ ଶିଖିଲେ ନେତା କିପରି ହେବେ ?

ସ୍ୱାମୀ ବିବେକାନନ୍ଦ ସେଇ କଥା କହିଥିଲେ, ସୁଭାଷ କହିଲେ– କୁହନ୍ତୁ ଯଦି ନେତୃତ୍ୱ ଦରକାର, ସମସ୍ତଙ୍କ ଗୋଲାମ ହୋଇଯାଅ ।

ଚାରୁ ଯୋଗ କରିଦେଲେ, ପୁଣି କୁହନ୍ତୁ, ନେତୃତ୍ୱ ଦରକାର ସମୟରେ କିଛି ଭାବାପନ୍ନ କଥା ଆସେ, ନିଃସ୍ୱାର୍ଥପର କଥା ଆସେ, ପୁଣି ଜଣେ ବନ୍ଧୁ ଅନ୍ୟ ବନ୍ଧୁଙ୍କୁ ଗୋପନରେ ନିନ୍ଦା କରିଲେ ସେ ନିନ୍ଦା ଶୁଣେନା ।'

'ବାଃ ! ଖୁବ୍ ଭଲ କଥା ।' ବାବାଜୀ କହିଲେ, ସ୍ୱାମିଜୀ ସଂପର୍କରେ କିଛି ଧାରଣା ଅଛି । କହିଲେ ନେତୃତ୍ୱ ଲୋଭ ଗୋଟିଏ ପାଶବିକ ପ୍ରବୃତ୍ତି । ଏଇ ପ୍ରବୃତ୍ତି ଜୀବନ ସମୁଦ୍ରରେ ଅନେକ ବଡ଼ ବଡ଼ ଜାହାଜ ବୁଡ଼ାଇ ଦେଇଛି । ମୁଁ ତୁମର, ତୁମର ଲୋକ, ସେ ଯେ କେବଳ କହିପାରେନା କରି ଦେଖାଇପାରେ, ସେ ନେତା ହେବାପାଇଁ ଉପଯୁକ୍ତ । ତା' ପାଇଁ ପ୍ରଥମ କଥା ହେଉଛି ବ୍ରହ୍ମଚର୍ଯ୍ୟ, ଚରିତ୍ର ଗଠନ । ସ୍ୱାମୀ ବିବେକାନନ୍ଦଙ୍କର ପୁଣି ତପସ୍ୟା କ'ଣ ? ଖାଲି ବ୍ରହ୍ମଚର୍ଯ୍ୟ । ବ୍ରହ୍ମଚର୍ଯ୍ୟ ନ ରହିଲେ ଶରୀରରେ ବଳ ରହେନାହିଁ, ପୁଣି ଶରୀରରେ ବଳ ନ ରହିଲେ ଜୀବନ ଯୁଦ୍ଧରେ କିପରି ଜୟଲାଭ କରିବ ?

ସୁଭାଷ ଉତ୍ତେଜିତ କଣ୍ଠରେ କହିଲେ, 'ସ୍ୱାମୀ ବିବେକାନନ୍ଦ ବି ଏଇ କଥା କହିଥିଲେ ।' ଚାହେଁ ଲୌହ ଦୃଢ଼ ମାଂସପେଶୀ, ଇସ୍ପାତ କଠିନ ସ୍ନାୟୁ, ବଜ୍ର ଭୀଷଣ ମନୋବଳ ।'

ବାବାଜୀ ପ୍ରସନ୍ନ ମୁଖରେ କହିଲେ, କହିବେ ନାହିଁ ତ ଆଉ କ'ଣ । ତାଙ୍କର ଗୁରୁ ଶ୍ରୀଶ୍ରୀ ରାମକୃଷ୍ଣଙ୍କର ବି ଏଇ କଥା । ତା' ପୂର୍ବରୁ ଶ୍ରୀ ମନ୍ମହା ପ୍ରଭୁଙ୍କର ଏଇ କଥା । କ'ଣ ସେମାନେ ଶକ୍ତିଶାଳୀ ପୁରୁଷ । ସେମାନଙ୍କର 'ପୌରୁଷ'ର ଭିତ୍ତି ହିଁ ଏଇ ବ୍ରହ୍ମଚର୍ଯ୍ୟ । ସିଂହଗ୍ରୀବ, ସିଂହ ବୀର୍ଯ୍ୟ, ସିଂହର ହୁଙ୍କାର ।

'ମୋତେ ସ୍ୱାମୀ ବିବେକାନନ୍ଦ ଖୁବ୍ ଭଲ ଲାଗେ ।' ସୁଭାଷ ପରିପୂର୍ଣ୍ଣ କଣ୍ଠରେ କହିଲେ ।

ବାବାଜୀ ଉଦାର ସ୍ୱରରେ ଅକୁଣ୍ଠ ଇସାରା ଦେଲେ; ଲାଗିବ ତ ସମସ୍ତଙ୍କୁ ଭଲ ଲାଗିବ । ବିବେକାନନ୍ଦଙ୍କ ଜ୍ଞାନ, ରାମକୃଷ୍ଣଙ୍କ ତ୍ୟାଗ ପୁଣି ମହାପ୍ରଭୁଙ୍କ ଭକ୍ତି । ପୁଣି ସବୁରି ମଧ୍ୟରେ ସମସ୍ତେ ।

ସୁଭାଷ ଆନନ୍ଦରେ ଉଦ୍‌ବେଳିତ ହୋଇଉଠିଲେ, 'ବିବେକାନନ୍ଦ ଦେଶକୁ, ଦେଶର ପ୍ରତି ଧୂଳିକଣାକୁ କିପରି ଭଲପାଉଥିଲେ । ଦେଶମାତା ହିଁ ତାଙ୍କର ଜଗତମାତା । କିପରି କହିଛନ୍ତି, ଆମର ଗରୀୟସୀ ଭାରତମାତା ହିଁ ଆମର ଆରାଧ୍ୟ ଦେବତା ହେଲେ ବି, ଅନ୍ୟାନ୍ୟ ଦେବତାମାନଙ୍କୁ କିଛିଦିନ ଭୁଲିଗଲେ କ୍ଷତି ନାହିଁ । ପୁଣି ତାଙ୍କର ଦେବତା ବି ବିଶ୍ରାମ କରୁଛନ୍ତି । ତୁମର ସ୍ୱଜାତି ଦେଶବାସୀଙ୍କର ଏଇ ଦେବତା ହିଁ ଏକମାତ୍ର ଜାଗ୍ରତ । କୁହନ୍ତୁ ଠିକ୍ କହିଲି ନା କ'ଣ ?

ନିଶ୍ଚୟ, ସୁନ୍ଦର ଭାବେ କହିଲେ ।

ପୁଣି ଜୀବଜ୍ଞାନରେ ଜୀବସେବା – ମୋତେ ଖୁବ୍ ଭଲ ଲାଗେ । ଶିବ ଭାବିଲେ ହିଁ ସେବା ପୁଣି ସେବା ରହିବ ନାହିଁ, ପୂଜାରେ ପରିଣତ ହୋଇଉଠିବ । *ଚାନ୍ଦବାଲି, ଭଦ୍ରକ*

◆❖◆

# ନିୟତିର ଖେଳ

■ ସୁଦର୍ଶନ ବରିହା

ସମୟର ଚକ ଗଡ଼ିଚାଲେ ଆଗକୁ ଆଗକୁ । ଅର୍ହନିଶି ଚାଲିଥାଏ ଅବିରାମ ଗତିରେ । ସେ କାହାକୁ ଅପେକ୍ଷା କରେନାହିଁ । ତା' ଆଖିରେ ସଭିଏଁ ସମାନ । ଉଚ୍ଚ-ନୀଚ, ଜାତି-କୁଳ-ଗୋତ୍ର, ଧର୍ମ-ଅଧର୍ମ, ଧନୀ-ଦରିଦ୍ର ସମସ୍ତଙ୍କ ପାଇଁ ସୁଖଦୁଃଖର ସାଥୀଟିଏ ମାତ୍ର । ନିୟତି ନିର୍ଦ୍ଦେଶ ଠାରେ ସମସ୍ତେ ହାର୍ ମାନନ୍ତି । ପ୍ରାଣୀଙ୍କ ଅବସ୍ଥାକୁ ଦେଖି ମଧ ନ ଦେଖିଲାପରି ସ୍ଥାଣୁ ପ୍ରତିମା ସଦୃଶ ନିରବ ଆଉ ନିସ୍ତବ୍ଧ । କୌଣସି ପ୍ରାଣୀଙ୍କ ସୁଖଦୁଃଖରେ ଆତ୍ମହରା ହୋଇପାରେନାହିଁ । ଏଇମିତି ସମୟଟା ଗତାନୁଗତିକ ଭାବରେ ନିରନ୍ତର ଆଗକୁ ମାଡ଼ି ଚାଲିଥାଏ ।

ସହରଠାରୁ ଅଳ୍ପଦୂରରେ ବିଷ୍ଣୁପୁର ଗାଆଁ । ଗାଆଁର ପୂର୍ବ ଦିଗରେ ସୂର୍ଯ୍ୟ ଉଦୟ ହୋଇ ପଶ୍ଚିମାକାଶ କୁଞ୍ଚୁକୁଞ୍ଚିଆ ପାହାଡ଼ ଭିତରେ ଅସ୍ତ ଯାଆନ୍ତି । ସନ୍ଧ୍ୟାରାଣୀ ପୃଥିବୀପୃଷ୍ଠକୁ ଅବତରଣ କରନ୍ତି । କେତେ ନୀଡ଼ଫେରା ବିହଙ୍ଗମ କୁଳ ନୀଡ଼ ଫେରା ହୁଅନ୍ତି । ଗାଆଁ ଜଗନ୍ନାଥ ମନ୍ଦିରରେ ଠାକୁର ଆଳତି ସହ ଶଙ୍ଖ, ଘଣ୍ଟାର ନାଦ ଶୁଭୁଥାଏ । ଗାଆଁ ଶେଷମୁଣ୍ଡରେ ଜଟିଆବାବାର ଘର । ଘରେ ସ୍ତ୍ରୀ ସାଧବୀ ସହ ରହୁଥାଏ । ବାହାଘର ଦଶବର୍ଷ ପୂରିଲେ ସୁଦ୍ଧା ସାଧବୀ କୋଳରେ ପୁଅ କି ଝିଅଟିଏ ଖେଳିବାର ସ୍ୱପ୍ନ ଭାଙ୍ଗିଯାଇଛି । ସାଧବୀ ବେଳେବେଳେ ଦୁଃଖରେ ଅଧୀର ହୋଇଯାଏ । ନାରୀ ଜନ୍ମପାଇଛି ସତ; କିନ୍ତୁ ସନ୍ତାନ ସୁଖରୁ ବଞ୍ଚିତା । ସେ ନିଜକୁ ନିଜେ ଦେଖି ପ୍ରଶ୍ନ କରେ । ମୋର ସୌନ୍ଦର୍ଯ୍ୟ ଅଛି । ରୂପ ଯୌବନରେ ସର୍ବାଙ୍ଗ ସୁନ୍ଦର ଦିଶୁଛି । ହୃଦୟ ଭିତରେ କାମନାର ଜ୍ୱାଳା ଦଗ୍ଧୀଭୂତ କରୁଛି । ମାସିକ ପୁଷ୍ପର ବାସ୍ନାରେ ମନର ମଣିଷକୁ ଆକର୍ଷିତ କରି ଜଡ଼େଇ ଧରିଛି । ମନ ଆଉ ହୃଦୟର ମିଳନ ଘଟି ମଧ ଅଶାନ୍ତିର ଜ୍ୱାଳାରେ ଜଳିପୋଡ଼ି ମରିବାକୁ ହେଉଛି । ଘରକୋଣରେ ଏକାକୀ ବସି ଆଖିରୁ ଅସରାଏ ଲୁହ ଗଡ଼ାଇ କହେ– ଧନ୍ୟ ପ୍ରଭୁ ତୁମର ଲୀଳା । କାହାକୁ ହସାଉଛ ପୁଣି କାହାକୁ କନ୍ଦାଉଛ । ନାରୀଟିଏ କରି ଜନ୍ମ ଦେଇଛ କ'ଣ ଏ ସମାଜର ଅପବାଦକୁ ସହିଯିବା ପାଇଁ ? ଏହା କ'ଣ ମୋ ପାଇଁ ଆଶୀର୍ବାଦ ନା ଅଭିଶାପ ଅଟେ ? ତଥାପି ସେମାନେ ପାସୋରି ନାହାନ୍ତି ଭଗବାନଙ୍କୁ । ଭଗବାନଙ୍କ ଠାରେ ଆଶା ଓ ବିଶ୍ୱାସ ରଖି ବଞ୍ଚି ରହିଛନ୍ତି ।

ଗାଆଁଦାଣ୍ଡରେ ଛୋଟ ପିଲାଙ୍କୁ ଦେଖିଲେ ସାଧବୀ କେତେ କ'ଣ ଭାବେ । ହୃଦୟର ବେଦନାକୁ ସ୍ୱାମୀ ବାବାଜୀ ପାଖରେ ବଖାଣି ବସେ । ପୁଅଟିଏ ପାଇଁ ସେମାନେ ଅନେକ ଦେବଦେବୀ ମନ୍ଦିର ଯାଇ ଠାକୁରଙ୍କ ପାଖରେ ଦୁଃଖ ଜଣାଇଛନ୍ତି । ଗାଆଁ ମାଇପିଙ୍କ ଠାରୁ କେତେ ଟାହିଟାପରା ଶୁଣିବାକୁ ପାଇଛନ୍ତି । କାହାକୁ ଅବା ଦୋଷ ଦେବେ ସେମାନେ । ଭରଣା କରିବା ଲୋକ ତ ଗୋଟିଏ ମନର ଦୁଃଖକୁ ବୁଝିପାରୁନାହିଁ । ସଂସାର ଦୁଃଖକୁ ସିଏ କ'ଣ ସତରେ ବୁଝୁଛି ?

ବାବାଜୀ ସାଧବୀର ଦୁଃଖକୁ ବୁଝିପାରି ଆଶ୍ୱାସନା ଦେଇ କହିଲା । ଦୁଃଖ ଆଉ ଗ୍ଲାନି ସଂସାରର କଷଟି ପଥର । ଭଗବାନ କେତେ ପରଖିଲା ପରେ ତା'ର ଦୁଃଖ ଦୂର କରନ୍ତି । ଭଗବାନ ବୋଲି କେହି ନା କେହି ଜଣେ ସଂସାରରେ ଅଛନ୍ତି । ସିଏ ନ ଥିଲେ ଏଡ଼େବଡ଼ ସଂସାର କିପରି ଚାଲିବ ? ତାଙ୍କରି ନିର୍ଦ୍ଦେଶରେ ସୂର୍ଯ୍ୟ ଉଇଁ ଅସ୍ତ ଯାଉଛି । ଆକାଶରେ କୋଟି କୋଟି ତାରା ମେଳରେ ଚନ୍ଦ୍ର ହସି ହସି ପୃଥିବୀବାସୀଙ୍କୁ ଶୀତଳ କିରଣ ଅଜାଡ଼ି ଦେଉଛନ୍ତି । ପବନ ଅଛି ତ ସକଳ ପ୍ରାଣୀ, ବୃକ୍ଷଲତା, ଜୀବଜଗତ ବଞ୍ଚିଛନ୍ତି । ତୁମେ ଧୈର୍ଯ୍ୟଧର, ତୁମ ଇଚ୍ଛା ଠାକୁରେ ନିଶ୍ଚୟ ପୂରଣ କରିବେ । ଆମେ ସେହି ଠାକୁରଙ୍କଠାରେ ନିଜକୁ ସମର୍ପଣ କରି ଧନ୍ୟ ହେବା ।

ବାବାଜୀ ଓ ସାଧବୀ ଠାକୁରଙ୍କ ନିକଟରେ ନିଜର ସର୍ବସ୍ୱ ସମର୍ପଣ କରି ନିଜର ଦୈନନ୍ଦିନ କର୍ମକରି ଚାଲିଛନ୍ତି । ପତି-ପତ୍ନୀ ଦୁହେଁ ସତ୍ୟ, ନ୍ୟାୟ ଧର୍ମରେ ଅନୁପ୍ରାଣିତ । ସଦାସର୍ବଦା ପ୍ରାଣୀ ତଥା ଜନକଲ୍ୟାଣ ଉଦ୍ଦେଶ୍ୟରେ ନିଜକୁ ସମର୍ପଣ କରିଥା'ନ୍ତି । ଅଭାବ ଦୁନିଆ ଭିତରେ ତେଲଲୁଣର ସଂସାର ଟିକକ ଠାକୁରଙ୍କ ଦୟାରୁ ବେଶ୍ ଆନନ୍ଦରେ ଚଳିଯାଏ ।

ବାବାଜୀ ଜଣେ ଧର୍ମପରାୟଣ ବ୍ୟକ୍ତିତ୍ୱ । ଅଲେଖ ଧର୍ମ ଗ୍ରହଣ କରି ଅନାଦି ଅଲେଖ ମହିମାଙ୍କୁ ଯୋଡ଼ହସ୍ତରେ ନିଜର ଦୁଃଖ ସହିତ ସଂସାରର ମଙ୍ଗଳ କାମନା କରି ଭଜନ କରେ । ଦୁଇଚାରିଜଣ ଗ୍ରାମର ସାଙ୍ଗମାନେ ସାମିଲ ହୋଇ ସନ୍ଧ୍ୟାରେ ଖଞ୍ଜଣି ଭଜନ ପ୍ରତିଦିନ ଚାଲିଥାଏ । ଭକତଙ୍କ ସମାବେଶରେ ସନ୍ଥ ଭୀମଭୋଇଙ୍କ ଶରୀର ଭେଦ ଭଜନସବୁ ପରିବେଷଣ କରନ୍ତି ।

ଉଜାଣି ବୃକ୍ଷେ ଖେଳୁଛି ଲୋଟଣୀ ପାରା<br>
ସେ ପାରାର ଡେଣା ନାହିଁ ଲକ୍ଷେ ଯୋଜନ ଉଡ଼ଇ

ଜଳ ଫଳ ନ ଭୁଞ୍ଜଇ ଅଟେ ଅମରା.....

ଉଜାଣି ବୃକ୍ଷେ....... ।

ପାରା ଅଛି ଯେଉଁଠାରେ - କେହି ତ ନ ଦେଖିପାରେ

ଶୀତଳ ଛାୟା କ୍ରୋଡରେ ନ ପଡ଼େ ଖରା....

ଉଜାଣି ବୃକ୍ଷେ.... ।

ବାବାଜୀ ଦିନରେ କର୍ମ କଷଣ କରି ନିତି ସନ୍ଧ୍ୟାରେ ଭଜନ ଆଖଡ଼ା କରେ । ଭକ୍ତମାନେ ଗଞ୍ଜେଇ ନିଶାରେ ଆତ୍ମବିଭୋର ହୋଇପଡ଼ନ୍ତି । ଏଇମିତି ଅନେକ ସମୟ ଅତିକ୍ରାନ୍ତ ହେଲା । ପ୍ରୌଢ଼ ଅବସ୍ଥାରେ ସ୍ୱାମୀ-ସ୍ତ୍ରୀ ସନ୍ତାନ ସୁଖପ୍ରାପ୍ତି କରି ବନ୍ଧ୍ୟା ଦୋଷରୁ ମୁକ୍ତି ପାଇଲେ । ବାବାଜୀ ଘରେ ପୁଅଟିଏ ଜନ୍ମ ହେବାର ଜାଣି ଗାଁ ଲୋକେ ବହୁତ ଖୁସିହେଲେ । ବିଷ୍ଣୁପୁର ଗାଆଁ ଦାଣ୍ଡରେ ମିଷ୍ଟାନ୍ନ ବଣ୍ଟାଗଲା । ଏକୋଇଶିଆ ଦିନ ସତ୍ୟନାରାୟଣଦେବଙ୍କୁ ପୂଜା କରି ହୋମ କଲେ । ପଣ୍ଡିତ ସଦାଶିବ ଦେବଶର୍ମା ତିଥି, ବାର, ନକ୍ଷତ୍ର, ଜନ୍ମକୁଣ୍ଡଳୀ ଦେଖି ଶ୍ରବଣ କୁମାର ନାଆଁ ରଖିଲେ । ଶ୍ରବଣକୁ ପାଇ ସାଧବୀ ତାକୁ କେତେ ଗେଲ କରେ । ଲୋରି ଗୀତ ଗାଇ ପୁଅକୁ ଶୁଣାଏ । ନିଜେ ନ ଖାଇ ଛୁଆକୁ ଖୁଆଇ ବଡ଼ ଲୋକଟିଏ ଗଢ଼ିବାର ସ୍ୱପ୍ନ ଦେଖେ ।

ଶ୍ରବଣ ବାଲ୍ୟସାଙ୍ଗସାଥୀ ମେଳରେ ବିଦ୍ୟାଶିକ୍ଷା ପାଇଁ ସ୍କୁଲକୁ ପାଠ ପଢ଼ିଗଲା । ବହୁତ କଷ୍ଟରେ ଭୋକ ଉପାସରେ ରହି ହାଇସ୍କୁଲ ପର୍ଯ୍ୟନ୍ତ ପାଠ ପଢ଼ିଲା । ଅଧିକ ପଢ଼ିବାର ଇଚ୍ଛା ଥିଲେ ମଧ୍ୟ ଅଭାବ ହେତୁ ପାଠପଢ଼ାରେ ଡୋରି ବନ୍ଧା ହେଲା । ବୃଦ୍ଧ ପିତାମାତାଙ୍କୁ ଘର କାମରେ ସାହାଯ୍ୟ କଲା । ଶ୍ରବଣ ଯୌବନ ଅବସ୍ଥାରେ ପଦାର୍ପଣ କଲାପରେ ପାଖ ହରିପୁର ଗାଆଁର ମଙ୍ଗରାଜର ଝିଅ ସୁନିତା ସହିତ ତା'ର ବାହାଘର ହେଲା । ବାହାଘର ଗୋଟିଏ ବର୍ଷ ନ ପୂରୁଣୁ ସୁନିତା ମାଆ ହେବାର ସୌଭାଗ୍ୟ ପାଇଲା । ସୁନିତା କୋଳରେ ନବଜାତ ଶିଶୁ ଦେଖି ବାବାଜୀ ଓ ସାଧବୀର ଆନନ୍ଦ କହିଲେ ନ ସରେ । ପରିବାରର ସଦସ୍ୟ ବଢ଼ିଲାବେଳକୁ ରୋଜଗାର କମିବାକୁ ଲାଗିଲା । ବାପାମାଆ ବୃଦ୍ଧ-ବୃଦ୍ଧା ହେବାରୁ କାମଧନ୍ଦାରୁ ବିରତି ନେଲେ । ଯେଉଁ ଅଭାବକୁ ସେହି ଅଭାବ ଶ୍ରବଣ ଉପରେ କଳାମେଘ ସଦୃଶ ଢାଙ୍କି ପକେଇଲା ।

ଶ୍ରବଣ ଓ ସୁନିତାର ବ୍ୟବହାରରେ ବାବାଜୀ ଓ ସାଧବୀର ଦୁଃଖ ମେଣ୍ଟିଯାଉଥିଲା । କଥାରେ ଅଛି –

ଧନ ଜୀବନ ଯଉବନ

ଅଟଇ ତାହା କ୍ଷଣ କ୍ଷଣ ।

କ୍ଷଣିକ ପାଇଁ ଏହି ଧନ

ନୁହଇ ତାହା ଚିର ଦିନ ।

ଶ୍ରବଣର ବାପା ଗଞ୍ଜେଇ ନିଶା ଖାଉଥିବାରୁ ମସ୍ତିଷ୍କ ରୋଗରେ ଆକ୍ରାନ୍ତ ହୋଇ ଅକାଳରେ ମୃତ୍ୟୁବରଣ କଲା । ଶ୍ରବଣ ଗାଆଁ ରାଧୁଆ ସାହୁକାର ଠାରେ ଜମି ଦୁଇମାଣତକ ବନ୍ଧା ପକାଇ ଶୁଦ୍ଧିକ୍ରିୟା କଲା । ଜମି ଦୁଇମାଣ ବନ୍ଧା ପଡ଼ିଲାପରେ ଅଭାବର ମାତ୍ରା ଅତ୍ୟଧିକ ହେଲା । ଅଭାବ ସାଙ୍ଗକୁ ମରୁଡ଼ି ଓ ବାତ୍ୟାରେ ପରିବାରର ମେରୁଦଣ୍ଡ ଭାଙ୍ଗିପଡ଼ିଲା । ଜମି ଦୁଇମାଣ ମୁକୁଳାଇବା ପାଇଁ ସେ ହାଇଦ୍ରାବାଦ ଦାଦନ ଖଟିବାକୁ ଇଚ୍ଛା କଲା । ଦଲାଲ ହାତରୁ ମୋଟା ଅର୍ଥ ପାଇବାର ମୋହ ତାକୁ ଘାରିଲା । ଭଙ୍ଗା ଘରେ ଶୋଇ ଭାବନା ରାଜ୍ୟରେ ହଜିଗଲା । ଦାଦନ ଖଟିବାକୁ ସ୍ତ୍ରୀ ସୁନିତା ଓ ଶିଶୁକନ୍ୟାକୁ ଧରି ହାଇଦ୍ରାବାଦରେ ପହଞ୍ଚିଲା । ବିଷ୍ଣୁପୁରରେ ଥିବା ଭଙ୍ଗା ଘରକୁ ବିଧବା ମାଆ ସାଧବୀ ଜଗି ରହିଲା । ପୁଅବୋହୂ ହାଇଦ୍ରାବାଦ ଚାଲିଗଲା ପରେ ସାଧବୀର ନିଃସଙ୍ଗ ଜୀବନଟା ପ୍ରାଣକୁ ଉଦ୍‌ବେଳିତ କଲା । ଘରେ ହାଣ୍ଡି ମାଠିଆରେ ଖୁଦ ମଳଖୁ ଯାହା ଥିଲା ଅଳ୍ପଦିନରେ ଶେଷ ହୋଇଗଲା । ପୁଅବୋହୂଙ୍କର ଫେରିବା ବାଟକୁ ଅନାଉଥାଏ । ଏହାରି ଭିତରେ ଅନେକଦିନ ଅତିବାହିତ ହୋଇଯାଇଛି । ଅଠରଶିଆଁ କୋତରାଲୁଗା ଖଣ୍ଡିଏ ବୁଢ଼ୀର ଆଶ୍ରୟ । ଖରା, ବର୍ଷା, ଶୀତରେ ସେ ଚଳିବ କେମିତି ? ଆଖି ଦୁଇଟି କୋରଡ଼ରେ ପଶିଗଲାଣି । ଦେହର ଚମସବୁ ଦୋହଲି ଗଲାଣି । ମୁଣ୍ଡବାଳସବୁ ପାଚି ଧୋବ ଫରଫର ଦେଖାଯାଉଛି । ଗୋଡ଼ ହାତ ସବୁ ଶୋଲ ଖାଡ଼ି ପରି ସରୁ ଦିଶିଲାଣି । ଚାଲିବାକୁ ଆଉ ବଳ ପାଉନାହିଁ । ବଙ୍କୁଲି ବାଡ଼ିଟା ବୁଢ଼ୀର ତୃତୀୟ ପାଦ । ସେହି ପାଦରେ ନଇଁ ନଇଁ ଯିବାଆସିବା କରୁଛି । କିଏ ଆହା କରି ଗଣ୍ଡେ ଖାଇବାକୁ ଦେଲା ତ ଭଲ, ନ ହେଲେ ଦାଣ୍ଡପିଣ୍ଡାରେ ବସି ଆଖିରୁ ଲୁହଗଡ଼ା ସାର ହେଉଛି । ପୁଅ ବୋହୂକୁ ଝୁରି ଝୁରି କାଙ୍ଗାଳ ପାଲଟିଯାଇଛି । ପୁଅ ତାର ସବୁ କିଛି । ମଲା କାଳକୁ ତୁଣ୍ଡରେ ଟୋପାଏ ନିର୍ମାଲ୍ୟ ଦେବ । ମଶାଣି ଭୂଇଁରେ ଚିତା ଜାଳି ଶବସତ୍କାର କରିବ । ପିତୃପୁରୁଷଙ୍କ ସହିତ ଭେଟ କରାଇବ । ହେଲେ ସେ ସ୍ୱପ୍ନ କୁଆଡ଼େ ଉଭେଇ ବସିଲାଣି ।

ଶ୍ରବଣ ହାଇଦ୍ରାବାଦ ଯିବାର ପାଞ୍ଚବର୍ଷ ଅତିକ୍ରାନ୍ତ ହୋଇଯାଇଛି । ଯୁଗ ପରେ ଯୁଗ ବଦଳିଯାଇଛି । ସତ୍ୟ, ନ୍ୟାୟ, ଧର୍ମ କୁଆଡ଼େ ଉଭେଇଗଲାଣି । ଗାଆଁମାନଙ୍କରେ ଗାଆଁ ଟାଉଟର ଭେଣ୍ଡା ପିଲାଙ୍କ ଶାସନ ଚାଲିଛି । ବଡ଼ ଘର ପୁଅଙ୍କୁ କ'ଣ ସମ୍ଭାଳି ହେଉଛି ?

''ଆବେ ପରଶୁ ଯା'ବେ ପରଶୁ

ବାବୁ ପରଶୁ ରାମ୍

ରୂପେୟା କ୍ୟା ନ କରେ କାମ୍ ।''

ଅର୍ଥବଳ ଅଛି ତ ଦୁନିଆରେ ସବୁ ସମ୍ଭବ ହୋଇପାରୁଛି । ପାପ, ପୁଣ୍ୟ, ଧର୍ମ-ଅଧର୍ମର କଥାକୁ ପଚାରୁଛି କିଏ ? 'ଯୋର୍ ଜାର୍ ମୁଲକ ତାର' । ଦାଦାଗିରିରେ ଏ ସଂସାର ଚାଲୁଛି । ମଣିଷ ଆତ୍ମଗର୍ବରେ ବଳିୟାନ ହୋଇଯାଇଛି । ଶୋଷଣ, ଅତ୍ୟାଚାର, ବଳାତ୍କାର ସବୁ ଚାଲିଛି । ଏ ସମାଜ କଳୁଷିତ ହୋଇ ନର୍କ ପାଲଟିଯାଇଛି । ସମାଜରେ ରାକ୍ଷସମାନେ ଜନ୍ମ ନେଇଛନ୍ତି । ଏମାନଙ୍କର ବିନାଶ ପାଇଁ ଆଉ ଏକ ଦୁର୍ଗାଙ୍କର ଆବିର୍ଭାବ ଲୋଡ଼ା । ସେହି ଦୁର୍ଗାଙ୍କର ଆବିର୍ଭାବ ପାଇଁ ଜଗତର ନାଥ ଜଗନ୍ନାଥ ବୋଧହୁଏ ମୌନବ୍ରତ ପାଳନ କରି ତାଙ୍କର ସାହାଯ୍ୟ ଲୋଡୁଛନ୍ତି ।

ବାବାଜୀ ପରପାରିକୁ ଗଲାଦିନଠାରୁ ଆଖଡ଼ାଘରେ ଖଞ୍ଜଣି ଭଜନ ହେଉନାହିଁ । ସାଧବୀ ଆଖିରେ ଶ୍ରାବଣର ବାରିଧାରା । ଆଖି ଲୁହ ପୋଛିଦେବାକୁ କାହାରି ହାତ ପାଉନାହିଁ । କଥା ଦି'ପଦ ହେଲେ କାଳେ କିଛି ଦେବାକୁ ପଡ଼ିବ । ଏହି ମନୋଭାବ ନେଇ କେହି ହେଲେ ଅନେଇ ଦେଖୁନାହାନ୍ତି । ଗାଆଁରେ ଟାଉଟରମାନଙ୍କର ଆଲୋଚନା ଚାଲିଛି । ଶ୍ରବଣର ମାଆ ବୁଢ଼ୀଟା ଶୀଘ୍ର ମରିଗଲେ କିମ୍ବା ଘର ଛାଡ଼ି ପଳାନ୍ତର ହେଲେ ସେଠି ଗୋଟିଏ କ୍ଲବ୍ ଘର ତିଆରି କରାଯିବ । ଶ୍ରବଣ ତ ସ୍ତ୍ରୀ, ଛୁଆଧରି ହାଇଦ୍ରାବାଦରେ ମୁଣ୍ଡଜାମିନ୍‌ରେ ଅଛି । ଦଲାଲ ପାଖରୁ ପଚାଶ ହଜାର ଟଙ୍କାର କାମ ନ କରିବା ଯାଏ ମାଲିକଠାରୁ ମୁକୁଳି ପାରିବ ନାହିଁ । ସେ ଗାଆଁ ମାଟି କଥା ସମ୍ପୂର୍ଣ୍ଣ ଭୁଲିଗଲାଣି । ଏତେଗୁଡ଼ାଏ ଟଙ୍କା ତା'ର ଜୀବନତମାମ ଫେରେଇ ପାରିବ ନାହିଁ । ପିଲାମାନଙ୍କର ଟୁପୁରୁ ଫୁସୁରୁ କଥାଶୁଣି ସାଧବୀ ପଚାରିଲା– କ'ଣ ହେଇଛି କିରେ ପିଲେ ? ପିଲାମାନେ ବୁଢ଼ୀ ସାଧବୀର କଥାକୁ ଖନେଇ କରି କହିଲେ– ତୋ ଦେଇ କ'ଣ ହେବକି ? ଜାଣିଲେ ବି ତୁ କ'ଣ କିଛି କରିପାରିବୁ ? ମାଟି ଖାଳ ପରା ତୋତେ ଅପେକ୍ଷା କରିଛି । ମିଛ ବାହାନା କରି ଖଣ୍ଡେ ଖବରକାଗଜର ଫଟୋ ଦେଖେଇ କହିଲେ– ହାଇଦ୍ରାବାଦକୁ ଯେଉଁମାନେ ଦାଦନ ଖଟଣି ପାଇଁ ଯାଇଛନ୍ତି ତାଙ୍କ ହାତ କାଟି ଦିଆଯାଇଛି । ଖାଇବାକୁ ମାଲିକ ପଇସା ଦେଉନାହିଁ । ଝିଅବୋହୂଙ୍କ ଉପରେ ଅତ୍ୟାଚାର କରୁଛନ୍ତି । ଲୋକେ ଭୋକ ଉପାସରେ ଚିତ୍କାର କରୁଛନ୍ତି । ଅଧାରାତିରେ ଲୋକେ ଲୁଚିଛପି ଗାଆଁ ଆଡ଼କୁ ମୁହେଁଇଛନ୍ତି । ବୁଢ଼ୀ ଚିତ୍କାର କରି କହିଲା– ମୋ ଶ୍ରବଣ ! ମୋ ବୋହୂ, ନାତୁଣୀ ! ପିଲାଏ କହିଲେ– ଏଠି ପୁଅବୋହୂ ଖୋଜିଲେ ପାଇବୁ କୁଆଡୁ ? ସିଏ କୁଆଡ଼େ ମରିଛି ନା ବଞ୍ଚିଛି କିଏ କହିବ ? ସାଧବୀ କୋହ ସମ୍ଭାଳି ପାରିଲା ନାହିଁ । ଛିଣ୍ଡାକନା ଦି'ଖଣ୍ଡକୁ ଗଣ୍ଠୁଲି କରି ଦିନରାତି ପୁଅ ଖୋଜିବାକୁ ଯାଇଛି ଯେ ଯାଇଛି.... ।

*ଜ୍ଞାନ, ଫଳସାପାଲି, ଜମଲା, ବରଗଡ଼ ।*

AK PHYSICS
Apprise Education, Reprise Innovation
+2 Sc. I CBSE (XI & XII)
JEE (Main & Adv.) I NEET I AIIMS
JIPMER I BHU I KVPY
NTSE I OLYMPIAD I NISER I IISER

SURYALOKA LANE, CHANDI CHHAK, CUTTACK
ARUN KUMAR SINGH (Lect. in Physics), MOB. : 98610 65130

# ରାମରାଜ୍ୟ କ'ଣ ଫେରିବ ନାହିଁ ?

■ ଗୋବିନ୍ଦ ଚନ୍ଦ୍ର ନନ୍ଦ

ଚାରିଆଡ଼େ କଥାଟା ବ୍ୟାପିଗଲାଣି । କେମିତି ବା ନ ବ୍ୟାପିବ ? ଏ କ'ଣ ଛୋଟିଆ କଥା ? ଛିଃ, ଛିଃ, ଏ କି ବୀଭତ୍ସକାଣ୍ଡ ? ଏକବିଂଶ ଶତାବ୍ଦୀରେ ଦିନ ଦି' ପ୍ରହରରେ ଯଦି ଏମିତି ଘଟଣା ଘଟେ ତେବେ ଜନସାଧାରଣ ନିଜକୁ ସୁରକ୍ଷିତ ମନେକରିବେ କିପରି ?

ନିହାର ରଞ୍ଜନଙ୍କ ବିବାହ ଦୁଇ ମାସ ପୂରିନି । ସସ୍ତ୍ରୀକ ଭୁବନେଶ୍ୱରରେ ରହୁଛନ୍ତି । ଘରୋଇ ସଂସ୍ଥାରେ ଚାକିରି । ଦରମା ଅଧିକ ମିଳିଲେ ମଧ୍ୟ କାମର ଖଟଣି ଅଧିକା । ଶୀଘ୍ର କାମକୁ ଯା'ନ୍ତି ଓ ଫେରନ୍ତି ଡେରିରେ । ଏହା ନିତ୍ୟନୈମିତ୍ତିକ କାମ । ଘରୁ ସସ୍ତ୍ରୀକ ଆସିଲାଦିନୁ ଗୋଟିଏ ଦିନ ବି ଫାଙ୍କା ମିଳିନି ସ୍ତ୍ରୀ ମଞ୍ଜୁବାଳାଙ୍କୁ ଟିକେ ବୁଲାଇନେବାକୁ । ଏଣୁ ତାଙ୍କ ମନ ସର୍ବଦା ବିରସ । ଭାବିଲେ, ଆଗକୁ ଆସୁଛି ନୂଆବର୍ଷ । ଜାନୁଆରୀ ପହିଲା ଦିନ ସ୍ତ୍ରୀଙ୍କୁ ସାଙ୍ଗରେ ନେଇ ସେ ବୁଲିଯିବାକୁ ସ୍ଥିର କଲେ । ସେଦିନ ପ୍ରଥମେ ନନ୍ଦନକାନନ ବୁଲିଯିବେ ଓ ବୁଲିସାରି ରେଷ୍ଟୁରାଣ୍ଟରେ ଖାଇସାରି ଫେରିବେ ଭୁବନେଶ୍ୱରର ଏକ ପାର୍କକୁ ଓ ପାର୍କରେ କିଛି ସମୟ କଟାଇ ହଲ୍‌ରେ ସିନେମା ଦେଖିବେ ଓ ରାତିରେ ମଧ୍ୟ ହୋଟେଲରେ ଖାଇ ବସାକୁ ଫେରିବେ । ଏକଥା ମଞ୍ଜୁବାଳାଙ୍କୁ ଜଣାଇଦେଲେ । ଏକଥା ଶୁଣି ମଞ୍ଜୁବାଳା ଅତ୍ୟନ୍ତ ଖୁସି । ଦିନ ଯେତେ ପାଖେଇ ପାଖେଇ ଆସୁଛି, ମଞ୍ଜୁବାଳା ସେତେ ଆନନ୍ଦିତ ହେବାରେ ଲାଗିଥା'ନ୍ତି ।

ଦିନ ଆସି ଉପନୀତ ହେଲା । ରାତି ପାହିଲେ ନୂଆବର୍ଷ । ଜାନୁଆରୀ ପହିଲା । କେତେ ଆଶା ଅଭିଳାଷ ଭରିଯାଇଛି ମଞ୍ଜୁବାଳାଙ୍କ ମନରେ । ପୂର୍ବଦିନରୁ ସେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ସକାଳୁ ସକାଳୁ ନିତ୍ୟକର୍ମ ସମାପନ କରି ନିହାର ରଞ୍ଜନଙ୍କୁ ମଧ୍ୟ ସମସ୍ତ କାର୍ଯ୍ୟ ଶେଷ କରିବାକୁ କହିବାକୁ ଭୁଲିନାହାନ୍ତି । ଦୁହେଁ ସମସ୍ତ କାମ ଶେଷକରି ନିଜ ବାଇକ୍‌ରେ ବାହାରିପଡ଼ିଲେ ନନ୍ଦନକାନନ ଅଭିମୁଖେ । ନନ୍ଦନକାନନ ପାଖରେ ପହଞ୍ଚି ଏକ ଷ୍ଟାଣ୍ଡରେ ବାଇକ୍‌ଟି ରଖି ଟିକେଟ୍ କାଟି ନନ୍ଦନକାନନ ଭିତରକୁ ପ୍ରବେଶ କଲେ । ନନ୍ଦନକାନନ ମଧ୍ୟରେ ବିଭିନ୍ନ ଜୀବଜନ୍ତୁଙ୍କୁ ଦେଖି ବହୁତ ଖୁସି ହେଉଥା'ନ୍ତି । ଏହି ସମୟରେ ତାଙ୍କର ନଜର ପଡ଼ିଲା, କେତେ ଜଣ ମଦ୍ୟପ ଅସାମାଜିକ ଯୁବକଙ୍କ ଉପରେ । ସେମାନେ ଏମାନଙ୍କ ପିଛା କରୁଥିଲେ । ମଞ୍ଜୁବାଳାଙ୍କୁ ଲକ୍ଷ୍ୟକରି ଅଶ୍ଳୀଳ କମେଣ୍ଟ ମଧ୍ୟ କରୁଥିଲେ । ଏସବୁ କଥା ଦେଖି ଦୁହେଁ ନନ୍ଦନକାନନ ମଧ୍ୟରୁ ବାହାରି ଆସିବାକୁ ସ୍ଥିର କଲେ । ସେମାନେ ବାହାରକୁ ଆସିବା ଦେଖି ସେହି ଚାରିଜଣ ଅସାମାଜିକ ଯୁବକ ମଧ୍ୟ ତାଙ୍କ ପଛେ ପଛେ ଆସିଲେ । ମଞ୍ଜୁବାଳା ଓ ନିହାର ରଞ୍ଜନ ସେଠାରେ ଥିବା ଏକ ରେଷ୍ଟୁରାଣ୍ଟକୁ ଯାଇ ଖାଇବସିଲେ । କିଛି ସମୟ ପରେ ଦେଖିଲେ ସେହି ଯୁବକମାନେ ମଧ୍ୟ ରେଷ୍ଟୁରାଣ୍ଟକୁ ଯାଇ ଖାଇଲେ ଓ ସେମାନେ ମାତାଲ୍ ଅବସ୍ଥାରେ ଥିବାରୁ ଏଆଡ଼ୁ ସେଆଡ଼ୁ କଥା କହି ରେଷ୍ଟୁରାଣ୍ଟରେ ଅଶାନ୍ତ ବାତାବରଣ ସୃଷ୍ଟି କରୁଥାନ୍ତି । ଏସବୁ କଥା ଦେଖି ନିହାରରଞ୍ଜନ ଓ ମଞ୍ଜୁବାଳା ଯଥାଶୀଘ୍ର ଖାଇ ରେଷ୍ଟୁରାଣ୍ଟ ବାହାରକୁ ଆସି ଷ୍ଟାଣ୍ଡ ପାଖରେ ମଞ୍ଜୁବାଳାଙ୍କୁ ଛିଡ଼ା କରାଇ ଷ୍ଟାଣ୍ଡ ଭିତରୁ ବାଇକ୍‌ଟି ଆଣିବାକୁ ଭିତରକୁ ପଶିଲେ । ଭୀଷଣ ଭିଡ଼ ମଧ୍ୟରେ ଝାଳନାଳ ହୋଇ ବାଇକ୍‌ଟି ବାହାର କରିବାକୁ କିଛି ଅଧିକ ସମୟ ଲାଗିଲା । ନିହାରରଞ୍ଜନବାବୁ ବାଇକ୍ ଧରି ବାହାରକୁ ଆସି ଦେଖନ୍ତି ତ, ମଞ୍ଜୁବାଳା ନାହାନ୍ତି । ଆଶ୍ଚର୍ଯ୍ୟ ହେଲେ । ଏ କ'ଣ ? ମଞ୍ଜୁବାଳା ଗଲେ କୁଆଡ଼େ ? ଏପଟ ସେପଟ ହୋଇ ବହୁତ ଖୋଜାଖୋଜି କଲେ; ମାତ୍ର ମଞ୍ଜୁବାଳାଙ୍କ ପତ୍ତା ପାଇଲେ ନାହିଁ । ମୁଣ୍ଡ ତାଙ୍କର ଗୋଳମାଳ ହୋଇଗଲା । ଚାରିଆଡ଼ ତାଙ୍କୁ ଅନ୍ଧାର ଦିଶିଲା । ଭାବି ଚାଲିଲେ ଏ କ'ଣ ଘଟିଗଲା ? ମଞ୍ଜୁବାଳା ଗଲେ କୁଆଡ଼େ ? ତାଙ୍କ ମନକୁ ପାପ ଛୁଇଁଲା । ସେ ସେହି ଅସାମାଜିକ ଯୁବକମାନଙ୍କ କଥା ଭାବିଲେ । ସେମାନେ ତାଙ୍କୁ ଉଠେଇ ନେଇ ନାହାନ୍ତି ତ ? କ'ଣ କରିବେ ? କିଛି ଭାବିପାରିଲେ ନାହିଁ । କିଛିସମୟ ପରେ ନିଜ ମନକୁ ଦୃଢ଼ କରି ସ୍ଥିର କଲେ ପୋଲିସ୍ ଷ୍ଟେସନ୍ ଯାଇ ରିପୋର୍ଟ କରିବେ । ସେଇଆ ହିଁ କଲେ । ପୋଲିସ ଷ୍ଟେସନ୍ ଯାଇ ସବୁ ଜଣାଇଲେ । ପୋଲିସ ଷ୍ଟେସନ୍‌ର ଅଫିସର ନିହାର ରଞ୍ଜନଙ୍କୁ ଲିଖିତ ଭାବେ ଜଣାଇବା ସହ ମଞ୍ଜୁବାଳାର ଫଟୋ ମଧ୍ୟ ଦେବାକୁ କହିଲେ । ନିହାର ରଞ୍ଜନ ସେହି ଅନୁସାରେ ଫଟୋ ସହ ସମସ୍ତ ତଥ୍ୟ ଲିଖିତଭାବେ ଜଣାଇ ଫେରିଲେ ଓ ନିଜର ମୋବାଇଲ୍ ନମ୍ବର ମଧ୍ୟ ଦେଇ ପୋଲିସ୍ ଅଫିସରଙ୍କୁ ମଞ୍ଜୁବାଳାର ସନ୍ଧାନ ମିଳିଲେ ଜଣାଇବାକୁ ଅନୁରୋଧ କରି ଆସିଲେ ।

ଫେରିବାପରେ ନିହାର ରଞ୍ଜନ ଖାଇବା ପିଇବା ଭୁଲି ପାଗଳ

ପ୍ରାୟ ଘୂରିବୁଲିଲେ । ସେଦିନ ବସାକୁ ଫେରି ଆଉ ଶୋଇପାରିଲେ ନାହିଁ । ଦୁଃଖରେ ଭାଙ୍ଗିପଡ଼ିଲେ । ପରଦିନ ସକାଳ ୧୦ଟା ବେଳକୁ ପୋଲିସ୍ ଷ୍ଟେସନ୍‌ରୁ ଫୋନ୍ ଆସିଲା । ହଠାତ୍ ଭାବିଲେ ବୋଧେ ମଞ୍ଜୁବାଳାର ସନ୍ଧାନ ମିଳିଯାଇଛି । ଫୋନ୍ ଉଠାଇ ଶୁଣିଲେ, ତାଙ୍କୁ ତତ୍କ୍ଷଣାତ୍ ପୋଲିସ୍ ଷ୍ଟେସନକୁ ଯିବାକୁ ହେବ । ସେ ପ୍ୟାଣ୍ଟ ସାର୍ଟ ପିନ୍ଧି ଚଟାପଟ୍ ବାହାରିପଡ଼ିଲେ । ପୋଲିସ୍ ଷ୍ଟେସନରେ ପହଞ୍ଚିବାକ୍ଷଣି ପୋଲିସ୍ ଜିପ୍ ବାହାରିପଡ଼ିଲା । ସେହି ଜିପ୍‌ରେ ଯିବାକୁ ପୋଲିସ୍ ଅଫିସର ତାଙ୍କୁ କହିଲେ । ଗାଡ଼ି ଗଡ଼ିଚାଲିଲା ଚନ୍ଦକା ଜଙ୍ଗଲ ଆଡ଼େ । କିଛି ସମୟ ପରେ ଗାଡ଼ି ପହଞ୍ଚିଲା ଏକ ନିଛାଟିଆ ଜଙ୍ଗଲ ନିକଟରେ । ସେଠାରେ ପହଞ୍ଚି ସେ ଯାହା ଦେଖିଲେ ସେଥିରେ ତାଙ୍କର ହୃଦୟ ଫାଟିଗଲା ପରି ଲାଗିଲା । ଅସଜଡ଼ା କେଶରାଶି, ଦେହରେ ଥିବା ଶାଢ଼ୀ, ଇତସ୍ତତଃ ହୋଇପଡ଼ିଛି । ବ୍ଲାଉଜ୍ ନାହିଁ । ଦେହ କ୍ଷତବିକ୍ଷତ । ମଞ୍ଜୁବାଳାର ମୃତ ଦେହ ପଡ଼ିଛି ନୀରବ ନିଶ୍ଚଳ ହୋଇ । ଏ କ'ଣ ମଞ୍ଜୁବାଳାଙ୍କ ମୃତ ଦେହ ? ପୋଲିସବାବୁ ନିହାର ରଞ୍ଜନଙ୍କୁ ପଚାରି ବୁଝିନେଲେ ଓ ଏହା ମଞ୍ଜୁବାଳାର ମୃତ ଦେହ ବୋଲି ଜାଣିଲେ । କିଛି ସମୟ ପରେ ଧୀରେ ଧୀରେ ଲୋକଗହଳି ଆରମ୍ଭ ହୋଇଗଲା । କଥାଟା ଚାରିଆଡ଼େ ପ୍ରଚାର ହୋଇଗଲା । ମିଡ଼ିଆବାଲା ଆସି ସମସ୍ତ ତଥ୍ୟ ନେବା ସହ ଫଟୋ ଉଠାଇନେଲେ । ଏହାପରେ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ବହୁ ରାଜନୈତିକ ବ୍ୟକ୍ତିବିଶେଷ, ଗଣମାଧ୍ୟମର ପ୍ରତିନିଧି, ସମସ୍ତଙ୍କର ଭିଡ଼ ଜମିଲା ।

ଦିନ ଦ୍ୱିପ୍ରହରରେ ଜଣେ ନବବିବାହିତା ମହିଳାଙ୍କୁ ଗଣଧର୍ଷଣ ପରେ ହତ୍ୟା ପ୍ରତିବାଦରେ ଆରମ୍ଭ ହୋଇଗଲା ରାସ୍ତାରୋକ । ଟାୟାର ଜାଳି ଆନ୍ଦୋଳନକାରୀମାନେ ରାସ୍ତା ଉପରେ ବସିଗଲେ । ଧୀରେ ଧୀରେ ଅଧିକସଂଖ୍ୟାରେ ଲୋକମାନେ ଆସି ରାସ୍ତାରୋକରେ ସାମିଲ ହେଲେ । ଦୋଷୀକୁ ଗିରଫ ନ କଲା ପର୍ଯ୍ୟନ୍ତ ରାସ୍ତାରୋକ୍ ଉଠିବ ନାହିଁ ବୋଲି ଧମକ ଦେଲେ । ଶେଷରେ ଜିଲ୍ଲାପାଳ ଓ ଡି.ସି.ପି. ଆସି ଲୋକମାନଙ୍କୁ ଲିଖିତ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକ୍ ହଟିଲା । ଏକ ସପ୍ତାହ ମଧ୍ୟରେ ଯଦି ଦୋଷୀକୁ ଗିରଫ ନ କରନ୍ତି ତେବେ ଏକ ବଡ଼ଧରଣର ସମାବେଶ କରାଯିବ, ଦରକାର ପଡ଼ିଲେ ଓଡ଼ିଶା ବନ୍ଦ କରାଯିବ ବୋଲି ଧାରଣାରେ ବସିଥିବା ନେତାମାନେ ସ୍ଥିର କରି ଜିଲ୍ଲାପାଳ ଓ ଡି.ସି.ପି.ଙ୍କୁ ଜଣାଇଦେଲେ ।

ଏକ ସପ୍ତାହ ବିତିଗଲା ଅଥଚ ପୋଲିସ ଦୋଷୀକୁ ଗିରଫ କରିବାରେ ବିଫଳ ହେଲା । ଏଣୁ ରାଜଧାନୀର ଉପକଣ୍ଠରେ ଏକ ବଡ଼ଧରଣର ଶୋଭାଯାତ୍ରା ଓ ସଭାର ଆୟୋଜନ କରାଗଲା । ରାଜନୈତିକ ଦଳ, ସ୍ୱେଚ୍ଛାସେବୀ ସଂଗଠନ ଆଦି ସମସ୍ତେ ଆୟୋଜନରେ ଲାଗିପଡ଼ିଲେ । ଦିନ ଧାର୍ଯ୍ୟ ମଧ୍ୟ ହୋଇଗଲା । ସାରା ଓଡ଼ିଶାର ପ୍ରତି କୋଣ ଅନୁକୋଣରୁ କିପରି ବେଶୀସଂଖ୍ୟାରେ ଆସି ଉପସ୍ଥିତ ହେବେ ସେଥିପାଇଁ ସମସ୍ତ ବ୍ୟବସ୍ଥା କରାଗଲା ।


ଦିନ ଆସି ଉପନୀତ ହେଲା । ସେଦିନ ସାରା ଓଡ଼ିଶାରୁ ବସ୍, ଟ୍ରକ୍, ବୋଲେରୋରେ ଲୋକମାନେ ଆସି ରାଜଧାନୀରେ ଯଥାସମୟରେ ପହଞ୍ଚିଗଲେ । ଚାହୁଁ ଚାହୁଁ ସମାବେଶସ୍ଥଳୀ ଲୋକାରଣ୍ୟ ହୋଇଗଲା । ସେଠାରୁ ଏକ ବିରାଟ ଶୋଭାଯାତ୍ରା ଓଡ଼ିଶା ବିଧାନସଭା ଗୃହ ଆଡ଼କୁ ଆଗେଇ ଚାଲିଲା । ବିଧାନସଭା ଗୃହ ନିକଟ ପି.ଏମ୍.ଜି. ଛକଠାରେ ପହଞ୍ଚି ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହେଲା । ବିଭିନ୍ନ ରାଜନୈତିକ ଦଳ ତରଫରୁ ନେତାମାନେ ଭାଷଣ ଦେବାରେ ଲାଗିଲେ । ଦିନ ଦ୍ୱିପ୍ରହରରେ କିପରି ଏକ ନବବିବାହିତା ମହିଳାଙ୍କୁ ଉଠେଇ ନେଇ ଗଣଧର୍ଷଣ କରି ଅତି ବୀଭତ୍ସ ଭାବେ ମାରି ଫିଙ୍ଗି ଦିଆଯାଇଛି, ସେଥିପାଇଁ ସରକାରଙ୍କ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ପୋଲିସ୍ ନୀରବଦ୍ରଷ୍ଟା ସାଜିଛି । ସେମାନେ ହାତ ଖାଲି କରି ବସିଛନ୍ତି । ''ଯଥାଶୀଘ୍ର ଦୋଷୀକୁ ଗିରଫ କରା ନ ଗଲେ ସାରା ଓଡ଼ିଶାରେ ନିଆଁ ଜଳିବ ।'' ଏହିପରି ଭାବେ ସମସ୍ତ ନେତା ସେମାନଙ୍କର ବକ୍ତବ୍ୟ ରଖିଲେ ।

ସଭା ସରିଗଲା ପରେ ଲୋକମାନେ ସେମାନଙ୍କ ପାଇଁ ରନ୍ଧା ଯାଇଥିବା ଭାତ, ଡାଲ୍ମା ଖାଇ ଘରକୁ ଫେରିବାକୁ ବାହାରିଲେ । ଯିଏ ଯେଉଁ ବସ୍ ଓ ବୋଲେରୋରେ ଆସିଥିଲେ ସେମାନେ ସେହି ଗାଡ଼ିରେ ଯାଇ ବସିଲେ; ମାତ୍ର କେତେକ ବୁଢ଼ାବୁଢ଼ୀ ନିଜ ନିଜ ଗାଡ଼ି ଚିହ୍ନି ନ ପାରି ଏଆଡ଼େ ସିଆଡ଼େ ଗାଡ଼ିକୁ ଖୋଜିବୁଲିଲେ । ଜଣେ ବୁଢ଼ା ଲୋକ ଏପଟ ସେପଟ ହେବା ଦେଖି ତାଙ୍କ ସହିତ ଆସିଥିବା କେତେଜଣ ତାଙ୍କୁ ବସ୍‌କୁ ଯିବାକୁ କହିଲେ; ମାତ୍ର ସେ ବସ୍‌କୁ ଯିବା ପରିବର୍ତ୍ତେ କାହାରିକୁ ଖୋଜିବାରେ ବ୍ୟସ୍ତ । ତାଙ୍କ ପାଖକୁ ଯାଇ ତାଙ୍କ ଗାଁ'ର ହରିବାବୁ ପଚାରିଲେ, ମଉସା, ଆସୁନ, ଡେରିହୋଇଯାଉଛି । ଗାଁ'ରେ ପହଞ୍ଚୁ ପହଞ୍ଚୁ ବହୁତ ଡେରି ହୋଇଯିବ । ଉତ୍ତରରେ ବୁଢ଼ା ମଉସା କହିଲା, ଆଚ୍ଛା ଲୋକ ତମେ, ସାଙ୍ଗରେ ମୋ ନାତୁଣୀଟା ଆସିଥିଲା । ତାକୁ ମୁଁ ଖୋଜି ପାଉନି । ହରିବାବୁ କହିଲେ, ମଉସା, ଆମ ପଞ୍ଚାୟତରୁ ତ ତିନିଟା ବସ୍ ଆସିଥିଲା । ସେ ବୋଧେ ଅନ୍ୟ ବସ୍‌ରେ ଚାଲିଯାଇଥିବ । ତୁମେ ବ୍ୟସ୍ତ ହୁଅନି । ସେ ବଳେ ଯାଇ ଗାଁ'ରେ ପହଞ୍ଚିବ । ବୁଢ଼ା ମଉସା କିନ୍ତୁ ନାତୁଣୀକୁ ନ ନେଇ ଯିବାକୁ ଅମଙ୍ଗ । ଗାଁ'ରୁ ଆସିଥିବା ତିନିଜଣ ଯୁବକ ଟୋକା ମଉସାକୁ ଜୋର୍‌କରି ଟାଣିନେଇ ବସ୍‌ରେ ବସାଇଦେଲେ । ସେତେବେଳକୁ ସମସ୍ତ ଲୋକ ବସ୍‌କୁ ଆସିସାରିଥିଲେ । ଏଣୁ

ସାଙ୍ଗେ ସାଙ୍ଗେ ଡ୍ରାଇଭର ବସ୍ ଷ୍ଟାର୍ଟ କରିଦେଲା । ବସ୍ ଚାଲିଲା ଗାଁ ଅଭିମୁଖେ । ବୁଢ଼ା ମଉସା ଅତ୍ୟନ୍ତ ବିଚଳିତ ଓ ଚିନ୍ତିତ ଅବସ୍ଥାରେ ବାଧ ହୋଇ ବସ୍‌ରେ ବସିଲେ । ଗାଡ଼ି ଆଗେଇ ଚାଲିଲା ଗାଁ ଅଭିମୁଖେ । ଗାଁ'ରେ ପହଞ୍ଚିବା ପୂର୍ବରୁ ବସ୍ ମଧ୍ୟରେ ଜଣେ ଯୁବକ ବୁଢ଼ା ମଉସାକୁ ପଚାରିଲେ, ମଉସା, ମନ ଦୁଃଖ କରୁଛ କାହିଁକି ? ତୁମ ନାତୁଣୀ ଘରେ ପହଞ୍ଚିସାରିଥିବ । ଆଚ୍ଛା ମଉସା, ଆଜିର ସଭା ଓ ଶୋଭାଯାତ୍ରା କିପରି ଲାଗିଲା ? ମଉସା ଉତ୍ତରରେ କହିଲା, ହଁ, ସବୁ ତ ଭଲ ହେଲା; ମାତ୍ର ମୋ ନାତୁଣୀ କଥା କ'ଣ ହେବ ? ମୋ ମନ ଥୟ ଧରୁନି । ଆଉ ଜଣେ ଯୁବକ ବାହାରିପଡ଼ି କହିଲା, ସେ ସଭା ଓ ଶୋଭାଯାତ୍ରା ଯାହାହେଉ ପଛକେ ଦିନସାରା ଫୁଲ୍ ବୋବାଲ୍‌ରେ କଟିଲା । ଖାଇବାକୁ ତ ମିଳିଲା, ମାଲ୍ ପିଇବାକୁ ପଇସା ବି ମିଳିଗଲା । ମାସକୁ ଏହିପରି ଦୁଇ ତିନିଟା ସଭା, ଶୋଭାଯାତ୍ରା ଯଦି ରାଜଧାନୀରେ ହୁଅନ୍ତା, ଭାରି ବଢ଼ିଆ ହୁଅନ୍ତା ।

ଏହା ଭିତରେ ବସ୍ ଯାଇ ପହଞ୍ଚିସାରିଥିଲା ଗାଁ'ରେ । ବସ୍‌ରୁ ଓହ୍ଲାଇ ବୁଢ଼ା ମଉସା ଯାଇ ଘରେ ପହଞ୍ଚି ଦେଖେ ତ ନାତୁଣୀ ଘରେ ଆସି ପହଞ୍ଚି ନାହିଁ । ଦୁଃଖରେ ଛାତି ତାର ଫାଟି ପଡ଼ିଲା । କ'ଣ କରିବ କିଛି ବୁଦ୍ଧି ଦିଶିଲା ନାହିଁ । ଗୋଟିଏ ଝିଅର ଅପମୃତ୍ୟୁ ପାଇଁ ରାଜଧାନୀରେ ଗଣସମାବେଶରେ ଯୋଗଦେବାକୁ ଯାଇ ଆଉ ଏକ ଝିଅକୁ ହରାଇବା ଯେ କେତେ ଦୁଃଖଦାୟକ ତାହା ଭାଷାରେ କହିହେବନି । ବୁଢ଼ା ମଉସା ଏକଲୟରେ ଦୂର ଆକାଶକୁ ଚାହିଁ ରହିଥାଏ, ଭାବୁଥାଏ, ମୁଁ ଏପରି ଭୁଲ୍ କଲି କାହିଁକି ?

ତା' ପରଦିନ ଖବରକାଗଜରେ ବାହାରିପଡ଼ିଲା ଯେ ନବବିବାହିତା ବୋହୂକୁ ଗଣଦୁଷ୍କର୍ମ ପରେ ହତ୍ୟା ପ୍ରତିବାଦ ସଭାରେ ଯୋଗଦେବାକୁ ଯାଇଥିବା ନାବାଳିକା ଝିଅ ପୁଣି ଗଣଦୁଷ୍କର୍ମ ପରେ ହତ୍ୟା ଅଭିଯୋଗ । ଦୋଷୀକୁ ଖୋଜି ପାଇବାରେ ପୁଲିସ୍ ପ୍ରଶାସନ ବିଫଳ । ବୁଢ଼ା ମଉସା ନିଜ ନାତିଠାରୁ ଖବରକାଗଜରେ ବାହାରିଥିବା ନିଜ ନାତୁଣୀ ସମ୍ବାଦ ଶୁଣି ବେହୋସ୍ ହୋଇପଡ଼ିଗଲା । କିଛିସମୟ ପରେ ହୋସ୍ ପାଇ ଉଠିବସିଲା ଓ ପାଟିରୁ ବାହାରିପଡ଼ିଲା, ହେ ଈଶ୍ୱର ! ତୁମର ସେହି ରାମରାଜ୍ୟ କ'ଣ ଆଉ ଫେରିବ ନାହିଁ ? ଏହିଭଳି ପାପୀମାନଙ୍କୁ କ'ଣ ତୁମେ ବିନାଶ କରିବ ନାହିଁ ? *କଳଦିଆ, ନମୌଜା, ଆଳି, କେନ୍ଦ୍ରାପଡ଼ା*



# ଧୂଳିଆ

■ ତ୍ରିଲୋଚନ ଦାସ

ସକାଳ ପହରୁ ଧୂଳିଆଟା ଶୂନ୍ୟ ଆକାଶକୁ ଚାହିଁଛି ଯେ ଚାହିଁଛି । ବୋକାଟାଏ । ହେଲେ କ'ଣ ହେବ ? ତା' ମାଆ ମୁହଁରେ ନିଆଁ ଦେଇ ଆସିଲାପରେ ସାହିଭାଇ ତା' ମାଆର ମଲା ଦେହଟାକୁ ସତ୍କାର କରିଛନ୍ତି । ହାଏରେ ବିଚରା ! ଗଲାସନ ତା' ବାପା ଚାଲିଯାଇଥିଲେ, ଆଉ ଆଜି ତା'ର ମାଆ ।

ତା'ର ମାଆର ଶବଟା ସିନା ସତ୍କାର ହୋଇଗଲା । ହେଲେ ଶୁଦ୍ଧିକ୍ରିୟା କରିବ କିଏ ? ହେବ କେମିତି ? ମାଆବାପାଙ୍କର ଗୋଟିଏ ବୋଲି ପିଲା ଧୂଳିଆ । ତା'ର ବୟସ ବାଇଶି କି ତେଇଶି ବର୍ଷ ହେବ । ତଥାପି ସେ ଶୂନ୍ୟ ଆକାଶକୁ ଚାହିଁ ଆକାଶର କଳାଧଳା ବାଦଲର ଢେଉ ଭିତରେ  ଖୋଜୁଥିଲା ତା'ର ବାପା ଓ ମାଆର ପ୍ରତିବିମ୍ବକୁ । ବାପା ବଞ୍ଚିଥିଲାବେଳେ ଦୁଇମାଣ ସମ୍ପତ୍ତିକୁ ନିଜେ ଚଷି ତିନିପ୍ରାଣୀ ପରିବାର ମୁହଁରେ ଦାନା ଦେଉଥିଲେ । ହେଲେ ବାପା ଗଲାପରେ ମା' ପୁଅ କଷ୍ଟେମଷ୍ଟେ ଚଳିଯାଉଥିଲେ । ହେଲେ ଆଜି ମା'ଯିବାପରେ ଧୂଳିଆଟା ସମ୍ପୂର୍ଣ୍ଣ ଏକାକୀ । ତାକୁ ଦୁଇଓଳି ଦୁଇମୁଠା ଫୁଟାଇକି ଦେବ କିଏ ? ମା' ଥିଲାବେଳେ ଯାହା ହେଉ ବହୁ କଷ୍ଟ କରି କିଛି ଖାଦ୍ୟ ଯୋଗାଡ଼ କରୁଥିଲା ।  କିନ୍ତୁ ସମୟ ଚକ୍ରରେ ଆଜିସବୁ ଓଲଟପାଲଟ ହୋଇଗଲା । ସାହିଭାଇ ମିଶି ଶୁଦ୍ଧିକ୍ରିୟା କାମକୁ ଉଠାଇଦେଲେ । ତା'ପରେ ବିଚରା ଧୂଳିଆଟା ସାହିର ଜଣେ ଦୁଇଜଣଙ୍କ ଘରେ ମାଗିଯାଚି ଖାଇବାକୁ ଲାଗିଲା । କିନ୍ତୁ ଏମିତି ଭେଣ୍ଡା ଟୋକାଟାକୁ ଦୁଇଓଳି ଘରେ ବସାଇ କିଏ ଖାଇବାକୁ ଦେବ ? ଏଣୁ ସେମାନେ ଚିଡ଼ିଚିଡ଼ା ହୋଇ ଆଗଭଳି ଆଦର କରୁନାହାନ୍ତି । ଅନ୍ୟ କିଛି ଉପାୟ ନ ପାଇ ଧୂଳିଆ ଗାଁ ମନ୍ଦିରରେ କିଛି କିଛି ପ୍ରସାଦ ମାଗି ଖାଇବାକୁ ଆରମ୍ଭ କଲା ।

ଏସବୁକୁ ସାହି ଲୋକେ ଦେଖି ସୁବର୍ଣ୍ଣ ସୁଯୋଗ ମନେକରି ତା'ର ଜମି ଦୁଇମାଣକୁ ଆଖି ପକାଇବାକୁ ଲାଗିଲେ । ଧୀରେ ଧୀରେ ତା'ର ଜମିକୁ ଅନ୍ୟମାନେ ମାଡ଼ିବସି ଚାଷକରି ନିଜେ ଚଳିବାକୁ ଲାଗିଲେ । ଇତିମଧ୍ୟରେ ତା'ର ଚାଳଛପର ସେଇ ପୈତୃକ ଘରଟି ଜରାଜୀର୍ଣ୍ଣ ହୋଇସାରିଥିଲା । ବର୍ଷା ମାଡ଼ ଖାଇ କାନ୍ଥରୁ ଅତଡ଼ା ଖସିଥିଲା, ରହିବା ଉପଯୋଗୀ ନ ଥିଲା । ଏଣିକି ସେ ଘରଛାଡ଼ି ମନ୍ଦିର ବାରଣ୍ଡାରେ  ଶୋଇବାକୁ ଲାଗିଲା । ଗାଁ ମୁଣ୍ଡରେ ଜଙ୍ଗଲପଦାର ଶେଷମୁଣ୍ଡରେ ରହୁଥିବା ମାଲ୍ୟାଣୀ ବୁଢ଼ୀଟିଏ ଧୂଳିଆର ଏଭଳି ଅସହାୟତାକୁ ଦେଖି ଅତ୍ୟନ୍ତ ଦୁଃଖିତ ହୋଇପଡ଼ିଥିଲା । ସେ ପୁଣି ମାଆ ଆଉ ଝିଅଟିଏ । ଝିଅଟିର ନାଆଁ ରେବ । ଝିଅଟିର ଗୋଟିଏ ଗୋଡ଼ ଅକର୍ମଣ୍ୟ ଓ ଗୋଟିଏ ଆଖି ମଧ୍ୟ ଫୁଲାପଡ଼ି ନଷ୍ଟ ହୋଇଥିବାବେଳେ ଅନ୍ୟ ଆଖିଟିକୁ ଝାପ୍ସା ଦେଖାଯାଉଥିଲା । ତଥାପି ରେବ ନିଜେ ନିଜର କର୍ମକୁ ସୂଚାରୁରୂପେ ତୁଲାଇପାରୁଥିଲା । ତା'ର ମାଆ ଜଙ୍ଗଲର ବିଭିନ୍ନ ସ୍ଥାନରୁ ଓ ନିଜେ ଲଗାଇଥିବା ଫୁଲବଗିଚାରୁ ଫୁଲ ସଂଗ୍ରହ କରି ତାକୁ ମାଳଗୁନ୍ଥି ମନ୍ଦିର ନିକଟରେ ବସି ବିକ୍ରି କରି ଦୁଇ ପଇସା ରୋଜଗାର କରି ଗୁଜୁରାଣ ମେଣ୍ଟାଏ ।

ଏମିତି ଫୁଲ ବିକିବା ସମୟରେ ସେ ଧୂଳିଆର ଦୁଃଖରେ ସମଦୁଃଖୀ ହୋଇ ତାକୁ ପୁଅ ପରି ସ୍ନେହ କରି ନିଜ ଘରକୁ ନେଇଗଲା । ତା' ଭିତରେ ମାତୃତ୍ୱର ଗୁଞ୍ଜରଣ ସୃଷ୍ଟି ହୋଇଥିଲା । ବିଚରାର ଯଦି ନିଜ ମାଆ ଥାଆନ୍ତା, ଆଜି କ'ଣ ଏମିତି ଦିନ ଆସିଥା'ନ୍ତା  ଧୂଳିଆ ଭାଗ୍ୟରେ । ତାକୁ ଏସବୁ ଶିଖେଇବାରେ ରେବର ଅଧିକ ଗୁରୁତ୍ୱପୂର୍ଣ୍ଣ  ଭୂମିକା ଥିଲା । ସମୟକ୍ରମେ ଧୂଳିଆ ମାଲ୍ୟଣୀ ବୁଢ଼ୀର ଫୁଲ ବଗିଚାରେ କାମ କରିବାକୁ ଲାଗିଲା । ସେଇ କାମ କରିବାରେ ସେ ଅତ୍ୟନ୍ତ ପ୍ରସନ୍ନ ଅନୁଭବ କଲା । ଏଥିରେ ବି ବୁଢ଼ୀ ତା' ଉପରେ ଖୁବ୍ ସନ୍ତୁଷ୍ଟ ହେଉଥିଲା । ରେବ ଅନେକ ପରିଶ୍ରମ କରି ଧୂଳିଆର ଓଲାପଣକୁ ବିଦାକରି ତାକୁ ଚାଲାକ୍ ତଥା କର୍ମଠ କରିପାରିଥିଲା ।

ଏହା ଭିତରେ ରେବ ଧୂଳିଆକୁ ଜୀବନସାଥୀ କରିବା ପାଇଁ ମନେ ମନେ ଭାବି ନେଇ ତା'ର ଅନେକ ସେବାଯତ୍ନ ମଧ୍ୟ କରୁଥିଲା । ଧୂଳିଆର ଆଖି ଫିଟାଇଥିବା ରେବ ଶାରୀରିକ ଅକର୍ମଣ୍ୟ ଜାଣି ମଧ୍ୟ ଧୂଳିଆ ତାକୁ ବିବାହ କରିବା ଲାଗି ନିଜର ସମ୍ମତି ଜଣାଇ ନିଜର ମହନୀୟତାର ପରିଚୟ ଦେଇଥିଲା । ମାଲ୍ୟାଣୀ ବୁଢ଼ୀ ଏହା ବୁଝିପାରି ସେ ଦୁହିଁଙ୍କୁ ବିବାହ ବନ୍ଧନରେ ଆବଦ୍ଧ କରିଦେଲା ।

ଏସବୁ ଶୁଣି ଧୂଳିଆର ସାହିଭାଇମାନେ  ପ୍ରତିକ୍ରିୟାଶୀଳ ହୋଇ ବୁଢ଼ୀ ପ୍ରତି ପ୍ରତିଶୋଧପରାୟଣ ହୋଇପଡ଼ିଲେ । କିନ୍ତୁ ଏବେ ଆଉ ଧୂଳିଆଟା ଆଗଭଳି ବୋକା ନ ଥିଲା । ହଠାତ୍ ସେ ଦିନେ ତା'ର ଜମିକୁ ଯେଉଁମାନେ ଦଖଲ କରିଛନ୍ତି ସେମାନେ ତାହା ତୁରନ୍ତ ଛାଡ଼ି ଦେବାପାଇଁ ଚେତାବନୀ ଦେଇଆସିଲା । ନିଜ ଘର ଡିହଟିକୁ ମଧ୍ୟ ନଜର ଦେଲା । ଧୂଳିଆର ସ୍ତ୍ରୀ ରେବ ମଧ୍ୟ ତା' ସହ ସବୁଥିରେ ସାହାଯ୍ୟ ସହଯୋଗ କରିଆସୁଥିଲା । ଶେଷରେ ସାହିଭାଇମାନେ ତା'ର ସମ୍ପତ୍ତିକୁ ଫେରାଇଦେଲେ । ଉଭୟ ସ୍ୱାମୀ-ସ୍ତ୍ରୀ ଉକ୍ତ ଜମିକୁ ଚାଷ କରି ବେଶ୍ ରୋଜଗାର ସହ ଭଲରେ ଚଳିବାକୁ ଲାଗିଲେ । ଶେଷରେ ରେବ ପାଇଁ ଧୂଳିଆର ଜୀବନ ବଦଳିଗଲା । ସୁଖ ସଂସାରରେ ଧୂଳିଆ ପୁତ୍ରକନ୍ୟାର ଜନକ ହୋଇ ତାଙ୍କ ମୁହଁ ଦେଖି ଆକାଶର ଭସାବାଦଲ ଢେଉ ଭିତରେ ନିଜର ଦିବଂଗତ ବାପାମାଆଙ୍କର ମୁହଁକୁ ଖୋଜିବା ସହ ସେମାନଙ୍କୁ  ଶତ ପ୍ରଣାମ କରୁଥିଲା ।

*ଶ୍ରୀବିହାର କଲୋନୀ, ଖୋର୍ଦ୍ଧା*

# ଅଶୁଭ ବେଳାରେ ଶୁଭ ଜାତ

■ ନାରାୟଣ ଶତପଥୀ

ସୁଖଦୁଃଖର ସାଥୀ ଏ ମଣିଷ । ଜୀବନଟା ବେଳେବେଳେ ଅଙ୍କାବଙ୍କା ହୋଇ କେମିତି ବଦଳିଯାଏ । ଯେଉଁଠି ଦିନେ ଫୁଲର ସୁରଭି ଥିଲା, କୋଇଲିର କୁହୁତାନ ଥିଲା, ସେଠି ଆଜି କେବଳ ପାଉଁଶର ଉଦାସିଆ ବାସନା, ଯେଉଁଠି ଦିନରାତି ମଳୟ ଛୁଇଁ ଯାଉଥିଲା; ଆଜି କିନ୍ତୁ ହଠାତ୍ କେମିତି ଝାଞ୍ଜିପବନ ବହୁଛି । ଏସବୁ କେବଳ ଲେଖକର କଳ୍ପନା ଫର୍ଦ୍ଦରେ ନୁହେଁ ବେଳେବେଳେ ବାସ୍ତବ ଜୀବନରେ ମଧ୍ୟ ଘଟିଥାଏ । 'ଝିମିଟି ଖେଳରୁ ମହାଭାରତ' ପରି ଜୀବନ ଛୋଟ ଛୋଟ ଭୁଲ୍ ବୁଝାମଣା, ସ୍ୱାର୍ଥପରତା ପାଇଁ ବହୁତ କିଛି ହରାଇବାକୁ ପଡ଼େ । ଏମିତିକି ସବୁଠାରୁ ମୂଲ୍ୟବାନ୍ ଜିନିଷଟି ମଧ୍ୟ ବେଳେବେଳେ ହରାଇବାକୁ ପଡ଼େ; ତଥାପି ମଣିଷ ନିଜ ସ୍ୱାର୍ଥପରତା, ଈର୍ଷା, ହିଂସାଦ୍ୱେଷରୁ ବାଦ୍ ପଡ଼େନି । ଏହିପରି ରାଇଜରେ ବୁଲୁଥିଲେ ନନ୍ଦପୁର ବ୍ଲକ୍‌ର ବି.ଡି.ଓ. ସାହେବ ନିର୍ମଳବାବୁ ।

ଏତିକିବେଳେ ତାଙ୍କ ଗାଡ଼ିର ଡ୍ରାଇଭର ହଠାତ୍ ବ୍ରେକ୍ କଷି ଅଟକିଗଲା । ଭାବନା ରାଇଜରୁ ବିରତି ନେଇ ନିର୍ମଳବାବୁ ଦେଖିବାକୁ ପାଇଲେ ଗୋଟିଏ ପାଗଳୀ ତାଙ୍କ ଗାଡ଼ି ଆଗରେ ପଡ଼ିଯାଇଛି । କୋଳରେ ଅଛି ଛୋଟିଆ ଛୁଆଟିଏ । ମନରେ ଭୟଜାତ ହେଲା । ''ଘରେ ନ ପଶୁଣୁ ଚାଳ ବାଜିଲା'' ନ୍ୟାୟରେ ବି.ଡ଼ି.ଓ. ସାହେବ ଓ ତାଙ୍କ ଡ୍ରାଇଭର ଶଙ୍କାକୁଳ ଅବସ୍ଥାରେ ଥା'ନ୍ତି । ଘଟଣାଟି ଏପରି ଥିଲା ଯେ ସେହି ନନ୍ଦପୁର ବ୍ଲକ୍‌ର ମଙ୍ଗଳପୁର ଗ୍ରାମରେ ଗତବର୍ଷ ଠିକ୍ ଏହିଦିନ ଗୋଟିଏ ପରିବାରରେ ଦଙ୍ଗାହେଙ୍ଗାମ ଲାଗିଥିଲା । ଏଥିରେ କିଛି ଲୋକ ମୃତାହତ ହୋଇଥିଲେ । ଏହି ସମସ୍ୟାର ସମାଧାନ ପାଇଁ ବର୍ଷ ପୂର୍ତ୍ତି ଅବସରରେ ଏକ ସଭାର ଆୟୋଜନ ହୋଇଥିଲା । ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ନିଯୁକ୍ତ ହୋଇଥିଲେ ବି.ଡି.ଓ. ନିର୍ମଳବାବୁ । ତେଣୁ ସେ ଗାଡ଼ିଧରି ଯାଉଥିଲେ, ନିର୍ମଳବାବୁ କିଂକର୍ତ୍ତବ୍ୟବିମୂଢ଼ ହୋଇ ଗାଡ଼ିରୁ ଓହ୍ଲାଇ ପାଗଳୀକୁ ପଚାରିଲେ– ଭଉଣୀ ତମର କିଛି ହୋଇନି ତ । ତହୁଁ ପାଗଳୀ ଉତ୍ତର ଦେବାକୁ ଯାଇ କେବଳ ଦାନ୍ତ ଦେଖାଇ ବାତ୍ସଲ୍ୟଭରା, ଘୃଣା ଦୃଷ୍ଟିରେ ଚାହିଁରହିଲା । ତା'ରି କୋଳରେ ଥିବା ଦୁଇମାସର ଛୁଆଟିକୁ ଲକ୍ଷ୍ୟକରି କହିଲା– ''ଚାଲ ଚାଲ ଆମେ ଯିବା, ମୋ ଧନ, ମୋ ସୁନା, ମୋ ଶୁଭ, ଚାଲ୍ ଏଠୁ ପଳାଇବା । ପଡ଼ିଗଲୁ, ପଡ଼ିଗଲୁ, ମୁଁ ପକେଇଦେଲି– ଚାଲ ଚାଲ ....... ଏମିତି ନିଜେ ନିଜେ ଗପି ଉଠି ପଳାଇଗଲା । ନିର୍ମଳବାବୁ ଅନେକ ଆଶା ଆକାଙ୍କ୍ଷା ନେଇ ଡ୍ରାଇଭରକୁ ଯିବାପାଇଁ ଇସାରାଦେଲେ, ସଭାସ୍ଥଳଟି ସେଠାରୁ ଆଉ ୧ କି.ମି. ବାଟ ଥାଏ । ପାଗଳୀର ଚାହାଁଣି କଥାବାର୍ତ୍ତାଗୁଡ଼ିକ ବାବୁଙ୍କ ମନ ହୃଦୟକୁ ବାରମ୍ବାର ଆନ୍ଦୋଳିତ କରୁଥାଏ । ଯାହାହେଉ ସଭାସ୍ଥଳରେ ପହଞ୍ଚି ସଭାକାର୍ଯ୍ୟ ସାରି ସନ୍ଧ୍ୟାରେ ନିଜର ବାସସ୍ଥାନକୁ ଫେରିଲେ ।

ରାତି ନଅଟା । ନିର୍ମଳବାବୁ ଖାଇସାରି ବିଶ୍ରାମ ନେଉଥା'ନ୍ତି । ଦିନସାରା ଅଫିସର କାର୍ଯ୍ୟଭାର ସାଙ୍ଗକୁ ପାଗଳୀର କାର୍ଯ୍ୟକଳାପ ମନେପଡୁଥାଏ । ହଠାତ୍ କବାଟ ଠକ୍ ଠକ୍ ଶବ୍ଦ ହେଲା । ଚପରାସୀ ଯାଇ କବାଟ ଖୋଲିଲା । ହଠାତ୍ ଟେକାଭୂଷା ବୃଷ୍ଟି ହେଲା ଏବଂ ମୁହଁରେ ଖତେଇ ହୋଇ ଦୌଡ଼ି ପଳାଇଲା । ଏକେତ ଦିନର ଘଟଣାକୁ ବାବୁ ମନେପକାଉଥିଲେ, ସହଜେ ସେୟା ହେଲା ।

ବେଳେବେଳେ ମଣିଷର ବଡ଼ଲୋକୀ ପଣ ବା ଉଚ୍ଚପଦସ୍ଥ ଅଫିସର ହେବା ତା' ପାଇଁ ଅସୁବିଧାର କାରଣ ପାଲଟିଯାଏ । ଏହାପରେ ପାଗଳୀ ବାବୁଙ୍କ ଦ୍ୱାର ମୁହଁକୁ ଆସି ଏମିତି ଚାହାଁଣି ଚାହିଁଲା ବାବୁ ଡରିଗଲେ । ପାଗିଳୀ ପଳାଇଲା । ବାବୁ ସେଦିନ ରାତିରେ ସହଜ ଭାବେ ଶୋଇପାରିଲେ ନାହିଁ । ଦୀର୍ଘ ଆଠ ଦିନ ପରେ ଦିନେ ରାତି ନଅଟାରେ ପାଗିଳୀ ଆସି ସେହି ଦୁଆର ମୁହଁରେ ଅନାଇ ବାବୁଙ୍କୁ ବାତ୍ସଲ୍ୟ ସ୍ୱରରେ କହିଲା– ବାବୁ ଏଇଠି ବସିଛୁ, କ'ଣ ଭାବୁଛୁ – ମୋତେ ଜାଣିଛୁ ଇତ୍ୟାଦି କହି ଭିତରକୁ ପଶିଆସିଲା ଓ କହିଲା– ଖାଲି କହିଲାନି ଧମକେଇଲା । କାହିଁକି ମୋତେ ସେଦିନ ଡକାଉଥିଲୁ ? ମୁଁ ତୋର୍ କିଏ କି ? କ'ଣ ଇସ୍ତ୍ରୀ ? ଏପରି କେତେ କ'ଣ କହି ହସିଲା, ସାଥିରେ ଛୁଆଟି ଥିଲା । ଏହାଶୁଣି ନିର୍ମଳବାବୁ କହିଲେ, ତୁ ସେହି ପାଗିଳୀ ନା ? ପାଗିଳୀ କହିଲା– ତତେ ମୁଁ ପାଗିଳୀ ଭଳିଆ ଦେଖାହେଉଛି । ବାବୁ କହିଲେ– ''ତୁ ପାଗିଳୀ ନୁହଁ ତ, କାହିଁକି ପାଗିଳୀ ପରି ଅଭିନୟ କରୁଛୁ । ପୁଣି ତୋ କୋଳରେ ଏ ଛୁଆଟି କିଏ ? ପାଗିଳୀ କହିଲା, ତା'ହେଲେ ବାବୁ ଶୁଣ, ଆଜକୁ ପ୍ରାୟ ବର୍ଷେ ହେବ, ସେଦିନ ଥାଏ ମୋର ବାହାଘର । ସମସ୍ତେ ଅପେକ୍ଷା କରିଥା'ନ୍ତି ବରଯାତ୍ରୀଙ୍କୁ । ମୋ ବାପା, ମାଆ, ଦୁଇଭାଇ ସମସ୍ତେ କାର୍ଯ୍ୟବ୍ୟସ୍ତ ଥା'ନ୍ତି । ହଠାତ୍ ଦଳେ ଲୋକ ପଶିଆସିଲେ ଆମ ଘର ଭିତରକୁ । କିଛି ବୁଝିବା ପୂର୍ବରୁ ସେମାନେ ବାପାମାଆ ଭାଇଙ୍କୁ ଟିକିଟିକି କରି ହାଣି ଦେଲେ । ପରେ ମୋତେ ଟେକିନେଇ ବିଚ୍ ରାସ୍ତା ଉପରେ ପକାଇ ଶହ ଶହ ଆଖି ସାମ୍ନାରେ ପୁଳା ପୁଳା କରି

ମୋ ଚର୍ମ ମାଉଁସକୁ ଖାଇଗଲେ ସତେଯେମିତି ବହୁଦିନ ହେବ ଭୋକିଲା ଥିଲେ । ତା'ପରେ ସବୁ ଶୂନ୍‌ଶାନ୍ । ମୁଁ ରାସ୍ତାରେ ପଡ଼ିଥାଏ । କିଛି ସମୟ ପରେ ହୋସ୍ ଆସିଲା । ମୁଁ ନିଜକୁ ଆବିଷ୍କାର କଲି ଏବଂ ସହାୟତା କ୍ୟାମ୍ପରେ ତିନିମାସ ରହିଲି । ସେତେବେଳକୁ ଏହି ପୁଅର ବୀଜ ସଂଶ୍ଳିଷ୍ଟ ହୋଇସାରିଥିଲା । ଇଚ୍ଛା ଥାଇ ବି କିଛି କରିପାରିଲିନି । ମା'ର ମମତଟୁ ଏଡ଼ାଇ ପାରିଲି ନାହିଁ । ମୁଁ ଯଦି ପାଗିଳୀ ନ ହେବି ଏହି ଶୁଭମ୍‌କୁ ମଣିଷ କରିବି କେମିତି ? ଯାହାହେଲେ ବି ମୁଁ ଜଣେ ନାରୀ । ଏହି ଜଗତରେ ମାଂସ ଲୋଭୀ, ଡାହାଳ କୁକୁରଙ୍କ ଅଭାବ ନାହିଁ । ଏହି ଶୁଖିଲା କ୍ଷେତର, ହାଡ଼ ଦି'ଖଣ୍ଡ ଲାଗିଥିବା ଶରୀରକୁ ମଧ ଲୋକ ଚାହିଁ ବସିଛନ୍ତି । ଟିକିଏ ସୁଯୋଗ ପାଇଲେ ଭୋଗ କରିବେ ।

ଏପରି ଶୁଣିଲା ପରେ ନିର୍ମଳବାବୁ ପଚାରିଲେ– ଆଚ୍ଛା, ଏ ପୁଅର ନାମ ଶୁଭ କିଏ ରଖିଲା କାହିଁକି ? ତହୁଁ ପାଗିଳୀ କହିଲା– ଏ ପୁଅର ଜନ୍ମ ସମୟ ଆସିବାରୁ ସ୍ୱାସ୍ଥ୍ୟକର୍ମୀମାନେ ମୋତେ ରାସ୍ତାରୁ ଉଠାଇ ନେଇ ଲେବର୍ ରୁମ୍‌ରେ ଭର୍ତ୍ତି କରାଇ ଏହି ମୋ ଧନକୁ ଜଗତ ଦେଖାଇଥିଲେ । ମୋର ଅଶୁଭ ବେଳାକୁ ଅନୁଭବ କରି ସେମାନେ ଶୁଭ ବୋଲି ରଖିଥିଲେ । ଈଶ୍ୱର ବଡ଼ଲୋକ ଯଦି କେବେ ଭଲ ସମୟ ଆସିବ ଏ କିଛି ଶୁଭକାର୍ଯ୍ୟ କରିପାରିବ ନିଶ୍ଚୟ । ହଠାତ୍ ପାଗିଳୀଟି ସେହିଠାରୁ ଉଠି ପଳାଇଗଲା । ନିର୍ମଳବାବୁ ମଧ ଆଶା ଭରା ଚିତ୍ତରେ ପଳାଇଗଲେ ।

*ନାନପୁର, ବାଲିଚନ୍ଦ୍ରପୁର, ଯାଜପୁର*



# ମୁଁ ବରଯାତ୍ରୀ

■ ଚୈତନ୍ୟ ଚରଣ ସାହୁ

ଆମ ଗାଁ ଶିଳାପୁର କଲେଜରେ ଲାବଣ୍ୟପୁର ଗାଆଁର ନରେନ୍ଦ୍ର ରାୟ ମୋ ସଙ୍ଗେ ଏକାଶ୍ରେଣୀରେ ପଢୁଥିଲୁ । ଦୁଇଜଣ କଲେଜ ପରୀକ୍ଷାରେ ମୁଁ ପ୍ରଥମ, ମୋ ସାଙ୍ଗ ନରେନ୍ଦ୍ର ଦ୍ୱିତୀୟ ଭଲ ନମ୍ବର ରଖି ପାସ୍ କଲୁ । ମୋର ବୟସ ୨୧ ବର୍ଷ ବେଳେ ସାଙ୍ଗର ବୟସ ଅଧିକ ଥିଲା । ତାକୁ ୨୩ ବର୍ଷ ଆରମ୍ଭ ହୋଇଥାଏ । ପରୀକ୍ଷା ସରିଲା ପରେ କଲେଜ ଛୁଟି ହୋଇଗଲା । ସେଦିନ ମୁଁ ଚାରିଟା ପରେ ଘର ବାହାର ଅଗଣାରେ ବସିଛି । ଜଣେ ଭଦ୍ରଲୋକ ଖଣ୍ଡେ ରଙ୍ଗିନ୍ କାର୍ଡ ଧରେଇ ଦେଇ କହିଲା, ଆପଣ ସାଙ୍ଗ କହିଛନ୍ତି, ତାଙ୍କ ବିବାହରେ ଯୋଗଦେବେ, ଆସୁଛି କହି ନମସ୍କାର ଜଣେଇ ଚାଲିଗଲା । କାର୍ଡ ଉପରେ ମୋ ନାମ ନିର୍ମଳ ସାମନ୍ତ ଲେଖା ଦେଖି ସଙ୍ଗେ ସଙ୍ଗେ ଖୋଲିଲି, କାର୍ଡ ଉପରେ ଅନିତା ରାୟ ଓ ଅଭିରାମ ରାୟ ଲେଖାଥାଏ । ସେ କାର୍ଡ ସଙ୍ଗେ ସାଙ୍ଗ ନରେନ୍ଦ୍ର ଧଳା କାଗଜରେ ଦି'ଧାଡ଼ି ଲେଖାଥାଏ ସାଙ୍ଗ ଯେତେ ବାରଣ କଲେ ସୁଦ୍ଧା ବାପମାଆଙ୍କର ଏକା ଜିଦ୍ ବାହାଘର ପାଇଁ । ହଁ, ଭରିବାକୁ ବାଧ ହେଲି । ବାପା ଅବଶ୍ୟ, ବନ୍ଧୁ ଠିକ୍ ବାଛିଛନ୍ତି ଏବଂ କନ୍ୟା ମଧ୍ୟ ଠିକ୍ ମନୋନୀତ ହେଇଛି । ସେ ଯାହାହେଉ ବାହାଘରକୁ ନିଶ୍ଚୟ ଆସିବ । ଭଉଣୀ ନୀରୁ ମଧ୍ୟ ଅନୁରୋଧ ଜଣାଇଛି – ଅପେକ୍ଷାରେ ରହିଲି । ଚିଠିଟ ପଢ଼ିଲା ପରେ ମନ ମଧ୍ୟରେ ସତେଯେପରି ଆବେଗଭରା ସ୍ନେହ ଜମାଟ ବାନ୍ଧିଗଲା – ତା'ପରେ ବିବାହ ନିମନ୍ତ୍ରଣ କାର୍ଡ ମାଆଙ୍କୁ ଦେଇ ବାପାଙ୍କୁ ଜଣେଇବା ପାଇଁ କହିଲି । ମା' ବାପାଙ୍କୁ କହିଲା ପରେ ବାପା କହିଲେ ହଁ ଯାଉ । ମାଆର କିନ୍ତୁ ମନ ନ ଥାଏ । କହିଲା ଆଜିକାଲି ବରଯାତ୍ରୀମାନେ ବହୁତ ଜାଗାରେ ଅସୁବିଧା ଭୋଗୁଛନ୍ତି । ବାପା ବୁଝେଇଦେଲେ, ସେସବୁ ମଦୁଆମାନଙ୍କ ଦ୍ୱାରା, ଭଦ୍ରବ୍ୟକ୍ତିଙ୍କ ଘରେ ହେଉନାହିଁ । ଅଭିବାବୁ ଭଦ୍ର, ଜଣାଶୁଣା । ସେ ଯେଉଁଠି ପୁଅର ବାହାଘର କରୁଛନ୍ତି ସେ ନିଶ୍ଚୟ ଭଦ୍ର ହେଇଥିବେ । ତେବେ ଅସୁବିଧା କେଉଁଠି ରହିଲା । ଯାଅ, ଡ୍ରାଇଭରକୁ କୁହ କାର୍ ନେଇ ପୁଅକୁ ନରେନ୍ଦ୍ର ଘରେ ଛାଡ଼ିଆସୁ । ତା'ପରେ ଡ୍ରାଇଭର ଆସି ଗାଡ଼ି ନେଇ ସାଙ୍ଗ ଘରକୁ ଗଲା । ସାଙ୍ଗ ଘରେ ପହଞ୍ଚିଲାମାତ୍ରେ ମାଉସୀ, ମଉସା ଭାରି ଖୁସି । ନୀରୁ ଭଉଣୀ ଦଉଡ଼ି ଆସି ପାଖରେ ବସି ମୋ ମାଆ ବାପାଙ୍କ ଭଲମନ୍ଦ ଖବର ପଚାରିଲା, ତା'ପରେ ଆରମ୍ଭ ହେଲା ଖାଇବା କଥା । ମାଉସୀ ଗୋଟିଏ ଥାଳିରେ ମେଞ୍ଚାଏ ଖଣ୍ଡେ ଜଳଖିଆ ଧରି ପହଞ୍ଚି ପାଖରେ ବସି ଖୁଆଇବା ବସନ୍ତେ ମନାକଲେ ସୁଦ୍ଧା ମାଉସୀ ନ ମାନି ନିଜେ ମୋ ପାଟିରେ ଖୋଇଦେଲେ । ନୀରୁ ମଧ୍ୟ ଗୋଟାଏ ଗୋଟାଏ ଅଙ୍ଗୁର ମଝିରେ ପାଟିରେ ଗେଞ୍ଜି ଦେଉଥାଏ । ଖିଆ ସରିଲା ବେଳକୁ ତେଣେ ଦାଣ୍ଡରେ ବାଣ ଢୋ ଢୋ ହେଲାଣି । ବ୍ୟାଣ୍ଡ୍‌ପାର୍ଟି ଆରମ୍ଭ କରିଦେଲେ ତାଙ୍କ କାମ । ଗାଆଁର ସାଙ୍ଗସାଥି ଆଉ ବୟସ୍କ ଲୋକମାନେ ଧଳା ଟ୍ରାଉଜର, ଲମ୍ବା ସାର୍ଟ, ଅଧିକାଂଶ ଲୋକ ଧୋତି ଚଦର ଓ ଲମ୍ବା ସାର୍ଟ ପିନ୍ଧି ବାଜା ବଜାଳିଙ୍କ ଆଗରେ ଚାଲିଛନ୍ତି । ସାଙ୍ଗ ଭଉଣୀ ନୀରୁ ସାହିର ସାତ / ଆଠ ଜଣ ଝିଅଙ୍କୁ ସଙ୍ଗରେ ଧରି ଯାଉଛନ୍ତି । ଗାଁରୁ ବର ବାହାରିଗଲା ପରେ ସାଙ୍ଗ ଶ୍ୱଶୁର ଘର ଗାଁ'ରେ ଅଳ୍ପସମୟ ଅନ୍ତତଃ ରାତି ଦଶ/ ଏଗାରଟା ଭିତରେ ଗାଁ ମୁଣ୍ଡରେ ପହଞ୍ଚିଗଲାମାତ୍ରେ ସେ ଗାଆଁର ଯୁବକମାନେ ଅତି ଭଦ୍ରାମୀ ସହକାରେ ପ୍ରଥମେ ସମସ୍ତଙ୍କୁ ଗୋଟାଏ ଲେଖାଏଁ ଥଣ୍ଡା ବୋତଲ ପିଇବା ପାଇଁ ଧରେଇଦେଲେ । ସଙ୍ଗେ ସଙ୍ଗେ ପୁଡ଼ିଆରେ ପ୍ୟାକିଂ ଜଳଖିଆ ମଧ୍ୟ ସମସ୍ତଙ୍କୁ ଧରେଇଦେଲେ । ତା'ପରେ ବର ରୋଷଣି ପାଇଁ ପ୍ରସ୍ତୁତ ହୋଇଗଲେ । ଢୋ ଢୋ ବାଣ ସାଙ୍ଗକୁ ଆକାଶ ରକେଟ୍ ବାଣ ଚମକାଉଥାଏ । ବରଯାତ୍ରୀ ଯାଇଥିବା ଯୁବକ ବନ୍ଧୁମାନେ ବ୍ୟାଣ୍ଡ୍‌ପାର୍ଟି ସ୍ୱର ତାଳେ ତାଳେ ନାଚିବା ଆରମ୍ଭ କରିଦେଲେ । ମୁଁ କେବେ ବରଯାତ୍ରୀ ହେଇ ନ ଥିଲି । ଇଏ ମୋର ପ୍ରଥମ– ଜଣେ ଯୁବକ ଭାଇ ମୋ ହାତ ଧରି ତାଙ୍କ ନାଚ ମଝିରେ ମୋତେ ଧରି ନାଚିଲେ – ମୋତେ ଯଦିଓ ଅଡୁଆ ଲାଗୁଥାଏ, ତଥାପି ତାଙ୍କ ସଙ୍ଗେ ହାତ ହଲାଇ ଅଣ୍ଟା ଭାଙ୍ଗିବାକୁ ପଡ଼ିଲା । ଏସବୁ ଦେଖି ମୋ ସାଙ୍ଗ ଭଉଣୀ ଓ ଅନ୍ୟମାନେ କିରିକିରି ହସିଲେ । ତା' ମଧ୍ୟରୁ ଜଣେ ବୟସ୍କ ଲୋକ ସାଙ୍ଗ ବାପାକୁ ଟାଣି ଆଣି ମଝିରେ ଠିଆକରି କହିଲା, କିରେ ଅଭି ତୁ ଦି' ଭେରା ନାଚ କରିବୁ । ଇଏପା ତୋ ପୁଅ ବାହାଘର, ଆଉ କ'ଣ କେବେ ଏ ସୁବିଧା ତୋ ଜୀବନରେ ଜୁଟିବ – ତୁ ଏମାନଙ୍କ ସଙ୍ଗେ ମିଶି ଟିକିଏ ନାଚକର । ଆନନ୍ଦ ହୋ – ମୁଁ ଏସବୁ ଦେଖି ଖାଲି ଜଳଜଳ ଚାହିଁଥାଏ । ବାଜା ବାଜଣା ବାଣ ଫୁଟା ଥଟ୍ଟାତାମସା ନେଇ ସାଙ୍ଗ ଶ୍ୱଶୁରଘର ପାଖରେ ବର ରୋଷଣି ପହଞ୍ଚିଗଲାମାତ୍ରେ ଶଙ୍ଖ ହୁଳହୁଳିରେ କମ୍ପିଉଠିଲା ବ୍ରାହ୍ମଣ ବରଣି କରି ସାଙ୍ଗକୁ କାଖେଇ ଘର ଭିତରକୁ ନେଇ ବସେଇ ପଞ୍ଚାଏ ଝିଅ ଆସି ଫୁଲଚନ୍ଦନରେ ସାଙ୍ଗକୁ ପୋତି ପକାଇଲେ । ସଙ୍ଗେ ସଙ୍ଗେ ରାଜସଭା କରାଗଲା ।

ଜାତିଭାଇମାନେ ଏବଂ ବରଯାତ୍ରୀର ଅତିଥିମାନେ ସମସ୍ତେ ଆସନରେ ବସିବା ପରେ ମଝିରେ ସୁସଜ୍ଜିତ ଚୌକିରେ ବର ଯଥା ସାଙ୍ଗଙ୍କୁ ଆଣି ବସେଇଦେଲେ । ଆରମ୍ଭ ହେଲା ପୁରୋଧାଙ୍କର ବେଦ ସଙ୍ଗୀତ ପ୍ରତିଯୋଗିତା, ଯେପରି ଗୋଟିଏ ଗାଁ'ରେ ଯାଇ ଅଚିହ୍ନା କୁକୁରଟିଏ ପହଞ୍ଚିଲେ ସେ ଗାଆଁ କୁକୁର ଭାଉ ଭାଉ ହୋଇ ଗୋଡ଼ାଏ କାମୁଡ଼ିବା ପାଇଁ ସେଇମିତି ସେ ଗାଆଁର ପୁରୋଧା ବରପକ୍ଷ ପୁରୋଧା ଉପରେ ଭାଉ ଭାଉ ହୋଇ ଖାଲି ଶ୍ଳୋକଗୁଡ଼ାକ ଫୋପାଡୁଥାଏ । ଆମ ସାଙ୍ଗ ଘର ପୁରୋଧା ପୋଖତ ବାଣୁଆ । ସେବା ତାଙ୍କୁ କେମିତି ସହଜେ ଛାଡ଼ିଦେବ । ଖନା ଲୋକଟା କହିଲା– ହେ - ନ, ନ, ନ, ନା - ତ, ତ୍ ମ ଶ୍ଳୋକ ଭୁଲ୍ ହେଲା । ସେଇଠୁ ସିଏ ଆରମ୍ଭ କଲାମାତ୍ରେ କନ୍ୟାପକ୍ଷ ପୁରୋଧା । ହାଁ, ଏମିତି କଥା । ମୋର ଭୁଲ୍ ସତେଯେମିତି ଉପରକୁ ମିଶି ଆସିଲା। ତା'ପରେ ଜଣେ ଭଦ୍ରଲୋକ ହାତଯୋଡ଼ି ଜଣାଇଲା । ସଭାକାର୍ଯ୍ୟ ସମାପନ ହେଉ । ଅମୃତ ମଣୋଇ କାର୍ଯ୍ୟ ଆରମ୍ଭ ହେବ । ବର-କନ୍ୟା ବେଦୀକୁ ଯିବେ, ହାତଗଣ୍ଠି ପଡ଼ିବ, ରାତି ପାହିଲେ କାଳ ଅଶୁଦ୍ଧ । ସଙ୍ଗେ ସଙ୍ଗେ ସଭା କାର୍ଯ୍ୟ ବନ୍ଦ କରାଗଲା । ବରଯାତ୍ରୀମାନଙ୍କୁ ଭୋଜନାଳୟକୁ ପାଛୋଟି ନେଲେ । ସମସ୍ତଙ୍କୁ ଖଲିପତ୍ର ଧରାଇ ଦେଇ ଖାଦ୍ୟ ପରଷୁଥିବା ଜାଗା ଦେଖାଇଦେଇ କହିଲା, ଆପଣମାନଙ୍କର ଯାହାର ଯାହା ଦରକାର ମାଗି ଖାଇବେ । ସଙ୍ଗେ ସଙ୍ଗେ ମୁଁ ଉତ୍ତର ଦେଲି, ଏଠି ତ କାଙ୍ଗାଳ ଭୋଜନ ହେଉଛି, ଆମେମାନେ ତାଙ୍କ ସଙ୍ଗେ ଖାଇବୁ । ଭଦ୍ରଲୋକ ଆଶ୍ଚର୍ଯ୍ୟେ କହିଲା, ଆପଣ କ'ଣ କାଙ୍ଗାଳ ଭୋଜନ କହୁଛନ୍ତି । ମୁଁ କହିଲି ଇଏ କାଙ୍ଗାଳ ଭୋଜନ ନୁହେଁ । ତେବେ ମାଗି ଖାଇବାର ଅର୍ଥ କ'ଣ ? ଭଦ୍ରଲୋକ, ଆଜ୍ଞା ଏ ଯୁଗରେ ଏଇଆ ଚଳୁଛି । ସେଇ ସମୟେ ଜଣେ ଖଲିପତ୍ର ଧରି ମାଗୁଛି, ତା'ଉପରେ ଅଇଁଣ୍ଠା ପତ୍ର ଧରି କ'ଣ ମାଗିଲାବେଳେ ତା' ପତ୍ରରୁ ମେଞ୍ଚାଏ ଅଇଁଣ୍ଠା ଖାଦ୍ୟ ତଳପତ୍ରରେ ପଡ଼ିଗଲା । ସଙ୍ଗେ ସଙ୍ଗେ ସେ ଲୋକ ରାଗିଯାଇ ସେ ଲୋକଟାକୁ ଧକ୍କାଟିଏ ଦେଇ କହିଲା, ତୋତେ କ' ଦେଖାଯାଉନି । ସଙ୍ଗେ ସଙ୍ଗେ ଧକାଖୁଆ ସାଙ୍ଗମାନେ ତାକୁ ଧରି ଦି'ଟା ଉତ୍ତମ ମଧ୍ୟମ ବସେଇଦେଲେ । ହେଲା ଗୋଳମାଳ ପାଟିତୁଣ୍ଡ– ଲୋକମାନେ ଖାଇବା ଛାଡ଼ି ଇଜ୍ଜତ ଭୟରେ ଦରଖିଆ ଅବସ୍ଥାରେ ଯେ ଯୁଆଡ଼େ ଛାଡ଼ି ପଳାଇଲେ । ମୁଁ ଗୋଟାଏ କଣରେ ଭୟରେ ଠିଆ ହୋଇଥାଏ । ମୋତେ ଖୋଜି ଖୋଜି ସାଙ୍ଗ ବାପା ମୋ ପାଖରେ ପହଞ୍ଚି ସାଙ୍ଗ ବସିବା ଜାଗାରେ ବସେଇଦେଲେ । ତା'ପରେ ମୋ ପାଇଁ ଖାଇବା ଜିନିଷ ଆଣି ଜଣେ ଦେଇ କହିଲା, ଆପଣ ଏଇଠି ବସି କାମ ସାରିଦିଅନ୍ତୁ । ବରକନ୍ୟା ବେଦୀକୁ ଯିବା ଆରମ୍ଭ କରିବା। ମୁଁ ଖାଇଲି ଏବଂ ସାଙ୍ଗ ବାପାଙ୍କୁ ପଚାରିଲି, ମଉସା ମୋ ବାପାଙ୍କ ଠାରୁ ଶୁଣିଛି, ଆଦର ନ ଥାଇ କି ଭୋଜନ ଗାମୁଛା ନ ଥାଇ କି ସ୍ନାନ । ମଉସା କହିଲେ ଠିକ୍ କଥା ଯେ ଏ ଯୁଗ ତ ଏଇଆ ହେଲା । ସେଥିପାଇଁ ଆମେ କ'ଣ କରିବା । ବାହାଘର ଶେଷ ହେଲା । ବରକନ୍ୟାଙ୍କୁ କନ୍ୟାଘର ବିଦାୟ ଦେଲେ । ଆମେ ଯଥାସମୟରେ ଆସି ପହଞ୍ଚିଲୁ, ତା'ପରେ.... ।

*ନୂଆ କାମୁପଶି, ସୁକିନ୍ଦା, ଯାଜପୁର*



**R. S. TUTORIALS**

SURYALOKA LANE, CHANDI CHHAK, CUTTACK

*Admission Open ! Admission Open ! Admission Open !*

*Admission Open ! Admission Open !*

**A Complete Coaching for**

**+2 Arts & Commerce**
**+3 Arts (Hons, Elective, Pass)**

**Special Coaching for : Spoken English**
**And also M. A. Entrance, (Pol. Science)**

Contact : 9861462581, 9861816123

# ଈଶ୍ୱରଙ୍କ ଇଚ୍ଛାରେ ସଂସାର ଚାଲେ

■ ସୁମିତ୍ରା ମହାରଣା

ଅନେକଦିନ ତଳର କଥା । ଦୁଇଜଣ ସାଙ୍ଗ ଥିଲେ । ସେମାନଙ୍କର ନାମ ହେଲା ନିଲୁ ଓ ପିଲୁ । ନିଲୁ ଭାରି ଈଶ୍ୱରବିଶ୍ୱାସୀ । ପିଲୁ କିନ୍ତୁ ତା'ର ଓଲଟା । ଈଶ୍ୱରଙ୍କୁ ମାନେନା, ନିଜର କର୍ତ୍ତବ୍ୟ ଉପରେ ବିଶ୍ୱାସ କରେ । ପିଲୁ ଜଣେ ସାଧାରଣ ଓ ପରିଶ୍ରମୀ ପିଲା । ନିଲୁ ଜଣେ ଈଶ୍ୱରବିଶ୍ୱାସୀ ପୋଷ୍ଟମାଷ୍ଟର । ଦୁହେଁ ନିଜର କାମଧନ୍ଦା ସାରି ସନ୍ଧ୍ୟା ସମୟରେ ଏକାଠି ହୁଅନ୍ତି । ନିଜ ନିଜର କର୍ତ୍ତବ୍ୟର ଭଲମନ୍ଦ କଥା ଗପ ହୁଅନ୍ତି ଓ ଦୁଃଖସୁଖ ହୁଅନ୍ତି ।

ଦିନକର କଥା ଦୁହେଁ ସାଙ୍ଗ ହୋଇ ନଈପଠାରେ ଯାଉଥା'ନ୍ତି । ପିଲୁ ନିଲୁକୁ କହିଲା ଯେ, ସତରେ କ'ଣ ଈଶ୍ୱରଙ୍କ ଇଚ୍ଛାରେ ସବୁକିଛି ହୁଏ । ନିଲୁ ତା' କଥାରେ ହଁ ଭରିଲା । ପିଲୁ କହିଲା, ଆଜି ପରୀକ୍ଷା କରି ଦେଖିବା । ପିଲୁ କହିଲା, ଆଜି ଆମେ ଦୁଇଜଣ ନ ଖାଇ, ନ ପିଇ ବାଟ ଚାଲିବା । ଆମକୁ କ'ଣ ଈଶ୍ୱର ଖୋଇପେଇ ଦେବେ । ନିଲୁ କହିଲା ହଁ ଈଶ୍ୱର ଚାହିଁଲେ ଆମକୁ ନିଶ୍ଚୟ ଖୁଆଇ ପିଆଇ ଦେବେ । ଏହିପରି କଥା ହେଉ ହେଉ ଅନେକ ବାଟ ଚାଲିଗଲେଣି । ସେମାନଙ୍କୁ ଜଣାପଡୁନାହିଁ, ସନ୍ଧ୍ୟା ହେବାକୁ ବସିଲାଣି କ'ଣ କରିବେ । ଗୋଟିଏ ଜଙ୍ଗଲ ପାଖରେ ପହଞ୍ଚିଛନ୍ତି, ଆଗକୁ ଆଉ ରାସ୍ତା ନାହିଁ, ଦୁହେଁ ଡରିଗଲେ । ଗାଁ'କୁ ଫେରିବାକୁ ଆଉ ଦିନ ପାଇବ ନାହିଁ । ଦୁହେଁ ଏକ ଉପାୟ ପାଞ୍ଚିଲେ । ରାତିରେ ଏକ ବଡ଼ ଗଛରେ ଚଢ଼ି ରହିଲେ । ଭୋକରେ ଆଉଟୁପାଉଟୁ ହେଉଥା'ନ୍ତି । ନିଲୁ ଈଶ୍ୱରଙ୍କୁ ଦୁଃଖ ଜଣାଇ ମୁଣ୍ଡିଆ ମାରି ଗଛରେ ଚଢ଼ିଲା, ପିଲୁ ବି ଗଛରେ ଚଢ଼ିଲା । ଦୁହେଁ ନିରବ ହୋଇ ବସିଲେ ଗଛ ଉପରେ ।

ଏହି ସମୟରେ ଲଣ୍ଠନ, ଟର୍ଚ୍ଚ ଧରି ବାଜା ବଜାଇ କିଛି ଲୋକ ସେହି ଗଛ ଆଡ଼କୁ ଆସୁଥା'ନ୍ତି । ନିଲୁ ପିଲୁ ପାଟିତୁଣ୍ଡ ନ କରି ନିରବରେ ସବୁ ଦେଖୁଥା'ନ୍ତି । ସେମାନେ ଭୂତ ଡାହାଣୀ ଛଡ଼ାଇବା ଉଦ୍ଦେଶ୍ୟରେ ଦୁଇ ହାଣ୍ଡି ପଣା ରଖି ସେ ଗଛମୂଳେ ପୂଜାକରି ଫେରିଗଲେ ।

ରାତି ବଢ଼ି ବଢ଼ି ଚାଲିଥାଏ । ନିଲୁ ଓ ପିଲୁ ଭୋକ ଓ ଡରରେ ଶୋଇପାରୁନାହାନ୍ତି । ଗଛ ଡାଳରେ ବସିଥା'ନ୍ତି । ପୁଣି ଦେଖିଲେ କିଛି ଚୋର ବନ୍ଧୁକ ଓ ଖଣ୍ଡା ସହିତ କିଛି ଜିନିଷ ଧରି ସେହି ଗଛମୂଳେ ପହଞ୍ଚିଲେ । ଗଛ ମୂଳକୁ ଟର୍ଚ୍ଚ ଆଲୁଅ ପକାଇ ଦେଖିଲେ ଦୁଇ ହାଣ୍ଡି ପଣା ଥୁଆ ଯାଇଛି । ଫୁଲ ସିନ୍ଦୂର ପଡ଼ିଛି । ଧୂପ, ଦୀପ ଲାଗିଛି । ଗଛ ଉପରକୁ ଟର୍ଚ୍ଚ ପକାଇ ଦେଖିଲେ ଦୁଇଜଣ ଲୋକ ବସିଛନ୍ତି । ସେମାନେ (ଚୋରମାନେ) ଭାବିଲେ ବୋଧହୁଏ ଏ ଦୁଇଜଣ ତନ୍ତ୍ର ସାଧନ କରି ପଣା ରଖିଛନ୍ତି ଆମର ଅମଙ୍ଗଳ ଚିନ୍ତା କରି ଏ ଦୁଇଜଣ ଆମ୍ଭମାନଙ୍କୁ ମାରିବେ । ତେଣୁ ଚୋରମାନେ ବନ୍ଧୁକ ଦେଖାଇ ନିଲୁ ଓ ପିଲୁକୁ ଗଛ ତଳକୁ ଡାକିଲେ । ଜୀବନ ଡରରେ ଥରିଥରି ଗଛରୁ ତଳକୁ ଆସିଲେ । ଚୋରମାନେ ପଚାରିଲେ, ତୁମେ ଦୁଇଜଣ ତନ୍ତ୍ର ସାଧକ ଆମ୍ଭମାନଙ୍କୁ ମାରିବାକୁ ଚିନ୍ତା କରୁଛ । ନିଲୁ ଓ ପିଲୁ ମନା କଲେ; କିନ୍ତୁ ସେମାନେ ତାଙ୍କୁ କହିଲେ ଯଦି ତୁମେ ତନ୍ତ୍ର ସାଧକ ନୁହେଁ, ତେବେ ତୁମେ ଏହି ପଣା ଖାଅ । ନିଲୁ ଓ ପିଲୁ ନ ଖାଇବାରୁ ଚୋରମାନେ ତାଙ୍କୁ ଜବରଦସ୍ତ ଧରି ପଣା ଖୁଆଇଦେଲେ । କହିଲେ, ପଣା ଖାଇ ତୁମେ ଦୁଇଜଣ ମରୁଥାଅ, ଆମ୍ଭେମାନେ ଯାଉଛୁ । ଏହା କହି ଚୋରମାନେ ଚାଲିଗଲେ । ନିଲୁ ଓ ପିଲୁ ନିଜର ଅନିଚ୍ଛାସତ୍ତ୍ୱେ ପଣା ପିଇଲେ । ନିଜେ ସୁସ୍ଥ ଅନୁଭବ କଲେ । ଆଉ ଈଶ୍ୱରଙ୍କୁ ଧନ୍ୟବାଦ ଦେଲେ । ପ୍ରକୃତରେ ପିଲୁ ସେହିଦିନଠାରୁ ଈଶ୍ୱରଙ୍କୁ ବିଶ୍ୱାସ କଲା । ଈଶ୍ୱରଙ୍କ ଦ୍ୱାରା ସଂସାର ଚାଲୁଥିବାରୁ ରାତି ଅଧରେ ଚୋରମାନେ ତାଙ୍କୁ ପଣା ଖୁଆଇଦେଲେ । ତେଣୁ ଈଶ୍ୱର ସର୍ବବିଦ୍ୟମାନ, ସର୍ବଶକ୍ତିମାନ । ଆଉ ଈଶ୍ୱରଙ୍କ ଇଚ୍ଛାରେ ସଂସାର ଚାଲେ ।

*ବରଡ଼ି, ସୁକିନ୍ଦା, ଯାଜପୁର*

# ସନ୍ଦେହର ଭୂତ

■ ଲବଙ୍ଗଲତା ପରିଡ଼ା

ପ୍ରଧାନଘର ସାନବୋହୂ ମନୀଷା, ରୂପବତୀ, ଗୁଣବତୀ । ଶାଶୂ, ଶଶୁର, ସ୍ୱାମୀଙ୍କୁ ନେଇ ତା' ସଂସାର । ସମସ୍ତଙ୍କ ମନ ନେଇ ଚଳେ । ଖୁବ୍ ସୁଖଶାନ୍ତିରେ ଚଳୁଥିଲା । ହେଲେ ହଠାତ୍ ହସଖୁସିର ସଂସାର ଭିତରକୁ ସନ୍ଦେହର ଝଡ଼ ମାଡ଼ିଆସିଲା । ଥରେ ଅବିଶ୍ୱାସର ମଞ୍ଜି ଅଙ୍କୁରିତ ହୋଇଗଲେ ତାକୁ ଧ୍ୱଂସ କରିବା ଏତେ ସହଜ ନୁହେଁ ବରଂ ତାହା ଧ୍ୱଂସ ହେବା ପରିବର୍ତ୍ତେ ଶାଖାପ୍ରଶାଖା ମେଲାଇ ଶକ୍ତ ହୋଇଯାଏ । ସେଇ ଅବିଶ୍ୱାସର ବହ୍ନିରେ ଜଳୁଛି ମନୀଷା । ଶାଶୂ, ଶଶୁରଙ୍କ ସ୍ନେହ ଆଦର ତାକୁ ଆଜିକାଲି ବିରକ୍ତ କରୁଛି । ସ୍ୱାମୀଙ୍କୁ ଦେଖିଲେ ରାଗ ବଢ଼ିଯାଉଛି ତଳିପାରୁ ତାଳୁଯାଏ । ଭଲରେ କଥା ହେଉନି । ଚିଡ୍ ଚିଡ୍ ହେଉଛି । ବେଳେବେଳେ ଉଦାସ ରହୁଛି । ମହେଶ ଯେତେ ପଚାରିଲେ ବି କିଛି କହୁନି ।

ଥରେ ମହେଶ ବାକ୍ସ ଖୋଲି ପୁରୁଣା ଖାତାପତ୍ର ଭିତରୁ କ'ଣ ଖୋଜୁଥିଲେ । ଏତିକିବେଳେ ଗୋଟିଏ ଖାମ୍ ନଜରକୁ ଆସିଲା । ସେ ଖାମ୍ ଖୋଲି ଦେଖନ୍ତି ତାଙ୍କ ମାଉସୀ ଝିଅ ବେବିର ଫଟୋ, ଯିଏ କି ଏକ ବର୍ଷ ତଳେ ଏକ ଗାଡ଼ି ଦୁର୍ଘଟଣାରେ ପ୍ରାଣ ହରାଇଛି । ହଠାତ୍ ତା'ର ଫଟୋ ଦେଖି ତା'ର ସ୍ମୃତି ମନକୁ ଆନ୍ଦୋଳିତ କଲା । ସେ କିଛି ସମୟ ଫଟୋଟିକୁ ଚାହିଁରହିଲେ । ଛାତିରେ ଜାକି ଧରି ଗୁଣୁଗୁଣୁ ହୋଇ କହିବାକୁ ଲାଗିଲେ । ମୋ ସୁନା ମୋ ଧନ ତୁ କୋଉଠି ଯାଇ ଅଚିନ୍ତା ହୋଇ ରହିଗଲୁ ? ମୋ କଥା ତୋର ମନେପଡୁନି, ମୁଁ ତୋତେ ଝୁରି ହେଉଛି ଭୁଲିପାରୁନି । ଏସବୁ ଦୃଶ୍ୟ ମନୀଷା ଦୂରରେ ଥାଇ ଦେଖୁଥାଏ ଆଉ ଶୁଣୁଥାଏ । ମହେଶ ପୂର୍ବପରି ଫଟୋଟିକୁ ଖାମ ଭିତରେ ଭରି ଥୋଇଦେଲେ । କାର୍ଯ୍ୟବ୍ୟସ୍ତତା ମଧ୍ୟରେ ମହେଶ, ମନୀଷାକୁ ତାଙ୍କ ମାଉସୀ ଝିଅ କଥା କହିବାକୁ ଭୁଲିଗଲେ । ଏଇଠୁ ସୃଷ୍ଟି ହେଲା ଝଡ଼ । ରାଗ ଆଉ ଘୃଣାରେ ମନୀଷା ଜଳିବାକୁ ଲାଗିଲେ । ରୋଷେଇବାସ, ଖାଇବା ପିଇବାରେ ଠିକଣା ରହିଲାନି । ଦିନକୁଦିନ ଅଶାନ୍ତିରେ ଦେହ କ୍ଷୀଣ ହେବାକୁ ଲାଗିଲା । ଶାଶୂ ଯେତେ ଚେଷ୍ଟା କଲେ ମଧ୍ୟ କିଛି ଜାଣିପାରିଲେ ନାହିଁ । ମହେଶ ମଧ୍ୟ ଭାବି ହେଉଥା'ନ୍ତି ମୁଁ ତ ଏମିତି କିଛି କାମ କରିନି ତାଙ୍କୁ କଷ୍ଟ ହେଲାଭଳି । ତା'ହେଲେ ମନୀଷା ଏଭଳି ବ୍ୟବହାର କାହିଁକି ଦେଖାଉଛନ୍ତି ? ଧୈର୍ଯ୍ୟଧରି ଅପେକ୍ଷା କରିବାକୁ ହେବ ।

ମନୀଷା ଫଟୋଟିକୁ ବାହାର କରି ଦେଖିଲେ । ଫଟୋଟିକୁ ଦେଖିଲା ପରେ ତାଙ୍କ ରାଗ ଆହୁରି ଦ୍ୱିଗୁଣିତ ହୋଇଗଲା । ଫଟୋଟି ଏତେ ସୁନ୍ଦର ଯେ ନ ଦେଖିଲା ଲୋକ ଘଡ଼ିଏ ଚାହିଁବ । ମନୀଷା ମନେ ମନେ ଭାବି ହେଉଥାଏ ଏମିତି ରୂପସୀକୁ ଦେଖିଲେ ତ ଘରଛଡ଼ା ସନ୍ନ୍ୟାସୀ ବି ମୋହିତ ହୋଇ ପୁଣି ଘରମୁହାଁ ହେବ । ସେଇଥିପାଇଁ ଇଏ ମଝିରେ ମଝିରେ ଦେଖୁଛନ୍ତି, ଠିକଣା ଖୋଜୁଛନ୍ତି । ରହ ଲୋ ଝିଅ, ଯେମିତି ହେଲେ ତୋ ଠିକଣା ଖୋଜି ବାହାର କରିବି । ମୋ ସ୍ୱାମୀଙ୍କ ମୁଣ୍ଡ ବିଗାଡୁଛୁ ରହ ଲୋ ଝିଅ, ଏମିତି ଶିକ୍ଷା ଦେବି ଭାବୁଥିବୁ ।

ମହେଶ ସେଦିନ ଶୀଘ୍ର ଅଫିସରୁ ଫେରି କ'ଣ ଲେଖାଲେଖି କରୁଥା'ନ୍ତି । ମନୀଷା ଯାଇ ସେଠାରେ ଛିଡ଼ାହେଲେ । ମହେଶ, ମନୀଷାର ହାବଭାବରୁ ବୁଝିଗଲେ, ସେ କିଛି କହିବାକୁ ଚାହୁଁଛନ୍ତି; କିନ୍ତୁ କହିବାକୁ ସାହସ କରୁନାହାନ୍ତି । ମହେଶ କହିଲେ, କ'ଣ କହିବ କି ? କହୁନ, ମନୀଷା । ଆରମ୍ଭ କଲେ ମୋତେ ଜଣଙ୍କ ଠିକଣା ଦେଇପାରିବ ? ମୋର ତା' ପାଖରେ କାମ ଅଛି ମୁଁ ତା' ପାଖକୁ ଯିବାକୁ ଚାହୁଁଛି । ମହେଶ କହିଲେ, ତୁମେ କାହା କଥା କହୁଛ କୁହ, ଜାଣିଥିଲେ କହିବି ।

ମନୀଷା କହିଲା, ସେଇ ରୂପବତୀ ମନମୋହିନୀର, ଯାହାକୁ ତୁମେ ଆଜିଯାଏ ଭୁଲିପାରିନ । ବାକ୍ସରେ ପୂରାଇ ରଖିଛି, ମଝିରେ ମଝିରେ ଦେଖୁଛ, ସିଏ ଯାହା ହେଇଚିନା, ତାକୁ କିଏ ଲାଇନ୍‌ରେ ନେଇସାରିବଣି, ତାକୁ ଆଉ ଭାବି ହେଉଛ କାହିଁ ? ଯଦି ତା'ଠି ଏତେ ମନ ଥିଲା, ମୋତେ କାହିଁ ବାହା ହେଉଥିଲ ? ମୋତେ ଆମ ଘରେ ଛାଡ଼ି ଆସ । ଏହା କହି ପାଖରେ ରଖିଥିବା ଫଟୋଟିକୁ ମହେଶ ଉପରକୁ ଫିଙ୍ଗିଦେଇ ଜୋର୍‌ରେ କାନ୍ଦିବାକୁ ଲାଗିଲେ । ତା'ର କାନ୍ଦ ଶୁଣି ଶାଶୂ ଦଉଡ଼ି ଆସିଲେ । ଦେଖିଲେ ମୃତ ଝିଆରୀଟିର ଫଟୋଟି ଖଟଧାରରେ ପଡ଼ିଛି । ଯାହାକୁ କି ସେ ନିଜ ଝିଅ ଭଳି ପାଳିଥିଲେ, ତାଙ୍କର ଝିଅ ନ ଥିଲା ବୋଲି । ବୋହୂକୁ ପଚାରିବେ କ'ଣ ସେ ଫଟୋଟିକୁ ଧରି ବାହୁନିବାକୁ ଲାଗିଲେ । ମହେଶ କହିଲେ, ଏ ଫଟୋ ତୁମେ କୋଉଠୁ ପାଇଲ ? ଇଏ ତ ମୋ ଭଉଣୀ ବେବି, ଯେ କି ଥିଲା ଡାକ୍ତରୀ ଶେଷବର୍ଷର ଛାତ୍ରୀ, ଗାଡ଼ି ଧକ୍କାରେ ଅଚାନକ ତା'ରି ମୃତ୍ୟୁ ଘଟିଲା । ସେ ଆମକୁ ଛାଡ଼ି ଏକ ବର୍ଷ ହେଲା ଗଲାଣି । ତା ଠିକଣା ଆମ ପାଖରେ ନାହିଁ । ଆଉ ଆମେ ତୁମକୁ ଦେବୁ କ'ଣ ?

ମନୀଷା ଚମକି ଉଠିଲା । ନିଜକୁ ନିଜେ ଧିକ୍‌କାର କରିବାକୁ ଲାଗିଲା । ବୃଥା ସନ୍ଦେହ କରି ସେ ତା' ଦେବପ୍ରତିମ ସ୍ୱାମୀଙ୍କୁ ଯେପରି ବ୍ୟବହାର ଦେଖାଇଥିଲା, ସେ ପାଇଁ ଲଜ୍ଜାରେ ମୁଣ୍ଡ ତଳକୁ କଲା । ଶାଶୂ ଶଶୁରଙ୍କୁ କ୍ଷମା ମାଗିଲା । ଜୀବନରେ କେବେ କାହାକୁ ସନ୍ଦେହ ଦୃଷ୍ଟିରେ ନ ଦେଖିବାକୁ ସଂକଳ୍ପ ନେଲା । ଭଲକରି କଥା ଭିତରେ ନ ପଶି ନ ବୁଝି ଜଣକୁ ଭୁଲ୍ ବୁଝିବାରେ ନିଜର ଅଧିକ କ୍ଷତି ହୁଏ ବୋଲି ବୁଝିଗଲା ।

*ହାତୀବାରି, ସୁକିନ୍ଦା, ଯାଜପୁର*

# ସମସ୍ୟାର ସତ୍ୟପାଠ

■ **ରାମଚନ୍ଦ୍ର ଶତପଥୀ**

ପୋଷ୍ଟ୍‌ମର୍ଟମ୍ ପରେ ଗାଁ'କୁ ଆସିଲା ଶବ । ଶୋକାକୁଳ ପରିଜନମାନେ ଗାଁ ଶ୍ମଶାନରେ ଶବଦାହ କରୁଥିଲେ । ଆଠ ବର୍ଷର ଶିଶୁପୁତ୍ର ଆକାଶ କିଛି ବୁଝିପାରୁ ନ ଥିଲା । ସମସ୍ତେ କାନ୍ଦୁଥିଲେ । ସିଏ ବି କାନ୍ଦି କାନ୍ଦି କାହାର ନିର୍ଦ୍ଦେଶରେ ବାପର ଶବାଧାରରେ ଅଗ୍ନିସଂଯୋଗ କଲା । ଚିତାଅଗ୍ନି ହୁ ହୁ ହୋଇ ଜଳିବାକୁ ଲାଗିଲା । ସେଥିରେ ଜଳିପୋଡ଼ି ଧୂଆଁ ହେଉଥିଲା ବୃଦ୍ଧ ନଟବରଙ୍କ ଗତ, ଆଗତ ଓ ଇହଜନ୍ମର ସ୍ୱପ୍ନସବୁ । ପାଖରେ ଠିଆ ହୋଇଥିଲା ନଟବରଙ୍କ ପାଞ୍ଚ ବର୍ଷର ନାତୁଣୀ ଧରିତ୍ରୀ । ଜେଜେ ମୁହଁକୁ ଚାହିଁ, ସିଏ ବି କାନ୍ଦୁଥିଲା ବିକଳ ହୋଇ । ଧାର ଧାର ହୋଇ ଲୁହ ନୁହେଁ ଲହୁ ବହୁଥିଲା ବୃଦ୍ଧ ନଟବରଙ୍କ ଆଖିରୁ । ଅଶି ବର୍ଷର ବୟସରେ ନିଜର ଏକମାତ୍ର ପୁଅକୁ ହରାଇ ଦୁଃଖରେ ଭାଙ୍ଗିପଡୁଥିଲେ ସେ । ଏଥିପାଇଁ କାହାକୁ ବା ଦୋଷ ଦେବେ ? ନିଜର ନିରୀହ ଓ ଗରିବର ଭାଗ୍ୟକୁ ହିଁ ସେ ଦାୟୀ କରୁଥିଲେ । ଚାରିଝିଅ ପରେ ଗୋଟିଏ ପୁଅ ହେଲା ବୋଲି ପୁଅର ନାଁ ଦେଇଥିଲେ ଏକୋଇର ବଳା ବିଶିକେଶନ । ଆଜି ସେଇ ବିଶିକେଶନ ବିଷ ପିଇ ଆତ୍ମହତ୍ୟା କରିଛି । ଏ ବୟସରେ ଆଉ କାହା ଉପରେ ଭରସା କରି ବାଟ ଚାଲିବେ ସେ ! କିଏ ତାଙ୍କୁ ଅବଶିଷ୍ଟ ଜୀବନର ଭରସା ଦେବ ? କିଏ ଦେବ ତାଙ୍କ ମୃତ୍ୟୁପିଣ୍ଡରେ ମୁଖାଗ୍ନି ? ଅସହାୟ ନଟବର ଉପରକୁ ଓ ତଳକୁ ଚାହିଁ ଭୂଇଁ ଉଣ୍ଡାଳୁ ଥିଲେ । ରୁଣ୍ଡ ହୋଇଥିବା ଲୋକେ କହୁଥିଲେ ଗାଁ'ରୁ ଜଣେ ଭୂମିପୁତ୍ର ଚାଲିଗଲା ।

ବୃଦ୍ଧ ନଟବରଙ୍କ ପୁଅ ବିଶିକେଶନ ଗାଁ' କଲେଜରୁ ବି.ଏ. ପାସ୍ କଲାପରେ ଚାକିରି ଖଣ୍ଡେ ପାଇଁ ୧୦ ବର୍ଷ ଦୌଡ଼ିଲେ । କେତେ ଗୋଡ଼ ଭାଙ୍ଗିଲେ, ନେହୁରା ନିମନ୍ତ କଲେ; ମାତ୍ର ଫଳସ୍ୱରୂପ କିଛି ମିଳି ନ ଥିଲା ତାଙ୍କୁ । ଘରେ ଯାହା ସମ୍ବଳ ଥିଲା, ପାଠପଢ଼ା ଓ ଚାକିରି ଖୋଜିବାରେ ଶେଷ ହୋଇଥିଲା । ଆଶାଥିଲା, ଚାକିରି ଖଣ୍ଡେ ମିଳିଲା ପରେ ସବୁ ସମସ୍ୟାର ସମାଧାନ ହୋଇଯିବ । ବହୁ ଚେଷ୍ଟା ଓ ଗୋଡ଼ ଭାଙ୍ଗିଲା ପରେ ବି ସେହି ଆକାଶ କୁସୁମକୁ ପାଇପାରିଲେନି ବିଶିକେଶନ । ବୃଦ୍ଧ ବାପା ମା'ଙ୍କୁ ଛାଡ଼ି ବେଶି ଦୂରକୁ ଯାଇପାରିବେନି ବିଶିକେସନ ? କ'ଣ କରିବ ସେ ? ଏହି ଚିନ୍ତାରେ ଦିନ କାଟୁଥିବା ବେଳେ ବୃଦ୍ଧ ବାପାମା'ଙ୍କ ଇଚ୍ଛା ପୂରଣ କରିବାକୁ ଯାଇ ବିବାହ କଲେ ସେ । ଜଞ୍ଜାଳ ଆହୁରି ବଢ଼ିଗଲା । ବୋଝ ଉପରେ ନଳିତାବିଡ଼ା ପରି ବିବାହର ଚାରିବର୍ଷ ଭିତରେ ପୁଅଟିଏ ଓ ଝିଅଟିଏ ବି ଜନ୍ମ ହେଲେ । ଘରେ ସାନବଡ଼ କରି ଛ'ପ୍ରାଣୀ କୁଟୁମ୍ବ । ଚାରିଦିଗ ଅନ୍ଧାର ଦିଶୁଥିଲା ତାଙ୍କୁ । ନିରୋଳାରେ ବସି ଭାରାକ୍ରାନ୍ତ ମନରେ ଭାବି ଚାଲିଥିଲେ ସେ । ଏତିକିବେଳେ ପାଖରେ ଆସି ପହଞ୍ଚିଲା ଚକରା ଦାଦି । ନିଜ ବୟସରୁ ଟିକେ ବଡ଼ ହେବ ସେ । ଚକରା ଦାଦି କହିଲେ– ଆରେ ବିଶି ! କ'ଣ ବସି ଭାବୁଛୁ ? ଆମେ ଚଷାପୁଅ । ଦେହରେ ବଳ ଅଛି । ମନରେ କାମ କରିବାକୁ ଇଚ୍ଛା ବି ଅଛି । ଓପାସ ଭୋକରେ ରହିବା କିଆଁ, ଚାଲ ମୂଲ ଲାଗି ଚଳିବା । ଅନ୍ଧାରରେ ଉପାୟ ମିଳିଗଲା ବିଶିକେଶନକୁ । ତାରି କଥାକୁ ବୁଝି ସେ ପାଖପଡ଼ିଶାଘରେ ମୂଲ ଲାଗିଲା । ସେଇଥିରେ ଦୁଃଖକଷ୍ଟରେ ଚଳିଯାଉଥିଲା ସେ । ହେଲେ କାଳର ବଳକୁ ହାତ କାହାର ? ଗତବର୍ଷ ବୁଢ଼ୀ ମାଆ ତା'ର ବେମାରିରେ ପଡ଼ିଲା । ନିଜ ଆଖିରେ ଜନ୍ମଦାତ୍ରୀ ମାଆର ମୃତ୍ୟୁ ଦେଖିବ କେମିତି ? କେତେ ଆଶା କରି ସିଏ ପୁଅ ମୁହଁକୁ ଚାହିଁଛି । ନା ତାକୁ ଯେମିତି ହେଲେ ଭଲ କରିବାକୁ ହେବ । ଧାରକରଜ କରି ମା'କୁ ଭଲ କରିବାକୁ ଅଣ୍ଟା ଭିଡ଼ିଲା ବିଶିକେଶନ । ଗାଁ ମହାଜନଙ୍କଠାରୁ ସୁଧ ଦେବାର ପ୍ରତିଶ୍ରୁତି ଦେଇ ଟଙ୍କା ଆଣିଲା ସେ । ହେଲେ ରୋଗ ବଢ଼ିଯାଇଥିଲା । ମା'ଙ୍କୁ ବଞ୍ଚାଇବା ଆଉ ସମ୍ଭବପର ହେଲାନାହିଁ । ସବୁ କରଜ ପଇସା ଖର୍ଚ୍ଚ ସରିଲା ପରେ ମଧ୍ୟ ମା' ସମସ୍ତଙ୍କୁ ପର କରି ଆରପାରିକୁ ଚାଲିଗଲା । ଶୁଦ୍ଧିକ୍ରିୟା ଶେଷ ହେଲା । ମା'ଛେଉଣ୍ଡ ପୁଅଟିଏ ହୋଇ ନିରାଶ୍ରୟ ହୋଇପଡ଼ିଲା ସେ । ମା' ନାହିଁ ଯାହାର, ସାହା ନାହିଁ ତାହାର । ସବୁ ଦୁଃଖକୁ ଯିଏ ପଣତକାନି ଭିତରେ ଲୁଚେଇ ଦେଇ ଆଗକୁ ବାଟ ଦେଖାଇ ଚାଲିଥିଲା, ସେ ଚାଲିଗଲା ପରେ କିମିତି ବଞ୍ଚିବ ବିଶିକେଶନ । ନିରାଶ୍ରୟଟିକୁ ଆଶ୍ରା ଦେବ କିଏ ? କିଏ ଆଉ କହିବ – ବାପାରେ ମୁଁ ପରା ଅଛି । ତୁ ଚିନ୍ତାକରି ଭାଙ୍ଗିପଡୁଛୁ କାହିଁକି ? ଉପରକୁ ଓ ତଳକୁ ଚାହିଁ ଲୁହ ଗଡ଼ଉଥିଲା ସେ । ଏତିକିବେଳେ ପାଖରେ ପହଞ୍ଚିଗଲେ ଚକରା ଦାଦି । ମୁଣ୍ଡରେ ହାତ ଥାପୁଡେଇ କହିଲେ– ବିଶି କିରେ ? କାନ୍ଦୁଛୁ କାହିଁକି ? କାଳର ଗତିକୁ ହାତ କାହାର ? ମା' ମରିଗଲା ପରେ ତୁ ଭାଙ୍ଗିପଡ଼ିଛୁ । ଆଉ ଜୀବନ-ମୃତ୍ୟୁ ତ ଲାଗିରହିଛି । ସମସ୍ତେ ମରନ୍ତି । ତା' ବାଟରେ ସେ ଚାଲିଗଲା । ଏଇ କଥା ଭାବି ଭାବି ତୁ ଯଦି ଏମିତି ବସି କାନ୍ଦିବୁ ତେବେ ତୋ କୁଟୁମ୍ବ ଚଳିବେ କେମିତି ? ଆମେ ଗରିବ ଲୋକ । ଆମ ପାଇଁ ଆମେ ଅଣ୍ଟା ଭିଡ଼ି ଠିଆ ନ ହେଲେ ଆମ ସଂସାର ଉଜୁଡ଼ିଯିବ । ଉଠ୍, ଅଣ୍ଟାଭିଡ଼ି ଠିଆ ହୋ । ପୁଣି ଦେଖିବୁ ବର୍ଷ କେଇଟା ଭିତରେ ସବୁ ଦୁଃଖ ଦୂରେଇଯିବ ।

ଉପରକୁ ମୁହଁ ଟେକିଲା ବିଶିକେଶନ । ଛାତିର କୋହ ଚାପି କହିଲା– ଦାଦି ! ଗୁଡ଼ାଏ ଧାରକରଜ କଲି । ହେଲେ ବୁଢ଼ୀ ମା'ଟାକୁ କ'ଣ ବଞ୍ଚାଇ ପାରିଲି ? ସିଏ ତା' ବାଟରେ ଚାଲିଗଲା । ହେଲେ ଏ ଧାରକରଜ ଶୁଝିବି କେମିତି ? ଚକରା ଦାଦି କହିଲା– ଦେଖ୍ ବିଶି, ତୁ ଜମା ବ୍ୟସ୍ତ ହୁଅନା । ଧୀରେ ଧୀରେ ସବୁ ସୁଧୁରିଯିବ । ଆମ ପଡ଼ିଶା ମିଶ୍ରବାବୁଙ୍କର ଗୁଡ଼ାଏ ଜମି ଚାଷ ନ ହୋଇ ପଡ଼ିଆ ପଡ଼ିଛି । ତାକୁ ବୁଝାଶୁଝା କରି ଚାରିପାଞ୍ଚ ଏକର ଜମି ଭାଗଚାଷ କରିବାକୁ ନେଇଆ । ଜମିକୁ ହଳକରି ଅଧିକ ଅମଳକ୍ଷମ ଧାନଚାଷ କଲେ ଗୁଡ଼ାଏ ଧାନ ଅମଳ ହେବ । ଗୋଟାଏ ଦି'ଟା ବର୍ଷ ମିହନ୍ତ କଲେ କରଜ ଶୁଝିଦେବୁ । ଚାଷୀ ପୁଅ । ଚାଷ କରି ଗୁଜୁରାଣ ମେଣ୍ଟେଇବା ଆମର ଧର୍ମ । ବିଶିକେଶନ କହିଲା– ପଡ଼ିଆ ପଡ଼ିଛି । କହିଲେ ସିଏ ଜମି ଦେଇଦେବେ । ହେଲେ ପଡ଼ିଆ ଜମି ଉଠିଆ କ'ଣ ଖାଲି ଦେହ ବଳରେ ହେବ ? ହଳ, ବିହନ, ସାର, ଔଷଧ ପାଇଁ ଅର୍ଥବଳ ଲୋଡ଼ା ହେବ ନା ନାହିଁ ? ମୋ ପାଖରେ ତ କପର୍ଦକ ଶୂନ୍ୟ । ଖାଲି ହାତରେ ଏତେ ବଡ଼ ସାହସ କିମିତି କରିବି ? ଚକରା ଦାଦି କହିଲା– ହଁ'ରେ ପୁଅ ! ସବୁ କାମ ପାଇଁ ପଇସା ଲୋଡ଼ା । ବିନା ପଇସାରେ କ'ଣ କିଛି କାମ କରିହୁଏ ? ତୁ ପଇସା ପାଇଁ ଚିନ୍ତା କରନା । ମୁଁ ମିଶ୍ରବାବୁଙ୍କୁ କହିବି । ପଡ଼ିଆ ଜମି ଉଠିଆ ପାଇଁ ଯାହା ପଇସା ଲାଗିବ ସେ ଧାରସୂତ୍ରରେ ଦେବେ । ଧାନ ବିକି ତା' ପଇସା ତାଙ୍କୁ ଶୁଝିଦେବା । ଏଥିରେ ପରଘରକୁ ଆଉ ମୂଲ ଲାଗିବାକୁ ଯିବା ହେବନି । ଅଭାବ ସ୍ୱଭାବବେଳେ ଯାଇ କେତେବେଳେ କିମିତି ମୂଲ ଲାଗିବା ସିନା ସବୁଦିନେ ନୁହଁ । ନିଜର ମନେକରି ସେହି ଜମିକୁ ଚାଷ କଲେ ମା' ଲକ୍ଷ୍ମୀ ଠାକୁରାଣୀ ତତେ ସାହା ହେବେରେ । ତୋ ଅଭାବ ଦୂର ହୋଇଯିବ ।

ଚକରା ଦାଦି ଦେବଦୂତଟିଏ । ଦୁଃଖବେଳେ ସେ ଆସି ପାଖରେ ପହଞ୍ଚିଯାଏ । ଆଶ୍ୱାସନା ଭରା କଥା କହେ । ଉପାୟ ବତାଇଦିଏ । ସମସ୍ତେ ତାକୁ ଭଲପାଆନ୍ତି । ଗରିବଙ୍କ ଦୁଃଖ ଦେଖିଲେ ତା' ମନ ଅଥୟ ହୁଏ । ଛୋଟ ମୁଣ୍ଡ ଖେଳେଇ ବଞ୍ଚିଯିବା ପାଇଁ ସେ କିଛି ନା କିଛି ପରାମର୍ଶ ଦେଇଥାଏ । ଅସହାୟର ସେ ଆଶ୍ରୟ । ଗରିବର ସେ ବନ୍ଧୁ । ଗାନ୍ଧୀ ମହାତ୍ମାଙ୍କ ଗ୍ରାମ ସ୍ୱରାଜ ଓ ଭାଇଚାରାର କଥା କହେ ।

ଚକରା ଦାଦି କଥାରେ ବିଶିକେଶନ ମିଶ୍ରବାବୁଙ୍କୁ କହି ପାଞ୍ଚ ଏକର ଭାଗ ଚାଷ ଜମି ଆଣିଲା । ମିଶ୍ରବାବୁଙ୍କୁ ପଇସାପତ୍ର ମାଗିବାରୁ ସେ କହିଲେ– ଯାହା ଖର୍ଚ୍ଚ ହେବ ସବୁ ଦେବି । ପଇସାଟିଏ ସୁଧ ନେବି ନାହିଁ । ହେଲେ ଫସଲ ଅମଳ ସରିଲେ ମୋ ପଇସାତକ ହିସାବ କରି ନେଇଯିବି । ଗୋଟିଏ ଟଙ୍କା ବି ବାକି ରଖିବି ନାହିଁ । ଏଥିରେ ଯଦି ରାଜି ହେବ ତେବେ ଚାଷ ପାଇଁ ଯାହା ପଇସା ଲାଗିବ, ଦେବି । ଏଥିରେ ରାଜି ହୋଇ ବିଶିକେଶନ ଜମି ଆଣିଲା ଓ ଖର୍ଚ୍ଚ ଅନୁସାରେ ଟଙ୍କା ମଧ୍ୟ ଆଣିଲା । ଜମି ଚାଷ କରି ଖତସାର ଇତ୍ୟାଦି ଲଗାଇ ଜମିରେ ଧାନଚାରା ରୋଇଲା । ସ୍ୱାମୀର ଖଟଣି ଦେଖି ତା' ସ୍ତ୍ରୀ ଚନ୍ଦ୍ରମୁଖୀ କହିଲା– ତୁମେ ଏକୁଟିଆ କେତେ ଖଟିବ ? ବୁଢ଼ାବାପା ଘରେ ରହୁଛନ୍ତି । ସେ ପିଲାଙ୍କ ଦାୟିତ୍ୱ ନେବେ । ମୁଁ ତୁମ ସହିତ ବିଲକୁ ଯିବି । ଚାଷ କାମରେ ତୁମକୁ ସାହାଯ୍ୟ କରିବି । ଚାଷୀ ଘରର ଝିଅ ମୁଁ । ଚାଷବେଳେ ଚୁପ୍ ହୋଇ ଘରେ ବସିବି କାହିଁକି ? ବିଶିକେଶନ ସ୍ତ୍ରୀ କଥାରେ ପ୍ରଥମେ ପ୍ରଥମେ ବିରୋଧ କରୁଥିଲା । ହେଲେ ଚନ୍ଦ୍ରମୁଖୀର ଅଳି ଅଝଟ ପାଖରେ ହାର୍ ମାନିଲା ସେ । ତାକୁ ସାଙ୍ଗରେ ନେଲା ବିଲକୁ । ଦୁହେଁ ମିଶି ଅକ୍ଳାନ୍ତ ପରିଶ୍ରମ କଲେ । ସ୍ୱାମୀ-ସ୍ତ୍ରୀଙ୍କ ପରିଶ୍ରମରେ ହସିଉଠିଲା ଫସଲ । ଦିନକୁଦିନ ଚାଷଜମି ପୂରିଲା ପୂରିଲା ଦେଖାଗଲା । କଅଁଳ ଛନଛନ ଫସଲ ଉପରେ ଲହରି ଖେଳିଲା ପବନ । ଫସଲର ଏପରି କୌତୁକିଆ ଦୃଶ୍ୟ ଦେଖି ବିଶିକେଶନର ପେଟ ପୂରିଉଠିଲା । ଚନ୍ଦ୍ରମୁଖୀ କହିଲା– ଦେଖୁଚ, ତୁମ ହାତର ପରଶରେ କିମିତି ହସିଉଠୁଛି ଆମ କିଆରି ? ବିଶିକେଶନ ହସି ହସି କହିଲା– ଆରେ, ମୋ ହାତରେ ନୁହେଁ, ତୁମ ହାତରେ । ତୁମେ ବିଲକୁ ଆସିବା ଦେଖି ଏଠାକୁ ଲକ୍ଷ୍ମୀ ଆସିଲେ ଭାବି ଖୁସିରେ ଚହଟି ଉଠିଲା ଫସଲ । ଏମିତି କେତେ ମିଠାକଥା ଓ ଭବିଷ୍ୟତର ସୁନେଲି ସ୍ୱପ୍ନ ଆଶାରେ ବିହ୍ୱଳ ହେଉଥିଲେ ସ୍ୱାମୀ-ସ୍ତ୍ରୀ । ଆଶାର ତାଜମହଲ ଗଢୁଥିଲେ ଦୁହେଁ । ଫସଲର ସବୁଜ ସୌନ୍ଦର୍ଯ୍ୟ ବି ତାଙ୍କ ମୁହଁକୁ ଚାହିଁ ହସୁଥିଲା ।

ହସକୁରା ଫସଲରୁ କେଣ୍ଡା କାଢ଼ିଲା ଧାନ । ଏତିକିବେଳେ ଦାଉ ସାଧିଲା ରୋଗ ପୋକ । ମିଶ୍ରବାବୁଙ୍କ ଠାରୁ ଟଙ୍କା ଆଣି ରୋଗକୁ ଔଷଧ ପକାଇଲା ସେ । ପୁଣି କିଆରିରେ ସାର ମଧ୍ୟ ବିଞ୍ଚିଲା । ପୁଣି ପୂରାସାଳିଆ ଫସଲରେ ଶୋଭାପାଇଲା କ୍ଷେତ । ଥାଳି ମାରିଲେ ଥାଳି ଚାଲିଯିବ ସେଥିରେ । ସ୍ୱାମୀ-ସ୍ତ୍ରୀ ଦୁହେଁ ଖୁସିରେ ନାଚି ଉଠିଲେ । ପୂରିଲା ଫସଲ କିଆରିକୁ ଦେଖି ଚନ୍ଦ୍ରମୁଖୀର ମନଖୁସିରେ ଚହଟି ଉଠୁଥିଲା । ସେ ସ୍ୱାମୀ ପାଖରେ ଅଳି କରି କହିଲା– ଏ ସନ ନୂଆ ଧାନରେ ମୁଁ ମାଣ ବସେଇବି । ମା' ଲକ୍ଷ୍ମୀଙ୍କର ପୂଜା କରିବି । କ'ଣ କହୁଚ କହିଲ ? ବିଶିକେଶନ ତା' ଗାଲରେ ସରୁ ଚାପୁଡ଼ାଟେ ମାରି ଉତ୍ତର ଦେଲା– ହଉ ହଉ ତମେ ମାଣ ବସାଇବ । ଯାହା ପୂଜାସାମଗ୍ରୀ ଲାଗିବ ସବୁ ମୁଁ ବଜାରରୁ କିଣି ଆଣିବି ।

ହେଲେ ସମୟ ସବୁଦିନେ ଭଲରେ ସରେ ନାହିଁ । ଅଦେଖା ଦୁଃଖ ଜଗି ବସିଥାଏ । ହଠାତ୍ ଆସି ପହଞ୍ଚିଯାଏ । ଆଶାର ସ୍ୱପ୍ନ ଦେଖୁଥିବା ଜୀବନକୁ ଧୋକ୍କା ଦିଏ । ଛଟପଟ କରେ । ଲୁହରେ ନ କାନ୍ଦି ରକ୍ତରେ କନ୍ଦାଏ । ସୁନେଲି କଳ୍ପନାକୁ ଧୂଳିରେ ମିଶେଇଦିଏ । ହା' ହୁତାଶରେ ଭରିଦିଏ ହୃଦୟ । ସବୁ ଓଲଟପାଲଟ ହୋଇଯାଏ । ଜୀବନରୁ ଆନନ୍ଦକୁ କାଢ଼ିନେଇ ଭରିଦିଏ ଯନ୍ତ୍ରଣା । ବଢ଼ା ହୋଇଥିବା ଭାତ ବି ଖାଇପାରେନା ମଣିଷ । ଓପାସ

ଭୋକରେ ଛଟପଟ ହୋଇ ଶେଷନିଶ୍ୱାସ ତ୍ୟାଗ କରେ ।

ଦୁର୍ଭାଗ୍ୟର ଦୁଃଖ ହଠାତ୍ ଆସି ପହଞ୍ଚିଗଲା । ଲଘୁଚାପଜନିତ ବର୍ଷା ଝଡ଼ରେ ଜଳମଗ୍ନ ହୋଇଗଲା ଫସଲ । ଫସଲ ସବୁ ପାଣିରେ ବୁଡ଼ିଯାଏ । ଦିନେ ନୁହେଁ କି ଦି' ଦିନ ନୁହେଁ, ଦୀର୍ଘ ଆଠଦିନର ବର୍ଷା । ଜଳ ନିଷ୍କାସନର ଉପାୟ ନଥିଲା । ପାଣିରେ ବୁଡ଼ିରହି ପଚିଯାଏ ଧାନଗଛ । ଗରିବର ମେହନତିରେ ପୂରି ଉଠିଥିବା ଭାତହାଣ୍ଡି ଭାଙ୍ଗିଯାଏ ।

ଝଡ଼ବର୍ଷାରୁ ଫସଲକୁ ରକ୍ଷା କରିବା ପାଇଁ ବହୁ ଚେଷ୍ଟାକଲା ବିଶିକେଶନ । ହେଲେ ସବୁଥିରେ ବିଫଳ ହେଲା ସେ । ଦୀର୍ଘନିଶ୍ୱାସ ଛାଡ଼ି ଜମିକୁ  ଜଗି ବସିରହିଲା ବିଶିକେଶନ । କାଳେ କିଛି ଫସଲ ରକ୍ଷା ହୋଇଯିବ । ହେଲେ ପାଣି ଛାଡ଼ିଲା ପରେ ସେ ଦେଖିଲା ଫସଲଗୁଡ଼ିକ ପଚିସଡ଼ି  କତରାଲଗା ହୋଇ କିଆରିର ମାଟି ସହିତ ମିଶିଯାଇଛି । କେଉଁଥିରେ ଧାନ ନାହିଁ, ଖାଲି ପଚା ନଡ଼ା ଓ ଅଗାଡ଼ି । ନିରାଶ ଛାତି ଭିତରୁ ହାହାକାର  କରିଉଠିଲା ମନ । କେମିତି ଶୁଝିବ ସେ କରଜ ? ମିଶ୍ରବାବୁ ଦେଇଥିବା ଟଙ୍କା  କ'ଣ ଛାଡ଼ିଦେବେ ? ମା' ମଲାବେଳେ ଗାଁ ମହାଜନ ପାଖରୁ କରିଥିବା କରଜ ସେ କେମିତି ଶୁଝିବ ? କେମିତି ସେ ଋଣମୁକ୍ତ ହେବ ? କ'ଣ ଉପାୟ  ଅଛି ଏଥକୁ ? ସବୁ ଆଶା ତାର ପାଣି ଫାଟିଗଲା । କ'ଣ ଖାଇ ବଞ୍ଚିବେ ତା' ଛୁଆ ? କେମିତି ଚଳେଇବ ତା' ସଂସାର ? କି ଉତ୍ତର ବା ସିଏ ଦେଇପାରିବ କାହାକୁ ? କି ଉପାୟ ସେ କରିବ ? ବିଷଣ୍ଣ ମନ କହିଲା– ହଁ, ବିଶିକେଶନ ଏଥିପାଇଁ ଉତ୍ତର ଅଛି । ଚିତ୍କାର କରିଉଠିଲା ସେ । ନିରୁପାୟର ଯାହା ଏକମାତ୍ର ଉପାୟ ଶେଷରେ ସିଏ ତାହାହିଁ କରିବ । ଏଥକୁ ଉପାୟ ଅଛି, ଉପାୟ ଅଛି । ଫସଲକୁ ରୋଗପୋକ ଦେଲାବେଳେ ଯେଉଁ କୀଟନାଶକ ଔଷଧ ପକାଇ ସେ ଫସଲରୁ ରୋଗ ଦୂର କରିଥିଲା, ଆଜି ତା'ର ମନକୁ ଏ ରୋଗ ହେଲାବେଳେ ସେ ସେଇ ଔଷଧ ଖାଇ ତା' ମନ ରୋଗକୁ ଦୂର କରିବ । ସେଇଥିରେ ତା' ମନରୁ ଏ ଦୁରାରୋଗ୍ୟ ରୋଗ ଦୂର ହୋଇଯିବ । ଆତ୍ମା ଶୀତଳ ହୋଇଯିବ । ଏକା ନିଶ୍ୱାସରେ ଘରକୁ ଦୌଡ଼ିଲା ବିଶିକେଶନ । ଘର ଚାଳରେ ଖୋଷାହୋଇ ରହିଥିବା ଦାନାଦାର୍ ପୁଡ଼ିଆକୁ ବାହାର କରିଆଣିଲା । ଆଖିବୁଜି ଖାଇ ଚାଲିଲା ଦାନାଦାର୍ । ପୁଣି ଦୌଡ଼ିଲା ବିଲ ଆଡ଼େ । ବିଲ ମୁଣ୍ଡରେ ପହଞ୍ଚୁ ପହଞ୍ଚୁ ତଳେ ପଡ଼ିଗଲା ସେ ! ଚିତ୍କାର କରି ଛଟପଟ ହେଲା କିଛି ସମୟ ପାଇଁ । ପାଟିରୁ ଦି'ଧାର ଗରଳ ଫେଣ ହୋଇ ବାହାରିଆସିଲା । ଆଖି ବନ୍ଦ ହୋଇଆସିଲା ଧୀରେ ଧୀରେ । ସବୁ ଶେଷ ହୋଇଗଲା ।

ଚାହୁଁ ଚାହୁଁ ଏ ଖବର ପ୍ରଚାରିତ ହୋଇଗଲା ଚାରିଆଡ଼େ । ଖବର ପାଇ ଥାନାବାବୁ ଆସିଲେ । ଦେଖିଲେ ବିଲମୁଣ୍ଡରେ ଶବଟାଏ ପଡ଼ିଛି । ସମସ୍ତେ କହୁଛନ୍ତି ନିରୀହ ମଣିଷ ବିଚରାଟା ଆଉ କ'ଣ ବା କରିଥାଆନ୍ତା ? ନିରାଶ୍ରୟ ମାଂ ଜଗଦୀଶ ରକ୍ଷଃ । ଉପାୟହୀନ ହୋଇ ସେ ଜଗଦୀଶଙ୍କ ପାଖକୁ ଲେଉଟିଗଲା । ଥାନାବାବୁ ଅପମୃତ୍ୟୁ କେଶ୍‌ଟିଏ  ରୁଜୁ କରି ଶବକୁ ବ୍ୟବଛେଦ ପାଇଁ ପଠାଇଲେ । ଶବ ବ୍ୟବଛେଦ ହୋଇ ଫେରିଛି ଏବଂ ଗାଁ ଶ୍ମଶାନରେ ଶବ ଚିତାଭସ୍ମ ହେବାକୁ ଲାଗିଛି । ବୁଢ଼ା ବାପଟା ଜଡ଼ ପାଲଟିଗଲାଣି । ପୁଅ ଚିନ୍ତାରେ ହୁଏତ କାଲି ସକାଳେ ଚାଲିଯିବେ ନଟବର । କ'ଣ କରିବେ ଚନ୍ଦ୍ରମୁଖୀ । ପାଖରେ ଦୁଇଟି ଅବୋଧ ଶିଶୁ । ମୁଣ୍ଡ ଉପରେ ଦେଣା କରଜର ବୋଝ । ଆଖିରୁ ଲୁହ ଝରାଇ ସେ ଝରକା ଫାଙ୍କରୁ ଚାହିଁ ରହିଥିଲେ ଶ୍ମଶାନକୁ । ସ୍ୱାମୀଙ୍କର ଚିତାଅଗ୍ନିକୁ ଚାହିଁ ଚାହିଁ ଅଧୀର ଦୁଃଖରେ ଭାଙ୍ଗିପଡୁଥିଲେ । ଜୁଇ ନିଆଁର ଧୂଆଁରେ ବିଶିକେଶନଙ୍କ ମୁହଁ ଦିଶୁଥିଲା । ସେ ଯେମିତି କହୁଥିଲେ– ମୋ ଭାଗ୍ୟ ଆଉ ସହିଲା ନାହିଁ ଚନ୍ଦ୍ରମୁଖୀ ! ତୁମ ମୁହଁରେ ଲୁହ ଆଉ କେମିତି ମୁଁ ଦେଖିଥାଆନ୍ତି ? ପିଲାମାନଙ୍କ ପେଟ ଭୋକରେ ଆଉଟୁପାଉଟୁ ହେଉଥାଆନ୍ତା, କେମିତି ସହିଥାନ୍ତି ମୁଁ ? ଅଶିବର୍ଷର ବୁଢ଼ାଟା ଦେଣା ବୋଝରେ ମୁଣ୍ଡ ନୁଆଁଇ କାହାର ଗୋଡ଼ହାତ ଧରୁଥାଆନ୍ତା । ପୁଅ ହୋଇ ଏ ଦୁଃଖ ମୁଁ କେମିତି ଦେଖିଥାଆନ୍ତି ? ମତେ ତମେ କ୍ଷମା କରିଦେବ । ତୁମ ପାଖରେ ମୋର ଦୁଇଟି ସନ୍ତାନକୁ ଛାଡ଼ିଯାଉଛି । ଯେମିତି ହେଲେ ତାଙ୍କୁ ମଣିଷ କରିବ । ମୋ ପାଇଁ ସିନା କେହି ନ ଥିଲେ ହେଲେ ତୁମ ପାଇଁ – ଏ ଦେଶ ଅଛି, ସ୍ୱାଧୀନତା ଅଛି । ସେଥିପାଇଁ ସରକାର ଅଛି ଓ ସରକାରଙ୍କର ଅମାପ କ୍ଷମତା ବି ଅଛି । ଜୀବନ୍ତମରଣର ଯନ୍ତ୍ରଣାରୁ ସେମାନେ ତୁମକୁ ମଣିଷର ସ୍ନେହ ଦେଇ ମୁକ୍ତ କରିଦେବେ । ଆମେ ସ୍ୱାଧୀନ ମଣିଷ ପରା ! ମାନବତା ଆମର ଧର୍ମ ବୋଲି ସରକାରଙ୍କ ମୁହଁରୁ କଥା ଶୁଭେ । ଭୋଟ୍‌ବେଳେ କେତେ ପ୍ରତିଶ୍ରୁତି ଶୁଭେ । ଏହାଶୁଣି ଚନ୍ଦ୍ରମୁଖୀର ଜଳି ଯାଉଥିବା ମନ କହୁଥିଲା– ଛି, ଛି – ସବୁ ମିଛ । କାମ ସରିଗଲେ କିଏ ଏଠି କାହାର ବା ? ସୁବିଧାବାଦୀଙ୍କ ଚାଲ୍ ଇଏ ।  ସବୁ ଏଠି ଛଳନା, ପ୍ରବଞ୍ଚନାର ନର୍କପୁରୀ । ଗରିବଙ୍କ ପାଇଁ ଯାହା ଯୋଜନା ହୁଏ ସବୁ ତାଙ୍କରି ପେଟରେ ପଶେ । ଗରିବଙ୍କ ପାଇଁ ନିଜ ଆଖିର ଲୁହ ଅଛି । ଏହି ଲୁହ ପୋଛି ମୁଁ ତୁମ ପିଲାଙ୍କ ପାଇଁ ଉପାୟ ଖୋଜିବି । ଏଇଠୁ ଆରମ୍ଭ ହେବ ପୁଣି ଏକ ଜୀବନ ଓ ଜୀବନ ପାଇଁ ସଂଗ୍ରାମର ପଦଯାତ୍ରା ।

*ରାହାଣିଆଁ, କଟକ*

# ଡେଙ୍ଗା-ବାଟକୁ ଉପାଖ୍ୟାନ

■ ବିଚିତ୍ରାନନ୍ଦ ପଣ୍ଡା

ବହୁତଦିନ ପରେ ଡେଙ୍ଗାବାବୁ ବାଟକୁ ଭଳି ଏକ ପ୍ରତିଭାସମ୍ପନ୍ନ ପିଲାଟିକୁ ପାଇ ଖୁସି ଥାଆନ୍ତି । ବାଟକୁ ମଧ୍ୟ ଡେଙ୍ଗା ଜେଜେଙ୍କୁ ମୁରବିର ସମ୍ମାନ ଦେଇ ତାଙ୍କଠାରୁ କିଛି ଦିଗ୍‌ଦର୍ଶନ ପାଇବା ଆଶାରେ ତାଙ୍କ ପିଛା ବି ଛାଡୁ ନ ଥାଏ । ଯେତେବେଳେ ସମୟ ମିଳେ ଦୁହେଁ ବସିପଡ଼ନ୍ତି ଚଳନ୍ତି ଦୁନିଆର ଚଳନ୍ତିକା କାହାଣୀକୁ ଚଳେଇଦେବା ପରିବର୍ତ୍ତେ ବାର୍ତ୍ତା ମାଧ୍ୟମରେ ଅସାର ବ୍ୟବସ୍ଥାକୁ ଅଚଳ କରିବା ପାଇଁ ।

ପ୍ରାତଃ ସାତଘଟିକା । ସକାଳର ନିତ୍ୟକର୍ମ ସାରି ଡେଙ୍ଗାବାବୁ ସକାଳର ଖବର ପଢ଼ିବା ପାଇଁ ପ୍ରସ୍ତୁତ ହେଉଥିବା ସମୟରେ ତାଙ୍କର ଅତି ଆଦରର ନାତିଟୋକା ଆସି ପହଞ୍ଚିଲା ଏବଂ ଜେଜେଙ୍କ ଗୋଡ଼ତଳେ ଆଣ୍ଠୁମାଡ଼ି ପ୍ରଣାମ ଜଣାଇଲା । ଜେଜେ ମଧ୍ୟ ଆଶୀର୍ବାଦ କରି କହିଲେ– ଶୁଭ ସକାଳର ଶୁଭମୁହୂର୍ତ୍ତ ତୋ ପାଇଁ ଶୁଭାଶିଷ ପ୍ରଦାନ କରୁ । ଜଗତର ନାଥ ଜଗନ୍ନାଥ ତୋ ଜୀବନର ପ୍ରତି ପୃଷ୍ଠାକୁ ଧବଳମୟ କରାନ୍ତୁ – ବାଟକୁ କହିଲା ତମ ତୁଣ୍ଡ ସୁତୁଣ୍ଡ ହେଉ ।

ଦୁଇଜଣ ବସିପଡ଼ିଲେ ଜେଜେଙ୍କ ବୈଠକ ଘରେ । ବାଟକୁ କହିଲା, ଜେଜେ ଜେଜେ, ଆଜିକାଲି ତାଜା ଖବର କ'ଣ ? ଜେଜେ କହିଲେ, ମୁଁ ତତେ ଦେଶର ଯେତେ ଖବର ଶୁଣାଇଛି– ତୋର ମନେ ଅଛି ତ ? ବାଟକୁ କହିଲା, ମୋର ସବୁ ମନେଅଛି । ତମ କଥାକୁ ମୁଁ ହାଲ୍‌କା ଭାବରେ ଶୁଣେ ନାହିଁ । ଗୋଟି ଗୋଟି କରି ମନେଅଛି । ରାଜ୍ୟ ଓ ଦେଶରେ ଘଟୁଥିବା ଦୁର୍ନୀତି, ବାଟମାରଣା, ଚୋରି, ଡକାଏତ, ରାହାଜାନି, ଧର୍ଷଣ, ବଧୂ ନିର୍ଯାତନା, ଚାକିରି କରିବା ନାଁ'ରେ ଠକେଇ ମହନ୍ତ-ବାବାଜୀଙ୍କ କଳାକାରନାମା, ମାଟ୍ରିକ୍ ପରୀକ୍ଷାରେ ଭୟଙ୍କର କପି, ଶିକ୍ଷକମାନେ ପିଲାଙ୍କୁ ପଚାଶ ପ୍ରତିଶତ ଉତ୍ତର ଡାକିଦେବା, ଗଣଦୁଷ୍କର୍ମ, ସାର୍ଟିଫିକେଟ୍ ଜାଲିଆତି, ମାର୍କ ଜାଲିଆତି, ଖେଳ ଜାଲିଆତି, ଜାତି ପ୍ରମାଣ ଜାଲିଆତି, ଯୋଗାଣରେ ଚୋରି, ଚିଟ୍‌ଫଣ୍ଡ ଠକେଇ, ଜମି, ଡାଲି, ପାଣି, ଖଣି, କୋଇଲାରେ ଦୁର୍ନୀତି ବେଆଇନ୍ ସମ୍ପତ୍ତି ଠୁଳ, ଲୋକସଭାବେଳେ ମନ୍ତ୍ରୀଙ୍କ ଅଶ୍ଳୀଳ ସିଡ଼ି ଦର୍ଶନ, ରାଜସ୍ଥାନ, ହରିଆନା ମନ୍ତ୍ରୀଙ୍କ ନାରୀଧର୍ଷଣ, ଆଶାରାମ ବାପୁ ଓ ତାଙ୍କ ପୁଅ ସାଇଙ୍କ ବିରୁଦ୍ଧରେ ନାବାଳିକା ଧର୍ଷଣ, ଯୌତୁକ ପାଇଁ ବଧୂହତ୍ୟା ଇତ୍ୟାଦି ଇତ୍ୟାଦି । ଗୋଟେ ଖାତା ଦେଉନାହାନ୍ତି, ଗୋଟି ଗୋଟି କରି ଲେଖିଦେବି ।

ଡେଙ୍ଗା ଜେଜେ କହିଲେ– ମୋ ପାଖରେ ପରୀକ୍ଷା ଦେଇ ଲାଭ ନାହିଁ । ତୋ ଆଉ ମୋ ଭିତରେ ଯଦି କାଦୁଅ ଫିଙ୍ଗାଫିଙ୍ଗି ହେବା– ସେଥିରେ ଜନତାଙ୍କ ଦୁଃଖ ଯିବ ନାହିଁ ବରଂ ସାଧୁତା ଉପରେ ପ୍ରଶ୍ନବାଚୀ ଲାଗିରହିବ ।

ବାଟକୁ କହିଲା, ତା'ହେଲେ ଏଥିରୁ ମୁକ୍ତି ପାଇବାକୁ ହେଲେ କ'ଣ କରାଯାଇପାରେ !! ଏଇଟା ତ ଦଳମାନଙ୍କ ଚିରାଚରିତ ଢଙ୍ଗର ମଙ୍ଗ । ମଙ୍ଗର ମଙ୍ଗୁଆଳମାନେ ଯଦି ଆହୁଲା ଧରିବାରେ ଅସଫଳ ହୁଅନ୍ତି, ତା'ହେଲେ ଅନନ୍ତ ସଂସାରରେ ବାହୁଥିବା ଭଗବାନଙ୍କ ନାଆ ଅଥଳ ଜଳରେ ବୁଡ଼ିଯିବ ନାହିଁ ତ ? ଡେଙ୍ଗାବାବୁ ବାଟକୁର ପ୍ରଶ୍ନର ଉତ୍ତର ଦେଇ କହିଲେ– ତୋ ଭଳି ପିଲାମାନେ ଏ ଭବସଂସାରରେ ଥିଲେ ଭଗବାନଙ୍କ ନାଆ କେବେ ବି ବୁଡ଼ିବ ନାହିଁ ।

ବାଟକୁ କହିଲା– କାହାକୁ ନିର୍ବାଚିତ କରିବା, କେଉଁ ସାଧୁପୁରୁଷ ଆଜିର ସଙ୍କଟମୟ ପରିସ୍ଥିତିକୁ ଟାଳିଦେଇପାରିବ, ତାଙ୍କର ସାଧୁତାକୁ ନେଇ ଆମେ କେତେ ପ୍ରତିଶତ ନିଶ୍ଚିତ ରହିବା । ବିରୋଧୀ ଆଉ ଶାସକ ଉଭୟେ ଗଣତନ୍ତ୍ର ମନ୍ଦିରରେ ଚୌକି ଫୋପାଡ଼ି ବେହାଲ ହଉଛନ୍ତି । କୌଣସି ଦଳ ଚାଲୁଥିବା ବ୍ୟବସ୍ଥାକୁ ସଜାଡ଼ି ପାରୁନାହାନ୍ତି । ଏ ଦେଶ ବା ରାଜ୍ୟ ଅରାଜକତାର ଶିଖର ସ୍ପର୍ଶ କରିବା ପୂର୍ବରୁ ଆପଣଙ୍କ ମତାମତ ଲୋଡୁଛି ଜେଜେ । ମୋତେ କହିବା ହୁଅନ୍ତୁ ।

ଡେଙ୍ଗା ବାଟକୁର ମର୍ମଭେଦି କଥାଗୁଡ଼ିକ ସହଜରେ ବୁଝିନେଲେ ଏବଂ ଉକ୍ତ ସମସ୍ୟାର ନିରାକରଣ ଓ ବ୍ୟବସ୍ଥାକୁ କିଭଳି ସଜଡ଼ା ଯାଇପାରିବ – ସେ ସମ୍ପର୍କରେ ସୁଚିନ୍ତିତ ମତାମତ ଦେବା ଆରମ୍ଭ କଲେ । ପଙ୍କ ଭିତରେ ପଦ୍ମ-ପାପ ଭିତରେ ପୁଣ୍ୟର ଦର୍ଶନ ମିଳିଥାଏ । ଯେଉଁ ବ୍ୟକ୍ତି ତ୍ୟାଗ ଓ ସେବାରେ ବିଶ୍ୱାସ କରେ, ସେଭଳି ବ୍ୟକ୍ତିଙ୍କୁ ଯଦି ଆମେ ନିର୍ବାଚିତ କରିପାରନ୍ତେ ତା'ହେଲେ ହୁଏତ.... ବାଟକୁ ଡେଙ୍ଗା ଜେଜେଙ୍କ କଥାକୁ ରୋକ୍ ଦେଇ ପଚାରିଲା– ପୂର୍ବେ ଯୋଗଗୁରୁ ରାମଦେବଙ୍କ ରଣହୁଙ୍କାର ଓ ଆନ୍ନାଙ୍କ ସଡ଼କରୁ ସଂସଦ ବିଷୟରେ ଯଦି ଆଲୋଚନା କରିବା– ସେତେବେଳେ ସାରା ଭାରତବର୍ଷ ଉଭୟଙ୍କୁ ସମର୍ଥନ ଦେଇଥିଲେ; କିନ୍ତୁ ସରକାର ଉଭୟଙ୍କ ମୁହଁ ବନ୍ଦ କରିବା ପାଇଁ ନିଜ ଅଧୀନରେ କାର୍ଯ୍ୟ କରୁଥିବା ଆରକ୍ଷୀ ବଳଙ୍କୁ ନିଜର ଅସ୍ତ୍ରଭାବେ ଧାରଣ କରି ରାତି ଅର୍ଦ୍ଧରେ ରାମଦେବଙ୍କୁ ହଇରାଣ କଲେ ଏବଂ ଆନ୍ନାଙ୍କ ବିରୁଦ୍ଧରେ ବାକ୍ୟାସ୍ତ୍ରକୁ ଖଞ୍ଜିବା ପାଇଁ ପଛେଇଲେ ନାହିଁ । ଯା'କୁ କ'ଣ କହନ୍ତି ଗଣତନ୍ତ୍ର ? ଯା'କୁ ହିଁ କ'ଣ କହନ୍ତି ସୁଶାସନ ? ଏହାଛଡ଼ା କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥା ମଧ୍ୟ ସରକାରଙ୍କ କଥାରେ ବସଉଠ ହେଉଛନ୍ତି । ବାଟକୁ କହିଲା କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥା ତ ନିରପେକ୍ଷ ତଦନ୍ତକାରୀ ଦଳ । ସେମାନେ ପୁଣି.... । ଜେଜେ କହିଲେ ଏଥିରେ କିଛି ସନ୍ଦେହ ନାହିଁ ବାବା । ଦେଶର ବିଗତ ଆଇନମନ୍ତ୍ରୀ ଅଶ୍ୱିନୀ କୁମାରଙ୍କ ତ ତୁ ଜାଣିଥିବୁ । ପ୍ରଧାନମନ୍ତ୍ରୀଙ୍କ ଦପ୍ତରର କୋଇଲା ଦସ୍ତାବିଜ୍‌କୁ କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥା ବିଚାରାଳୟରେ ପ୍ରଦାନ କରିବା ପୂର୍ବରୁ ସେଥିରେ ଲେଖାଯାଇଥିବା ସରକାରଙ୍କ ବିରୁଦ୍ଧରେ ସମସ୍ତ ଟିପ୍‌ପଣୀକୁ ବଦଳାଇ ସରକାରଙ୍କୁ ଦୋଷମୁକ୍ତ କରାଇବାର ଷଡ଼ଯନ୍ତ୍ର କରାଯାଇଥିଲା ।

ବାଟକୁ କହିଲା– ଆଇନମନ୍ତ୍ରୀ ଆଇନର ଭକ୍ଷକ ଆରକ୍ଷୀ ବଳ ରକ୍ଷକର

ଭକ୍ଷକ – ତା'ହେଲେ ଜନସାଧାରଣ ସମ୍ବିଧାନର ମର୍ଯ୍ୟାଦା ପାଇବେ କିପରି ?

ଜେଜେ କହିଲେ ଖାଲି କ'ଣ ସେତିକି – ଭଣଜା ପାଇଁ ବଂଶୀଲାଲଙ୍କ ରେଳମନ୍ତ୍ରୀ ପଦ ଗଲା, ଟୁ–ଜି ପାଇଁ ଏ. ରାଜା ଗଲେ । ଆଦର୍ଶ ହାଉସିଂ ବୋର୍ଡ ହେଉ ବା କମନ୍‌ୱେଲ୍‌ଥ ଗେମ୍‌ସ ହେଉ କିମ୍ବା କୋଇଲା ଆବଣ୍ଟନ ହେଉ ଏବଂ ୟେଦୁୟାରାପାଙ୍କ ଖଣି ଦୁର୍ନୀତି ହେଉ, ଏଗୁଡ଼ିକ କ'ଣ ସାଧାରଣ କଥା । ରାଜ୍ୟରେ ମଧ୍ୟ - ରଘୁନାଥ ମହାନ୍ତି, ପ୍ରମିଳା ମଲ୍ଲିକ, ପ୍ରଶାନ୍ତ ନନ୍ଦ, ବିଷ୍ଣୁଦାସ, ପ୍ରଭାତ ତ୍ରିପାଠୀ, ରାମଚନ୍ଦ୍ର ହାଁସଦା- ଏମାନଙ୍କର ତ ଗୋଛି କଟା ହେଲା ।

କେନ୍ଦ୍ର ଓ ରାଜ୍ୟକୁ ଯଦି ଫେଣ୍ଟିଦେଇ (ସୁନାରୀ ସୁନା କଷିଲା ପରି କଷିବା) ଏମାନେ କେତେ ସୁନା, ସମୟ ଓ ସମାଜ ନିଶ୍ଚୟ କହିବ । ଗାଁ'ର ଏକତା ଦେଶର ଅଖଣ୍ଡତା । ଗାଁ'ହିଁ ସୃଷ୍ଟି କରିପାରିବ ସୁନାର ଭାରତ । ଗାଁ' ଭଗବାନଙ୍କ ସୃଷ୍ଟି । ଗାଁ'ରୁ ମକରନ୍ଦ ଝରିଥାଏ । ଗାଁ ହିଁ ସଜାଡ଼ି ପାରିବ ଦେଶର ଭବିଷ୍ୟତ । ଗାଁ ଚାଷୀଭାଇମାନେ ଲୁହ ଓ ଲହୁ ପିଇ  ଅଜସ୍ର ପରିଶ୍ରମ କରି ତା' କ୍ଷେତରୁ ଖାଦ୍ୟଶସ୍ୟ ଅମଳ କଲା ଉତ୍ତାରେ ସହରୀବାବୁଙ୍କ ଚୁଲୀରେ  ହାଣ୍ଡି ବସେ । ଶିଳ୍ପପତି ହେଉ ବା ସରକାରୀ ଓ ବେସରକାରୀ କର୍ମଚାରୀ ହୁଅନ୍ତୁ କିମ୍ବା ବାଣିଜ୍ୟ କେନ୍ଦ୍ର ହୁଅନ୍ତୁ, ଏମାନେ କ'ଣ ଟଙ୍କା, ଷ୍ଟିଲ୍, ପ୍ଲାଷ୍ଟିକ୍ ରୋଷେଇକରି ଖାଇବେ ? ଗାଁ'ର ଚାଷୀ, ମୂଲିଆ ଓ ମଜୁରିଆଙ୍କ ପାଇଁ ପ୍ରତ୍ୟେକ ସହର ଚିକ୍କଣ ଦେଖାଯାଏ । ପରନ୍ତୁ ଗାଁ'ର ଯେଉଁ ଧୂଳିମାଟିର ବାସ୍ନା, ପଙ୍କ ପୋଖରୀର ପଦ୍ମଗନ୍ଧ, ଲକ୍ଷ୍ମୀସାଆନ୍ତାଣୀଙ୍କ ଝୋଟି, ଭାଗବତ ଟୁଙ୍ଗୀ, ପୂଜାପାର୍ବଣ, ଭାଇଚାରା, ଆତ୍ମୀୟତା, ବହିଯାଉଥିବା ନଦୀ, ଝାଉଁବଣ, ବଣଜଙ୍ଗଲ, ବାଘ, ଭାଲୁ, ହାତୀ, ମୟୂର, ଶୁଆଶାରୀ ପକ୍ଷୀ ଓ ପଶୁମାନେ ଦାଦା, ଖୁଡ଼ୀ, ଅଜା, ଆଈର ଡାକ, ଗାଉଁଲି ଭାଷାର ମମତା, ଷଠୀଘରର କଉଡ଼ି, ଗ୍ରାମ୍ୟ ଜୀବନର ମହକ, ଆମ୍ବତୋଟା, ଗାଁ ମନ୍ଦିର, ମନ୍ଦିରରେ ଶଙ୍ଖ ଓ ହୁଳହୁଳି ଧ୍ୱନି, କୁଳବଧୂଙ୍କ କୁଳଭୂଷଣ, ଆତ୍ମମର୍ଯ୍ୟାଦା, ସତ୍ୟ, ଶାନ୍ତି, ଅହିଂସା, ପାରସ୍ପରିକ ସ୍ନେହ ଓ ମମତା, ଆନନ୍ଦ ଆଉ ଭଲପାଇବା – ଗୋଟିଏ ସୂତାରେ ଅନେକ ଫୁଲର ମିଶ୍ରଣ ଭଳି ।

ଏଭଳି ଏକ ବର୍ଣ୍ଣାଢ଼୍ୟ ପରିବେଶ କ'ଣ ସହରୀ ଜୀବନରେ ଦେଖିବାକୁ ମିଳେ । ସହରରେ ନା ଥାଏ ବଗିଚା, ନା ଥାଏ ମାଳୀ । କିନ୍ତୁ ଦୁର୍ଭାଗ୍ୟ – ରାତାରାତି ବଡ଼ଲୋକ ହେବା ନିଶାରେ କିଛି ଦଲାଲ, ମୁଷ୍ଟିମେୟ, ଅସାଧୁ, ନୀତିହୀନ, ଅନାଦର୍ଶ, ଅବିବେକୀ, ମୁନାଫାଖୋରଙ୍କ ଚକ୍ରବ୍ୟୂହରେ ଫସିଯାଆନ୍ତି ଗାଁ'ର ନିରୀହ, ନିର୍ମାୟା, ନିଷ୍କପଟ ଜନସାଧାରଣମାନେ, ବରଂ ତାଙ୍କର ସ୍ୱର୍ଗୀୟ ଭାବନାକୁ ଟୁକୁରା ଟୁକୁରା କାଟି, ଅନ୍ତବୁଜୁଳାକୁ ଚିରି ଅନ୍ତଃସାର ପଦାର୍ଥଗୁଡ଼ିକ ଖିନ୍‌ଭିନ୍ କରିବା ସହ ଭାଇଚାରାରେ ଭାଗ ବସାଇବାକୁ ବି ପଶ୍ଚାତ୍‌ପଦ ହୁଅନ୍ତି ନାହିଁ । ତାଙ୍କର ସୁଚିନ୍ତିତ ଭାବନା ଉପରେ ବାରମ୍ବାର କୁଠାରାଘାତ କରିଥାନ୍ତି ଘାତକ ଶ୍ରେଣୀର ଲୋକମାନେ । ସରଳ ଲୋକମାନଙ୍କୁ ପ୍ରତି ମୁହୂର୍ତ୍ତରେ ଶୋଷଣ କରି ଚାଲିଥା'ନ୍ତି ସେମାନେ । ଆଜି ଗାଁ'ର ହୃତ୍‌ପିଣ୍ଡ ଅଚଳ ହୋଇଯାଇଛି । ଏପରି ହୀନ ଉଦ୍ୟମର ଶିକାର ହେବାପୂର୍ବରୁ ଯଦି ଗାଁ'ରେ ଏକତା ଓ ଭାଇଚାରା ପୁଣି ଯୋଡ଼ି ହୋଇଯାଏ, ତେବେ ଗାଁ' ହିଁ ସଜାଡ଼ି ପାରିବ ଦେଶର ଭବିଷ୍ୟତ । ଗାଁ'ର ଜନସାଧାରଣ ସଚେତନ ନ ହେଲେ ଆମକୁ ଆହୁରି ଭୟାବହ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିବ । ପ୍ରତ୍ୟେକ ବୁଦ୍ଧିଜୀବୀ, ସାହିତ୍ୟିକ, ପ୍ରାଜ୍ଞ, ବିଜ୍ଞ ବ୍ୟକ୍ତିମାନେ ଗୋଟିଏ ସ୍ୱର ବାଢ଼ିବା ଆବଶ୍ୟକ – ଗାଁ ସୁନ୍ଦର ତ ଦେଶ ସୁନ୍ଦର । ପ୍ରତି ପଞ୍ଚାୟତରେ ମାସିକ ବୈଠକ ମାଧ୍ୟମରେ ପ୍ରତି ୱାର୍ଡର ସମସ୍ୟା ସମ୍ପର୍କରେ ସମୀକ୍ଷା କରାଯିବା ଦରକାର, ଯେପର୍ଯ୍ୟନ୍ତ ଅନ୍ୟାୟକୁ ପ୍ରତିହତ କରା ନ ଯାଇଛି, ସେ ପର୍ଯ୍ୟନ୍ତ ଗରିବର ଗଣ୍ଠିଲିକୁ କାନ୍ଧରେ ପକାଇ ବୁଲୁଥିବା, ବହୁ ରାଜନୈତିକ ଦଳ, ବହୁଧା ବିଭାଜିତ – ଜାତି, ଧର୍ମ ଆମକୁ ଅଣନିଃଶ୍ୱାସୀ କରି ପକାଇଲାଣି । କେତେଦିନ ପର୍ଯ୍ୟନ୍ତ ଆମକୁ ଅନ୍ଧାରୀ ଗଳିରେ ରଖି ରାଜ୍ୟ ତଥା ଦେଶର ବଡ଼ପଣ୍ଡାମାନେ ତାଙ୍କର ଫାଇଦା ଉଠାଉଥିବେ ।

ଶେଷରେ ମୋ ଜେଜେଙ୍କ ଉଦ୍ଦେଶ୍ୟରେ ଏତିକି କହିବାକୁ ଚାହେଁ – ମୋ ଜେଜେଙ୍କ ନୀତି, ଆଦର୍ଶ, ମୂଲ୍ୟବୋଧ ଖାଲି ମୋ ପାଇଁ ଓ ମୋ ଗାଁ ପାଇଁ ଯେତିକି ପ୍ରଯୁଜ୍ୟ ନୁହେଁ, ଅଧିକନ୍ତୁ ଏ ଅନ୍ଧପୁଟୁଳିବନ୍ଧା ମଣିଷଙ୍କ ପାଇଁ ଯେ ଆଶୀର୍ବାଦ ତାହା ଏ ଦୁନିଆ ନିଶ୍ଚୟ ସ୍ୱୀକାର କରିବ । ରାଜନୀତି ପାଠ ପଢ଼ି ନ ଥିବା ମୋ ଜେଜେ ରାଜନୀତିଆ ପଣ୍ଡିତଙ୍କଠାରୁ ବହୁ ଊର୍ଦ୍ଧ୍ୱରେ । ମୋ ଜେଜେଙ୍କ ପାଖରେ ଯେତିକି ସମୟ ବସନା କାହିଁକି– ଦେଖିପାରିବ ଗଣତନ୍ତ୍ରର ମୂଲ୍ୟବୋଧକୁ ବିଶ୍ୱାସ କରୁଥିବା ଓ ଅଗଣତାନ୍ତ୍ରିକ ବ୍ୟବସ୍ଥାକୁ ସଜାଡ଼ିବାରେ ମୋ ଜେଜେ କେତେ ସିଦ୍ଧହସ୍ତ । ଏପରି ଏକ ଦେଶଭକ୍ତ, ସମାଜସେବକ, ମାର୍ଗଦର୍ଶକ ଓ ମହାପୁରୁଷଙ୍କ ପଦବନ୍ଦନା କରିବା ସହ କୋଟାଧିକ୍ୟ ପ୍ରଣାମ ଜଣାଉଛି । ବଡ଼ମାନଙ୍କୁ ତମେ ଯେଉଁ ଢଙ୍ଗରେ ସମ୍ମାନିତ କରିବ, ତମେ ତମ ପୁଅଝିଅ ଓ ସମାଜଠାରୁ ସେତିକି ସମ୍ମାନିତ ହେବ । ଶେଷରେ ବାଟକୁ କହିଲା– ଜେଜେ ଜେଜେ ମା' ଡାକିଲେଣି ଚାଲ ଜଳଖିଆ ଖାଇବା । ଆଜିକାର ଆଲୋଚନାର ବିଷୟବସ୍ତୁକୁ ସମୀକ୍ଷା କରିବା ସହ ଏହାର ଉତ୍ତର ତମ ନିକଟରେ ନିଶ୍ଚୟ ରଖିବି ।

ଜେଜେ କହିଲେ ଆଜିର ବୈଠକ ମାସକ ପର୍ଯ୍ୟନ୍ତ ଏଠାରେ ସ୍ଥଗିତ ରଖାଗଲା । ଆର ମାସରେ ପୁଣି କାହାଣୀ ପେଡ଼ିକୁ ତୋ ଆଗରେ ଖୋଲିବି ।

*ବାଞ୍ଜାଲାପୁଟ, ପାଡୁଆ, କୋରାପୁଟ*

# ଝଡ଼ ପରର ସକାଳ

■ ଏଲିନା ସାହୁ

ରାତ୍ରିର ଭୀଷଣ ଝଡ଼ତୋଫାନ ପରେ ସକାଳଟା ଭାରି ପରିଷ୍କାର ଲାଗୁଥାଏ । ଆକାଶ ସମ୍ପୂର୍ଣ୍ଣ ନିର୍ମଳ । ଉଦୟମାନ ସୂର୍ଯ୍ୟଙ୍କର ସଳଖ କିରଣ ସିଧା ଆସି ପଡୁଥିଲା ରୂପାଲି ଉପରେ । କଡ଼ଲେଉଟାଇ ରୂପାଲି ସିଧା ଚାହିଁଦେଲା ଝରକା ଆଡ଼କୁ । ଆଶ୍ଚର୍ଯ୍ୟ ହୋଇ ଉଠିପଡ଼ି ବସିଗଲା ଖଟ ଉପରେ । ଏ କ'ଣ, ମୁଁ କେଉଁଠି, ତା'ପରେ ମୁଁ ଏଠିକି ଆସିଲି କେମିତି, ଏଇଟା ତ ମୋ ଘର ନୁହେଁ, ତା'ଛଡ଼ା ମୁଁ ତ କାଲି ରାତିରେ ଆତ୍ମହତ୍ୟା କରିବାକୁ ପ୍ରାଚୀ ନଦୀ ଆଡ଼କୁ ଯାଉଥିଲି । କିଛି ସମୟ ପରେ ଜଣେ ଧବଳ ପୋଷାକଧାରୀ ହାତରେ ଚା' କପ୍‌ଟିଏ ଧରି ଘର ଭିତରକୁ ପ୍ରବେଶ କଲେ । ସେ କହିଲେ ମା', ବ୍ୟସ୍ତ ହୁଅନି, କାଲି ରାତିରେ ଝଡ଼ବର୍ଷା ଛାଡ଼ିଯିବା ପରେ ଆମେ ତୁମକୁ ଏଇ ରାସ୍ତାରେ ପାଇଥିଲୁ । ତୁମେ ଜ୍ୱରରେ କମ୍ପୁଥିଲ ତୁମକୁ ଏଇଠିକୁ ନେଇଆସି ତୁମର ସେବାଯତ୍ନ କରିଥିଲୁ । ଏବେ ନିଦରୁ ଉଠିଲ । କ'ଣ ! ତୁମକୁ ଭଲ ଲାଗୁଛି ?

– ହଁ, ମୋତେ ଭଲ ଲାଗୁଛି । ହେଲେ ତୁମେମାନେ କିଏ ?

– ଆଗେ ଚା' ଟିକେ ପିଇଦିଅ । ଦେହ ଭଲ ଲାଗିବ । ତା'ପରେ କଥା ହେବା ।

ତା'ପରେ ସନ୍ନ୍ୟାସିନୀ ଜଣକ ବାହାରକୁ ଚାଲିଯାଇଥିଲେ । ରୂପାଲି ଚା' କପ୍‌ଟି ପିଇସାରି ସ୍ଥିର କଲା, ଯାହା ହେଉ ତାକୁ ଏଠାରୁ ଚାଲିଯିବାକୁ ପଡ଼ିବ ।

ଠିକ୍ ସେତିକିବେଳେ ଘର ଭିତରକୁ ଫେରିଆସିଲେ ସନ୍ନ୍ୟାସିନୀ ଜଣକ । କହିଲେ ମା' କ'ଣ କୁଆଡ଼େ ଯିବାକୁ ବାହାରିଲ ।

– ହଁ, ଚାଲିଯିବି ।

– କୁଆଡ଼େ ଯିବ ?

– ଜାଣିନି ।

– ମା' ବ୍ୟସ୍ତ ହୁଅନି । ତୁମର କ'ଣ ହୋଇଛି କୁହ । ଏଇଟା ଆମ ଆଶ୍ରମ । ଏଠି ଅନେକ ଲୋକ ବାସ କରୁଛନ୍ତି । ତୁମେ ନିର୍ଭୟରେ ରହିପାର । ହେଲେ ମା' ଗତକାଲିର ଝଡ଼ବର୍ଷା ରାତି ଅନ୍ଧାରରେ ତୁମେ କୁଆଡ଼େ ଯାଉଥିଲ । ତୁମର ଘରଦ୍ୱାର ପରିବାର କିଛି ଅଛି କି ନାହିଁ । ମୋତେ ନିର୍ଭୟରେ କହିଦିଅ । ତୁମ ମନ ହାଲୁକା ହୋଇଯିବ ।

ରୂପାଲିର କଣ୍ଠ ଗମ୍ଭୀର ହୋଇପଡୁଥିଲା । ହୃଦର କୋହ ସୃଷ୍ଟି ହେଉଥିଲା । ନିଜକୁ ସମ୍ଭାଳି ନ ପାରି ମାତାଜୀ (ସନ୍ନ୍ୟାସିନୀ) ଙ୍କ ପାଦ ତଳେ ବସିପଡ଼ି କଇଁ କଇଁ କାନ୍ଦିବାକୁ ଆରମ୍ଭ କଲା । ସନ୍ନ୍ୟାସିନୀ ରୂପାଲିର ଲୁହ ପୋଛି ପୁଣି ତାକୁ ଆଶ୍ୱାସନା ଦେଲେ । ରୂପାଲି ସାହସ ବାନ୍ଧି କହିବାକୁ ଆରମ୍ଭ କଲା । ମୁଁ ଛୋଟବେଳରୁ ଖୁବ୍ ଭଲ ଛାତ୍ରୀଟିଏ ଥିଲି । ସବୁବେଳେ ଶ୍ରେଣୀରେ ପ୍ରଥମ ହେଉଥିଲି । ମେଟ୍ରିକ୍ ପରୀକ୍ଷାରେ ମଧ୍ୟ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲି । ଯୌବନର ପ୍ରଥମ ପାହାଚ କଲେଜ ଜୀବନରେ ଆରମ୍ଭ ହେଲା । ମୋ ସାଙ୍ଗ ବନଜାର ଭାଇ + ୩ ପଢୁଥିଲା । ମୁଁ ଏବଂ ବନଜା ସବୁଦିନ ସାଙ୍ଗ ହୋଇ କଲେଜ ଯାଉ । ତେଣୁ ସବୁଦିନ ତା' ଭାଇ ସହିତ ବି ଦେଖାହୁଏ । ଏଇ ସଂପର୍କ ଧୀରେ ଧୀରେ ପ୍ରେମର ରୂପ ନେଲା । ସମ୍ପର୍କର ଘନତା ବଢ଼ିବାକୁ ଲାଗିଲା । ବନଜାର ବାପା ଜଣେ ପ୍ରତିଷ୍ଠିତ ବ୍ୟବସାୟୀ । ଭାରି ଧନୀ ବ୍ୟକ୍ତି । ବିଜୟ (ବନଜାର ଭାଇ) ମୋତେ ପ୍ରାୟ ସବୁବେଳେ ଦାମୀ ଦାମୀ ଉପହାର ଦେଉଥିଲା । ମୁଁ ତା' ପ୍ରେମରେ ପାଗଳୀ ହୋଇଗଲି । ତା'ର ମିଠା ମିଠା ଚାଲାଖି କଥାରେ ଭାସିଗଲି । ସେ ମୋ ସହିତ ଛଳନା କଲା, ବଡ଼ ବଡ଼ ହୋଟେଲରେ ଖୁଆଇଲା ଆଉ ସେଇଠି ମୋ'ର ସର୍ବନାଶ କରି ଚାଲିଲା । ମୁଁ କିଛିଦିନ ପରେ ଜାଣିଲି ମୁଁ ତା' ସନ୍ତାନର ମା' ହୋଇସାରିଛି । ଛୋଟିଆ ଜୀବନଟେ ମୋ' ଗର୍ଭରେ ସ୍ଥାନ ପାଇସାରିଛି । ମୁଁ କ'ଣ କରିବି ଜାଣିପାରିଲି ନାହିଁ । ମୋ ବାପା ସ୍କୁଲରେ ଶିକ୍ଷକ ଅଛନ୍ତି । ତାଙ୍କ ପାଖରେ ଧନ ନାହିଁ ସତ; କିନ୍ତୁ ମାନ, ସମ୍ମାନ, ଇଜ୍ଜତ ଅଛି । ମୁଁ ବିଜୟକୁ କହିଲି, ମୋତେ ବିବାହ କରି ତୁମ ଘରକୁ ନେଇଯାଅ । ମୋ ବାପା ଏ କଥା ଜାଣିଲେ ଆତ୍ମହତ୍ୟା କରିଦେବେ । ମୁଁ ଏବେ ତୁମ ସନ୍ତାନର ମା' ହେବାକୁ ଯାଉଛି । ବିଜୟ ଉତ୍ତରଦେଲା, କ'ଣ କହିଲ ମା' । ତୁମେ ପୁଣି ମୋ ସନ୍ତାନର ମା' ହେବ ! କିଏ ଜାଣିଛି, ସେ ସନ୍ତାନ ମୋର କି ଆଉ କାହାର । ତୁମ ପରି ଏମିତି ଅନେକ ଝିଅଙ୍କୁ ମୁଁ ଦେଖିଛି । ଭଲ ହେବ, ମୁଁ ଟଙ୍କା ଦେଉଛି, ଯାଅ କେଉଁ ପ୍ରାଇଭେଟ୍ ନର୍ସିଂହୋମ୍‌ରେ ୱାସ୍ କରିଦିଅ । ସବୁ କଳଙ୍କରୁ ତୁମକୁ ମୁକ୍ତି ମିଳିଯିବ । ମୁଁ କହିଲି, ଆଉ ତୁମ ସହିତ ମୋର ଯେଉଁ ସଂପର୍କ ସେଗୁଡ଼ିକ କ'ଣ ମିଥ୍ୟା । ସେ କହିଲା, ମୁଁ ତ ତୁମ ପଛରେ ଗୋଡ଼ାଇ ନ ଥିଲି । ତୁମ ପରି ଏମିତି ଅନେକ ଝିଅ ମୋ ପଛରେ ଗୋଡ଼ାଉଛନ୍ତି, ତା' ବୋଲି ମୁଁ କ'ଣ ସମସ୍ତଙ୍କୁ ବିବାହ କରିବି । ତୁମ ସହିତ ମୋର କୌଣସି ସମ୍ପର୍କ ନାହିଁ ତୁମେ ଚାଲିଯାଅ । କ'ଣ କରିଥାଆନ୍ତି ଘରକୁ ଫେରିଆସିଲି । ବୋଉ ଆଗରେ ସବୁ ସତ କଥା କହିଦେଲି । ବାବା ବାଡ଼େଇଲେ, ବୋଉ ମଧ୍ୟ ବାଡ଼େଇଲା । ଦୁହେଁ ଦୁଃଖରେ ଭାଙ୍ଗିପଡ଼ିଲେ । ତଥାପି ଆଜି ଠିକ୍ କରିଥିଲେ ବିଜୟର ବାପାଙ୍କର ଗୋଡ଼ ହାତ ଧରି ବିବାହ ପାଇଁ ରାଜି କରାଇବାକୁ ଯିବେ । ମୋତେ କିନ୍ତୁ ଆଉ ବଞ୍ଚିବାକୁ ଇଚ୍ଛା ନାହିଁ । ଝିଅ ହୋଇ ମୁଁ ବାପାକୁ ସମ୍ମାନ ଦେଇପାରିଲି ନାହିଁ । ବରଂ ମୋ ପାଇଁ ସେ ଅପମାନିତ ଲାଞ୍ଛିତ ହେବେ । ସେଥିପାଇଁ କାଲି ରାତିର ଘନ ଅନ୍ଧକାର ଭିତରେ ଘରୁ ବାହାରି ଆସିଲି । ପ୍ରାଚୀ ନଦୀରେ ଝାସ ଦେଇ ଜୀବନଟାକୁ ଶେଷ କରିଦେଲେ ସବୁ ସମାଧାନ ହୋଇଯିବ ।

ସନ୍ନ୍ୟାସିନୀ ଜଣକ ଧୀର କଣ୍ଠରେ କହିଲେ ମା' ମୃତ୍ୟୁ କ'ଣ ସବୁ ସମସ୍ୟାର ଶେଷ ସମାଧାନ ? ନା' ଆତ୍ମହତ୍ୟା କରିବାଟା ଠିକ୍

ନୁହେଁ । ଭଗବାନ୍ ଆମକୁ ଜୀବନ ଦେଇଛନ୍ତି । ଏ ସଂସାର, ସମାଜ ପାଇଁ କିଛି ଭଲ କାମ କରିବାକୁ ପଠାଇଛନ୍ତି । ଆତ୍ମହତ୍ୟା କରିବା ଦ୍ୱାରା ତୁମେ ଦୁଇଟି ପାପ କାର୍ଯ୍ୟ କରିବ, ଗୋଟିଏ ତୁମ ନିଜ ଜୀବନକୁ ହତ୍ୟା କରିବ, ଅନ୍ୟଟି ତୁମ ଗର୍ଭରେ ସ୍ଥାନ ପାଇଥିବା ନିରୀହ ସନ୍ତାନକୁ ହତ୍ୟା କରିବ । ତେବେ କୁହନ୍ତୁ ମାତା ମୁଁ କ'ଣ କରିବି ।

ଅଧୈର୍ଯ୍ୟ ହୁଅ ନାହିଁ । ତୁମେ ଘରକୁ ଫେରିଯାଅ । ତୁମ ପିତାମାତା ତୁମକୁ ଅପେକ୍ଷା କରିଥିବେ । ବିଜୟକୁ ବିବାହ ପାଇଁ ବାଧ କରନାହିଁ । ସେ କେବେ ରାଜି ହେବ ନାହିଁ । ତୁମେ ଏଇ ସନ୍ତାନକୁ ଜନ୍ମ ଦିଅ । ସେଥିପାଇଁ ତୁମକୁ ବହୁତ କଷ୍ଟ ସହିବାକୁ ପଡ଼ିବ; କିନ୍ତୁ ତୁମେ ଧୈର୍ଯ୍ୟର ସହିତ ଚାଲିଲେ ଦିନେ ନା ଦିନେ ତୁମର ବିଜୟ ହେବ । ପାଠପଢ଼ା ବନ୍ଦ କର ନାହିଁ । ପାଠପଢ଼, ମନ ଦେଇ, ନିଜ ଗୋଡ଼ରେ ଠିଆ ହେବାକୁ ଚେଷ୍ଟାକର ।

ରୂପାଲି ମାତାଜୀଙ୍କର ପାଦସ୍ପର୍ଶ କରି ପ୍ରଣିପାତ ହେଲା । ମାତାଜୀଙ୍କଠାରୁ ବିଦାୟ ନେଇ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କଲା । ଗୃହରେ ବାପାଙ୍କର ପାଦ ତଳେ ବସି କ୍ଷମାଭିକ୍ଷା କଲା । କହିଲା– ''ବାପା ମୋ ଭୁଲ୍ ପାଇଁ ମୋତେ କ୍ଷମା କର । ମୁଁ ବିଜୟକୁ ବିବାହ କରିବି ନାହିଁ; କିନ୍ତୁ ମୋ ଗର୍ଭରେ ବଢ଼ୁଥିବା ସନ୍ତାନକୁ ମୁଁ ଜନ୍ମ ଦେବି । ମୁଁ ହେବି ତାର ପିତା ଏବଂ ମାତା । ମୁଁ ପୁଣି ପାଠ ପଢ଼ିବି, ଚାକିରି କରିବି ଏବଂ ସନ୍ତାନଟିକୁ ସମାଜର ଗୋଟିଏ ସଚ୍ଚା ନାଗରିକ କରି ଗଢ଼ି ତୋଳିବି ।''

ଦୀର୍ଘ ଦଶମାସ ପରେ ରୂପାଲି ଗୋଟିଏ ପୁତ୍ରସନ୍ତାନକୁ ଜନ୍ମ ଦେଲା । ପୁତ୍ର ଲାଳନପାଳନ ସଯତ୍ନରେ କଲା । ପୁଅଟି ଧୀରେ ଧୀରେ ବଡ଼ ହେଲା । ରୂପାଲି ମଧ୍ୟ ଏକ ଶିକ୍ଷୟିତ୍ରୀ ଚାକିରି କଲା । ଦିନ ପରେ ଦିନ ବର୍ଷ ପରେ ବର୍ଷ ବିତିଚାଲିଲା । ରୂପାଲିର ପୁଅ ବଡ଼ ହୋଇ ଗୋଟିଏ ବଡ଼ ମହାବିଦ୍ୟାଳୟରେ ଅଧ୍ୟାପକ ଚାକିରିଟିଏ କଲା । ରୂପାଲି ହୃଦୟରୁ ବିଜୟର ସବୁ ସ୍ମୃତିକୁ ଲିଭେଇ ସାରିଥିଲା ।

ତିରିଶ ବର୍ଷ ପରେ ରୂପାଲି ପୁଅ ସାଙ୍ଗରେ ମନ୍ଦିରକୁ ଯାଇଥିଲା । ହଠାତ୍ ମନ୍ଦିରର ଦ୍ୱାର ଦେଶରେ ବସିଥିବା ବ୍ୟକ୍ତିକୁ ଦେଖି ଚମକିପଡ଼ିଥିଲା । ଚୁଟି, ଦାଢ଼ି ସବୁ ବଢ଼ି ଜଟ ହୋଇଯାଇଛି । ଗୋରା ତକ୍‌ତକ୍ ଚେହେରାଟା କଳାକାଠ ପଡ଼ିଯାଇଛି । ଧୂଳିମଳି ଅପରିଷ୍କାର ପୋଷାକ । ତା' ସାଙ୍ଗକୁ ଏକ ଛିଣ୍ଡା କମ୍ବଳ ଘୋଡ଼ାଇ ହୋଇ ବସିଛି ଭିକ୍ଷୁକ ବିଜୟ । ରୂପାଲି କିଛି ନ ଜାଣିବା ପରି ମୁହଁ ଫେରେଇ ଚାଲିଯିବାକୁ ଉଦ୍ୟତ ହେଲା । ସେତିକିବେଳେ ବିଜୟ ଦୌଡ଼ିଆସି ରୂପାଲିର ଗୋଡ଼କୁ ଜାବୁଡ଼ି ଧରି କ୍ଷମା ପ୍ରାର୍ଥନା କଲା । ମୋତେ କ୍ଷମା କରିଦିଅ । ରୂପାଲି ତୁମ ପ୍ରତି କରିଥିବା ଅନ୍ୟାୟର ଫଳ ଭୋଗୁଛି ମୁଁ । ମୋତେ କ୍ଷମାକର । ହୁଏତ ତୁମେ ମୋତେ କ୍ଷମା କଲେ, ମୁଁ ଶାନ୍ତିରେ ମରିପାରିବି । ଏତିକିବେଳେ ରୂପାଲିର ପୁତ୍ର ରୂପାଲିକୁ କହିଲା, ମା' ସିଏ କିଏ ? ତା'ଛଡ଼ା ତୁମକୁ କ୍ଷମା କାହିଁକି ମାଗୁଛି ।

ରୂପାଲି ଆଗରେ ଏବେ ଗୋଟିଏ ବଡ଼ ପ୍ରଶ୍ନର ପ୍ରାଚୀର । ସେ ସତ କହିବ କି ମିଛ କହିବ; ତଥାପି ଭଗବାନଙ୍କର ମନ୍ଦିରରେ ନାଇଁ ସତ କହିବି । ପୁଅ, ସେ ତୋର ବାପା । ହେଲେ ତୁମେ ତ କହୁଥିଲ ମୋ' ବାପା ମରିଯାଇଛନ୍ତି । ହଁ, ଛୋଟବେଳେ ତୋତେ ବୁଝାଇବାକୁ କିଛି ବାଟ ନ ଥିଲା ଆଉ ଏ ସାମାଜିକ ପରିହାସରୁ ବଞ୍ଚିବା ପାଇଁ ବିଧବା ସାଜିଥିଲି ।

ବିଜୟ ଧୀର କଣ୍ଠରେ କହିଲା– ହଁ, ପୁଅ ସେଥିରେ ତୋ ମା'ର କିଛି ଭୁଲ୍ ନାହିଁ । ସବୁ ଦୋଷ ମୋର । ବିଜୟ ସବୁ ସତ କଥା ଖୋଲି ପୁଅ ଆଗରେ କହିଥିଲା ।

ରୂପାଲି ପ୍ରଶ୍ନ କଲା ହେଲେ ତୁମେ ତ ଏତେ ଧନୀ ଥିଲ, ସମାଜରେ ତୁମ ବାପା ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଥିଲେ; କିନ୍ତୁ ତୁମର ଏ ଅବସ୍ଥା ହେଲା କିପରି ?

ତୁମକୁ ଧୋକା ଦେଇସାରିବା ପରେ ମୁଁ ଏମିତି ଅନେକ ଜଣଙ୍କୁ ଧୋକା ଦେଇଛି । ମଦ, ମାଂସ ଖାଇ ବଡ଼ ବଡ଼ ହୋଟେଲରେ ରାତି ବିତାଇଛି । ହଠାତ୍ ଦିନେ ଆମ ଲୁଗା ଗୋଦାମରେ ନିଆଁ ଲାଗିଗଲା । ସବୁକିଛି ଜଳିପୋଡ଼ି ଧ୍ୱଂସ ହୋଇଗଲା । ପୂର୍ବରୁ ବାପା ଲୁଗାଗୋଦାମକୁ ବଢ଼ାଇବା ପାଇଁ ଘର ବନ୍ଧା ପକାଇଥିଲେ । ଋଣ ଭାର ବଢ଼ି ବଢ଼ି ଚାଲିଲା । ସରକାର ଘର ମଧ୍ୟ ନିଲାମ ଡକାଇ ନେଇଗଲେ । ଆମେ ସମସ୍ତେ ରାସ୍ତାକୁ ଚାଲିଆସିଲୁ । ହୃଦ୍‌ଘାତରେ ବାପା ଚାଲିଗଲେ । ମା' ମଧ୍ୟ କିଛିଦିନ ପରେ ଚାଲିଗଲା । ଭଡ଼ାଘରର ଭଡ଼ା ପଇସା ବି ଦେଇପାରିଲି ନାହିଁ । ଧୀରେ ଧୀରେ ବାରଦ୍ୱାର ଶୁଣ୍ଢିପିଣ୍ଡାରେ ରାତ୍ରିଯାପନ କରୁଛି । ସତରେ ନାରୀ ମନର କୋହ, ନାରୀ ଆଖିର ଲୁହରେ ପୁରୁଷ ଧ୍ୱଂସ ହୋଇଯାଏ । ତୁମ ପ୍ରତି କରିଥିବା ଅନ୍ୟାୟ ପାଇଁ ମୁଁ ଆଜି ଅଭିଶପ୍ତ ଜୀବନ ବିତାଉଛି । ମୋତେ କ୍ଷମାକର ରୂପାଲି । ମୁଁ ହୁଏତ ଟିକେ ଶାନ୍ତିରେ ମରିପାରିବି ।

ରୂପାଲି କିଛି କହିପାରୁ ନ ଥିଲା । ମନ୍ଦିରର ପାହାଚ ଉପରେ ସ୍ଥିର ହୋଇ ବସିପଡ଼ିଲା । ସେ ଭାରତୀୟ ନାରୀ । ଦୟା, କ୍ଷମା, ତ୍ୟାଗ, ଧୈର୍ଯ୍ୟର ଅସୀମ ଭଣ୍ଡାର ତା' ହୃଦୟରେ ଆତଯାତ; କିନ୍ତୁ ତା'ର ପୁଅ ତିରିଶ ବର୍ଷର ହୋଇସାରିଛି । ତା'ର ସମ୍ମତିରେ ପୁଅର ସମ୍ମତି ରହିବା ନିତ୍ୟାନ୍ତ ଜରୁରୀ । ସେଥିପାଇଁ ରୂପାଲି କିଛି ନ କହି ଚୁପ୍ ହୋଇ ବସିରହିଲା ।

କିଛି ସମୟ ପରେ ପୁତ୍ର ଶ୍ରବଣ କହିଥିଲା, ମା' ବାପା ତ ତାଙ୍କ ଭୁଲ୍ ସ୍ୱୀକାର କରିସାରିଲେଣି । ଏଥର ଆମେ ତାଙ୍କୁ ଘରକୁ ନେଇଯିବା । କାରଣ ତୁମେ ହେଉଛ ଭାରତୀୟ ନାରୀ । ମୁଁ ତୁମ ଭିତରେ ସବୁବେଳେ ଲକ୍ଷ୍ମୀ, ଦୁର୍ଗାଙ୍କର ରୂପ ଦେଖିଆସିଛି । ଆମେ ତାଙ୍କୁ ଏମିତି ରାସ୍ତା ଉପରେ ଛାଡ଼ିଦେଇ ଚାଲିଯିବାଟା କ'ଣ ଠିକ୍ ହେବ ? ତୁମେ ଉତ୍ତର ଦିଅ ମା' । ହଁ, ପୁଅ ମୁଁ ମଧ୍ୟ ସେଇଆ ଚାହୁଁଥିଲି । ତୁ ମୋ ହୃଦୟର ଭାଷାକୁ ବୁଝିପାରିଛୁ । ରୂପାଲି ଏବଂ ଘର ପୁଅ ଶ୍ରବଣ ବିଜୟକୁ ନେଇ ତା'ର ଆଡ଼କୁ ଅଗ୍ରସର ହେଲେ ।

*ସଙ୍ଗମ ମେଡିକାଲ ହଲ, ରାଣୀହାଟ ମେଡିକାଲ୍ ରୋଡ୍, ରାଣୀହାଟ, କଟକ*

# ଅନୁତପ୍ତର ଅଭିଶାପ

■ ଶ୍ରୀନିବାସ ସାହୁ

ସ୍କୁଟରଟିକୁ ଲକ୍ କରିଦେଇ ପାର୍କ ଭିତରକୁ ପ୍ରବେଶ କଲେ ଗୌତମ । ପାର୍କର ଗୋଟିଏ ନିରୋଳା ସ୍ଥାନର ସିମେଣ୍ଟ ବେଞ୍ଚ୍ ଉପରେ ବସିପଡ଼ିଲେ । ଏହି ପାର୍କକୁ ଆସିବା ତାଙ୍କର ନିତିଦିନିଆ ଅଭ୍ୟାସ । ଆଉ ସବୁଠାରୁ ଭଲ ଲାଗେ ପାର୍କର ଏହି ନିରୋଳା ସ୍ଥାନଟି । ସନ୍ଧ୍ୟା ୫ଟାରୁ ୬ଟା ନିୟମିତ ଅଭ୍ୟାସ; କିନ୍ତୁ ମଝିରେ କିଛି କାର୍ଯ୍ୟବ୍ୟସ୍ତତା ନେଇ ଅନେକଦିନ ପର୍ଯ୍ୟନ୍ତ ଏହି ଅଭ୍ୟାସଟି ବନ୍ଦ ହୋଇଯାଇଥିଲା । ପାର୍କର ସେହି ନିରୋଳା ପରିବେଶରେ ନିଜର ଜୀବନର ସମସ୍ୟାଗୁଡ଼ିକର ସମୀକ୍ଷା କରନ୍ତି ସେ । ଆଜି କିନ୍ତୁ କିଛି ଅଧିକ ଭାବରେ ମନଟା ଚାଲିଯାଉଛି ଆୟତର ବାହାରକୁ । ଆଜିର ଏହି ମାର୍ଚ୍ଚ ୧୭ ତାରିଖ, ତାଙ୍କ ଜୀବନର ଏକ ସ୍ମରଣୀୟ ଦିନ । ଗୌତମ ପଟ୍ଟନାୟକ ବାପା, ମା'ଙ୍କର ଏକମାତ୍ର ଅଲିଅଳ ପୁତ୍ର । ଆଉ ଏକମାତ୍ର ଭଉଣୀ ଶାନ୍ତି । ବାପା ଏହି ସହରର ଜଣେ ନାମକରା ଓକିଲ । ପିଲାଦିନରୁ ବାପା, ମା'ଙ୍କର ସ୍ନେହ ଆଦର ବହୁ ଅଧିକ । ଗୌତମ ମଧ୍ୟ ନିଜକୁ ବାଲ୍ୟାବସ୍ଥାରୁ ଯୌବନାବସ୍ଥା ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଭାବରେ ତିଆରି କରିପାରିଥିଲେ । ଯୁବାବସ୍ଥାର ବିପଥଗାମୀ କୌଣସି କୁପ୍ରବୃତ୍ତି ସାମାନ୍ୟତମ ଭାବେ ତାଙ୍କୁ ସ୍ପର୍ଶ କରିପାରି ନଥିଲା । ସେଥିପାଇଁ ମା'ଙ୍କର ସ୍ନେହ ସହାନୁଭୂତି ଆଉ ଉପଦେଶର ପ୍ରଭାବ ଅନେକ କିଛି ଥିଲା । ଉଚ୍ଚଶିକ୍ଷିତ ହୋଇ ଏକ ଉଚ୍ଚପଦବୀର ଅଫିସର ହୋଇପାରିଥିଲେ ମଧ୍ୟ ମା'ଙ୍କ ପ୍ରତି ସ୍ନେହ ଆଦର ସମ୍ମାନ ଥିଲା ବହୁ ଅଧିକ । ଏହି ପରିଣତ ବୟସରେ ମଧ୍ୟ ଶିଶୁସୁଲଭ ଆଗ୍ରହ । ଭୋଜନର ପ୍ରଥମ ପ୍ରକ୍ରିୟାଟି ମା'ଙ୍କ ହାତରୁ ଆରମ୍ଭ ତାଙ୍କର ଥିଲା ନିତ୍ୟନୈମିତ୍ୟ ଅଭ୍ୟାସ । ତା'ପରେ କାନିରେ ମୁହଁ ପୋଛା । ପାର୍କର ସେହି ନିରୋଳା ପରିବେଶରେ ନିଜର ଜୀବନାନୁଭୂତିର ସମୀକ୍ଷା କରି ଚାଲିଥିଲେ ଗୌତମ । ସେହି ଭାବନାର ବ୍ୟତିକ୍ରମ ଘଟାଇ ବହିଆସୁଥିଲା କେଇଧାର ଲୁହ । ଯାହାକୁ ଅଲକ୍ଷ୍ୟରେ ରୁମାଲ ଧରି ପୋଛି ପକାଉଥିଲେ; ତଥାପି ବହୁ ଚେଷ୍ଟା କରି ମନର ଉଦ୍‌ବେଗତାକୁ ଚାପି ରଖିପାରୁ ନ ଥିଲେ । ତାଙ୍କର ମନଟି ଆପେ ଆପେ ଚାଲିଯାଉଥିଲା ବର୍ଷକ ତଳର ସେହି ମାର୍ଚ୍ଚ ୧୭ ତାରିଖର ସ୍ମୃତି ମଧ୍ୟକୁ । ବାପାମାଆଙ୍କର ସ୍ନେହ ଶ୍ରଦ୍ଧାର ଛାୟାତଳେ ଜୀବନର ଅନେକ ବର୍ଷ କଟିଗଲା ଭାଇଭଉଣୀଙ୍କର । ଶାନ୍ତିର ବି.ଏ. ପାଶ୍ ପରେ ଭଲ ଘର ଆଉ ଯୋଗ୍ୟ ବରଟିଏ ବ୍ୟବସ୍ଥା କରି ବିବାହ କରି ଦିଆଗଲା । ସବୁ ସୁଖସ୍ୱାଚ୍ଛନ୍ଦ୍ୟ ଥାଇ ମଧ୍ୟ ବିବାହର ପାଞ୍ଚବର୍ଷ ପରେ ଶାନ୍ତିର ଜୀବନରେ ହୋଇଥିଲା ଅଶାନ୍ତିର ଅୟମାରମ୍ଭ । ସନ୍ତାନସନ୍ତତି ନ ହେବାରୁ ତା'ର ସ୍ୱାମୀ ପୁନଃବିବାହ କରିଥିଲେ । ଅବଶ୍ୟ ସେଥିରେ ଶାନ୍ତିର ସମ୍ମତି ନ ଥିଲା କି ଅସମ୍ମତି ନ ଥିଲା । ଶାନ୍ତିର ଦୁର୍ଭାଗ୍ୟକୁ ସ୍ଥାୟୀ ସ୍ୱୀକୃତି ଦେବାପାଇଁ ନୂତନ ବଧୂଟି ବିଭାଘରର ବର୍ଷକ ପରେ ଗୋଟିଏ ପୁତ୍ର ସନ୍ତାନର ଜନନୀ ହୋଇପାରିଥିଲା । ସ୍ୱାମୀ ଆଉ ପରିବାରର ସମସ୍ତଙ୍କ ଦ୍ୱାରା ଲାଞ୍ଛିତା ଅପମାନିତା ହୋଇ ଶାନ୍ତି ଚାଲିଆସିଥିଲା ନିଜ ଘରକୁ । ସମସ୍ତ ଦୁଃଖ ଆଉ ଲୁହକୁ ସ୍ୱୀକାର କରି ସେ ଆଶ୍ରୟ ନେଇଥିଲା ମା'ଙ୍କର ପଣତକାନି ଆଉ ଭାଇଟିର ସ୍ନେହ ଶ୍ରଦ୍ଧା ପାଖରେ । ସେତେବେଳକୁ ବାପା ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ସ୍ୱର୍ଗାରୋହଣ କରିସାରିଥିଲେ । ଗୌତମ ଭଲ ଉଚ୍ଚପଦସ୍ଥ ଚାକିରିଟିଏ ପାଇସାରିଥିଲେ । ଜଣେ ମେଧାବୀ ଆଉ ନିଷ୍ଠାବାନ୍ ଛାତ୍ରକୁ ନିଜର ପ୍ରତିଷ୍ଠା ପାଇଁ ଚିନ୍ତିତ ହେବାକୁ ପଡ଼େ ନାହିଁ ।

ବାପାଙ୍କର ଓକିଲାତି ଆୟରୁ ମଧ୍ୟ ଏହି ସହରଟିରେ ପରିବାରର ଆବଶ୍ୟକତାଠାରୁ ଅଧିକ ସମ୍ପତ୍ତି ଆଉ ଘର । ମା'ଙ୍କର ଆଦେଶ ଆଉ ପରିବାରର ଆବଶ୍ୟକତାକୁ ଅନୁଭବ କରି ବିବାହର ସମ୍ମତି ପ୍ରଦାନ କରିଥିଲେ ଗୌତମ । ବହୁ ଖୋଜାଲୋଡ଼ା ପର୍ବ ପରେ ସୁନ୍ଦରୀ ପାତ୍ରୀଟିଏ ମିଳିଥିଲା । ବି.ଏ., ବି.ଇଡି. ପାଶ୍ କରି ଚାକିରି କରିଥିଲା 'ମାନସୀ' । ବାହାଘରବେଳେ ଝିଅର ବାପା ଆଉ ମା' ପ୍ରସ୍ତାବଟିରେ ସମ୍ମତି ଜଣାଇ କହିଥିଲେ– ''ଆପଣ ଆପଣଙ୍କର ବୋହୂର ଚାକିରି ଛଡ଼ାଇପାରନ୍ତି ବା ରଖିପାରନ୍ତି ।'' ପ୍ରସ୍ତାବଟି ଶୁଣି ମା' କହିଥିଲେ– ''ମୁଁ ଅପାରଗ ହୋଇଗଲେ ସେ କଥା ବିଚାର କରିବା ।'' ଯଥାବିଧିରେ ବିବାହ ହୋଇଗଲା । ଆସିଲା ବୈବାହିକ ଜୀବନର ଅପେକ୍ଷିତ ବାସର ରାତ୍ରି । ସେହି ସୁଖମୟ ରାତ୍ରି ଜୀବନର ସୁଖଦୁଃଖର ସାଥିଟି ସହିତ ମନଖୋଲି ପରିଚୟ ସୁଯୋଗ ପାଇଥିଲେ ଗୌତମ । ଆଶା କରୁଥିଲେ ନାରୀସୁଲଭ ସ୍ନେହ ଆଦର ଆଉ ପ୍ରେମ; କିନ୍ତୁ ନୂତନ ବଧୂଟି ସେହି ବାସର ରାତ୍ରିରେ ପ୍ରଶ୍ନ କରି ବସିଥିଲା ଆୟବ୍ୟୟର । ନିଜର ଦରମା ଆଉ ଗୌତମଙ୍କର ଦରମାକୁ ଆଗ୍ରହ ସହ ମିଶାଇ ସ୍ୱୀକୃତି ଚାହିଁ ନିୟମ କରାଇନେଇଥିଲା । ନିଜର ଚାକିରିର ସ୍ଥିତାବସ୍ଥା ଆଉ କହିଥିଲା– ''ମୋ ଦରମା ତୁମେ ମାଗିବ ନାହିଁ ।'' ସରଳ, ନିଷ୍କପଟ ଆଉ ସ୍ୱାଭିମାନୀ ଗୌତମ କ୍ଷଣକ ପାଇଁ ହତଭମ୍ବ ହୋଇଯାଇଥିଲେ । ତଥାପି ନିଜର ମନୋଭାବକୁ ପ୍ରକାଶ କରିବାକୁ ନ ଦେଇ ଜୀବନସାଥିଟିକୁ କୋଳକୁ ଟାଣି ନେଇଥିଲେ । ଖୁବ୍ କମ୍ ଦିନ ସେ ସୁଖ । ତା'ପର ଆରମ୍ଭ ହୁଏ ପତ୍ନୀ 'ମାନସୀ' ଙ୍କର ହିସାବକିତାବର ଦୁନିଆ । ମାସ ଶେଷରେ ଦରମା ପାଇଲେ ସବୁଟିକୁ ମା'ଙ୍କ ହାତକୁ ବଢ଼ାଇଦେବାକୁ ଜୀବନର ଶ୍ରେଷ୍ଠ ଆନନ୍ଦ ଆଉ କର୍ତ୍ତବ୍ୟ ବୋଲି ଗ୍ରହଣ କରିଆସନ୍ତି ଗୌତମ । ସେଥିରେ ହସ୍ତକ୍ଷେପ ହେଲା ପତ୍ନୀ ମାନସୀଙ୍କର । ନିଜର ଅନିଚ୍ଛାଠାରୁ ମା'ଙ୍କ ଇଚ୍ଛା ଆଉ ଆଦେଶକୁ ଗ୍ରହଣ କରି 'ମାନସୀ'ଙ୍କର ମାନସିକ ସନ୍ତୋଷ ବିଧାନ ପାଇଁ ମାସ ଶେଷର ଦରମା ତାଙ୍କ ହାତରେ ରଖିଦେଲେ; ତଥାପି ପରିବାରରେ ସୁଚିନ୍ତିତ ଝଡ଼ର ଅବସାନ ହୋଇପାରିଲା ନାହିଁ । ଆଉ ସେ ଝଡ଼ର ଶିକାର ହୋଇଯାଇଥିଲା ଗୌତମଙ୍କର ଅଲିଅଳୀ ଭଉଣୀ ଶାନ୍ତି । ଶାନ୍ତିର ଜୀବନର

ସମସ୍ତ ଦୁଃଖକୁ ପ୍ରାଞ୍ଜଳ ଭାବରେ ମାନସୀଙ୍କୁ ବୁଝାଇ ଦେଇଥିଲେ ମଧ୍ୟ କିପରି ଏକ ବୋଝ ଭଳି ଗ୍ରହଣ କରୁଥିଲେ ସେ । ଘରର ଏକ କର୍ମଜୀବୀ ମହିଳା ବୋଲି ଧରିନେଇଥିଲେ ଶାନ୍ତିକୁ । ଏକମାତ୍ର ଦୁଃଖୀ ନଣନ୍ଦଟିକୁ ନିଜସ୍ୱ ଭିନ୍ନ ଢଙ୍ଗରେ ଦେଖିଆସୁଥିଲେ । ମା'ଙ୍କର ଗୌତମଙ୍କ ପ୍ରତି ନିଷ୍କପଟ ସ୍ନେହ ଆଉ ଗୌତମଙ୍କର ଅଚଳା ମାତୃଭକ୍ତିରେ କିପରି ଅତିଷ୍ଠ ହୋଇଉଠୁଥିଲେ 'ମାନସୀ' । ସ୍ୱାମୀଟିକୁ ନିଜର ବୋଲକରା ସଜାଇବାକୁ ବହୁ ଚେଷ୍ଟା କରି ମଧ୍ୟ ଫଳବତୀ ହୋଇପାରୁ ନଥିଲେ । ଗୌତମଙ୍କର ଅଚଳା ମାତୃଭକ୍ତି ଆଉ ଦୁଃଖିନୀ ଭଉଣୀ ଶାନ୍ତି ପ୍ରତି ଶ୍ରଦ୍ଧା ସ୍ନେହର ରଣକୌଶଳ ଆଗରେ ମାନସୀଙ୍କର ସମସ୍ତ ଅପଚେଷ୍ଟା ଆଉ ଅପକର୍ମ ହାର ମାନୁଥିଲା । ପରକୁ ପର ସୃଷ୍ଟି କରି ଚାଲିଥିଲେ ନୂତନ ନୂତନ ଅପକର୍ମ । ଶାଶୂଙ୍କ ସହିତ କଳି, ନଣନ୍ଦଙ୍କ ସହିତ ଦୁର୍ବ୍ୟବହାର ଆଉ ଗୌତମଙ୍କ ସହିତ ମତଭେଦ । ଅନେକ ସମୟରେ କଳିକରି ବାପଘରେ ରୁହନ୍ତି । ମା'ଙ୍କର ହସ୍ତକ୍ଷେପରେ ସେସବୁ ସମସ୍ୟାର ଅନେକାଂଶରେ ଅସ୍ଥାୟୀ ସମାଧାନ ହୋଇଥାଏ; କିନ୍ତୁ ଏହା ମାନସୀଙ୍କର ଅଭ୍ୟାସଗତ କାର୍ଯ୍ୟକ୍ରମ ।

ଅଜାଗା ଘା' ଦେଖିହୁଏ ନାହିଁ କି ଦେଖାଇ ହୁଏନାହିଁ । ଗୌତମ ନିଜର ଚାକିରି ଆଉ ପାରିବାରିକ ପ୍ରତିଷ୍ଠାକୁ ଗୁରୁତ୍ୱ ଦେଇ ଏସବୁ ଘଟଣାର ବାହ୍ୟପ୍ରକାଶ ପାଇଁ ଚେଷ୍ଟିତ ମଧ୍ୟ ହୋଇନାହାନ୍ତି । ଶାନ୍ତି ଆଉ ମା' ମଧ୍ୟ ଗୌତମଙ୍କର ଯଶ ପ୍ରତିଷ୍ଠାକୁ ଗ୍ରହଣ କରି ସେହି ପାରିବାରିକ ଭାବଧାରାରେ ନିଜକୁ ଖାପଖୁଆଇ ଚଳିଯାଆନ୍ତି । ବିବାହର ତିନିବର୍ଷ ବିତିଗଲାଣି । ଏହାମଧ୍ୟରେ ଗୋଟିଏ କନ୍ୟା ସନ୍ତାନର ଜନକ ହୋଇଛନ୍ତି ଗୌତମ । କନ୍ୟାଟିର ଜନ୍ମଦାତ୍ରୀ ମାନସୀ ହୋଇଥିଲେ ମଧ୍ୟ ପ୍ରକୃତରେ ପାଳନକର୍ତ୍ତ୍ରୀ ଶାନ୍ତି । ମାତୃସ୍ତନ୍ୟ ପାନ କଲେ ନିଜର ଯୌବନର ଅକାଳ ଅବକ୍ଷୟ ଘଟିବା ଭୟରେ ନାମକୁମାତ୍ର ଦୁଇ ତିନିମାସ ପରେ ବଜାରର ଡିବା ଖାଦ୍ୟ ଖାଇବାର ଅଭ୍ୟାସ ହୋଇଯାଇଥିଲା ଶିଶୁଟିର । ତେଣୁ ଶିଶୁକନ୍ୟାଟିର ଯାବତୀୟ ଦାୟିତ୍ୱ ତୁଲାଇବାରେ ଶାନ୍ତିକୁ ଅସୁବିଧା ହୁଏନାହିଁ; ତଥାପି ମାନସୀଙ୍କର ସ୍ୱଭାବ ସୁଲଭ ବ୍ୟବହାର ସାମାନ୍ୟତମ ପରିବର୍ତ୍ତନ ହେବା ପରିବର୍ତ୍ତେ ଅଧିକରୁ ଅଧିକତର ରୁକ୍ଷ ହୋଇଯାଉଥାଏ । ମା'ଙ୍କର ନୀରବ ଅଶ୍ରୁ ଆଉ ଶାନ୍ତିର ଶୁଖିଲା ମୁହଁକୁ ଅନୁଭବ କରି ଗୌତମ ମଧ୍ୟ ସମୟ ସମୟରେ ଅଧୈର୍ଯ୍ୟ ହୋଇପଡ଼ନ୍ତି । କିଛି ଗୋଟାଏ ଅଘଟଣ ବା ଫଇସଲା କରିବା ପାଇଁ ବେଳେ ବେଳେ ଭାବିଲେ ମଧ୍ୟ ମା'ଙ୍କର ମମତାପୂର୍ଣ୍ଣ ଉପଦେଶ ଜୀବନର ସବୁ ପରିସ୍ଥିତିରେ ଧୈର୍ଯ୍ୟ ଧରିବା ପାଇଁ ଶକ୍ତି ପ୍ରଦାନ କରେ । ସେଦିନ ମାର୍ଚ୍ଚ ୧୭ ତାରିଖ କ'ଣ ଗୋଟାଏ ସାମାନ୍ୟ ଘଟଣାରେ ମାନସୀ ଘରେ ପ୍ରଳୟଙ୍କରୀ ଅବସ୍ଥା ସୃଷ୍ଟିକରି ବଢ଼ାଯାଇଥିବା ଭାତ ଥାଳିକୁ ଫୋପାଡ଼ି ଦେଇ ସ୍କୁଲକୁ ବାହାରିଗଲେ । ସବୁ ସହିପାରୁଥିବା ଗୌତମ କିପରି ଅଧୈର୍ଯ୍ୟ ହୋଇପଡ଼ିଲେ । ହଠାତ୍ ତାଙ୍କ ପାଟିରୁ ବାହାରିପଡ଼ିଲା 'ମାନସୀ' ! ତୁମକୁ ଆଉ ଧର୍ମ ସହିବ ନାହିଁ । ଚାଲିଗଲେ ମାନସୀ । ତା'ପରେ ନିଜର କାମସାରି ମା'ଙ୍କ ହାତରୁ ଟିଫିନ୍ ବକ୍ସଟି ଧରି ସ୍କୁଟରଟିରେ ଚାଲିଲେ ନିଜର କର୍ମସ୍ଥାନ ଅଭିମୁଖେ ଗୌତମ । ଦିନ ପ୍ରାୟ ଏଗାରଟା । ଗୌତମଙ୍କ ଟେବୁଲର ଟେଲିଫୋନ୍‌ଟି ବାଜିଉଠିଲା । ରିସିଭରଟିକୁ ଉଠାଇ ଧରିଲେ । ଆରପଟୁ ସଦର ହସ୍‌ପିଟାଲରୁ ଡାକ୍ତରଙ୍କର ସ୍ୱର, ''ଆପଣଙ୍କ ସ୍ତ୍ରୀଙ୍କର ଆକ୍ସିଡେଣ୍ଟ୍ ହୋଇଯାଇଛି । ଅବସ୍ଥା ସଂକଟାପନ୍ନ । ଶୀଘ୍ର ଆସନ୍ତୁ ।'' ହତଭମ୍ଭ ହୋଇଗଲେ ସେ । ଘରକୁ ଫୋନ୍ କରି ଜଣାଇଦେଇ ସ୍କୁଟର ଧରି ଚାଲିଲେ ହସ୍‌ପିଟାଲ ଅଭିମୁଖେ । ସଦର ହସ୍‌ପିଟାଲ ବାରଣ୍ଡା ଲୋକାରଣ୍ୟ । ସଦ୍ୟ ଘଟିଯାଇଥିବା ଦୁର୍ଘଟଣାଟି ପାଇଁ ବହୁତ ଲୋକ ରୁଣ୍ଡ ହୋଇଯାଇଥିଲେ । ଲୋକମାନଙ୍କୁ ଅତିକ୍ରମ କରି ଆଗେଇଗଲେ ଆଶୁ ଚିକିତ୍ସା ଗୃହ ମଧ୍ୟକୁ । ବାରଣ୍ଡାରେ ଜଣେ ବ୍ୟକ୍ତିଟିର ରକ୍ତ ଜୁଡୁବୁଡୁ ଶରୀର । ବିଚରା ରିକ୍‌ସାବାଲା । ଘର ମଧ୍ୟରେ ଖଟିଆ ଉପରେ ମାନସୀଙ୍କର ରକ୍ତଭିଜା ଶରୀର । ମୁଣ୍ଡରେ ଶକ୍ତ ଆଘାତ । ଦେହର ବହୁ ଅଂଶ ଗୁରୁତର କ୍ଷତବିକ୍ଷତ । ଚେତାଶୂନ୍ୟ ଶରୀର । ଡାକ୍ତରବାବୁ କହିଲେ ଆସିବାର ପାଞ୍ଚ ସାତ ମିନିଟ୍ ପର୍ଯ୍ୟନ୍ତ କଥା କହିପାରୁଥିଲେ । ତା'ପରେ ଚେତାଶୂନ୍ୟ । ମୁଣ୍ଡରେ ଶକ୍ତ ଆଘାତ ଲାଗିଛି । ଆଶାକରାଯାଉଛି ସିଭିୟର, ଇଣ୍ଟରନାଲ୍, ହାମରେଜ୍ । ଟ୍ରକଟି ବହୁତ ବେଗରେ ରିକ୍‌ସାଟିକୁ ଧକ୍କା ଲଗାଇଛି । ରିକ୍‌ସା ଚାଳକଟି ଦୂରକୁ ଛିଟିକିଯାଇ କ୍ଷତବିକ୍ଷତ ହୋଇଛି; କିନ୍ତୁ ମ୍ୟାଡାମ୍ ରିକ୍‌ସା ସହ ଟ୍ରକ୍ ଭିତରେ ଚାପିହୋଇଯାଇଥିଲେ । ଏହା ମଧ୍ୟରେ ମା' ଆଉ ଶାନ୍ତି ହସ୍‌ପିଟାଲରେ ପହଞ୍ଚିଯାଇଥିଲେ । ମାନସୀଙ୍କର ରକ୍ତଭିଜା ନିସ୍ତେଜ ଶରୀରକୁ ଚାହିଁ ମା'ଙ୍କ ଆଖିରୁ ବୋହିଯାଉଥାଏ ଧାରଧାର ଲୁହ । ଶାନ୍ତି କାନ୍ଦି କାନ୍ଦି ଅଧୈର୍ଯ୍ୟ ହୋଇ ଭାଉଜଙ୍କର ଶରୀରକୁ ଜାବୁଡ଼ି ଧରିଥାଏ । ତା'ର ଲୁଗାପଟାରେ ସବୁ ରକ୍ତର ଦାଗ; ତଥାପି ମାନସୀଙ୍କର ଶରୀରକୁ କୁଣ୍ଢାଇ ଧରିଥାଏ । ଶୀଘ୍ର ଶୀଘ୍ର ଅପରେସନ୍ ଗୃହକୁ ନେବାର ଉପକ୍ରମ ଆରମ୍ଭ ହୋଇଯାଇଥାଏ । ଗୌତମ ଧୈର୍ଯ୍ୟହୀନ ହୋଇ କାନ ପାଖରେ ଡାକିଲେ ତାଙ୍କର 'ମାନସୀ'କୁ । କିପରି ଏକ ଯାଦୁକରୀ ମୁହୂର୍ତ୍ତ । ସାମାନ୍ୟ ଆଖି ଖୋଲି ଚାହିଁଲେ ମାନସୀ । ଥରେ ଗୌତମଙ୍କୁ ତା'ପରେ ମା'ଙ୍କୁ ଆଉ ଶାନ୍ତିକୁ ହଠାତ୍ ବହୁକଷ୍ଟରେ ହାତ ଦୁଇଟି ଉଠାଇ ଯୋଡ଼ହସ୍ତରେ ମା'ଙ୍କ ମୁହଁକୁ ନିର୍ଲିପ୍ତ ନୟନରେ ଚାହିଁରହିଥାଆନ୍ତି । କିଛି କହିବାକୁ ବୋଧେ ଇଚ୍ଛା; କିନ୍ତୁ ପାଟି ଖୋଲିବାର ଶକ୍ତିର ବାହାରେ । ଜୀବନର ଶେଷ ମୁହୂର୍ତ୍ତରେ ବୋଧେ ମା'ଙ୍କ ଠାରୁ କ୍ଷମା ମାଗି ନେବାର ପ୍ରୟାସ । ମା'ଙ୍କ ଆଖିରୁ ବୋହିଯାଉଛି ଧାର ଧାର ଲୁହ । ମାନସୀଙ୍କର ଆଖିରୁ ମଧ୍ୟ । ବହୁଦିନ ପରେ ଆଉ ଜୀବନର ଏକ ନିସ୍ତେଜ ମୁହୂର୍ତ୍ତରେ ସୃଷ୍ଟିର ଦୁଇଟି ସ୍ନେହବୋଧକ ଆତ୍ମା ବହୁଦିନରେ ଅଭାବମୟ ପ୍ରାଚୀରକୁ ଆଖି ଲୁହରେ ଭାଙ୍ଗିଦେବାର ପ୍ରଚେଷ୍ଟା । ତା'ପରେ ମାନସୀଙ୍କର ହାତ ଦୁଇଟି ଖଟିଆ ଉପରେ ପଡ଼ିଗଲା । ଆଖି ଦୁଇଟି ବନ୍ଦ, ମୁଣ୍ଡଟି ମଧ୍ୟ ଗୋଟିଏ କଡ଼କୁ ଢଳିପଡ଼ିଲା । ସବୁ ନିସ୍ପନ୍ଦ ଆଉ ନିଶ୍ଚଳ । ଗୌତମଙ୍କ ଡାକରାରେ ଡାକ୍ତରବାବୁ ମାନସୀଙ୍କ ନିସ୍ତେଜ ଶରୀରକୁ ପରୀକ୍ଷା କଲେ । ବହୁ ପରୀକ୍ଷାନିରୀକ୍ଷା କରି ଗୌତମଙ୍କ ଉଦ୍ଦେଶ୍ୟରେ ଡାକ୍ତରବାବୁ କହିଲେ, "She is no more" । ଗୌତମଙ୍କ ଆଖିରୁ ବୋହି ଆସିଲା ଧାର ଧାର ଲୁହ । ଅନୁତପ୍ତ ହୋଇ ଭାବୁଥିଲେ ମାତ୍ର କେଇଘଣ୍ଟା ପୂର୍ବରୁ ସେହି ରୋଷଭରା କଥା କେଇପଦ – 'ମାନସୀ ! ତୁମକୁ ଧର୍ମ ସହିବ ନାହିଁ ।'

*ଅସୁରେଶ୍ୱର, କଟକ*

◆❖◆

# ମହମବତୀ ଓ ବାସନ୍ତୀ ଅପା

■ ବ୍ରଜକିଶୋର ସିଂହ

ସାୟାହ୍ନ ଶୀତର କାକରଭିଜା ସନ୍ଧ୍ୟା । କେହି ଜଣେ ଜଣାଲୋକର ଅପ୍ରତ୍ୟାଶିତ ଡାକରେ ଗହୀରିଆ ନିଦଟା ଭାଙ୍ଗିଗଲା । ସେଇ ନିଦୁଆ ନିଦୁଆ ଆଖିରେ ଉଠିବସିବା ବେଳକୁ ଏକ ସୁମଧୁର ସୁଲଳିତ ନାରୀକଣ୍ଠରୁ ଶୁଭିଲା, ''ସୁ-ସନ୍ଧ୍ୟା କବିବର ! କ'ଣ ଆଜିକାର ପ୍ରୋଗ୍ରାମଟା ଭୁଲିଗଲେ କି ? ଆଖି ଖୋଲି ଅନାଇ ଦେଖିଲି ମୋର ଅତି ଆପଣାର ଶ୍ରଦ୍ଧେୟ 'ଝାମ୍ପ' । ପ୍ରଶ୍ନବାଚୀ ନୟନରେ ଅନାଇ ରହିଲି ତାକୁ ।'' ଆରେ ! ଏମିତି ଆଁ'ଟା କରି ଅନାଇଛ କ'ଣ ? କହିଉଠିଲା ଝାମ୍ପ । ଆଜିପରା ବାସନ୍ତୀ ଅପା ଘରକୁ  ଯିବା ପ୍ରୋଗ୍ରାମ୍ କରିଥିଲ । କ'ଣ ଭୁଲିଗଲ ?

ହଠାତ୍ ସମ୍ବିତ୍ ଫେରିପାଇ ଝାଡ଼ିଝୁଡ଼ି ହୋଇ ବସିପଡ଼ିଲି । ସତେତ ଆଜି ବାସନ୍ତୀ ଅପା ଘରକୁ ଯିବା କଥା । ଅନେକ ଥର ମୋ ଗେହ୍ଲା ଝାମ୍ପ ମୁହଁରୁ ତାଙ୍କ ବିଷୟରେ ଶୁଣିଛି ଆଉ ସେ ସବୁ ଶୁଣି ଶୁଣି ତାଙ୍କୁ ଥରେ ଦେଖିବାର ଦୁର୍ବାର ବାସନା ମନରେ ଜାଗିଉଠିଛି ଓ ମୁଁ ଝାମ୍ପକୁ ଆଜି ସନ୍ଧ୍ୟାରେ ତାଙ୍କ ଘରକୁ ଯିବାର ପ୍ରୋଗ୍ରାମ୍ କହିଥିଲି । ସାଙ୍ଗେ ସାଙ୍ଗେ ଉଠିପଡ଼ି ଫ୍ରେସ୍ ହେବାପାଇଁ ବାହାରିଗଲି ।

ଗାଧୁଆ ଘରେ ପୁଣି ମନେପଡ଼ିଗଲେ ବାସନ୍ତୀ ଅପା । ବାସନ୍ତୀ ଅପା – ହଁ, ସେଇ ବହୁଶ୍ରୁତ, ବହୁ ଆଲୋଚିତ ସର୍ବଜନପ୍ରିୟ ବାସନ୍ତୀ ଅପା । ସାହିର କିଶୋର-କିଶୋରୀମାନଙ୍କର ଅତି ଆପଣାର ବାସନ୍ତୀ ଅପା, ଆଉ ଜୀବନ ସଂଗ୍ରାମରେ ଆହତ ରକ୍ତାକ୍ତ ଯୁବକ-ଯୁବତୀମାନଙ୍କର ଏକମାତ୍ର ନିର୍ଭୟ ଆଶ୍ରୟସ୍ଥଳୀ । ଜୀବନର ସାୟାହ୍ନରେ ପହଞ୍ଚିଥିବା ସ୍ନେହରଙ୍କୁଣା ପ୍ରୌଢ଼ପ୍ରୌଢ଼ା ଓ ବୃଦ୍ଧବୃଦ୍ଧାମାନଙ୍କର ରଙ୍କୁଣି ଧନ ଆଶାବାଡ଼ି ଆମ ବାସନ୍ତୀ ଅପା ।

ମଧ୍ୟବୟସ୍କା ହାସ୍ୟମୟୀ, ହାସ୍ୟମୟୀ ଆମ ବାସନ୍ତୀ ଅପା । ଚାରିଫୁଟ ଏଗାର ଇଞ୍ଚ ଉଚ୍ଚର ଡଉଲଡାଉଲ ମାଇପିଟିଏ । ଗୋରା ତକ୍‌ତକ୍ ଚେହେରା, ଆଜାନୁଲମ୍ବିତ ଘନ କେଶରାଶି, ଟଣା ଟଣା ନୟନ ଯୁଗଳ, ଉନ୍ନତ ଆକର୍ଷଣୀୟ ବକ୍ଷୋଜ, ପ୍ରସାରିତ ନିତମ୍ବ, ସର୍ବୋପରି କୁନି କୁନି ଓଠ ଦୁଇଟିରେ ଅମ୍ଳାନ ଚୁନି ଚୁନି ହସ – ସ୍ରଷ୍ଟାଙ୍କର ଏକ ଅପୂର୍ବ ସୃଷ୍ଟି – ସୌନ୍ଦର୍ଯ୍ୟର ଗନ୍ତାଘର – ସତେ ଅବା ଅଭିଶପ୍ତା ଅପ୍‌ସରାଟିଏ ।

ଏଇ ଅନନ୍ୟା ବାସନ୍ତୀ ଅପା ଓରଫ୍ ବାସନ୍ତୀ ଭାଉଜ ସହ ମୋର ପରିଚିତି ଅତି ଆକସ୍ମିକ ଓ ଅପ୍ରତ୍ୟାଶିତ । ଧାରା ଶ୍ରାବଣର ଏକ ନିରୋଳା ମଧ୍ୟାହ୍ନ । ଶ୍ୱଶୁରଙ୍କ ଘରେ ମୋ ପାଇଁ ଉଦ୍ଦିଷ୍ଟ ଖଟଟି ଉପରେ ଶୋଇ ରହି ଗୋବିନ୍ଦ ଦାଶଙ୍କର ଅନନ୍ୟ ଉପନ୍ୟାସ 'ମିଶ୍ର ରାଗ' ବହିଟି ପଢ଼ିବାରେ ନିଜକୁ ନିମଗ୍ନ କରିଦେଇଥିଲି । ହଠାତ୍ 'ଘୁଙ୍ଗୁର' (ମୋ ଶାଳୀକୁ ମୁଁ ଝାମ୍ପ, ଘୁଙ୍ଗୁର ଆଦି ନାମରେ ଡାକେ) ଆସି ମୋ ଆଖି ଦୁଇଟିକୁ ବୁଜିଧରିଲା । ଚମକିଗଲି, ଆଖି ଉପରୁ ହାତ କାଢ଼ି ଦେଖିଲି ଘୁଙ୍ଗୁର । ଆଶ୍ଚର୍ଯ୍ୟ ହୋଇ ଅନାଇ ଦେଖିଲି ସେ ହାତରେ କ'ଣ ଗୋଟେ କାଗଜ ଧରିଛି । ପଚାରିଲି, ହଠାତ୍ ଆମଆଡ଼େ କେମିତି ପାଦ ପଡ଼ିଲା । ଆଉ ସେ ହାତରେ କ'ଣ ଧରିଛ ?

କ'ଣ ଧରିବି ! ସେ କହିଲା, ''କବିତାଟିଏ ଆଣିଛି କବିବରଙ୍କ ପାଇଁ । ପଢ଼ ଓ କିପରି ହୋଇଛି କହ !'' ପଚାରିଲି କ'ଣ ଆଜିକାଲି ଲେଖାଲେଖି କଲଣି କି ? ନା'ମ ଏଇଟା 'ବାସନ୍ତୀ ଅପା' ଙ୍କର ଲେଖା । ଆଣି ପଢୁଥିଲି । ଭଲ ଲାଗିଲା । ଭାବିଲି ତୁମକୁ ଟିକେ ପଢ଼ାଇଦେବି ଓ ମତାମତ ନେବି ।'' ଏ ବାସନ୍ତୀ ଅପାଟି ପୁଣି କିଏ ? ସେ ଜଣେ ଖୁବ୍ ଭଲ ସ୍ତ୍ରୀ ଲୋକ । ଝାମ୍ପ କହିଲା, ''ସେ ଆମ ପଡ଼ିଶାରେ ରହନ୍ତି । ହିସାବରେ ଆମର ଭାଉଜ ହେବେ । ହେଲେ ସାହିରେ ସମସ୍ତେ ବାସନ୍ତୀ ଅପା ଡାକନ୍ତି ।''

କବିତାଟି ମୁଗ୍ଧ କରିଥିଲା ମତେ । ସୁନ୍ଦର ଶବ୍ଦ ସଂଯୋଜନା ସେଥିରୁ ପାଉଥିଲି ଏକ ଆହତ ପକ୍ଷୀର ଯନ୍ତ୍ରଣାର ସ୍ୱର । ବହୁତ ବ୍ୟସ୍ତ ହୋଇପଡ଼ିଥିଲି ବାସନ୍ତୀ ଅପାଙ୍କୁ ଦେଖିବାକୁ । କବିତା ଭିତରେ ମୁଁ ପାଇଥିଲି ବାସନ୍ତୀ ଅପା ଓରଫ 'ବାସ ଭାଉଜ'ଙ୍କ ଆତ୍ମାକୁ । ତାଙ୍କର ପାର୍ଥିବ ଶରୀରକୁ କଳ୍ପନା କରି କରି ଖୋଜୁଥିଲି ସେହି ଅପରୂପା ଅନନ୍ୟା ଏକ ନାରୀ ଚରିତ୍ରକୁ । କିନ୍ତୁ ଖୋଜି ଖୋଜି ପାଇଥିଲି ତାଙ୍କର ଏକ ମାଂସହୀନ କଙ୍କାଳକୁ ।

X X X X X X X

ଝାମ୍ପ ସହ ବାହାରିଗଲି 'ବାସ ଭାଉଜ'ଙ୍କ ଘର ଆଡ଼େ । ମନ ଭିତରେ ଅନେକ ଉତ୍ସାହ, ଅସରନ୍ତି କଳ୍ପନା ବାସ ଭାଉଜଙ୍କୁ ନେଇ । ସନ୍ଧ୍ୟା ଗଡ଼ିଯାଇଥିଲା ଓ ରାତ୍ରି ତାର କାୟା ବିସ୍ତାର କରିବା ଚେଷ୍ଟାରେ ଥିଲା । ଦାଣ୍ଡ ଦୁଆରଟା ଅଧା ମେଲା ଥିଲା, 'ଭିତରଟା କଳା ଅନ୍ଧାର' । 'ଝାମ୍ପ' ଡାକିଲା 'ବାସ୍ତନ୍ତୀ ଅପା' – ଏ ବାସନ୍ତୀ ଅପା । ଭିତରୁ କୌଣସି ଉତ୍ତର ନ ପାଇ ଆମେ ଦୁହେଁ ଆଶା ଓ ଆଶଙ୍କାଭରା ମନ ନେଇ ଘର ଭିତରକୁ ପଶିଗଲୁ । ମନରେ ଅନେକ ଦ୍ୱନ୍ଦ୍ୱ, ଅନେକ ଭୟ ।

X X X X X X X

ଖଟଟି ଉପରେ ମୁହଁମାଡ଼ି ଶୋଇ 'ବାସ ଭାଉଜ' କାନ୍ଦୁଛି । ଫୁଲି ଫୁଲି କାନ୍ଦୁଛି – ଲୁହରେ ତକିଆଟା ଭିଜି ଭିଜି ଯାଉଛି । ଛୋଟ ମହମବତୀଟା ଜଳୁଛି । ଜଳି ଜଳି ସରି ସରି ଆସୁଛି । ମହମଗୁଡ଼ା ତରଳି ତରଳି ଚଟାଣ ଉପରେ ବିଛେଇ ହୋଇଯାଉଛି । ହଠାତ୍ କିଛି ବୁଝି ନ ପାରି ସ୍ତମ୍ଭୀଭୂତ ଅବସ୍ଥାରେ ଝାମ୍ପ ଓ ମୁଁ ଅବାକ୍ ହୋଇ ଅନାଇ ରହିଛୁ 'ବାସ ଭାଉଜ' କୁ । ଚିର ହାସ୍ୟମୟୀ ଲାସ୍ୟମୟୀ ବାସ ଭାଉଜକୁ ଅନ୍ୟ ଏକ ଅବସ୍ଥାରେ ଦେଖି ମହମଗୁଡ଼ା ତରଳି ତରଳି ଯାଉଛି । ମହମବତୀଟା ଲିଭି ଲିଭି ଆସୁଛି । 'ବାସନ୍ତୀ ଅପା' ଅନାଇ ରହିଛି ସେ ଲିଭି ଲିଭି ଆସୁଥିବା ବତୀଟା ଆଡ଼େ ନିର୍ନିମେଷ ନୟନରେ । ମହମଗୁଡ଼ା ଆଉ ତରଳି ନ ଯାଇ କଠିନ ହୋଇଯାଉଛି । ବତୀଟା ଆଉ ଜଳୁନି । ବାସ ଅପାର ଲୁହଗୁଡ଼ା ବି ଚିବୁକରେ ଶୁଖି ଶୁଖି ଯାଉଛି – ଆଉ ଲୁହ ବୋହୁନାହିଁ । ବତୀଟା ଧପ୍ କିନା ଲିଭିଗଲା । ଚାରିଆଡ଼ ଅନ୍ଧାର ।

X X X X X X X

ବାସ ଅପା ନିର୍ବାକ୍ ହୋଇ ଅନାଇ ରହିଛି ସେ ନିର୍ବାପିତ ବତୀଟି ଆଡ଼େ । 'ଝାମ୍ପ'ର ଡାକରେ ସମ୍ବିତ୍ ଫେରିପାଇ ଆସ୍ତେ ଆସ୍ତେ ଉଠିଲା – ହାତ ବଢ଼େଇ ଦିଆସିଲିଟା ଆଣି ମହମରେ ଲଗାଇଲା । ବତୀଟା ଆଉ ଜଳୁନି । ବାସ ଅପା ବାରମ୍ବାର ଚେଷ୍ଟା କରୁଛି – ବତୀ ଜଳୁନି । ମହମଗୁଡ଼ା ତରଳି ତରଳି ଚଟାଣ ଉପରେ ବୋହିଯାଉଛି । ଚାରିଆଡ଼ ଅନ୍ଧାର ଭରିଯାଉଛି । ବାସନ୍ତୀ ଅପାକୁ ଡର ମାଡୁଛି – 'ଭୋ କିନା କାନ୍ଦିଉଠିଲା ବାସ ଭାଉଜ ।'

X X X X X X X

ଆରେ, ବାସ ଭାଉଜ କ'ଣ ହେଲା ତୁମର କହିଉଠିଲି ମୁଁ । ଘର ଅନ୍ଧାର – ତୁମେ କାନ୍ଦୁଛ ? କଥା କ'ଣ ? ଏ ତ ନୂଆ କଥା କହୁ କହୁ ଘରେ ପଶିଗଲା 'ଝାମ୍ପ' । 'ଝାମ୍ପ' କୁ ସେଇ ଅନ୍ଧାର ଭିତରେ ଜୋର୍‌ରେ କୁଣ୍ଢେଇ ଧରି କାନ୍ଦି କାନ୍ଦି ବାସଅପା କହିଲେ, ''ଝୁନୁ – ବତୀଟା ଲିଭିଗଲା – ଆଉ ଜଳୁନି । ଝୁନୁ ତରଳ ମହମ ଉପରେ ହାତ ବୁଲାଇ ଆଣି ପେଁ କରି ହସିଦେଲା । କହିଲା– ''ଭାଉଜ, ତୁମ ମୁଣ୍ଡ କାମ କରୁନି । ଏଗୁଡ଼ା ପରା ଖାଲି, ମହମବତୀ ନାହିଁ । ଖାଲି ମହମଗୁଡ଼ା କ'ଣ ଜଳିବ ? ତା' ନାଁ ପରା ମହମବତୀ ।''

X X X X X X X

କାନ୍ଦୁ କାନ୍ଦୁ ହସି ପକାଇଲେ 'ବାସନ୍ତୀ ଅପା' । ବିସ୍ମୟଭରା ଆଖିରେ ଥରେ ଅନାଉଥିଲେ ଝାମ୍ପ ଆଡ଼କୁ ଆଉଥରେ ତରଳି ଯାଇଥିବା ବତୀହୀନ ମହମଗୁଡ଼ାକୁ । ବାରମ୍ବାର ତାଙ୍କ କାନରେ ବାଜିଯାଉଥିଲା ତାଙ୍କ ଗେହ୍ଲା ନଣନ୍ଦର ସେଇ କେଇପଦ କଥା– ''ଭାଉଜ ତୁମ ମୁଣ୍ଡ କାମ କରୁନି – ଏଥିରେ ପରା ବତୀ ନାହିଁ, ଖାଲି ମହମଗୁଡ଼ା କ'ଣ ଜଳିବ ?'' ପୁଣିଥରେ ଜୋର୍‌ରେ ହସିଉଠିଲେ 'ବାସନ୍ତୀ ଅପା' ଏକ ନିର୍ବୋଧତାର ହସ ।

*ପୁବଂଶ, ଅସୁରେଶ୍ୱର, କଟକ*

# ଅପେକ୍ଷା

■ ତରୁଲତା ପତି

ଅନେକଦିନର ବ୍ୟବଧାନ ପରେ ଦୁହେଁ ଭେଟିଥିଲେ ପରସ୍ପରକୁ । ଚାହିଁ ରହିଥିଲେ ଅପଲକ ନୟନରେ ଜଣେ ଜଣଙ୍କୁ । ନୀରବତା ମଧ୍ୟରେ ବିତିଯାଇଥିଲା କିଛିସମୟ ଶୂନ୍ୟ ଆକାଶର ସୁନେଲି ଜ୍ୟୋସ୍ନାରେ । ନୀରବତା ଯେପରି ଟାଣି ଆଣିଥିଲା ସ୍ମୃତିର ପଣତକୁ ଜୀବନ୍ତ କରିବା ପାଇଁ । ଚେତାଇ ଦେବାପାଇଁ ମୁଁ ତୁମର ସେଇ ପିଲାଦିନର ସାଥୀ ଯିଏ ତୁମକୁ ତା' ହୃଦୟଠୁ ହିଁ ଅଧିକ ଭଲପାଉଥିଲା ।

ମନୋଜ ଆଉ ତୃପ୍ତି ଦୁହେଁ ଏକା କ୍ଲାସ୍‌ରେ ପଢୁଥିଲେ । ଦୁହେଁ ମଧ୍ୟ ସମାନ ଭାବରେ କ୍ଲାସ୍‌ରେ ଆଗୁଆ ଥିଲେ । ସେତେବେଳେ ଦୁହିଁଙ୍କ ମଧ୍ୟରେ ଥିବା ସମ୍ପର୍କ ବନ୍ଧୁତ୍ୱର । ଧୀରେ ଧୀରେ ସମୟ ଚକ୍ରରେ ଦୀର୍ଘ ଏଗାର ବର୍ଷ କେମିତି ବିତିଯାଇଥିଲା ଜଣାପଡ଼ି ନ ଥିଲା । ସେମାନଙ୍କ ମଧ୍ୟରେ ସେମିତି ଭଲପାଇବା କିମ୍ବା କୌଣସି ନିବିଡ଼ ସଂପର୍କ ନ ଥିଲା । କିନ୍ତୁ ଜଣେ ଜଣଙ୍କ ଅନୁପସ୍ଥିତିକୁ ଅନୁଭବ କରିପାରୁଥିଲା । ଦିନେ ନ ଦେଖିଲେ ବ୍ୟସ୍ତ ହୋଇପଡୁଥିଲେ । ଭାବନାର ଅନ୍ତରାଳରେ ଭାବପ୍ରବଣତାରେ ମନୋଜ ବୋଧହୁଏ ଆଗକୁ ବଢ଼ିଯାଇଥିଲା । ତୃପ୍ତିର ପ୍ରତ୍ୟେକ କାର୍ଯ୍ୟକଳାପକୁ ସବୁବେଳେ ଲକ୍ଷ୍ୟ କରୁଥିଲା । ଏପରିକି ତା'ର ଯିବାଆସିବା ରାସ୍ତାରେ ଅଜାଣତରେ ଜଗି ବସିଥାଏ ତାକୁ ଦେଖିବା ପାଇଁ । ସମୟ ଚକ୍ରରେ ନୀରବତା ମଧ୍ୟରେ ବିତିଯାଇଥିଲା ସ୍କୁଲର ପାଠପଢ଼ା ଦିନଗୁଡ଼ିକ ।

ସ୍ୱଭାବରେ ମନୋଜ ବହୁତ ଚୁପ୍ ଚାପ୍ ଓ ଲାଜକୁଳା ପ୍ରକୃତିର ଥିଲା । ସ୍କୁଲର ପାଠପଢ଼ା ସରିବା ପରେ ତୃପ୍ତି ଚାଲିଯାଇଥିଲା ସହରକୁ ପଢ଼ିବା ପାଇଁ । ଏହା ମଧ୍ୟରେ ମନୋଜ ତୃପ୍ତିର ସବୁ ଖବର ରଖୁଥାଏ । ତା'ର ଯିବା ଆସିବା ପ୍ରତ୍ୟେକ କାର୍ଯ୍ୟକଳାପକୁ ସେ ନଜର କରୁଥାଏ । ତୃପ୍ତି କିନ୍ତୁ ସ୍କୁଲ ଛାଡ଼ିବା ପରେ ପଛକଥା ସଂପୂର୍ଣ୍ଣ ଭୁଲିଯାଇଥିଲା । ଧୀରେ ଧୀରେ ବୟସକ୍ରମେ ତୃପ୍ତି ପ୍ରତି ମନୋଜର ଆସିଥିଲା ଭଲପାଇବା; କିନ୍ତୁ ତା ଥିଲା ଏକତରଫା । ସେ କିନ୍ତୁ ତା'ର ଭଲପାଇବାକୁ କେବେ ବି ତୃପ୍ତି ପାଖରେ ପ୍ରକାଶ କରି ନ ଥିଲା । କୌଣସି ଦିନ ଦେଖାକରିବାକୁ ମଧ୍ୟ ଚେଷ୍ଟା କରି ନ ଥିଲା । କହିବାର ସାହସ ନ ଥିଲା ବୋଧହୁଏ ତା' ପାଖରେ । କାଳେ ତୃପ୍ତି ତାର ଭଲପାଇବାକୁ ପ୍ରତ୍ୟାଖ୍ୟାନ କରିଦେବ । ଡରୁଥିଲା ସେ ସମାଜର ପ୍ରତିବନ୍ଧନକୁ । ତା'ର ଭଲପାଇବାକୁ ଛାତି ଭିତରେ ଚାପି ରଖିଥିଲା ଶୈଶବର ନିର୍ବୋଧତା ଭାବି । ଏହି ଚୁପ୍‌ଚାପ୍ ନୀରବତା ଭିତରେ କେତେ ବର୍ଷ ବିତିଯାଇଥିଲା । ତା'ପରେ ଦୁହେଁ ଦୁହିଁଙ୍କ ଠାରୁ ହୋଇଯାଇଥିଲେ ସମ୍ପୂର୍ଣ୍ଣ ଅଲଗା । ଦୁହିଁଙ୍କ ସଂସାର ହୋଇଯାଇଥିଲା ଆକାଶ ପାତାଳର ପ୍ରଭେଦ; ତଥାପି ମନୋଜ ମନରେ ତୃପ୍ତି ପ୍ରତି ଥାଏ ଅହେତୁକ ଭଲପାଇବା । ସବୁବେଳେ ତା'ର ମନରେ ଥାଏ କାଳେ କେବେ କୋଉଠି ନା କୋଉଠି ତା' ସହିତ ଦେଖାହେବ ।

ଭଲପାଇବା ଓ ଅପ୍ରାପ୍ତି ଭିତରେ ମଣିଷ ବଞ୍ଚି ରହେ ସ୍ୱପ୍ନ ଓ ସମ୍ଭାବନାର ପ୍ରାପ୍ତିରେ । ସ୍ୱପ୍ନର ବାଲୁକା ଘରେ ଚାଲୁଚାଲୁ ପହଞ୍ଚିଯାଏ କେଉଁ ଏକ ଅବାସ୍ତବ ଦୁନିଆରେ । ସେଠାରେ ଥାଏ ଖାଲି କଳ୍ପନାର ଏକ ସୁନ୍ଦର ପ୍ରାସାଦ । ଭାବନାର ଶୂନ୍ୟ ଆକାଶରେ ସେ ପାଲଟିଯାଏ କବି । ପ୍ରତ୍ୟେକଟି କବିତା ତା'ର ଉତ୍ସର୍ଗୀକୃତ ହୁଏ ତା'ର ପ୍ରାଣର ପ୍ରିୟତମା ପାଇଁ । ସାଂସାରିକ ବ୍ୟସ୍ତତା ଭିତରେ ମଧ୍ୟ ସେ ଭୁଲି ନ ଥିଲା ତା'ର ପ୍ରାଣର ପ୍ରେୟସୀକୁ । ଧୀରେ ଧୀରେ ନିର୍ମଳ ଭଲପାଇବା ତା'ର ହୋଇଥିଲା ନିବିଡ଼ରୁ ନିବିଡ଼ତର ବିନା ସର୍ତ୍ତରେ । ଜାଣିଥିଲା ସେ ତୃପ୍ତି ତା' ପାଇଁ ସ୍ୱପ୍ନ । କେବେବି ତା'ର ସେ ହୋଇପାରିବ ନାହିଁ କାରଣ ସେ ଥିଲା ଆଉ କାହାର । ତା'ର ଜନ୍ମ ହୋଇଥିଲା ଆଉ କାହାପାଇଁ; କିନ୍ତୁ ସେ ତାଙ୍କୁ ସାଇତି ରଖିଥିଲା ତା'ର କବିତା ଭିତରେ ସବୁଦିନ ପାଇଁ । ତା' ପାଇଁ ସାଜିଥିଲା କବି ।

ତା'ର ମନ କହୁଥିଲା କେବେ ନା କେବେ ତା' ତୃପ୍ତି ତା' ପାଖକୁ ଆସିବ, ବସିବ, କଥା ହେବ; ହୁଏତ ସେତେବେଳେ ନ ଥିବ ବୟସର ଛାପ କି ମନର କୌଣସି ବାସନା । ବାର୍ଦ୍ଧକ୍ୟରେ ଉପନୀତ ହୋଇଯାଇଥିବ ସେ; ତଥାପି ବୟସର ଅପରାହ୍ଣରେ ଅପେକ୍ଷାରତ ମନୋଜର କବିତାର ପ୍ରତ୍ୟେକଟି ଶବ୍ଦ ତା'ର ପ୍ରିୟା ପାଇଁ ଉତ୍ସର୍ଗୀକୃତ । କବିତାରୁ ଜଣାଯାଏ ଏବେ ବି ଅପେକ୍ଷା କରିଛି ତାକୁ, ଜୀବନଠାରୁ ଅଧିକ ଭଲପାଉଛି ସେ ଏ ଜନ୍ମ ପାଇଁ ନୁହେଁ, ଆର ଜନ୍ମ ପାଇଁ ନୁହେଁ, ଶହେ ଜନ୍ମ ପାଇଁ । ଅପେକ୍ଷା କରିଛି ତା' ପାଇଁ ଯୁଗରୁ ଯୁଗାନ୍ତର ଯାଏ ତା'ର ମାନସୀକୁ ପାଇବା ପାଇଁ ।

*ରାଜେନ୍ଦ୍ର ନଗର, ମଧୁପାଟଣା, କଟକ*

◆❖◆

# ସେବାକାରୀ ବୃକ୍ଷ

■ ସଞ୍ଜୁଲତା ପାତ୍ର

କୁଳୁକୁଳୁ ଝରଣାଟିଏ ବହିଯାଉଛି । ଝରଣାଟି ନଦୀ ସହିତ ମିଶିଛି । ସେଠାରେ ଛୋଟିଆ ବସ୍ତିଟିଏ । ଦୁଇଟି ମାତ୍ର ଘର । ନଦୀ ପାର ହେଲେ ଗାଁ'ଟିଏ । ଗାଁ ପାଖକୁ ସହର । ସଭ୍ୟତାର କରାଳ ଗ୍ରାସରେ ଜଙ୍ଗଲଟି ପଦା ହୋଇଗଲାଣି; ତଥାପି ଯେତିକି ଗଛ ଅଛି ତାକୁ ସୁରକ୍ଷା ଦେଲେ ନୂତନ ଜଙ୍ଗଲଟି ସୃଷ୍ଟି ହୋଇପାରନ୍ତା । ନଦୀ ପାର ହୋଇ ପିଲାଟି ଗ୍ରାମରେ ଥିବା ବିଦ୍ୟାଳୟକୁ ନିତିଦିନ ପଢ଼ିବାକୁ ଯାଏ । ମା' କେତେଦିନୁ ବନ୍ୟାର ସ୍ରୋତରେ ଇହଲୀଳା ସମ୍ବରଣ କରିଛି । ବାପ ପୁଅ ଦୁଇଜଣ ଘର ବାହାରକୁ ଗଲେ । ପାଖରେ ଥିବା ଏକ ବୁଢ଼ୀ ତାଙ୍କ ଘରର ଯତ୍ନ ନିଏ ।

ପିଲାଟି ବିଦ୍ୟାଳୟରେ ପରିବେଶ ସୁରକ୍ଷା ବିଷୟରେ ଶୁଣେ । ପିଲାଟିର ପରିବେଶ ପ୍ରତି ଅହେତୁକ ଆକର୍ଷଣ । ପାଠ ବହିରୁ ମଧ୍ୟ ସେ ପରିବେଶ ବିଷୟରେ ଅଧିକ ଜାଣିଛି । ବାପା ତା'ର ପେଟ ପୋଷିବା ପାଇଁ ଗଛ କାଟି ଦେଉଥିବାରୁ ତା'ର ମନ ଭାରି ଦୁଃଖ । ବୁଢ଼ୀଠାରୁ ସେ ଔଷଧୀୟ ବୃକ୍ଷ ବିଷୟରେ କିଛି ଜାଣିଥିଲା । ସେ ଜଙ୍ଗଲରେ ଯେଉଁ ଔଷଧୀୟ ବୃକ୍ଷ ମିଳେ ତାହା ସଚରାଚରେ ଦୁର୍ଲଭ । ବୁଢ଼ୀଟି କାହାଣୀ ପ୍ରସଙ୍ଗରେ କହିଥିଲା ଯେ, ହନୁମାନ ଏଇଠାରୁ ବୃକ୍ଷ ନେଇ ଲକ୍ଷ୍ମଣଙ୍କର ଜୀବନ ରକ୍ଷା କରିଥିଲେ । ତା'ପରେ ପିଲାଟିର ଗଛର ଔଷଧୀୟ ଗୁଣଗୁଡ଼ିକ ଉପରେ ଜାଣିବା ପାଇଁ ପ୍ରବଳ ଇଚ୍ଛା ହେଲା । ଥରେ ତା'ର ଜଣେ ସାଙ୍ଗକୁ ସାପକାମୁଡ଼ିଥିବାବେଳେ ଏକ ଔଷଧ ଗଛର ପତ୍ର ବାଟି ତାକୁ ପିଆଇ ତା'ର ଜୀବନ ରକ୍ଷା କରିଥିଲା । ତେଣୁ ତାକୁ ସମସ୍ତେ ଭଲପାଆନ୍ତି । ଜଙ୍ଗଲରେ ଥିବା ବଡ଼ ବରଗଛ ମୂଳେ ସେ ସବୁବେଳେ ଖେଳେ । ଅନ୍ୟ ସବୁଗଛ ପଦା ହୋଇଆସୁଥିବାବେଳେ ଏହି ଗଛଟି ଅନେକ ଜୀବଜନ୍ତୁକୁ ଆଶ୍ରା ଦେଇଥାଏ ଓ ପଥିକକୁ ଛାୟା ଦେଇଥାଏ । ପାଖ ଝରଣାରୁ ପାଣି ପିଇ ଯେତେ ଖରା ହେଲେ ମଧ୍ୟ ଯେକୌଣସି ଲୋକ ଗଛ ମୂଳେ ଘଡ଼ିଏ ଶୋଇପଡ଼ନ୍ତି । ପିଲାଟି ଛୁଟିଦିନମାନଙ୍କରେ ଗଛ ସହ କଥା ହୁଏ । ବେଳେବେଳେ ଭାବେ ବରଗଛଟି ନ ରହିଲେ ସେ ଏକୁଟିଆ ହୋଇଯିବ । ବରଗଛଟିକୁ ମା' ବୋଲି ଭାବି ସବୁ ଦୁଃଖ ତା' ଆଗରେ ପ୍ରକାଶ କରିଥାଏ । ତା'ର ଭୟ ଥାଏ ଯେ ସବୁ ଗଛ କାଟିସାରିବା ପରେ ଏ ବରଗଛ ପ୍ରତି କିଏ ନଜର ପକାଇବ । ବରଗଛ ଯଦି କଟା ହୋଇଯାଏ ତେବେ ସେ ଅଞ୍ଚଳ ମରୁଭୂମି ହୋଇଯିବ ।

ଥରେ ମାଡ଼ିଆସିଲା ବାତ୍ୟା ଖବର । ସବୁ ଲୋକମାନେ ଯେ ଯୁଆଡ଼େ ଆଶ୍ରା ନେଲେ । ବାପ, ପୁଅ ଓ ବୁଢ଼ୀ ନଈ ପାର ହୋଇ ଯାଇପାରିଲେ ନାହିଁ । ବେଳକୁବେଳ ପବନର ବେଗ ବଢ଼ିଲା । ସେମାନଙ୍କର ଚାଳଘର ଉଡ଼ିଗଲା । ସେମାନେ ନିରୁପାୟ ହୋଇ ବରଗଛ ତଳେ ଆଶ୍ରୟ ନେଲେ । ବରଗଛର ଓହଳ ବରଗଛକୁ ମଜବୁତ କରିଥାଏ । ଏହି ଓହଳ ତଳେ ରହିଥିବାରୁ ସେମାନେ ବାତ୍ୟାଦାଉରୁ ରକ୍ଷା ପାଇଲେ । ବୁଢ଼ୀ କହିଲା– ବରଗଛ ଶିବଙ୍କ ଅବତାର । ତେଣୁ ଶିବ ଆମକୁ ରକ୍ଷା କଲେ । ପ୍ରତ୍ୟେକ ଗଛରେ ଦେବତା ଥାଆନ୍ତି । ନିମ ଗଛର ଦାରୁ ଦିଅଁ ହୁଅନ୍ତି । ନିମଗଛଟିଏ ରହିଲେ ନା ଜାଣେ କେତେବେଳେ ସେ ଦାରୁ ରୂପେ ଗଢ଼ା ହେବେ । ପିଲାଟିର ବାପା ନିଜ ପୁଅର ଗଛ ପ୍ରତି ଥିବା ଆନ୍ତରିକତା ଏବଂ ବୁଢ଼ୀର ସଚେତନତାକୁ ବୁଝିପାରିଲା ଏବଂ ସେ ନିଜର ପେଟ ପୋଷିବା ପାଇଁ ଚାଷକରି ଚଳିଲା; କିନ୍ତୁ ଗଛ ଆଉ କାଟିଲା ନାହିଁ, ବରଂ ନୂତନ ବୃକ୍ଷରୋପଣ ପାଇଁ ଚେଷ୍ଟା ଜାରି ରଖିଲା । ପିଲାଟିର ବୃକ୍ଷ ପ୍ରତି ଥିବା ମମତାକୁ ବୁଝିପାରି ବୃକ୍ଷ ମଧ୍ୟ ତା'ପ୍ରତି ଥିବା ମମତାକୁ ଦେଖାଇଦେଲା । ଏହାହିଁ ବୃକ୍ଷର ଉଦାରତା ।

ଉଦାରତା ହିଁ ମଣିଷକୁ ଉଚ୍ଚତର ସୋପାନରେ ପହଞ୍ଚାଇ ଦିଏ ।

*ରାଜେନ୍ଦ୍ରନଗର, କଟକ*

◆❖◆

# ଦାଦନ

■ ରଜନୀକାନ୍ତ ମହାନ୍ତି

ଏପ୍ରିଲ୍ ମାସଟାରେ ଖରା ତେଜ ଏତେ ବଢ଼ିଲାଣି ଆଉ ଛୋଟିଆ ଇନ୍ଦିରାଆବାସ ଘରେ ରହିବା ସମ୍ଭବ ହେଉନାହିଁ । ବାଙ୍ଗ ବାହାରି ପଡୁଛି ବୋଲି ପାଟିକରି ବୋଉ ମୋର ବାପାଙ୍କୁ କହୁଥିଲେ । ବାପା ଚିଡ଼ିଯାଇ କହିପକାଉଥିଲେ ଟଙ୍କା କେଉଁଠାରୁ ପାଇବି ଯେ ବଡ଼ ଘରଟାଏ କରିବି । ବୋଉ ମୋର ଆନମନା ହୋଇ କହିପକାଏ, ଚାଉଳ ଗଣ୍ଡାଏ ତ ଘରେ ରଖୁନ କି ଜାଳ ଯୋଗାଡ଼ କରି ରଖୁନା, ବରଷାଦିନ ଆସିଗଲେ ଖାଇବାକୁ ଗଣ୍ଡାଏ ମିଳିବନି । ଛୁଆମାନେ ଅଝଟ କଲେ ମୁଁ କଣ କରିବି ଯେ ? ଏତେକ କଥାରେ ବାପାଙ୍କ ଆଖିରେ ଲୁହ ଆସିଯାଏ । ଆଉ କାହାକୁ କିଛି ନ କହି ଲୁଚାଇ କରି ଲୁହ ପୋଛିଦିଅନ୍ତି । କିଛି ସମୟ ପରେ ଗେହ୍ଲେଇ କରି କହନ୍ତି, ଟୁନିବଉ ଜମା ବ୍ୟସ୍ତ ହୁଅନା, ଦିନ କେତେଟା ଗଲେ ବାହାରକୁ ଚାଲିଯିବି । ପାଖରେ ଟଙ୍କା ହୋଇଗଲେ ଆମେ ଭଲ ଘରଟିଏ ବନେଇ ନେବା, ଜମାରୁ ଦୁଃଖ କରନା । ବୋଉ ମୋର ବୁଝିଯାଏ । ଠାକୁରଙ୍କୁ ମୁଣ୍ଡିଆମାରି କହେ, ପ୍ରଭୁ ତାଙ୍କୁ ସଦ୍‌ବୁଦ୍ଧି ଦିଅ, ପିଲାମାନଙ୍କର ମଙ୍ଗଳ କର । ଦିନ ପନ୍ଦରଟା ଯାଇଛି କି ନାହିଁ ବାପା ଆମ ଭାଇଭଉଣୀ ଦି'ଟାଙ୍କୁ ଗେଲ କରି କହିଲେ, ଆରେ ଟୁନି, ଟୁନକୁ ଜମାରୁ ମାରିବୁନି, ତାକୁ ଜଗିକରି ନେଇଆସିବୁ । ଟୁନାଟା ଭାରି ସରଳିଆ । ପିଲାଙ୍କ ସାଙ୍ଗରେ ବୁଲିବାକୁ ଯାଇ ପୋଖରୀରେ ପଶିଯିବ । ଏବେ ତାକୁ ଆକଟ ନ କଲେ ଭାରି ଅସୁବିଧା ହେବ, ଆଉ ବିଳିବିଳେଇଲା ଭଳିଆ କହିଉଠୁଥିଲେ, ଟଙ୍କା ହେଲେ ସବୁ ହୋଇଯିବ । ଟଙ୍କା ସବୁଠୁ ପ୍ରିୟ ଓ ମଧୁର ବସ୍ତୁ ।

ଏମିତିରେ ସମୟ ଗଡ଼ିଚାଲିଲା ତା' ଅଙ୍କାବଙ୍କା ପାଦଚଲା ରାସ୍ତାରେ । ଦିନେ ସେ ତାଙ୍କର ବ୍ୟାଗ୍‌ଟିଏ ଧରି ଏକଦମ୍ ଭୋରୁ ନିତ୍ୟକର୍ମ ସାରି ବାହାରିପଡ଼ିଲେ । ମୁହଁରେ ଛିଣ୍ଡା ଛିଣ୍ଡା ହସ ଲାଗି ରହିଥିଲା । ମନରେ ଥିଲା ଅସୁମାରି ସପନ । ସପନଗୁଡ଼ିକ ଜୀବନକୁ ଭଲପାଇବାକୁ ନେଇ, ସଂସାର ନାବକୁ ସହଜ ଢଙ୍ଗରେ ଆଗକୁ ଗଡ଼େଇ ନେବାପାଇଁ ମନ ରାଜ୍ୟରେ ଥିଲା ଏକନିଷ୍ଠ କଳ୍ପନା । ଯାହା କେବଳ ଭାବରୁ ସହଜରେ ଠଉରେଇ ହେଉଥିଲା । ବାପା ଡାକ ପକାଇଲେ ଟୁନିବଉ, ଜଲ୍‌ଦି ପିଲାମାନଙ୍କୁ ଧରି ବାହାର ବସ୍ ଟାଇମ୍ ହୋଇଗଲା । ଆମେ ସମସ୍ତେ ବାଟୋଇଦେବା ପାଇଁ ବସ୍ ପାଖକୁ ଗଲାବେଳକୁ ଠିକ୍ ଆଗ ଗାଁ'ମୁଣ୍ଡ ରାସ୍ତା ପାଖରେ ବସ୍ କିଛି ଯାତ୍ରୀଙ୍କୁ ଉଠାଇସାରିଥିଲେ । ଧୀରେ ଧୀରେ ବସ୍‌ଟି ଆମ ଷ୍ଟପେଜ୍ ପାଖରେ ଲାଗିଗଲା । ଆମେ ଭାଇଭଉଣୀ ଦି'ଜଣ କୋଳାହଳ କରି ପାଟି କରି ଉଠିଲୁ । ସେହି ସମୟରେ ବାପା ବସ୍‌କୁ ଉଠିଗଲେ । ଜଳଜଳ କରି ଚାହିଁଛୁ, ବସର ହୁଇସିଲ୍ ବାଜିଉଠିଲା । ବସ୍ ଯାତ୍ରା ଆରମ୍ଭ କରିବାମାତ୍ରେ ବସ୍ ଗେଟ୍‌ରୁ ଥାଇ ବାପା ହାତ ହଲାଇଲେ । ଆମେ ଦୁଇଜଣ ମଜାରେ ନାଚିଉଠିଲୁ ଓ ହାତ ହଲାଇ ମଜା କରି ଚାଲିଲୁ; କିନ୍ତୁ ଦେଖିଲାବେଳକୁ ବୋଉ ତା' ଆଖିରୁ ଲୁହ ଝରାଉଛି । ସେ ଲୁହସବୁ ଟପ୍‌ଟପ୍ ହୋଇ ତଳେ ପଡୁଛି ।

ନିର୍ମିମେଷ ନୟନରେ ବସ୍ ବାଙ୍କ ଡେଇଁ ଆଗକୁ ମାଡ଼ିଯିବା ପର୍ଯ୍ୟନ୍ତ ଚାହିଁ ରହିଛନ୍ତି । ଠାକୁରଙ୍କୁ ପ୍ରଣାମ କରି କରି ଆମ ଦୁଇ ପିଲାଙ୍କୁ ଧରି ସିଧା ଘରମୁହାଁ ପଳାଇ ଆସିଥିଲେ । ଏହା ଭିତରେ ଦୁଇମାସ ବିତିଗଲାଣି । ବାପାଙ୍କର ଚିଠିପତ୍ର କିଛି ଆସିଲା ନାହିଁ । ଖାଇବା ଚିନ୍ତା ବଢ଼ିଗଲା । ଆମେ ଭାଇଭଉଣୀ ଭାରି ଅଳି କଲେ ବୋଉ କେବଳ ଆଖିରୁ ଲୁହଗଡ଼ାଇ କାନ୍ଦେ । ବୋଧଦେଇ କୁହେ, ଆରେ ତୁମ ବାପା ଆସିଯାଆନ୍ତୁ; କେତେ ଖିରି ପିଠା ସବୁ କରିଦେବି ଖାଇବ । ଆଜି ଏ ପେଜଟିକକ ପିଇଦିଅ, ମୁଁ ତ ମୋର ରାତିରେ ସେମିତି ଶୋଇପଡ଼ିବି । କାଲି ସକାଳ ହେଲେ ଦେଖିବା । ସକାଳ ହୋଇ ସଞ୍ଜ ହୋଇଯାଏ, ମୁଠାଏ ଦାନା ଯୋଗାଡ଼ କରିବା ପାଇଁ ପାଖପଡ଼ିଶା ଘରକୁ ଧାର ଚାଉଳ ପାଇଁ ପଠାଏ । ପାଖ ଘର ଲୋକ ଥରେ ଦି'ଥର ଦେଲାପରେ ଭାରି କଟକଟ ହୁଅନ୍ତି । ତୁମେଗୁଡ଼ା ଗାଁ ଛାଡ଼ି ପଳଉନା କହି ଟାହିଟାପରା କରନ୍ତି । ସେମାନଙ୍କର କଥା ବଡ଼ କଷ୍ଟ ଲାଗେ, ବୋଉକୁ ଏ ବିଷୟରେ କହିଲେ ସେ କେବଳ କାନ୍ଦି କାନ୍ଦି ନିଜ କାନିରେ ଲୁହପୋଛି ବାଡ଼ିପଟକୁ ପତର ଗୋଟାଇବାକୁ ଚାଲିଯାଏ । ସପନା ବୁଢ଼ାଟା ଭାରି ନହୁଲିଆ । ସେ ବେଳେବେଳେ ଆମ ଦୁଃଖ ସହି ନ ପାରି ଚାଉଳ କିଲେ ପାଆଁଶ ଦେଇଯାଏ । ଗଲାବେଳେ କହେ ପିଲେ ରାନ୍ଧିବାଢ଼ି ଖାଇବ, ମଜାରେ ଡିଆଁ ମାରିବ । ଆମକୁ ଭାରି ମଜା ଲାଗେ, ଆମେ ଏକାଚିଲାକେ ବୋଉକୁ ଦେଇଦେଉ । ହେଲେ ରାତ୍ରି ଅନିଦ୍ରା ଯୋଗୁ ବୋଉର ଚିଡିଚିଡ଼ା ଗୁଣ ବଢ଼ିଗଲାଣି । ରାତିରାତି ଅନିଦ୍ରା

ରହି କେବଳ ଠାକୁରଙ୍କୁ ଡାକୁଥିବ ତ, କେତେବେଳେ କାନ୍ଦୁଥିବ । ପୁଣି ଆମ୍ଭେମାନେ ଦେଖିଦେଲେ ହସି ପକାଉଥିଲା । ସବୁବେଳେ ବକରବକର ହେଇ କି ଆମକୁ ଗାଳିଦେବା ଆରମ୍ଭ କରିଦେଇଥିଲା । ଆରେ ଟୁନି ତୋ ବାପ ଗଲା ଯେ ଆଉ ଚିଠିପତ୍ର କି ପଇସାପତ୍ର ପଠାଇଲା ନାହିଁ । ଚଳିବା କେମିତି ? ତୁମେମାନେ ଖାଇବ କ'ଣ ନିତି ଚଳିବା କେମିତି ? ତିନି ଓଳା ଗୁଣ୍ଡା ପେଲିବାକୁ ମୁଁ କେଉଁଠୁ ଆଣିକି ଦେବି ? ଏହି କଥାରେ ଏତେ କରୁଣା ଥାଏ ଯେ ଆମେ ପାଣି ପିଇଦେଇ ଶୋଇପଡୁ । ଭାରି ଭୋରୁ ନିଦ ଭାଙ୍ଗିଲେ ଟୁନାକୁ ନେଇ ବାଡ଼ିଆଡ଼େ ଲୁଚେଇ ଲୁଚେଇ ପିଜୁଳି ପତର ଚୋବାଇକି ଖାଇଦେଉ ଭୋକ ମରିଯାଏ । ଇମିତି ଦିନେ ଦିନେ ଦାଣ୍ଡରେ ମୁଢ଼ି ଗୋଟେ କି ଚାଉଳ ଗୋଟେ ପାଇଲେ, ତାହାକୁ ଖୁଣ୍ଟି ଖାଇ ଦେଉଥିଲୁ । ତା' ଭିତରେ ସପନା ବୁଢ଼ାଟା ବି ଆସି ବଅଲେଇଦେଇ କହିଯାଏ, ପିଲେ ଜମାରୁ ବ୍ୟସ୍ତ ହେବ ନାହିଁରେ, ମୋ ପୁଅ ପରା ଯାଇଛି, ସେମାନେ ନିଶ୍ଚୟ ଶୀଘ୍ର ଫେରିଆସିବେ । ସପନାବୁଢ଼ା କଥା ଶୁଣି ବୋଉ ଟିକିଏ ଆଶ୍ୱାସ ପାଇଯାଏ । ହେଲେ କାହିଁକି କେମିତି ମୁହଁଟାକୁ ପିତା କରି ବସିଯାଏ ।

ଦିନେ ଦିନେ ଜମାରୁ କାହାକୁ କିଛି କୁହେନାହିଁ ଖାଲି ଶୋଇରୁହେ । ଉଠିପଡ଼ି ବେଲପତର, ତୁଳସୀ ପତର ଛିଣ୍ଡାଇ ଆଣି ଖାଇଦେଇ ପାଣି ପିଇସାରିବା ପରେ ଟୁନାକୁ କୁଣ୍ଢାଇଧରି ବହେଗେଲ କରୁ କରୁ ବାପାଙ୍କୁ ମୋର ମିଛିମିଛିକା ଗାଳି କରେ । ଧନରେ ଚଗଲା ହେବୁନି ପଥ ହୁଡ଼ିବୁନି, ପଥ ହୁଡ଼ିଗଲେ ମହାପ୍ରଭୁଙ୍କୁ ଡାକିବୁ, ସେ ତୋତେ ପଥ ଦେଖେଇଦେବେ । ଭଲ ପାଠ ପଢ଼ିଲେ ଆମର ଦୁଃଖ ଆଉ ରହିବ ନାହିଁ । ପରିଶ୍ରମ କରି ରୋଜଗାର କଲେ ଆମର ଏ ଦୁଃଖ କେବେ ରହିବ ନାହିଁ । ଆମର ଏ ସମାଜରେ ଦଳେ ଥିଲାବାଲା ଅଛନ୍ତି । ସେମାନେ କାହାରି ସୁଖଦୁଃଖରେ ସାଥି ହୁଅନ୍ତି ନାହିଁ । ବରଂ ଦୁଃଖ ଦେଖିଲେ ସେମାନେ କେମିତିକା ଗୋଟେ ଆନନ୍ଦ ପାଆନ୍ତି । ଆଉ ଦଳେ ଖାଇବାକୁ ନ ପାଇ ପେଟ ଭୋକରେ ଶୋଇଯାଆନ୍ତି । ଏ କେମିତିକା କଥା ମ ? ଭଗବାନ କ'ଣ କେବଳ ଥିଲାବାଲାଙ୍କର ? ତାଙ୍କ କାମରେ ସବୁବେଳେ ବାଡ଼ବାନ୍ଧି ଠିଆ ହୋଇଥାନ୍ତି । ଆଉ ଆମ ଭଳିଆ ଗରିବଙ୍କ ଡାକ ତାଙ୍କ ପାଖରେ ପହଞ୍ଚେ ନାହିଁ ବୋଲି କହି ଭାରି ଅଭିଯୋଗ କରିବା ସହିତ ଠାକୁରଙ୍କ ଉପରେ ଅଭିମାନ କରନ୍ତି । ଗରଗର ହେଇକି ମୋତେ ବୋକ ଦେଇ ବୁଝାନ୍ତି ମା'ରେ ଏ ସଂସାରଟାର ପଥ ବଡ଼ ଜଟିଳ । ସମସ୍ତେ ଯେମିତି ନିଜ ସ୍ୱାର୍ଥରେ ବାନ୍ଧି ହୋଇଯାଇଛନ୍ତି । ଟିକିଏ ସୁଯୋଗ ପାଇଲେ ଯାବତୀୟ ଆବେଗକୁ କାର୍ଯ୍ୟକାରୀ କରିବାକୁ ଆଗେଇ ଆସନ୍ତି । ଦୁଃଖରେ ପଡ଼ିଥିବା ଲୋକଠାରୁ ସର୍ବସ୍ୱ ଲୁଟିନେବାକୁ ଉଦ୍ୟମ କରନ୍ତି । ଠାକୁରଙ୍କର ଏ କି ପ୍ରକାର ଲୀଳା ମ ! ଏମିତିରେ କାଇ ଠାକୁର ଅଛନ୍ତି ବୋଲି ମୋର ସନ୍ଦେହ ହୁଏ । ସମସ୍ତଙ୍କ ପ୍ରତି ଘୃଣାରେ ମନ ଭୂଇଁଟା ପାଣିଚିଆ ହୋଇଯାଏ ।

ଜୀବ ଥିଲେ ଲୋଭ ଅଛି, ଏହି ଲୋଭରେ ମାତ୍ରାଟା ଅଧିକ ହୋଇଗଲେ ମଣିଷମାନେ ଆଉ ଗୋଟେ ପ୍ରକାରର ଜୀବ ହୋଇଯାଆନ୍ତି । ଆମର ଏ ହୀନ ଅବସ୍ଥାରେ ସୁଯୋଗ ନେବାକୁ ଯେମିତି ପ୍ରତିଯୋଗିତା ଲାଗିଯାଇଛି । ଏହି ସମୟରେ ସପନା ବୁଢ଼ାଟା ପହଞ୍ଚିଯାଇ ପଚାରିଛି, ଆରେ ସବୁ କୁଆଡ଼େ ଗଲରେ । ଏ ବୟସରେ ଚାଲିବାକୁ ବଡ଼ କଷ୍ଟ ଲାଗୁଛି । ହେଲେ ତୁମମାନଙ୍କର ସେନେହ ଟାଳିପାରୁନିରେ । ମନଟା ରବେଇଖବେଇ ହେଲା ଚାଲିଆସିଲି । ଆରେ ମା' ଟୁନିବଉ, ଏତେଦିନ ହେଲା ଏମାନଙ୍କର କିଛି ଶୁଣାଶବ୍ଦ ନାହିଁ । କାଇ ଏମାନେ କିଛି ଖବରଅନ୍ତର ଦେଲେନି । ମୁଁ ବି ବୁଢ଼ାମଣିଷଟା ଅନେଇ ଅନେଇ ଆଖିରୁ ପାଣି ମଲାଣି । ସେ ଟୁକାଟା ସିନା ସହରକୁ ଗଲା । ଆଉ ଦୁଇଟା ଟୁକା ନ ଥିଲେ, ମୋ ଅବସ୍ଥା ବି ବାରଟା ହୋଇଯାନ୍ତା । ମୋ ବୋଉ ହାତେ ଲୁଗା ମୁଣ୍ଡରେ ଟାଣିଦେଇ ସପନା ବୁଢ଼ାକୁ ଅନୁନୟ ହୋଇ କହେ, ଆପଣ ଯାଉନାହାନ୍ତି, ପୁଷ୍ଟ ଅଫିସରେ ଟିକେ ବୁଝିଆସିବେ । ଇୟେ ଛଅମାସ ହେଲାଗଲେଣି ପିଲାମାନଙ୍କୁ ନେଇ କେତେ ଆଉ ଭୋକ ଉପାସରେ ରହିବି । ସପନା ବୁଢ଼ା କିଛି ନ ହେଲେ ବି ବୁଝେଇ ଦିଏ, ହେଲେ ଆମର ଅଶିଣିଆ ଦୁଃଖଟା ବଢ଼ି ବଢ଼ି ଚାଲିଛି । ଗାଁ'ରେ କିଏ କେତେ ଟାହିଟାପରା କରୁଛନ୍ତି । ମିଛଟାରେ କଣ୍ଟାବାଡ଼ରେ ଲୁଗାପକାଇ କଳି କରିବାକୁ ଅଣ୍ଟା ଭିଡ଼ି ଦେଉଛନ୍ତି । ଏମିତି ହେବାଟା ମୋତେ ଭଲ ନୁହେଁ । ଆଚ୍ଛା ସପନ ଦା' କୁହତ ଦୁଃଖମାନେ ପ୍ରକୃତରେ କାହିଁକି ଅଛନ୍ତି । ଆମେମାନେ ସମସ୍ତେ ଚେଷ୍ଟା କଲେ ଠିକ୍ ଭାବରେ ଖାଇପିଇ ବଞ୍ଚିପାରିବାନି । ଠାକୁର କ'ଣ ଆମକୁ ଗରିବ କରି ଜନ୍ମ ଦେଇଛନ୍ତି ? ସପନା ବୁଢ଼ାର ଛାତିରେ ନିଆଁ ଲାଗିଯାଏ ସେ ଆନମନା ହୋଇଯାଏ । ଆକାଶକୁ ଅନାଇ ଦେଇ ଦୀର୍ଘନିଶ୍ୱାସ ପକାଇ କହେ, ଆରେ ପିଲେ ଠାକୁରଙ୍କ କଥା କ'ଣ କହିବି ? ସବୁଦିନ ସନ୍ଧ୍ୟା ହେଲେ ଗାଁ ମୁଣ୍ଡ ଠାକୁର ବାଡ଼ିକୁ ଯାଇ ମହାପ୍ରଭୁଙ୍କୁ ଅନାଇ ଭକ୍ତିରେ ଗଦ୍‌ଗଦ ହୋଇ ପ୍ରାର୍ଥନା କରୁଥିଲି କେତେ ସରାଗରେ । ଚନ୍ଦ୍ରକ ପାଣି ଟିକେ ପିଇଦେଇ ସମସ୍ତଙ୍କର ଶୁଭ ହେଉ ବୋଲି କହୁଥିଲି । ହେଲେ ଯେଉଁଦିନ ବୁଢ଼ୀ, ମାନେ ତୋ ଖୁଡ଼ୀ ରୋଗରେ ପଡ଼ିପଡ଼ି ଗଲା, ସେତେବେଳେ ବହୁତ ଡାକିଛି, ପ୍ରଭୁ ଟିକେ ଶୁଣ । ମୋ

ବୁଢ଼ୀକୁ ବଞ୍ଚାଇଦିଅ, ହେଲେ କେହି ଟିକେ ଶୁଣିଲେ ନାହିଁ । ଶେଷରେ ସେ ଚାଲିଗଲା, ସେବେଠାରୁ ଆଉ ମନ୍ଦିର ଯାଉ ନଥିଲି କି ଦିଅଁ ଦେବତା ପୂଜୁ ନ ଥିଲି । ଏକୁଟିଆ ଭାରି ଅସହଜ ଲାଗେରେ । ହଉ ଟୁନି ତୁ ତ ଡାଗରଟାଏ ହେଲୁଣି ଭଲପାଠ ପଢ଼ । ତୁ ନିଜେ ସବୁ ବୁଝିଯିବୁ । ଆଜିକାଲି ମା'ରେ କେହି କାହା କଥା ଶୁଣିବାକୁ ରାଜି ନୁହନ୍ତି । ଅମାନିଆ ହୋଇ ଧନ ଗୁଟେଇବା କାର୍ଯ୍ୟରେ ଲାଗିପଡ଼ିଛନ୍ତି । ଗୋଟିଏ ଜାଗାରେ କୁଠାକଲେ ଚଳନ୍ତା ନାହିଁ ? ନା ହବନା ଦେଶରେ ଦଶ ଜାଗାରେ କୋଠା କରିବେ । ପାଞ୍ଚପାଞ୍ଚଟା ଗାଡ଼ି କରି ମଉଜ କରିବେ । ଦେଶର ଖଣି, ଖାଦାନ ପାଣିକି ଲୁଟି ନେଇ ବଡ଼ଲୋକ ହେବେ । ଆଉ ଆମରି ଭଳିଆ ମଳିମୁଣ୍ଡିଆ ନୁନ ଖାଇବାକୁ ନ ପାଇ ହୀନସ୍ତା ହବା । ଏ କଥା କୌଣସି ସଭ୍ୟ ରାଷ୍ଟ୍ରରେ ହବା କଥା ନୁହେଁ ।

ଆମ ପିଲାବେଳେ ଏସବୁ କଥା କିଛି ନ ଥିଲା । ପରସ୍ପର ପ୍ରତି ସମ୍ପର୍କ ଭଲ ଥିଲା । ସନ୍ଧ୍ୟାବେଳେ ଭାଗବତ ଟୁଙ୍ଗିଘରେ ବସି ଭାଗବତ ଆଲୋଚନା ଶୁଣୁଥିଲୁ । ବରଷା ଦିନ ଆସିଲେ ଆମେ ପିଲାମାନେ ଖୁବ୍ ମଜା କରୁ । ହଠାତ୍ କଳାହାଣ୍ଡିଆ ବାଦଲ ଚାରିଆଡ଼େ ମାଡ଼ିଗଲେ ଅନ୍ଧାରିଆ ଲାଗେ । ମେଘ ଘଡ଼ଘଡ଼ି ଶବ୍ଦରେ କାନ ଫାଟିଯାଏ । ତା'ପରେ ମୂଷଳ ଧାରାରେ ବରଷା ବରଷିଯାଏ । ପାଣି ଗାଁ ଦାଣ୍ଡରେ ଚାଲିଲେ ଆମେ ସବୁ କାଗଜରେ ଡଙ୍ଗା କରି ଭସଉ । ଆଉ ବରଷାପାଣି ପାଇ କଉ, ମାଗୁର ଗାଁ ମୁଣ୍ଡରେ ଚାଲନ୍ତି । ଆମେ ସବୁ ଧରୁ । ମାଗୁର ମାଛ ଆମ୍ବ ତରକାରି ପାଟିକୁ ଭାରି ସୁଆଦିଆ ଲାଗେ । ଘିଅ, ଦହି ପ୍ରଚୁର ମିଳୁଥିଲା; କିନ୍ତୁ ଆଜି ଏ ସବୁ ଉଭାନ୍ ହୋଇଗଲା । ମାଛ ତ ମାଛ ଚୁନାମାଛ ଦେଖିବାକୁ ସପନ ହେଲାଣି । ବିଲରେ ସାର ଦେଇ ଚାଷ କରିବା ଫଳରେ ବିଲ ଭଲ ଅମଳ ହେଉନି । ଜମିସବୁ ଟାଙ୍ଗର । ଗାଁ'ର ବହୁତ ଲୋକ ବାହାରକୁ କାମଧନ୍ଦା କରିବାକୁ ପଳଉଛନ୍ତି । କିଛି ଲୋକ ଯାଉଛନ୍ତି ଜମାରୁ ଗାଁ'କୁ ଫେରୁନାହାନ୍ତି । ଏହି କଥା ମଝିରେ ଟୁନା ଆସି ଖାଇବାକୁ ଦେ ପାଟି କରିବାରୁ ବଉକୁ ଡାକ ପକାଇବାରୁ, ସେ ଆସି ଟୁନାଟାକୁ ଘର ଭିତରକୁ ନେଇଗଲା । ସପନା ବୁଢ଼ାଟାବି ଆସୁଚିରେ କହି ନିଜ ଘରଆଡ଼କୁ ଚାଲିଗଲା ।

ସେଦିନ ମୋର ମନେଅଛି, ଅଷ୍ଟମ ଶ୍ରେଣୀରେ ପଢୁଥିଲି ବୋଲି କିଛି ବୁଝିପାରୁ ନ ଥିଲି, ସେ କଥା ନୁହେଁ ସବୁ ବୁଝି ନ ବୁଝିଲାପରି ଆଚରଣ କରିବାକୁ ପଡୁଥିଲା । ମୋର ଭୋକିଲା ପେଟରେ ନୂଆପର ଲାଗିଲା ପରି ଉଡ଼ିଯାଇ ସାରାଦୁନିଆଁ ଦେଖିଆସିବାକୁ ଇଚ୍ଛା ହେଉଥିଲା । ଇଚ୍ଛାମାନଙ୍କର ଉଡ଼ିବାର ଇଚ୍ଛା ଏତେ ପ୍ରବଳ ଥିଲା ଯେ ମୁହୂର୍ତ୍ତକରେ ଜହ୍ନ ରାଇଜରୁ ବୁଲିଆସୁଥିଲା । ପାରିଜାତ ଉଦ୍ୟାନରୁ ଫୁଲସବୁ ତୋଳିଆଣି ଗାଁ ଦାଣ୍ଡରେ ବୁଣି ବୁଣି ତା' ଉପରେ ଚାଲୁଥିବାବେଳେ ମୁହଁ ସଞ୍ଜ ବେଳଟାରେ, ମନିଆଁ ଭାଇ ମ ? ପାଖ ଗାଁ'ରେ ଲେଖାଯୋଖା ଭାଇ, ଘର ପାଖ ଦେଇ ସ୍କୁଲକୁ ଗଲାବେଳେ ମୋତେ କଣେଇଁ କଣେଇଁ ଅନାଏ । ମୁରୁକି ମୁରୁକି ହସେ । ଗେହ୍ଲେଇ କରି କହେ ବର୍ଷାଦିନେ ଛତା ଧରି ନ ଆସିଲେ, ଜର ହେବ ବୋଲି କହି ଚେତେଇ ଥାଏ । ସେ କ'ଣ ଜାଣିଛି ଯେ ଆମ ଘରେ ଛତା ଜମାରୁ ନାହିଁ । ବୋକାଟା, ଭାରି ବାହାଦୁରିଆ କଥାଗୁଡ଼ା କୁହନା ମ, କହି ଚାଲିଆସେ । ହେଲେ ସେ ହସିଦିଏ । ଆଜି ଘର ଭିତରେ ପାଟିକରି ଡାକୁଥିବାର ଶୁଣି ବୋଉ ମୁଁ ଘର ଦୁଆର ମୁହଁରେ ଆସି ଦେଖାଦେବାରୁ ମନିଆ ଭାଇ କହିଲେ ଟୁନି ବୁଝିଲୁ, ତୋ ବାପା ବହୁ ଅସୁବିଧାରେ ପଡ଼ିଛନ୍ତି ବୋଲି ଶୁଣିଲି । ଯେଉଁ ଇଟାଭାଟିରେ କାମ କରୁଥିଲେ ସେ ଇଟାଭାଟିର ମାଲିକ ଖାଇବାକୁ ନ ଦେଇ ଦିନରେ ଓଳିଏ ଖାଇବାକୁ ଦେଇ ଧୁମ୍ ଖଟାଏ । ଫଟା କଉଡ଼ିଟେ ଦିଏ ନାହିଁ । ଯେତେବେଳେ ଭୋକ ହେଉଛି କହିଲେ, ଦି' ଚାରି ଚଟକଣି ଦିଏ ଏବଂ ଜୀବନରୁ ମାରିଦେବାକୁ ଧମକ ଦିଏ । ବେଶି କହିଲେ ଅଣ୍ଟାରୁ ବେଲ୍ଟ ବାହାର କରି ଧୁମ୍ ପିଟିଥାଏ । ପଇସା ମାଗିଲେ ଶାଳା କାଙ୍ଗାଳ ଭିକାରୀ ଖଟିବାକୁ ଆସିଛ, ଶାଳା ତୋତେ ତ କିଣିଆଣିଛି ଖଟାଇବି ବୋଲି । ମୋର ଟଙ୍କା ତ ଉଠିବା ଦରକାର । ନାଇଁ ତୋର ବାପା, ଅଜା ଲାଗି ମୁଇଁ ବେପାର କରୁଛି କି ? ସେଠି ଯେଉଁମାନେ ଥିଲେ ସେମାନେ ନିଜ ନିଜ ଭିତରେ ମେଳିକରି କଥା ହୋଇ ଉକ୍ତ ସ୍ଥାନରୁ ପଳାଇଆସିଲେ । ତା'ପରେ ସେ ନରରାକ୍ଷସ ଖୋଜାଖୋଜି କରି ବିଚ୍ ରାସ୍ତା ଉପରେ ତୋ ବାପାର ହାତ ହାଣି ଦେଇଛନ୍ତି ବୁଝିଲୁ ? ଆଉ ଦି'ତିନିଜଣ ମଧ୍ୟ ଖଣ୍ଡିଆଖାବରା ହୋଇଛନ୍ତି । ସେମାନେ ରାସ୍ତାରେ ପଡ଼ି ଛଟପଟ ହେଉଥିଲାବେଳେ କିଛି ଦୟାବାନ୍ ବ୍ୟକ୍ତି ତାଙ୍କୁ ମେଡିକାଲରେ ଭର୍ତ୍ତି କରିଛନ୍ତି । ଯାହାହେଉ ସେମାନେ ଓଡ଼ିଶାରେ ପହଞ୍ଚିସାରିଛନ୍ତି ।

ଏକଥା ଶୁଣିବା ପରେ ବୋଉ କାନ୍ଦବୋବାଳି ପକାଇବାକ୍ଷଣି ଟୁନା ମଧ୍ୟ ରଡ଼ିଛାଡ଼ିଲା । ପାଖପଡ଼ୋଶୀ କେତେଜଣ ଆସି ହା ଚୁ ଚୁ କଲେ, ମିଛିମିଛିକା ବଅଲେଇଲେ; କିନ୍ତୁ କେହି ଜଣେ ସହଯୋଗର ହାତ ବଢ଼ାଇଲେ ନାହିଁ । ଯାହାହେଉ ମନିଆ ଭାଇଟି ପ୍ରଥମ କରି ବୋଉକୁ ସାହାସ ଦେଲା ଏବଂ ମେଡିକାଲ ଯାଇ ଦେଖିଆସିବାକୁ ପ୍ରସ୍ତାବ ଦେଇ ସିଧା ଗାଁ' ରାସ୍ତାରେ ତାଙ୍କ ଗାଁ ଆଡ଼କୁ ଚାଲି ଚାଲି ପଳାଇଲା । ସେଦିନ ସାରା ରାତିଟା ବୋଉ ଜମାରୁ ଶୋଇନି । ଖାଲି ନିରବରେ ବାହୁନିବା ଛଡ଼ା ତାର ଆଉ ରାସ୍ତା ନ ଥିଲା । ତା' କାନ୍ଦ ଦେଖି ମୁଁ ବି ରାତିସାରା କାନ୍ଦିଥିଲି ।

ଯେମିତି ସକାଳ ହୋଇଛି କାହାକୁ କିଛି ନ କହି ସିଧା ମନିଆ ଭାଇ ଘରକୁ ଯାଇ ଯେମିତି ଡାକିଦେଇଛି, ତାଙ୍କ ବୋଉ ବାହାରି ଆସି ଡିମାଡିମା ଆଖି କାଢ଼ି ନାନା କଥା ପଚାରିଗଲେ । ତାଙ୍କ ସବୁ କଥାର ଶାନ୍ତ ସରଳ ଉତ୍ତର ଦେବା ସହିତ ବାପାଙ୍କ କଥା କହିବାବେଳେ ଆଖିରୁ ଲୁହ ଝରି ପାଦ ତଳେ ଝରଣା ସୃଷ୍ଟି କରିଦେଇଥିଲା । ଯାହାହେଉ ମନିଆଭାଇ ପହଞ୍ଚିଯାଇ ନ ଥିଲେ ମୋର ଚେତା ହଜିଯାଇଥାନ୍ତା । ସେ ତାଙ୍କ ମା'ଙ୍କୁ ସବୁ କଥା ବୁଝାଇ ଦେବାରୁ ସେ ବୁଝିଗଲେ । ସେ ଦିଶୁଥିଲେ କରୁଣାମୟୀର ଅବତାର । ଦୟାସାଗରରେ ବୁଡ଼ି ଯାଉ ଯାଉ ପୁଅକୁ ଆଦେଶ ଦେଲେ ମୋ ପାଖରେ ଯେତେ ଟଙ୍କା ଅଛି ଦେଇଦେଉଛି, ତୁମେମାନେ ଯାଇ ମେଡିକାଲରେ ଚିକିତ୍ସା କରିବାର ଚେଷ୍ଟାକର ।

ଭଲ ହେଲା ମନିଆଭାଇ ଜଲ୍‌ଦି ବାହାରିଆସିବାରୁ ଅଗତ୍ୟା ମୁଁ ତାଙ୍କ ସହିତ ଯଥାସମ୍ଭବ ବସ୍ ପାଖକୁ ଆସି କଟକ ମେଡିକାଲ ଅଭିମୁଖେ ଆମର ଯାତ୍ରା ଆରମ୍ଭ କରିଦେଲୁ । ବସ୍‌ରେ ଆମେ ପାଖାପାଖି ସିଟ୍‌ରେ ବସି ଗଲାବେଳେ ଭାରି ରୋମାଞ୍ଚିତ ଲାଗୁଥିଲା । ଜୀବନର ଅସଜଡ଼ା ଦିନଗୁଡ଼ିକ ସଜାଡ଼ି ହେବାପାଇଁ ନିଜକୁ ପ୍ରସ୍ତୁତ କରୁଥିଲା । ମନରେ ଅସରନ୍ତି ଭାବନାର ଖିଅ ସମାଜର ସମସ୍ତ ବାଡ଼ ଡେଇଁ ଲାଜରେ ବୁଲିଆସୁଥିଲା । ଭାବନାରେ ଉଙ୍କି ମାରୁଥିଲା ମଣିଷମାନେ ନିଜ ନିଜର ସୁଖ ଟିକକ ପାଇଁ ଆଉ ଜଣଙ୍କୁ ପଶୁଭଳି ଖଟାଇ ଅମଣିଷ ଭଳି ବ୍ୟବହାର ପ୍ରଦର୍ଶନ କରିବାରେ ସୁଖ ପାଏ । ଏସବୁ ପଛରେ ତାର ଜୀବନକାଳ ଭିତରେ କିଛି ଅର୍ଥ ଉପାର୍ଜନ କରିଥାଇପାରେ; କିନ୍ତୁ ଏହି ଅର୍ଥକୁ ଯେ ସେ ନିଜେ ବ୍ୟବହାର କରିପାରିବ, ଏଥିରେ କୌଣସି ସତ୍ୟତା ବା ବାସ୍ତବ କ'ଣ ଅଛି, ପରନ୍ତୁ ଲୋକମାନେ ଏତେ ପରିମାଣରେ ଅର୍ଥପିପାସୁ ହୋଇଥାଆନ୍ତି । ସେମାନେ ପରିଣାମ ପ୍ରତି ଆଦୌ ନିଘା ରଖି ନ ଥାନ୍ତି । ହଠାତ୍ ବସ୍ କ୍ଲିନରଙ୍କ ଡାକରାରେ ଭାବନାର ବାଲିବନ୍ଧଗୁଡ଼ିକ ଭାଙ୍ଗି ଚୂର୍‌ମାର୍ ହୋଇଗଲା । ଦେଖିଲାବେଳକୁ ଆମେ ବାଦାମବାଡ଼ି ବସ୍‌ଷ୍ଟାଣ୍ଡରେ ପହଞ୍ଚିସାରିଥିଲୁ । ତରବରରେ ବସ୍‌ରୁ ଓହ୍ଲାଇ ପଡ଼ିଲୁ, ତା'ପରେ ଏକ ଅଟୋ ଯୋଗେ ମେଡିକାଲ ପରିସରରେ ପହଞ୍ଚିଗଲୁ ।

ଇଏ ବାପରେ କେତେ ବଡ଼ ବଡ଼ କୋଠାଘର କ'ଣ ଗୁଡ଼ା ସବୁ ଇଂରାଜୀରେ ଲେଖାହୋଇଛି । ଅଷ୍ଟମ ଶ୍ରେଣୀରେ ପଢୁଥିଲେ ମଧ୍ୟ ଆଦୌ ପଢ଼ି ନ ପାରି ମନିଆଭାଇଙ୍କୁ ପଚାରିଲି, ଭାଇ ଯେଉଁ ସୂଚନାସବୁ ଲେଖାଯାଇଛି ସେଗୁଡ଼ିକ କଥିତ ଓଡ଼ିଆରେ ଲେଖିଲେ ଚଳନ୍ତାନି ? ମନିଆଭାଇ ହସିଦେଇ କହିଲେ, ଆରେ ଟୁନି ଆମେ କେତେବେଳେ ହେଲେ ଆମ ଶାସ୍ତ୍ରଦର୍ଶନ କଥାରେ ମୁଣ୍ଡ ପୂରାଇବା ନାହିଁ । ଯାହା ଲେଖିଦିଆଗଲା, ତାହାକୁ ଆମେ ବଡ଼ବଡ଼ିଆ କାନିଗଣ୍ଠିଧନ କରି ନିଜର ଅହଙ୍କାରର ପୁଷ୍ଟିସାଧନ ନିମିତ୍ତ ଇଂରାଜୀରେ ଦୁଇଚାରିଧାଡ଼ି କହିଦେଇ ବଡ଼ ଆତ୍ମସନ୍ତୋଷ ଲାଭ କରନ୍ତି; କିନ୍ତୁ ଏଥିରେ ସାଧାରଣ ଲୋକଟିର କିଛି ତ ଲାଭ ହୁଏନି । ସେଥିରେ ସେ ଆଦୌ କିଛି ବୁଝିପାରେନାହିଁ । ତଦ୍ୱାରା ଭାବମୟ କ୍ଷେତ୍ରରେ ଯଥେଷ୍ଟ ଅସୁବିଧା ହୋଇଥାଏ । ଆମର ବଡ଼ ଅସୁବିଧା ହେଉଛି ଆମେ ପରିଶ୍ରମ କରିବା ନାହିଁ, ସମସ୍ତେ ମିଳିମିଶି ଇଂରାଜୀରେ ଲିଖିତ ମେଡିକାଲ ବହି ହେଉ କି ଇଞ୍ଜିନିୟରିଂ ବହି ହେଉ ଓଡ଼ିଆରେ ଅନୁବାଦ କରି ପକାଇଲେ ଓଡ଼ିଆଙ୍କର ସାରସ୍ୱତ ଭଣ୍ଡାର ନିଶ୍ଚିତଭାବେ ଋଦ୍ଧିମନ୍ତ ହୁଅନ୍ତା । ହଉ ଟୁନି ଆସ ଆମକୁ ତୁମ ବାପାଙ୍କୁ ଖୋଜି ବାହାର କରିବାକୁ ପଡ଼ିବ । ବଡ଼ମେଡିକାଲ ବୋଲି ଲୋକେ ଧାଇଁଆସନ୍ତି; କିନ୍ତୁ କାର୍ଯ୍ୟରତ କର୍ମୀଙ୍କୁ କିଛି ବି ସୂଚନା ପଚାରିଲେ, ସେମାନେ ଗରଗର ହୋଇ କ'ଣ ସବୁ ଗାଳି କରନ୍ତି । ପଚାରିବାକୁ ଡର ଲାଗେ ମଣିଷମାନଙ୍କୁ ପୋକମାଛି ପରି ବ୍ୟବହାର କରନ୍ତି । ଯେମିତିକି କେବଳ ସେହିମାନେ ହିଁ ମଣିଷ । ଭଲଭାବରେ ଖାଇପିଇ ବଞ୍ଚିବାର ଅଧିକାର ପାଇଛନ୍ତି । ଆଉ ଅନ୍ୟମାନେ ତାଙ୍କ ଆଖିରେ ଆଦିମ ମନର ମଣିଷ । ହେଉ ବୁଝିଲୁ ଟୁନି, ଆର ପଟ କୋଠା ପାଖକୁ ଆ' ଯିବା ପଚାରି ବୁଝିବା । ଆମେ ଆର ପଟକୋଠା ପାଖକୁ ଆଗେଇଗଲୁ, ସେଠାରେ ବହୁ ପଚରା ପଚରି ପରେ ବାପା ଚିକିତ୍ସିତ ହେଉଥିବା ଡିପାର୍ଟମେଣ୍ଟର ସନ୍ଧାନ ପାଇଗଲୁ । ଏଣୁ ତରବରରେ ତାଙ୍କ ପାଖକୁ ପହଞ୍ଚିବାକୁ ଉଦ୍ୟମ ଜାରି ରଖି, ଶେଷରେ ପହଞ୍ଚିଯାଇ ଯାହା ଦେଖିଲି ଖାଲି ଆଖିକୁ ବିଶ୍ୱାସ କରିପାରିଲିନି । ବାପା ମୋର ଅତି ଦୁର୍ବଳ ଦିଶୁଥିଲେ । ଆଖି ଦୁଇଟା କୋଟର ଗାତ ହୋଇଛି । ସହଜରେ ପାଟି ଫିଟୁନି । ଅଧଖଣ୍ଡିଆ ହାତଟା ବେଡ୍ ଉପରେ ନିସ୍ତେଜ ହୋଇପଡ଼ିଛି । କିଛି ଔଷଧ ତାଙ୍କ ପାଖରେ ଅଛି । କେହି ଯେମିତି ସଂସାରରେ ନାହାନ୍ତି । ଏକୁଟିଆ ପୂରାପୂରି ଏକୁଟିଆ ହୋଇଯାଇଛନ୍ତି ।

ଜଗତର ସମସ୍ତ ଦୁଃଖ ତାଙ୍କ ଉପରେ କିଏ ଅଜାଡ଼ି ଦେଇଛି । ମୁହଁରେ ଆଗ ଭଳି ହସ ନାହିଁ । ପୂରା କଳାପଡ଼ିଯାଇଛନ୍ତି । କ'ଣ କରିବି କ'ଣ ନ କରିବି କିଛି ଭାବିବା ପୂର୍ବରୁ ମୁଣ୍ଡଟା ମୋର ବୁଲାଇଦେଲା । ସେଇଠି ବାପାଙ୍କ ଛାତି ଉପରେ ମୁଣ୍ଡରଖି ଢୁଳେଇପଡ଼ିଲି । ଏହା ଭିତରେ ଘଣ୍ଟାଏ ଖଣ୍ଡ ଯାଇଛି କି ନାହିଁ ମନିଆଭାଇ ହଲାଇଦେଇ ପାଟିଟାଏ କରିବାରୁ ମୁଁ ଉଠିପଡ଼ି ଦେଖିଲି ଡାକ୍ତରବାବୁଙ୍କ ସାଙ୍ଗରେ ଚାରିପାଞ୍ଚଜଣ ଦିଦି ଠିଆ ହୋଇ ନିଜ ଭିତରେ କ'ଣ କଥା କୁହାକୁହି ହେଉଛନ୍ତି । ତା'ପରେ ଡାକ୍ତରବାବୁ ମନିଆ ଭାଇଙ୍କୁ କହିଲେ, ଆପଣମାନେ ରୋଗୀର ୱାରସଦାର ଆସିଗଲେଣି ତାଙ୍କୁ ଘରକୁ ନେଇଯାଆନ୍ତୁ ।

ବହୁତ ଦିନ ହେଲା ପଡ଼ିଲେଣି ଘରେ ସ୍ନେହ ଶ୍ରଦ୍ଧା ପାଇଲେ ଭଲ ହୋଇଯିବେ । ଆମେ ସେହିଦିନ ସେହି ରାତିରେ ତାଙ୍କ ବେଡ୍ ପାଖରେ ରହିଗଲୁ । ତା'ପର ଦିନ ସକାଳୁ ସକାଳୁ ମନିଆ ଭାଇ ଗାଡ଼ି ଭଡ଼ା ଆଣିବାକୁ କହି ଚାଲିଗଲେ । ତାର କିଛି ସମୟ ପରେ ବାପା ଆଖି ଖୋଲି ମୋତେ ଭଲ କରି ଦେଖିଦେଇ ପୁଣି ଆଖି ବୁଜିଦେଲେ ।

ସେହି ବୁଜିଲା ଆଖି ଭିତରୁ ଦୁଇ ବୁନ୍ଦା ଲୁହ କେବଳ ଝରିଆସୁଥିଲା । ମୁହଁର ଦୁଃଖରୁ କଳାବାଦଲ ଘୋଟିଯାଇଥିଲା । କାର୍ଯ୍ୟ କରିବାର ଧାରା ଯେମିତି ଚିରଦିନ ଅଟକିଯାଇଥିଲା । ସେଦିନ ମନଟା ମୋର କାହିଁକି ଆଦୌ ଭଲ ଲାଗି ନ ଥିଲା । ଲାଗୁଥିଲା ସେ ଯେମିତି ଚିରଦିନ ଆମକୁ ଛାଡ଼ି ଚାଲିଯିବେ । ଚାରିଆଡ଼େ ଖାଲି ଅନ୍ଧାର ଦିଶିଲା । ଖାଲି ଅନ୍ଧାର ଆଉ ଅନ୍ଧାର । ତା' ଭିତରେ କେତେ ସମୟ ବିତିଯାଇଛି, ଜଣା ନାହିଁ । ଜଣେ ଦିଦି ଆସି ପାଟିକରି କହିଲେ ପେସେଣ୍ଟଙ୍କୁ ଡିସଚାର୍ଜ କରାଯାଇଛି । ଘରକୁ ନେଇଯାଅ । ତା'ପରେ ଘଣ୍ଟାଏ କି ଦୁଇଘଣ୍ଟା ପରେ ମନିଆ ଭାଇ ଧଇଁସଇଁ ହୋଇ ଆସି ପହଞ୍ଚିଲେ । ଟୁନି ବୁଝିଲୁ, ଗାଡ଼ି ଠିକ୍ ହୋଇଯାଇଛି । ଏବେ ଆମେ ପେସେଣ୍ଟଙ୍କୁ ଧରି ପଳାଇବା । ବହୁ କଷ୍ଟରେ ଜଣେ ଦୁଇଜଣଙ୍କୁ ଡାକି ବାପାଙ୍କୁ ମୋର ଗାଡ଼ି ପାଖକୁ ଆଣିଲୁ ଏବଂ ମେଡିକାଲରୁ ସିଧା ଘରକୁ ନେଇ ପଳାଇ ଆସିଲୁ । ଯାହା ଟଙ୍କା ଲାଗିଲା ମନିଆ ଭାଇଙ୍କ ବୋଉ ସବୁ ଦେଇଥିଲେ । ଦୁଃଖ ମଣିଷ ଜୀବନରେ ଏମିତି ଆସେ ବୋଲି ବୋଉ କେବେ ଭାବି ନ ଥିଲା ।

ସେ କେବଳ ବାହୁନି କାନ୍ଦୁଥିଲା । ପରିବାର ଉଚ୍ଛନ୍ନ ହେଇଗଲା । ପିଲାମାନେ ବଞ୍ଚିବେ କିପରି ? କି ଦୋଷ କରିଥିଲି ଏ ଜନମରେ ଭୋଗ କରୁଛି ଓ ଘର ପାଖରେ ଗାଡ଼ି ଛାଡ଼ିଦେଇ ତା' ବାଟରେ ଚାଲିଗଲା । ମନିଆ ଭାଇ ବି କିଛି ନ କହି ସିଧା ତାଙ୍କ ଘରକୁ ପଳାଇଲେ । ସାଇପଡ଼ିଶା ଯିଏ ଯେମିତି ଥିଲେ ଦେଖିବାକୁ ଆସି ହା ଚୁ ଚୁ କରି ଚାଲିଗଲେ । କେହି କେହି ଦୁଃଖରେ କାନ୍ଦୁଥିବାର ଦେଖାଯାଉଥିଲା । ଯେଝା ବାଟରେ ଯିଏ ଯେମିତି ଆସିଥିଲେ ଚାଲିଗଲେ । ରାତି ଯେତେ ମାଡ଼ିଆସୁଥିଲା, ଲାଗୁଥିଲା ଦୁଃଖମାନେ ସେମିତି ମାଡ଼ିଆସୁଛନ୍ତି । ଟୁନାଟା ବି ସେମିତି ଧକେଇ କାନ୍ଦୁଥିଲା । କିଛି ରନ୍ଧାବଢ଼ା ହେଲାନାହିଁ, ଖାଇବା ହେଲାନାହିଁ । ଯିଏ ଯେଉଁଠି କାନ୍ଦୁଥିଲେ, ସେଇଠି ଶୋଇଯାଇଥିଲେ । ତହିଁପରଦିନ ସକାଳୁ ସମସ୍ତଙ୍କର ନିଦ ଭାଙ୍ଗିଗଲା । ବୋଉ କ'ଣ କରିବ ଭାବି ଭାବି ମୋତେ କହିଲା, ଟୁନି ତୁ କଣ୍ଠିଆ ଦା' ପାଖକୁ ଯା । ଯେତକ ଜମି ଅଛି ସେ ବନ୍ଧକ ନେବେ ଆଉ କିଛି ଟଙ୍କା ଦେବେ । ସେହି ଟଙ୍କାରେ ବାପାଙ୍କୁ ଭଲ କରିବା । କିଛି ନ ବିଚାରି ସଙ୍ଗେ ସଙ୍ଗେ ଦଉଡ଼ି କରି କଣ୍ଠିଆଦା ଘରକୁ ଯାଇ ସବୁ କଥା କହିବାରୁ କଣ୍ଠିଆଦା ସବୁ ଶୁଣି ବହୁ କଷ୍ଟରେ କିଛି ଟଙ୍କା ଆଣିଦେଲେ, ସେହି ଟଙ୍କାକୁ ଆଣି ବୋଉକୁ ଦେବାରୁ ବୋଉ ଚାଉଳ, ଡାଲି ମଗାଇ ରୋଷେଇବାସରେ ଲାଗିଗଲା । ଆମର ତ ଖିଆପିଆ ନ ଥିଲା । ଟୁନା ଆଉ ମୁଁ ଝଅଟିକରି ଗାଧୋଇ ପଳାଇଆସିଲୁ ଏବଂ ମୁଣ୍ଡ କୁଣ୍ଡାକୁଣ୍ଡି କରି ରୋଷେଇ କାମରେ ବୋଉକୁ ସହଯୋଗ କରିବାରୁ ଶୀଘ୍ର ରୋଷେଇ ସରିଗଲା ।

ତା'ପରେ ବାପାଙ୍କୁ ଧୀରେ ଉଠାଇ ବସାଇଦେବାରୁ ବୋଉ ଭାତ, ଡାଲି ଗୋଳାଇ ବାପାଙ୍କ ପାଟିରେ ଖୋଇଦେଲେ । ବାପା ଆନନ୍ଦରେ ଖାଇଲେ ସିନା ହେଲେ ତାଙ୍କ ଆଖିରୁ ଲୁହ ଦୁଇଧାର ବୋହିଯାଉଥିଲା । ବୋଉ ମଧ୍ୟ ଆଖିରେ ଲୁହ ଗଡ଼ାଉଥିଲା । ଦି'ଜଣଙ୍କର ଲୁହ ବୁକୁଦେଇ ବହିଯାଉଥିବାବେଳେ କେହି କାହାକୁ କିଛି କହୁ ନ ଥିଲେ । ପାରସ୍ପରିକ ସମ୍ପର୍କର ନିବିଡ଼ତା କେବଳ ଲୁହ ହୋଇ ବହିଯାଉଥିଲା ।

ଏହି ସମୟରେ ପୁଅ ଖାଇବା ପାଇଁ ପାଟି ଆଁ' କରି କାନ୍ଦିବାରୁ ବୋଉ ବଅଲେଇ କହିଲା, ବାପା ଆଉଟିକେ ସମୟ ରହ । ବଢ଼ାବଢ଼ି କରି ଦଉଛି, କହିବା ସହିତ ସଅଳେ ଉଠିଯାଇ ଆମ ଦୁଇଜଣଙ୍କ ପାଇଁ ଖାଇବାକୁ ବାଢ଼ି ଦେଇଥିଲେ । ଆମେ ଦୁଇଜଣ ଏତେ ଭୋକିଲା ହୋଇଯାଇଥିଲୁ ଯେ ବୋଉ ତରକାରି ଆଣିଲାବେଳକୁ ଭାତକୁ ଅଧରୁ ବେଶୀ ଖାଇଦେଇଥିଲୁ । ତରକାରି ଆଣିବା ସହିତ ବୋଉ ତା' ପାଇଁ ଅଳ୍ପ କିଛି ଭାତ ନେଇଆସିଥିଲା । ସେଇଠି ଆମ ପାଖରେ ଥୋଇବା ସହିତ ବାପାଙ୍କ ମୁହଁ ଧୋଇଦେଇ ଆସ୍ତେ କରି ଶୋଇଦେଇଥିଲେ । ଆମ ସହିତ ବୋଉ ଖାଉଥିବାବେଳେ, ବାପା ପରମ ଆନନ୍ଦରେ ଅତି ମଧୁର ହସଟିଏ ଓଠରେ ହସିଦେଇ ଆଖି ପଲକରେ ଢୁଳାଇ ପଡ଼ିଥିଲେ । ସେହି ଢୁଳାଇବା ଯେ ଶେଷ ଢୁଳାଇବା ଥିଲା, ଏକଥା ଆମେ ଜାଣି ନ ଥିଲୁ । ସନ୍ଧ୍ୟା ଆସିବାକୁ ଆଉ ବେଶୀ ଡେରି ନ ଥିଲା । ବହଳ ଅନ୍ଧାର ଘୋଟିଆସିବା ପୂର୍ବରୁ ବୋଉ ସଞ୍ଜଦୀପ ଲଗାଇବାର ସଜ କରୁଥିବାବେଳେ ବାପାଙ୍କୁ ଉଠାଇ ବସାଇବା ପାଇଁ କହିଲାରୁ ଯାଇ ଦେଖେ ତ ଟାଣୁଆ ଶରୀରଟା ନିସ୍ତେଜ ହୋଇଯାଇଛି । ଦେହଟା ପୂରାପୂରି ବରଫ ପରି ଥଣ୍ଡା ହୋଇଯାଇଛି ।

ଏ କଅଣ ? ବୋଉଲୋ ବୋଉ ବାପାଙ୍କ ଦେହଟା ପୂରାପୂରି ଥଣ୍ଡା ହୋଇଯାଇଛି । ଆ ଦେଖିବୁ ଆ' । ବୋଉ ଦଉଡ଼ି ଆସି ବାପାଙ୍କ ଦେହରେ ହାତ ମାରିଦେଇ ଭେଁ କରି କାନ୍ଦିବା ସହିତ ବାହୁନି ହେଲା । ଆମେ ସମସ୍ତେ ଏକାବେଳକେ କାନ୍ଦିବାକୁ ଲାଗିଲୁ । କାନ୍ଦବୋବାଳି ଶୁଣି ଗାଁ ସାଇପଡ଼ିଶାର ଲୋକମାନେ

ଆସିଯିବା ସହିତ କେତେଜଣ ଆଗବୁଲା କୁହାକୁହି ହେଉଥିଲେ, ହଁ ଆଜି ଭଲ ଦିନଟା । ଆମ ସମସ୍ତଙ୍କୁ ତ ଯିବାକୁ ହେବ । ମଡ଼ା ଉଠାଇବା ବନ୍ଦୋବସ୍ତ କରରେ । ମଡ଼ା ପଡ଼ି ରହିଲେ ଗାଁ'କୁ ଭାରି ଅଶୁଭ । ସମୟ ଯେତେ ଗଡ଼ି ଚାଲୁଥାଏ ଲୋକ ଜମାହବା ବଢ଼ିଯାଉଥାଏ । କିଏ କେତେପ୍ରକାରର କଥା କହୁଥାନ୍ତି, ଯାହାକୁ ଶୁଣି କାମ କରିବା ବଡ଼ କଷ୍ଟକର । କିଛି ବୟସ୍କ ଲୋକଙ୍କ ସହିତ ମନିଆଭାଇ ଆସି ବାଡ଼ିରୁ ବାଉଁଶ କାଟି ଆଣିଲେ । ମୋ ଆଖିଆଗରେ ସେମାନେ ବାଉଁଶକୁ ଲମ୍ବାରେ ଦୁଇଖଣ୍ଡ ଏବଂ ଆଉ ଚାରିଖଣ୍ଡ କାଟି, ପାଳ ଦଉଡ଼ି ତିଆରି କରି କୋକେଇଟିଏ ପ୍ରସ୍ତୁତ କରିଦେଲେ । ତା'ପରେ କେହି ଜଣେ ପାଟିକରି କହିଲେ ଆରେ ଆ ତୁ ଟୁନିବଉକୁ ଭିତରକୁ ନେଇଯା, ମଡ଼ା ବାହାରିବ । ଏହି କଥା ନ ସରୁଣୁ ବାପାଙ୍କୁ ମୋର ଧରାଧରି କରି କୋକେଇ ଉପରେ ଶୁଆଇଦେଇ ସମସ୍ତେ ଏକାବେଳକେ ସ୍ବର ଆରମ୍ଭ କରିଦେଲେ, ରାମନାମ ସତ୍ୟ ହେ, ହରି ନାମ ସତ୍ୟ ହେ । ରାମ ନାମ ସତ୍ୟ ହେ, ହରି ନାମ ସତ୍ୟ ହେ । ଶବବାହକମାନେ ଶବ ସହିତ ଆଗେଇଗଲେ । ଗାଁ ମୁଣ୍ଡରେ ଥିବା ଶ୍ମଶାନ ଆଡ଼କୁ । ଆଉ ସେଇଠି ସବୁଦିନ ପାଇଁ ଜଳିଗଲା ବାପାଙ୍କର ଚିତା । ସେହି ଲେଲିହାନ ଶିଖାରେ ହଜିଗଲା ସବୁ ସାଇତା ସପନଗୁଡ଼ାକ । ତା'ପରେ ଦିନଗୁଡ଼ିକ ଭାରି କଷ୍ଟକର ଥିଲା । ଆଖିର ଲୁହସବୁ ଶୁଖିଯାଇଥିଲା । ମନର ଭାବନାମାନେ ଖୁନ୍ଦିଖାନ୍ଦି ହୋଇ ଶୋଇପଡ଼ିଥିଲେ । ଖାଇବାକୁ ଦାନା ଗଣ୍ଡିଏ ନ ଥିଲା । ଏସବୁ ଭିତରେ ବୋଉ ମାନସିକ ଭାରସାମ୍ୟତା ହରାଇ ବସିଲା । ସେ ଏତେ ପରିମାଣରେ ସ୍ୱାଭିମାନିନୀ ଥିଲା ଯେ କାହା ଘରେ ହାତ ପତାଇବାକୁ ଯାଇପାରେନା କି ଘରୁ ଗୋଡ଼ କାଢ଼ି କାହାକୁ ଭରଷି କିଛି କହିପାରେନା । ଛଅ ମାସ ପର୍ଯ୍ୟନ୍ତ କେବଳ ବାହୁନି ବାହୁନି କାନ୍ଦିଛି । ତା'ପରେ ସେ ପୂରାପୂରି ପାଗଳୀ ହୋଇଗଲା ।

ଏସବୁ ଦେଖି ମନିଆ ଭାଇ ଆଉ ସହିପାରିଲାନି । ଅପ୍ରାତ୍ୟାଶିତ ଭାବେ ଆମ ଘରକୁ ଆସି କହିଲେ ଟୁନି କେତେଦିନ ଆଉ ଭୋକଉପାସରେ ପଡ଼ିବୁ । ଚାଲ ମୋ ସାଙ୍ଗରେ ପଳାଇଚାଲ, ମୁଁ ତୋତେ ବିବାହ କରିଦେବି । ତୁ ଏକା କେତେଦିନ ସଂଘର୍ଷ କରିବୁ । ସାଥିହୋଇ ଜୀବନ ବଞ୍ଚିବା ପାଇଁ ରାହା ଖୋଜିବା । ତାଙ୍କ କଥା ମୋ ପାଇଁ ଅମୃତପରଷ ଥିଲା । ଟୁନାକୁ ଲେଖାଯୋଖା ମାଉସୀଙ୍କ ପାଖକୁ ପାଠ ପଢ଼ିବା ପାଇଁ ପଠାଇଦେଇ ରାତି ସାତଟାରେ ବୋଉକୁ ଜୁହାରଟିଏ ହୋଇ ମନିଆଭାଇଙ୍କ ସାଙ୍ଗରେ ତାଙ୍କ ଘରକୁ ଚାଲିଯାଇଥିଲି । ଦିନ କେତେଟା ଯାଇଛି କି ନାହିଁ ନୂଆ ସପନ ମାନ କଇଁଫୁଲିଆ ହସ ହସି ମନ ଅଗଣାରେ ବିଛାଡ଼ି ହୋଇ ପଡ଼ିବାକୁ ଆରମ୍ଭ କରିଦେଇଥିଲେ । ତା'ରି ଭିତରେ ମନିଆଭାଇ ସ୍ତ୍ରୀର ମାନ୍ୟତା ପ୍ରଦାନ କରି ବିବାହ କରିଥିଲେ । ତାଙ୍କ ବୋଉଙ୍କର ନିବିଡ଼ ମମତା ଯେତେଦୁଃଖ ଥିଲା ସବୁ ଭୁଲାଇଦେଉଥିଲା । ନୂଆକରି ଜୀବନ ଗଢ଼ିବାରେ ଗୋଟେ ପ୍ରକାରର ଦୁର୍ବାର ଆକର୍ଷଣ ସୃଷ୍ଟି କରୁଥିଲାବେଳେ ଅପରପକ୍ଷରେ ବୋଉ ମୋର ପାଗଳୀ ହୋଇ ଗାଁ'କୁ ଗାଁ ବୁଲିଲାଗିଲା । ଖରାବର୍ଷାରେ ରାସ୍ତାକଡ଼ରେ ବସିରହିଲା । ପ୍ରବଳ ଶୀତରେ ବଜାର ରାସ୍ତାପାଖରେ ଉପରକୁ ଅନାଇଁ ବସି ରହିଥାଏ । ବେଳେବେଳେ ବୋଉକୁ ଦେଖିଥିବା ଲୋକେ ଆସି କେତେ କଥା ବଖାଣନ୍ତି । ତାଙ୍କଠାରୁ ଶୁଣିବାକୁ ମିଳେ । ବୋଉ ମୋର କେଉଁ ଏକ ହୋଟେଲ ପାଖରେ ଛିଡ଼ା ହୋଇଛି । ହୋଟେଲବାଲାଟି ଦୟାକରି କିଛି ଖାଇବାକୁ ଦେଇଦେଲେ ସେହି ହୋଟେଲ ଆଗରେ ବସିପଡ଼ି ଖାଉଥିଲାବେଳେ ବିଲ୍‌କୁଲ ରୁମ୍ ନ ଥିବା ସହରୀ ବୁଲାକୁକୁର କେତେଟା ତାଙ୍କ ସଙ୍ଗେ ଖାଉଥିବେ । ସେଥିପ୍ରତି ତା'ର ନଜର ନ ଥାଏ ।

ଏହି କଥା ଶୁଣିବାପରେ ଶ୍ରୀଯୁକ୍ତ ମନିଆକୁ ସଙ୍ଗରେ ନେଇ ବୋଉଙ୍କ ପାଖକୁ ଯାଇଛି । ହେଲେ ସେ ଚିହ୍ନିପାରେନି । ନିଜ ହାତରେ ତିଆରି କରିଥିବା ଜିନିଷଗୁଡ଼ାକୁ ଦେଖି ମଧ୍ୟ ପ୍ରତିକ୍ରିୟା ପ୍ରକାଶ କରି ନ ଥାଏ । ଯନ୍ତ୍ରଣା ଜର୍ଜରିତ ହୋଇ ଭୁଲିଯାଇଥିଲା ଯନ୍ତ୍ରଣାର ତୂର୍ଯ୍ୟନାଦକୁ, ଅସରନ୍ତି ଦୁଃଖମାନେ ତାକୁ ଦୁଃଖ ଦେଇପାରୁ ନଥିଲା । ସେ ଥିଲା ଶାନ୍ତ ଆଉ ନିର୍ବିକାର । କବଳିତ ମୋହର ଆସକ୍ତିରୁ ସେ ନିଜକୁ ଦୂରେଇ ରଖିଥିଲା । ବେଳେବେଳେ ନିଜେ ଦୁଇ କରିସାରିବା ପରେ ଚକୁଡ଼ିଚାକୁଡ଼ି କେବେ କେମିତି ଖାଇଦେଉଥିଲା । ସେଥିପ୍ରତି ତା'ର ଘୃଣାଭାବ କି ବିକାର ଭାବ ନ ଥିଲା । ଜଗତ ତା' ପାଇଁ ତମସାର ବଳୟ ସୃଷ୍ଟି କରିଥିଲା । କୌଣସି ମାନବୀୟ ଆବେଗ ହୁଏତ ତା' ପାଇଁ ମୂଲ୍ୟହୀନ ହୋଇପଡ଼ିଥିଲା । ଖରା, ବର୍ଷା, ଶୀତ, କାକରର ପ୍ରଭାବ ତା' ଉପରେ ଆଦୌ ପଡୁ ନ ଥିଲା । ସେମିତି ରାସ୍ତାକଡ଼ରେ ବସି ରହିଥିଲା, ଯେମିତି ସିଏ କାହାର ନୁହନ୍ତି ବା ତାଙ୍କର କେହି ନୁହନ୍ତି ।

*ବଡ଼ଓଡ଼ିଆ ଜାଳିଗାଁ, ଚାନ୍ଦବାଲି, ଭଦ୍ରକ*

◆❖◆

# ଘର ବାହୁଡ଼ା

■ ହରେକୃଷ୍ଣ ପ୍ରଧାନୀ

ଭଲପାଇବା ମଣିଷର ସହଜାତ ପ୍ରବୃତ୍ତି । ପଶୁ, ପକ୍ଷୀ, କୀଟପତଙ୍ଗ ସୃଷ୍ଟିର ପ୍ରତ୍ୟେକ ଜୀବଙ୍କଠାରେ ଭଲପାଇବା ଠୁଳ ହୋଇଥାଏ । ଭଲପାଇବାକୁ ନେଇ ଜୀବନ ହୁଏ ଗତିଶୀଳ । ଆମ ଚାରିପାଖରେ ଥିବା ବସ୍ତୁ ବା ବ୍ୟକ୍ତିକୁ ଆମେ ଭଲପାଉ, ସେମାନଙ୍କୁ ମନେପକାଉ, ଯତ୍ନ ନେଉ ଭଲମନ୍ଦ ପଚାରି ବୁଝୁ । ଏହି ଭଲପାଇବା ଗୁଣ କେବଳ ଯେ ମଣିଷଠାରେ ନିହିତ ଥାଏ ତାହା ନୁହେଁ, ପଶୁପକ୍ଷୀମାନେ କଥା ନ କହିପାରୁଥିଲେ ମଧ୍ୟ ଭଲପାଇବା ସେମାନଙ୍କୁ ନିବିଡ଼ ଭାବରେ ବାନ୍ଧି ରଖେ ।

ସୁଶାନ୍ତ ଭ୍ରମରବାବୁଙ୍କର ବଡ଼ପୁଅ । ସେ ବଲାଙ୍ଗୀର ଜିଲ୍ଲାର ଆଦିବାସୀ ବହୁଳ ଅଞ୍ଚଳରେ ଚାକିରି କରେ । ଭ୍ରମରବାବୁ ଭୂ-ବନ୍ଧକ ବ୍ୟାଙ୍କରେ ଚାକିରି କରୁଥିଲେ । ଏବେ ଅବସରପ୍ରାପ୍ତ । ପେନ୍‌ସନ୍ ପାଉ ନ ଥିବା ହେତୁ କଷ୍ଟରେ ଚଳନ୍ତି । ପୁରୀ ସହରଠାରୁ ଅଳ୍ପଦୂର କପିଳେଶ୍ୱରପୁର ଗାଁ'ରେ ଭ୍ରମରବାବୁଙ୍କ ଘର । ଗାଁ'ରେ ବାଟି ବାଟି ସମ୍ପତ୍ତି ଥାଇ ମଧ୍ୟ ସହରରେ ଜୀବନ କଟାଇବା ପାଇଁ ଭଲପା'ନ୍ତି । ଚାକିରି କରୁଥିବା ସମୟରେ ପୁରୀରେ ଖଣ୍ଡେ ଜାଗା କିଣିଥିଲେ । ଅବସର ସୟମରେ ଯାହା ପାଇଥିଲେ, ସେଥିରେ ଘର ଖଣ୍ଡିଏ କରି ରହୁଛନ୍ତି । ଭ୍ରମରବାବୁ ଯେହେତୁ ଘରର ସମସ୍ତଙ୍କଠାରୁ ବଡ଼ । 'ଡେଙ୍ଗା ମୁଣ୍ଡରେ ଠେଙ୍ଗା' ପଡ଼ିବା ଭଳି ତାଙ୍କ ଉପରେ ସବୁ ଦାୟିତ୍ୱ; କିନ୍ତୁ ଘରର ଅନ୍ୟାନ୍ୟମାନେ କୌଣସି କାର୍ଯ୍ୟରେ ଆର୍ଥିକ ସାହାଯ୍ୟ କରନ୍ତି ନାହିଁ । ଗାଁ'ର ସମସ୍ତ କାର୍ଯ୍ୟରେ ତାଙ୍କୁ ହିଁ ଲୋଡ଼ା ହୁଏ । ଅନ୍ୟମାନେ ପଣସ ଖାଇ ଅନ୍ୟ ମୁଣ୍ଡରେ ଅଠା ଲଗାଇବା ପରି ସବୁ କାମରେ ଭ୍ରମରବାବୁଙ୍କୁ ଲୋଡ଼ା ହୁଏ; କିନ୍ତୁ ସେ ମୋଟେ ଗାଁକୁ ଯା'ନ୍ତି ନାହିଁ । ତାଙ୍କର ମଝିଆଁ ପୁଅ ପ୍ରଶାନ୍ତ, ଯାହା ଅଳ୍ପ କିଛି ରୋଜଗାର କରନ୍ତି, ସେଥିରେ ବାପା,ମା' ସହ ତିନିଜଣ ଦୁଃଖେସୁଖେ ଚଳିଯା'ନ୍ତି । ବଡ଼ପୁଅ ପ୍ରଶାନ୍ତ ବାପାମା'ଙ୍କୁ ହାତ ଟେକି ମାସକୁ ମାସ କିଛି ଦିଏ ନାହିଁ । ସାନପୁଅ ତ 'ହାଜି ମସ୍ତାନା ଦିଲ୍ ଦିୱାନା' ପରି ଇଆଠୁ ତା'ଠୁ ଧପେଇ ମିଛ କହି ପଇସା ଆଣି ମଦ ପିଇ ବରବାଦ୍ । ଶେଷକୁ ମାଡ଼କୁ ଡରି ଚେନ୍ନାଇ ପଳେଇଲା ଦାଦନ ଖଟିବାକୁ ।

ସମୟ ଓ ସ୍ରୋତ କାହାରିକୁ ଅପେକ୍ଷା କରେ ନାହିଁ । ବଡ଼ପୁଅ ସୁଶାନ୍ତର ବାହା ହେବା ବୟସ ହୋଇଗଲାଣି । ଅନେକ ଆଡୁ ବାହାଘର ପ୍ରସ୍ତାବ ଆସିଲାଣି; ହେଲେ ସୁଶାନ୍ତ କେଉଁଥିରେ ରାଜି ହୁଏନି । ଶେଷକୁ ଦଶପଲ୍ଲାରୁ ପ୍ରସ୍ତାବଟିଏ ଆସିଲା । କକା, ଖୁଡ଼ୀ, ଭାଇଭାଉଜ ସମସ୍ତେ ଗଲେ ବୋହୂକୁ ଦେଖିବା ପାଇଁ । ସମସ୍ତେ ପସନ୍ଦ କରି ଆସିଲେ । ତା'ପରେ ସୁଶାନ୍ତ ନିଜେ ଯାଇ ପସନ୍ଦ କରିଆସିଥିଲା । ତା'ପରେ ନିର୍ଦ୍ଧାରିତ ଦିନରେ ବାହାଘର ହେବାପାଇଁ ସ୍ଥିର ହେଲା । ଧୁମ୍‌ଧାମ୍‌ରେ ବାହାଘର ସରିଗଲା । ହେଲେ ନିୟତିର କ୍ରୂର ଅଟ୍ଟହାସ୍ୟ ନିକଟରେ ମଣିଷ ହାର୍ ମାନିଯାଏ । ସୁଶାନ୍ତର ବାସର ରାତିଟି କାଳରାତ୍ରିରେ ପରିଣତ ହେଲା । ସେ ରାତିରେ ସୁଶାନ୍ତର ଅନୁପସ୍ଥିତ ବୋହୂପିଲାଟି ମନରେ ସନ୍ଦେହର ଝଡ଼ ସୃଷ୍ଟି କଲା । ସୁଶାନ୍ତ ଚାକିରିକୁ ଗଲାପରେ ଗାଁ'ରେ ବୋହୂ ପିଲାକୁ ନିର୍ଯାତନା ଦିଅନ୍ତି ଅନ୍ୟମାନେ । ଧୀରେଧୀରେ ବୋହୂ ପିଲାଟିର ସୁନାସଂସାର ଫିକା ପଡ଼ିବାରେ ଲାଗିଲା । ଯେଉଁ ଝିଅର ବାପ ଜଣେ ପୋଲିସ ଅଫିସର ଓ ଭାଇ ଇଞ୍ଜିନିୟର, ଯାହାର ସାରାଜୀବନ ସହରର ପାଣି ପବନରେ ଗଢ଼ା, ସେ କିପରି ନିପଟ ମଫସଲରେ ନିର୍ଯାତନା ଓ ଦୁର୍ବ୍ୟବହାର ଭିତରେ ଚଳିବ ? ଦିନେ ବୋହୂ ପିଲାଟିକୁ ଭୀଷଣ ଜ୍ୱର ହେଲା, ରକ୍ତଚାପ ମଧ୍ୟ ଅଧିକ ହେଲା । ଏ କଥା ସୁଶାନ୍ତ ପାଖରେ ଖବର ପହଞ୍ଚିଲା ସତ; କିନ୍ତୁ ସେ ଆଉ ତା'ର ସ୍ତୀର ଚିକିତ୍ସା କଲାନାହିଁ । ତା'ର ଗୋଟିଏ ଇଚ୍ଛା ସେ ତା' ବାପଘରକୁ ପଳାଉ । ନ ଆସିଲେ ଭଲ । ସାନଭାଇ ପ୍ରଶାନ୍ତ ଭାଉଜର ଏପରି ଅବସ୍ଥା ଦେଖି ତା'ର ଚିକିତ୍ସା କରିବା ପାଇଁ ଗାଁ'ରୁ ପୁରୀ ଘରକୁ ନେଇଆସିଲା, ଏଥିରେ ସୁଶାନ୍ତର ଭାଇ ଉପରେ ଭୀଷଣ ରାଗ । ନିନ୍ଦା, ଅପବାଦରୁ ବଞ୍ଚିବା ପାଇଁ ପ୍ରଶାନ୍ତ ଭାଉଜକୁ ବସ୍ ଷ୍ଟାଣ୍ଡରେ ବସ୍‌ରେ ବସେଇ ଦେଇଆସିଲା । ରକୁଣା ରଥ ପରି ବୋହୂ ପିଲାଟି ଆଉ ଶାଶୂଘରକୁ ଆଜିଯାଏ ଆସିନାହିଁ । ବୋହୂ ପିଲାଟିର ବାପଘରୁ ଘନଘନ ଖବର ଆସିଛି ତାକୁ ଆଣିବାପାଇଁ; କିନ୍ତୁ ଶାଶୂ କି ଶ୍ୱଶୁର ଏପରିକି ନିଜ ସ୍ୱାମୀ ତାକୁ ଆଉ ଆଣିନାହାନ୍ତି । ଏପରି ଅବସ୍ଥାରେ ପାଞ୍ଚବର୍ଷ ବିତିଗଲାଣି । ଏପରି ଅଘଟଣ ଘଟିବା ପଛରେ ଗୋଟିଏ କାହାଣୀ ଲୁଚି ରହିଛି । ଅସଲ କଥା ହେଲା ଭ୍ରମର ସ୍ୱାଇଁ ସୁଶାନ୍ତକୁ ତାର ବଡ଼ ବାପ ଅଂଶକୁ ପୁଅ କରିଦେଇଛନ୍ତି । ଯେଉଁ ଅଂଶକୁ ସୁଶାନ୍ତ ପୁଅ ହୋଇଛି, ସେ ଅଂଶ ଅନ୍ୟମାନେ ଖାଇବା ଆଶାରେ ଏପରି କୁଚକ୍ର ଚଳାଇଛନ୍ତି । ଅଣ୍ଟିଛୁରୀ ତଣ୍ଟି କାଟିଲା ଭଳି ସୁଶାନ୍ତର ବୈବାହିକ ଜୀବନକୁ ନଷ୍ଟ କରିଦେବାକୁ ବସିଛନ୍ତି । ଭ୍ରମରବାବୁ ବୋହୂଟିକୁ ପୁରୀ ଘରକୁ ନେଇଆସିପାରୁନାହାନ୍ତି । କାରଣ ତାଙ୍କର ରୋଜଗାର ନାହିଁ । ପୁଅର ନିର୍ଦ୍ଦେଶ ତୁମେ ଆଣିଲେ ତୁମେ ହିଁ

ପୋଷିବ । ବୋହୂକୁ ଗାଁ ପରିସ୍ଥିତି ବାଧ କରୁଛି ଗାଁ'ରେ ନ ରହି, ପୁରୀ ଘରେ ରହିବା ପାଇଁ । ସୁଶାନ୍ତର ଏକା ଜିଦ୍ ତା' ସ୍ତ୍ରୀ ଗାଁ'ରେ ରହିବ । ବୋହୂ ଭଲଭାବରେ ଜାଣିଛି ଯେ ଗାଁ'ରେ ରହିଲେ, ତା'ର ଜୀବନ ପ୍ରତି ବିପଦ । ଏପର୍ଯ୍ୟନ୍ତ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ମଧୁର ମିଳନ ହୋଇନାହିଁ । ସୁଶାନ୍ତ ବାରଦୁଆର ଶୁଣ୍ଠିପିଣ୍ଡା ହୋଇ ଜୀବନ ବିତାଉଛି ।

ସବୁ ଜହ୍ନରାତି ସମାନ ନ ଥିବା ପରି ଯେଉଁ ଦାଦାଖୁଡ଼ୀ ସ୍ୱାର୍ଥ ଥିବାବେଳେ ଆଦର କରୁଥିଲେ, ସେହିମାନେ ଏବେ ହତାଦର କରିବା ଆରମ୍ଭ କରିଦେଲେଣି । ଏବେ ପୁରୀ ଘରକୁ ଆସୁଛି ସୁଶାନ୍ତ । ବାବା, ବୋଉକୁ ଅଣଦେଖା କରୁନାହିଁ । ହେଲେ ନିଜ ସ୍ତ୍ରୀକୁ ଆଣିବାକୁ ମନ ବଳାଉ ନାହିଁ । ତା'ର ସାନଭାଇ ବାହାହୋଇ ଗୋଟିଏ ସନ୍ତାନର ବାପ ହୋଇସାରିଲାଣି ।

ଛୁଟିରେ ଆସିବାବେଳେ ସୁଶାନ୍ତ ମାଳ ଅଞ୍ଚଳରୁ ଦୁଇଟି ଶୁକ ପକ୍ଷୀ ଆଣିଥିଲା । ସେମାନଙ୍କ ପାଇଁ ଗୋଟିଏ ପଞ୍ଜୁରୀ କିଣି ବାପାବୋଉଙ୍କ ପାଖେ ଛାଡ଼ିଦେଇ ଚାକିରିକୁ ଚାଲିଗଲା । ସେ ଶୁକପକ୍ଷୀ ଦୁଇଟି ଦେଖିବାକୁ ସୁନ୍ଦର, ଗୋଟିଏ ମା'ର ଦୁଇଟି ଛୁଆ । ପକ୍ଷୀ ହେଲେ ବି ପରସ୍ପର ପ୍ରତି ଭଲପାଇବାର ଆକର୍ଷଣ ଅତ୍ୟନ୍ତ ନିବିଡ଼ । ଦିନେ ଭ୍ରମରବାବୁ ଶୁଆ ଦୁଇଟାକୁ ଖାଇବାକୁ ଦେବାବେଳେ ଭୁଲିଯାଇଛନ୍ତି ପଞ୍ଜୁରୀର ଦୁଆର ବନ୍ଦ କରିବାକୁ । ସେହିପରି ଖୋଲାଥିବା ଅବସ୍ଥାରେ ବଜାର ଚାଲିଯାଇଛନ୍ତି । ଏ କଥା ତାଙ୍କ ସ୍ତ୍ରୀଙ୍କୁ ଜଣାନାହିଁ । କିଛି ସମୟ ପରେ ଶୁଆ ଦୁଇଟି ବାହାରକୁ ବାହାରି ଆସିଛନ୍ତି । ଗୋଟିଏ ଶୁଆ ତଳେ ଚାଲୁଛି, ଅନ୍ୟଟି କୁଆଡ଼େ ଉଡ଼ିଗଲା ତାର ପତ୍ତା ମିଳିଲା ନାହିଁ । ଭ୍ରମରବାବୁ ବହୁତ ଖୋଜାଖୋଜି କଲେ; କିନ୍ତୁ ସେ ଆଉ ମିଳିଲା ନାହିଁ । ଦୁଇଦିନ ପରେ ସକାଳୁ ତାଙ୍କ ଘର ପାଖ ନଡ଼ିଆଗଛରେ ବସି ରାବୁଛି । ତାର ରାବ ଶୁଣି ପଞ୍ଜୁରୀରେ ଥିବା ଶୁଆଟି ରଡ଼ି ଛାଡୁଛି । କୁଆମାନେ ସେ ଶୁଆକୁ ଗୋଟିଏ ଜାଗାରେ ବସାଇ ଦେଉନାହାନ୍ତି । ଗୋଡ଼େଇ ଗୋଡ଼େଇ ଖୁମ୍ପୁଛନ୍ତି । ତିନିଦିନ ପରେ ଦେଖାଗଲା ଉଡ଼ିଯାଇଥିବା ଶୁଆଟି ପଞ୍ଜୁରୀ ପାଖରେ ବସି ଅନ୍ୟ ଶୁଆର ଥଣ୍ଟରେ ଥଣ୍ଟକୁ ଘଷୁଛି । ସୁଶାନ୍ତର ବୋଉ ଏ ଦୃଶ୍ୟ ଦେଖି ବଡ଼ ବିସ୍ମିତ ହେଲେ ଏବଂ ଧୀରେ ସେ ଶୁଆକୁ ଧରି ପଞ୍ଜୁରୀ ଭିତରେ ରଖିଦେଲେ । ଦୁଆର ବନ୍ଦ କରିଦେଲେ ।

ମୁଁ ଭାବିଲି ଶୁଆ ମନ ବନେ, ପାଖରୁ ଅନ୍ତର ହେଲେ ନ ପଡ଼ଇ ମନେ । ଶୁଆ ପକ୍ଷୀଟିଏ ହେଲେ ବି ତାର ସାଥୀ ହୋଇ ରହିବାର ଆନନ୍ଦକୁ ଭୁଲି ନ ପାରି ପୁଣି ସେ ପଞ୍ଜୁରୀରେ ଆବଦ୍ଧ ହୋଇ ରହିବା ପାଇଁ ଆପଣାଛାଏଁ ଉଡ଼ିଆସିଲା ଏବଂ ମଣିଷ ହାତରେ ଧରାଦେଲା । ମଣିଷ ସଂସାର କଲେ ବନ୍ଧନରେ ପଡ଼େ ସତ; ହେଲେ ସାଂସାରିକ ବନ୍ଧନରେ ଥାଇ, ଯେଉଁ ଆନନ୍ଦ ତା'ର ସ୍ୱାଦ ନିଆରା । ସାଥୀ ହରା, ନିସଙ୍ଗ ଜୀବନରେ ଯେଉଁ ଦୁଃଖ ଥାଏ, ସାଥୀ ହୋଇ କାରାଗାରରେ ରହିଲେ ବି ତା'ର ଆନନ୍ଦ ନିଆରା । ସଂସାର ରୂପକ ମାୟାଜାଲରେ ମଣିଷ ପଡ଼ିଲେ ମଧ୍ୟ ଜୀବନସାଥିଟିଏ ପାଖରେ ଥିଲେ ସବୁ ଦୁଃଖ ଦୂରେଇଯାଏ । ସାଥୀହରା ଜୀବନରେ ଥାଏ ବିଷାଦ ଓ ଦହନ । ସେଥିପାଇଁ କବି କହିଛନ୍ତି –

''ବରଂ ନିବାସ ଭଲ ରଣ କ୍ଷେତ୍ରରେ
ଭୟରେ ସଦା ଯହିଁ ହୃଦୟ ଥରେ ।।''

*ମଙ୍ଗଳାଘାଟ ରୋଡ଼, ନୃସିଂହନଗର, ପୁରୀ*

◆❖◆

LOTUS INSTITUTE OF
HOTEL MANAGEMENT



ADMISSION OPEN
2018-19
ଏକ ପରିଚୟ ଆଧୁନିକ ଶିକ୍ଷା ବ୍ୟବସ୍ଥା
ଏବଂ ୧୦୦% ନିଯୁକ୍ତିର...
JOIN AFTER 10TH, +2 & +3
H.O. : ARUNODAYA MARKET, LINK ROAD, CUTTACK
Ph. : 0671-2321666, 9439403174, 9439403178
JEYPORE CENTRE : 9438777265
Visit us : www.lihm.org

# ଜନେ ହସିବେ

■ ଲୋଚନ ବେହେରା

ଜେଜେ ବକ୍ରତୁଣ୍ଡ ନାତି ରସିକ ଶେଖରକୁ ଡାକି କହିଲେ, ଆରେ ରସିକ, ତୁ ତ ଏତେବଡ଼ ହେଲୁଣି । ତୋ'ର ବାପା ଜମି ବନ୍ଧକ ଦେଇ ବ୍ୟାଙ୍କରୁ ଋଣ ଆଣି ତୋତେ ପାଠ ପଢ଼ାଇଲେ; ହେଲେ ତୁ କିଛି ଧନ୍ଦା ନ କରି ଏଭଳି ଛତରାଙ୍କ ପରି ବୁଲୁଛୁ - ତୋର ଭବିଷ୍ୟତ କ'ଣ ? ତୋ ସାଙ୍ଗମାନେ କେଉଁଠି କିଛି ନା କିଛି କାର୍ଯ୍ୟ କରି ଦି' ପଇସା ରୋଜଗାର କରୁଛନ୍ତି । ହେଲେ ତୁ..... । ତୋ' ଉପରେ ବାପାମାଆ କେତେ ଭରସା କରିଥିଲେ । ତୁ କିଛିନା କିଛି କାର୍ଯ୍ୟ କରିବୁ, ରୋଜଗାର କରିବୁ । ସେମାନଙ୍କ ସ୍ୱପ୍ନ ସାକାର କରିବୁ । ଭଲ ଝିଅଟିଏ ଦେଖି ସେମାନେ ତୋତେ ବିବାହ କରାଇବେ । ସେମାନେ ଶେଷ ଜୀବନରେ ସୁଖରେ ରହିବେ । ଏପରି କେତେ ସ୍ୱପ୍ନ ଦେଖିଥିଲେ, ହେଲେ ତୁ..... ।

ରସିକ ପ୍ରତିଦିନ ଭଳି ଇସ୍ତିରିଆ ସାର୍ଟ, ପ୍ୟାଣ୍ଟ୍ ପିନ୍ଧି, ଚଷମା ଲଗାଇ ବେକରେ ଟାଏ ଲଗାଇ ଜେଜେଙ୍କୁ ବାଏ ବାଏ କରି ବାହାରିଲାବେଳକୁ ଜେଜେ ପଚାରିଲେ, ଆରେ ତୁ କୁଆଡ଼େ ଯାଉଛୁ ? ଫଟା ରସିକ କହିଲା, ଜେଜେ ! ମୁଁ ରୋଜଗାର କରିବାକୁ ଯାଉଛି, ମୋତେ ତୁମେ ଡାକିବ ନାହିଁ - ମୋର ଅନୁକୂଳ ବିଗିଡ଼ିଯିବ । ଜେଜେ କହିଲେ– ଆରେ ତୁ କେଉଁଠି ଚାକିରି ପାଇଛୁ ନା କ'ଣ ? ମୁଁ କେବେ ଶୁଣିନାହିଁ, ତୁ ତ ମୋତେ କହିନାହୁଁ । ମୋ ପାଖରେ ଟିକେ ବସ । କାହାକୁ ନ କହିଲୁ ନାହିଁ, ହେଲେ ମୋତେ ଟିକେ କହ ।

ରସିକ ଚାରିଆଡ଼କୁ ଟିକେ ନଜର ପକାଇ ଜେଜେଙ୍କ କାନ ପାଖରେ ରୋଜଗାରର ବାଟ ବିଷୟରେ ଚୁପେ ଚୁପେ କ'ଣ କହିଦେବାରୁ ଜେଜେ ଠୋ ଠୋ ହୋଇ ହସିଲେ । ଆରେ ଏଇଟା କ'ଣ ରୋଜଗାରର ବାଟ ? ତୋତେ ଏ ବୁଦ୍ଧି କିଏ ଶିଖାଇଲା ? ରସିକ ଜେଜେଙ୍କୁ ତାଗିଦ୍ କରି କହିଲା– ଦେଖ ଜେଜେ, ଏ କଥା କେହି ଯେପରି ନ ଜାଣନ୍ତି । ନ ହେଲେ ମୋର ଯୋଜନା ଫେଲ୍ ମାରିଯିବ । ଜେଜେ କହିଲେ– ହଉ ଯା' - ତୋ' ଇଚ୍ଛା । ନାତି ଟୋକା ଏକମୁହାଁ ହୋଇ ଦଣ୍ଡପାଣି ଦାସଙ୍କ ଘର ଆଡ଼କୁ ଚାଲିଲା ।

ଦଣ୍ଡପାଣିବାବୁଙ୍କର ବହୁବର୍ଷ ପରେ ମାତ୍ର ଏକ କନ୍ୟା ସନ୍ତାନ ଜନ୍ମ ହେଲା । ସେ ଥିଲା ତାଙ୍କର ସମସ୍ତ ଚଳନ୍ତି ଅଚଳନ୍ତି ସମ୍ପତ୍ତିର ଅଧିକାରିଣୀ । ରସିକ ତାଙ୍କ ଝିଅ ପ୍ରେମଶୀଳାକୁ ପ୍ରେମ ଜାଲରେ ବାନ୍ଧି ଦି'ପଇସା ରୋଜଗାର କରିବାର ବାଟ ବାଛି ନେଇଥାଏ । ଦଣ୍ଡପାଣି ଅଫିସ୍‌କୁ ବାହାରିଗଲେ ରସିକ ତାଙ୍କ ଘରକୁ ଯାଇ ସ୍ତ୍ରୀ ସୁମତୀ ଦେବୀଙ୍କୁ 'ମାଆ' ବୋଲି ସମ୍ବୋଧନ କରି ପ୍ରଣାମ କରେ ଓ ପୁଅ ଭଳି ବ୍ୟବହାର କରେ । ଏଥିରେ ସୁମତୀ ଦେବୀ ରସିକ ଉପରେ ବହୁତ ଖୁସି । ପ୍ରେମଶୀଳାକୁ ସାଙ୍ଗରେ ଧରି ତାଙ୍କ କାର୍‌ରେ ରସିକ ବଜାର କରିବାକୁ ଯାଏ । ସୁମତୀ ଦେବୀ ଜିନିଷ କିଣିବା ପାଇଁ ରସିକକୁ କିଛି ଟଙ୍କା ଦେଇଥା'ନ୍ତି ଓ ନିଜ ଖର୍ଚ୍ଚ କରିବାକୁ ମଧ୍ୟ କିଛି ଅର୍ଥ ଦେଇଥା'ନ୍ତି ।

ରସିକ ଓ ପ୍ରେମଶୀଳା ଖୁସିରେ କାର୍ ଚଳାଇ ପାର୍କ ବୁଲି, କ୍ୟାଣ୍ଟିନ୍‌ରେ ଖାଇ, ସିନେମାଦେଖି ସନ୍ଧ୍ୟାବେଳକୁ ଦଣ୍ଡପାଣିବାବୁ ଅଫିସରୁ ଫେରିବା ପୂର୍ବରୁ ଘରେ ପହଞ୍ଚିଯା'ନ୍ତି । ରସିକ ସୁମତୀ ଦେବୀଙ୍କୁ ଜିନିଷପତ୍ର ଦେଇ ଘରକୁ ଚାଲିଯାଏ । ସୁମତୀ ଦେବୀ କୌଣସି ଖର୍ଚ୍ଚର ହିସାବ ମାଗନ୍ତି ନାହିଁ । ଘରେ ଯାଇ ରସିକ ପକେଟରୁ ଟଙ୍କା ବାହାର କରି ଗଣି ପକାଏ । କେତେବେଳେ ଦୁଇଶହ ତ କେଉଁଦିନ ତିନିଶହ ବଳକା ରହିଥାଏ । ଏଥିରେ ତା'ର ନିତିଦିନ ହାତ ଖର୍ଚ୍ଚ ଚଳିଯାଉଥାଏ । ଜେଜେଙ୍କ ପାଇଁ ପାନ, ଖଇନି ଇତ୍ୟାଦି ଆଣିଦେଉଥାଏ । ଜେଜେଙ୍କ ମନ ବହୁତ ଖୁସି ।

ରସିକର ବାପାମାଆ ସବୁବେଳେ ପୁଅର ଭବିଷ୍ୟତ ଚିନ୍ତା କରି ମନଦୁଃଖରେ ଥା'ନ୍ତି । ରୋଜଗାର ନାହିଁ । କିଏ ଝିଅ ତାକୁ ବାହା ହେବ । କିଏ ବାପ ବେକାରକୁ ଝିଅ ବାହାଦେବ ଇତ୍ୟାଦି ଅନେକ ଆଶଙ୍କାରେ ରହିଥା'ନ୍ତି । ଏହା ଭିତରେ ଏକବର୍ଷ ଯାଇ ଦ୍ୱିତୀୟ ବର୍ଷରେ ଦଣ୍ଡପାଣିବାବୁ ରସିକ ସମ୍ବନ୍ଧରେ ସ୍ତ୍ରୀ ସୁମତୀଙ୍କ ଠାରୁ ସମସ୍ତ କଥା ଜାଣିଗଲେ । ଯେଉଁ ପରିବାରରେ ସ୍ତ୍ରୀ ଓ ଝିଅ କୌଣସି କାର୍ଯ୍ୟକୁ ସମର୍ଥନ କରନ୍ତି ସେ ପରିବାରର ମୁଖ୍ୟ ମନ୍ଦ ଜାଣି ମଧ୍ୟ ଅନ୍ଧ ଭାବେ ସମର୍ଥନ କରିବାକୁ ବାଧ୍ୟ ହୁଅନ୍ତି । ଅଧିକ କାଳ ବିଳମ୍ବ ନ କରି ଝିଅର ବିବାହ ପ୍ରସ୍ତାବ ରସିକ ଘରକୁ ପଠାଇଲେ । ଏଥିରେ ପୁଅର ବାପାମାଆ ଝିଅର ଦୁର୍ବଳ ଚରିତ୍ର ସମ୍ବନ୍ଧରେ ଜାଣି ମଧ୍ୟ ଜେଜେଙ୍କ ଚାପରେ ହଁ କହିବାକୁ ବାଧ୍ୟ ହେଲେ । ବାହାଘର ଆଡ଼ମ୍ବରରେ ହୋଇଗଲା । ବାହାଘରର ସଂସଦର କର୍ମକର୍ତ୍ତା ଯୋଗଦେଇଥିଲେ । ଦଣ୍ଡପାଣି ବାବୁଙ୍କର ଝିଅଟି ଏକମାତ୍ର ଉତ୍ତରାଧିକାରିଣୀ ହୋଇଥିବାରୁ ରସିକ ସେ ସବୁ ସମ୍ପତ୍ତିର ଉତ୍ତରାଧିକାରୀ ହୋଇଗଲା । ଗାଡ଼ି, କୋଠା, ମୂଲ୍ୟବାନ୍ ଆସବାବପତ୍ର ସହ ବିପୁଳ ଭୂ-ସମ୍ପତ୍ତିର ମାଲିକ ହୋଇଗଲା । ଏ ସମସ୍ତ ସମ୍ପତ୍ତିର ଅଧିକାରୀ ହେବାକୁ ତାକୁ ମାତ୍ର ଦୁଇବର୍ଷ ସମୟ ଲାଗିଲା । ଖୁବ୍ ଅଳ୍ପଦିନ ମଧ୍ୟରେ ତା'ର ଜୀବନଶୈଳୀ ମଧ୍ୟ ବଦଳିଗଲା । ସେ ଅନ୍ୟାନ୍ୟ ବେକାର ସାଙ୍ଗମାନଙ୍କ ପାଇଁ ଏକ ଅଦ୍ଭୁତ ଉଦାହରଣ ହୋଇଗଲା । ତେଣୁ ସାଙ୍ଗମାନଙ୍କ ସହ ଦିନେ ଚା' ପାନ କରୁଥିବାବେଳେ କହି ପକାଇଲା–

ବୁଦ୍ଧି ଅଛି ଯାହାର
କେହି ନୁହେଁ ବେକାର
ଅଳପ ଖଟିଲେ ଜାଣ ହୋଇଯିବ କୁବେର ।

*ବାଙ୍କିପଦା, ଈଶ୍ୱରପୁର, ବାହାନଗା, ବାଲେଶ୍ୱର*

◆❖◆

# ମଲାଜହ୍ନ

■ ନିରୋଜ କୁମାର ପରିଡ଼ା

ପଶ୍ଚିମ ସନ୍ଧ୍ୟାକାଶରେ ସୂର୍ଯ୍ୟ ଗତଗତ । ସୂର୍ଯ୍ୟର ଲାଲ ରକ୍ତିମ କିରଣ ବିଛୁରିତ ହୋଇ ଛିଟିକି ପଡ଼ିଛି ବସୁମତିର ପୃଷ୍ଠଦେଶରେ ଲାଲ ଅବିର ପରିକା । ନୀଡ଼ ଫେରନ୍ତା ପକ୍ଷୀକୁଳ ଲୋହିତ ରଶ୍ମି ରକ୍ତରେ ଭିଜିଭିଜି ଆକାଶରେ ପହଁରା ମାରନ୍ତି ସୂର୍ଯ୍ୟ ଦେହରେ ମିଶିଯିବା ପାଇଁ । ରାସ୍ତାପାର୍ଶ୍ୱର ବିଲଗୁଡ଼ିକ ସବୁଜ ଧାନ କିଆରୀରେ ଆଚ୍ଛାଦିତ ହୋଇ ଧରାପୃଷ୍ଠରେ ବିଛେଇ ଦେଇଛି ଏକ ଶ୍ୟାମଳ ଚାଦର । ଗାଡ଼ିଆର ପାଣି ଲାଲରଶ୍ମିର ମିଶ୍ରଣରେ ରକ୍ତର ଢେଉରେ ସୂର୍ଯ୍ୟ ସ୍ନାନ କରେ ପୃଥିବୀକୁ ବିଦାୟ ଅଭ୍ୟର୍ଥନା ଜଣାଇ ସର୍ପିଳ ପିଚୁ ରାସ୍ତାରେ ଗଡ଼ି ଚାଲୁଥାଏ ନିର୍ମାଲ୍ୟ ବସ୍‌ଟି । କଟିକଟା ଛକରେ ଅଟକିଛି ବସ୍ । ବସ୍ ଫାଟକ ମେଲି, ଦୀପକ ଓହ୍ଲାଇଲା । ଗୋଟିଏ ଯୁଗର ଅତିକ୍ରାନ୍ତ ପରେ ସେ ଫେରିଛି ତା'ର ଜନ୍ମଭୂମିକୁ । ଗାଁ'ର ସବୁକିଛି ଚିତ୍ରକଳ୍ପ ବଦଳି ତାକୁ ଲାଗୁଛି ନୂଆ ନୂଆ ଅନୁଭୂତି । ସେ ଗାଁ' ତା'ର ଜନ୍ମଭୂମି ନା ଆଉ ଏକ ଅଚିହ୍ନା ସ୍ଥାନରେ ପାଦ ଥାପିଛି ମନଭାବନାରେ ଅବତୀର୍ଣ୍ଣ । ଗାଁ'ଛକର ଶିବ ମନ୍ଦିର ପାଖରେ ଦଣ୍ଡାୟମାନ ବରଗଛକୁ ସାକ୍ଷୀ କରି ଚିହ୍ନିପାରିଛି ନିଜ ଗାଁ'ର ପରିବେଶକୁ ।

ଓହ୍ଲାଇବାର କିଛିକ୍ଷଣ ପରେ କିଛି ଗାଁ ଲୋକ ଧାଇଁ ଆସି ରୁଣ୍ଡ ହୋଇଗଲେ ଦୀପକ ପାଖରେ । ଦୀପକବାବୁ, ଦୀପକବାବୁ ସମ୍ବୋଧନରେ ଖୁସି ଆସରରେ ଉଚ୍ଛୁଳି ଉଠୁଥାଏ ସେଇ ଇଲାକାଟା । ଦୀପକ୍ ଗାଁ ଲୋକଙ୍କ ମେଳରେ ହଜିଯାଇଥିଲା ନିଜଠାରୁ ତତ୍‌କ୍ଷଣାତ୍ । ସଙ୍ଗେ ସଙ୍ଗେ ସଭିଙ୍କୁ ପାଛୋଟି ନେଇ ଗୌରା ଜଳଖିଆ ଦୋକାନରେ ଚା, ଜଳଖିଆର ବ୍ୟବସ୍ଥା କରି ଚେୟାରରେ ବସିପଡ଼ିଲା ଦୀପକ୍ । ଦୀର୍ଘସମୟର ଯାତ୍ରାର କ୍ଲାନ୍ତକୁ ମେଣ୍ଟାଇବା ଢାଞ୍ଚାରେ ହାତରେ ଟା' କପଟି ଧରି ଢୋକ ପରେ ଢୋକ ଚା' ପିଇଲା । ଗୌରା ଦୀପକକୁ ପାଇ ହର୍ଷୋଲ୍ଲାସରେ କଥାରେ ମଜ୍ଜିଗଲା ଅନ୍ୟ ଗରାଖମାନଙ୍କୁ ଭୁଲିଯାଇ । ଗୌରାର ମଧୁର ବାଣୀରେ ଫୁଟି ବାହାରିଆସୁଥିଲା ନିଜ ଗାଁ ଭାଇ ପ୍ରତି ଅଶେଷ ମମତା, ସ୍ନେହ ଆଉ ଭକ୍ତି । ସାମାନ୍ୟ ଅନ୍ତରଙ୍ଗ ମେଳାପରେ ଦୀପକର ପୂର୍ବସ୍ମୃତିର ଫର୍ଦ୍ଦଗୁଡ଼ିକ ଗୋଟିଏ ପରେ ଗୋଟିଏ ଓଲଟି ଚାଲିଥିଲା ମନର ଏକ ଅଦୃଶ୍ୟ କୋଣରେ । ସେମାନଙ୍କୁ ବିଦାୟ ଦେଇ ଦୀପକ ଛକରୁ ବାହାରେ ନିଜର ଘର ଆଡ଼କୁ ।

ବାଟରେ ଯାଉ ଯାଉ ନଜର ପଡ଼ିଗଲା କର ଅଙ୍କଲଙ୍କ ଉପରେ । ରାସ୍ତା ପାର୍ଶ୍ୱର ବନ୍ଧ ଉପରେ ବସି କର ଅଙ୍କଲ ଖୁସିବାସୀ ହେଉଥିଲେ ନିଜର ସାଙ୍ଗସାଥୀମାନଙ୍କ ସଙ୍ଗେ । ଦୀପକକୁ ଦେଖି ହଠାତ୍ ଆଗ୍ରହରେ ସେଠାରୁ ଉଠି ଧାଇଁଆସିଲେ ତା' ପାଖକୁ । ଭକ୍ତିର ସହକାରେ ପାଦରେ ସାଷ୍ଟାଙ୍ଗ ପ୍ରଣାମ କରି କୋଳାଗ୍ରତ ହୋଇଗଲେ ଫିକା ଅନ୍ଧାରର କଳା ଧୂମରେ । ଅତି ଆଦରରେ କର ଅଙ୍କଲ୍ ତାଙ୍କର ଉକ୍ତିଗୁଡ଼ିକୁ ବଖାଣି ବସିଲେ ଦୀପକକୁ ।

– ଆରେ ଦିପୁ, ତୁ କ'ଣ ଆମ ଗାଁ'କୁ ପୂରାପୂରି ଭୁଲିଗଲୁ ।

– ନାଇଁ ଅଙ୍କଲ, ନିଜ ମାତୃଭୂମିକୁ କେହି କ'ଣ କେବେ ଭୁଲିପାରେ । ତା'ଛଡ଼ା ଆପଣ, ମୋ ବାପା, ମାଆ, ଭାଇଭାଉଜ ଆଉ ମୋର ଛୋଟ ଛୋଟ ଝିଆରୀ-ପୁତୁରାଙ୍କୁ ଭୁଲିବି ଯେ କିପରି ? ମୁଁ କ'ଣ ଗୋଟେ ଅମଣିଷ ହେଇଚି ଯେ ତୁମ୍ଭମାନଙ୍କ ସ୍ନେହ, ମମତା ଆଉ ଆଶୀର୍ବାଦକୁ ମନରୁ ପୋଛିଦେବି । ଆପଣ ଏମିତି କଥା କେମିତି କହିପାରିଲେ ଯେ ।

– ନାଇଁ ମ । ତୁ ତ ମୋର ପୂରାପୂରି ନିଜର । ତୋତେ କହିବି ନାହିଁ ତ, ଆଉ କାହାକୁ କହିବି । କହି ଦେଲି ବୋଲି ରାଗିଗଲୁ କି ?

– ତମ କଥାରେ ମୁଁ ରାଗିବି ! ନାହିଁ ମୁଁ ରାଗିନି ! ହଉ ଆଣ୍ଟି କେମିତି ଅଛନ୍ତି, ଆଉ ଅପାମାନେ କ'ଣ ସବୁ ଭଲରେ ଅଛନ୍ତି ।

ଦୁଃଖକୁ ଟିକିଏ ମନରେ ଢୋକି ତାଙ୍କ ଆଖିରେ ଜକେଇ ଆସିଥିଲା ଲୁହର ଶ୍ରାବଣ । ମୁହଁଟିକୁ ଟିକିଏ ବୁଲାଇ କହିଲେ–

– ହଁ, ସବୁ ଭଲରେ ଅଛନ୍ତି । ହେଲେ ମୋର ସାନଝିଅ ।

– ହଁ, ହଁ, ଆପଣଙ୍କ ସାନଝିଅ, କ'ଣ ହେଲା ତା'ର ।

– ନାହିଁ କିଛି ନୁହେଁ । ଛାଡ଼ ତା' କଥା ।

– ଅଙ୍କଲ୍ ! ଅବିକା ଆପଣ ମୋତେ ଆପଣଙ୍କ ନିଜର ବୋଲି କହିଥିଲେ ନା । ପ୍ରକୃତରେ କ'ଣ ହେଇଛି କୁହ ।

– ନ, ସିଏ ଆମ ଘରୁ ପଳାଇଯାଇ ଯାଜପୁରର ଗୋଖନା କଲେଜ ପାଖରେ ଗୋଟିଏ ଭଡ଼ା ଘର ନେଇ ରହୁଛି । ଏତିକି କହି କର ଅଙ୍କଲ୍ ଏକ ଗୁରୁଗମ୍ଭୀର ଗଳାରେ, 'ମୁଁ ଯାଉଛି ବୋଲି କହି' ପଳାଇଗଲେ ଦୀପକକୁ ବିଦାୟ ଜଣାଇ ଏକ ବିଷଣ୍ଣ ମନରେ ।

ଅଙ୍କଲଙ୍କ ପ୍ରକୃତ ରହସ୍ୟର କୌଣସି ଖିଅ ନ ପାଇ ନିଜର ଭାବନାକାଶ ଆନ୍ଦୋଳିତ ହେଲା ଭୂକମ୍ପ ସଦୃଶ । ଏହାଶୁଣି ନଈ ଦାଢ଼ରେ ଅତଡ଼ା ଖସିଲା ପରି ଦୁଃଖର ଅତଡ଼ା ଖସି ପଡ଼ିଥିଲା ଦୀପକର ମନ ନଦୀରେ । ଶୋକର ସାଗରରେ ଭାସିଗଲା ପରି ସେ ନିଜର କୋହକୁ ଚାପି ନ ପାରି ଏକମୁହାଁ ହୋଇ ଝପଟି ଯାଇଥିଲା ନିଜ ଘର ଆଡ଼କୁ । ବାଟରେ ବାପା-ଦାଦାମାନଙ୍କୁ ଆଂଶିକ ନମସ୍କାର କରି କରି ଦାଣ୍ଡଘର ଭିତରକୁ ପଶିଗଲା ।

ଗୋଧୂଳି ବେଳାକୁ ଅଲବିଦା କରି ସନ୍ଧ୍ୟାର ଫିକା ଅନ୍ଧାରକୁ ହଟାଇ ଘନ ଅନ୍ଧାର ଧସେଇ ପଶିଆସିଥିଲା ପୃଥିବୀର ଦଶକୋଣକୁ । ଦାଣ୍ଡଘର କାନ୍ଥ ଘଣ୍ଟାଟି ଟଙ୍ଗ୍ ଟଙ୍ଗ୍ ବାଜି ଶୁଭ ସନ୍ଧ୍ୟାକୁ ସ୍ୱାଗତ ମନାସୁଥିଲା । ସେଇ ଘର କୋଣରେ ପଡ଼ିଥିବା ପୁରୁଣା ଭଙ୍ଗାତୁଟା କାଠ ପଲଙ୍କ ଉପରେ ଲଥ୍ କରି ବସିପଡ଼ିଲା । ମୁଣ୍ଡ ଉପରେ ପୁରୁଣା ବେରଙ୍ଗିଆ ଡିସି ଫ୍ୟାନ୍‌ଟି ଧୀରେ ଧୀରେ ବୁଲି ଥଣ୍ଡା ପବନ ଫୋପାଡ଼ି ଦେଉଥିଲା ଦୀପକ ଉପରକୁ । ଖଟରେ ବସି ଶୋକାଗ୍ନିରେ ରୁନ୍ଧି ହୋଇ ମୁହଁଟିକୁ ସଳଖି ଏକଲୟରେ ଚାହିଁଥାଏ ଅନ୍ୟମନସ୍କ ଭାବେ । ସେଇ ଦୁଃଖରେ ମ୍ରିୟମାଣ ହୋଇ ଭଙ୍ଗୁର ନୟନରେ କାନ୍ଥ ଘଣ୍ଟାଟିକୁ ଚାହୁଁଥାଏ । ଆଖିରେ ଆଖିଏ

ଲୁହ ଜକେଇ ଆସି ଉଚ୍ଛୁଳା ନଦୀ ପରି ଆଖିର କୋଣରେ ଠୋପା ଠୋପା ହୋଇ ଲହଡ଼ି ଭାଙ୍ଗୁଥାଏ । ଠପ୍ ଠପ୍ ହୋଇ ଲୁହଧାର ନିଗିଡ଼ି ପଡୁଥାଏ ନିଜର ଜଙ୍ଘ ଉପରେ । ଭାବୁଛି ସକାଳ ହେଲେ ଆଗ ଯାଜପୁର ଯାଇ ତାକୁ ଦେଖାକରିବ । ଏମିତି ବହୁତ କିଛି ଭାବନାର ନକ୍ଷତ୍ରଗୁଡ଼ିକ ଉଙ୍କି ମାରୁଥାଏ ଦୀପକ ମନ ଆକାଶର ଛାତ ତଳେ । ହରେକ୍ ଭାବନା ରଙ୍ଗରେ ଭିଜି ଦୀପକ୍ ଅସ୍ତବ୍ୟସ୍ତ ହୋଇ ଖଟ ଉପରୁ ଉଠି ଧାଇଁ ଆସେ ଘରର ଦାଣ୍ଡ ଅଗଣାକୁ । ଦୀପକର ମାଆ ଦୌଡ଼ି ଆସି ଦୀପକକୁ ବାତ୍ସଲ୍ୟ ମମତାରେ କୋଳେଇ ନିଏ । ଆଖିର ଲୁହକୁ ଦେଖି ଜନ୍ମଦାତ୍ରୀ ମାଆ ମର୍ମାହତ ହୋଇ ପଚାରେ ।

– ଆରେ, ପୁଅ ! ତୋର କ'ଣ ହେଇଛି । ଏତେଦିନ ପରେ ଘରକୁ ଆସିଛୁ । କ'ଣ ହେଇଛି ଯେ ତୁ କାନ୍ଦୁଛୁ ।

– ବୋଉ ! ନା ସିଏ କିଛି ନୁହେଁ । ବହୁତ ଦିନରୁ ତୁମ୍ଭମାନଙ୍କୁ ଦେଖି ନ ଥିଲି ତ, ସେଥିପାଇଁ ଇଏ ମୋର ଆନନ୍ଦର ଅଶ୍ରୁ ।

ମାଆ ନିଜ ଜନ୍ମକଲା ପୁଅର ଦୁଃଖକୁ ନ ବୁଝିବ ବା କେମିତି । ଅତି ସରାଗରେ କହିଲା ।

– ମୋର ଧନଟା ପା' । ମୋତେ ସତକଥା କହିବୁନି ।

– ବୋଉ । ମୋତେ କିଛି ସମୟ ଏକୁଟିଆ ଛାଡ଼ି ଦେ । ପରେ ମୁଁ ତତେ ସବୁ କିଛି ଟିକିନିଖି କରି କହିବି ।

ମାଆ ନିଜ ପଣତକାନିକୁ କାନ୍ଧରୁ ବାହାର କରି ପୁଅର ମୁହଁକୁ ପୋଛି ଖାଦ୍ୟର ବ୍ୟବସ୍ଥା କରିବାକୁ ଧାଇଁଗଲା ରୋଷେଇଘରକୁ । ପାଣି ଗିଲାସଟିଏ ଆଣି ଦେଲା ପୁଅ ଦୀପକକୁ । ଦୀପକ୍ ଢକ୍ ଢକ୍ କରି ପାଣିତକ ପିଇ ଦାଣ୍ଡ ପିଣ୍ଡାରେ ବସିପଡ଼ିଲା ସେଇ ଭାବନା ଚକ୍ରବ୍ୟୂହରେ ଆଉଟପାଉଟୁ ହୋଇ । ମାଆ ଚାଲିଗଲେ ଘର ଭିତରକୁ । ଘନ ଅନ୍ଧାର ଭିତରେ ନିଜେ ହଜିଗଲା ପରି ନିଜର ମନକୁ ହଜାଇ ଦିଏ ସେଇ ଝିଅ ଦୀପ୍ତିର ଶୋକାକୁଳ ପରିବେଶ ମଧ୍ୟରେ । ବିଚରା ସେ ତା' ସ୍କୁଲମେଟ୍ । ପୁଣି ସେ କେତେ ଅନ୍ତରଙ୍ଗ, ଆତ୍ମୀୟ, ନିଜ ଭଉଣୀଠାରୁ ବି କିଛି କମ୍ ନୁହେଁ ।

ନାଥସାହି ଡେଇଁଲେ କର ସାହି । ତାଙ୍କ ଘରକୁ ଏମିତି ଭଲ ଯିବାଆସିବା ବାଟ ନ ଥାଏ । ସାଇକେଲ ଛଡ଼ା ଆଉ କିଛି ଯାନ ଯିବା ଅସମ୍ଭବ । ବର୍ଷାଦିନ ବ୍ୟତୀତ ଅନ୍ୟଦିନମାନଙ୍କରେ ସେହି ରାସ୍ତାରେ ଯା'ଆସର କିଛି ଅସୁବିଧା ହୁଏନାହିଁ । ରାସ୍ତାଟି ସରୁ ଅମଡ଼ା ମାଟିର । ଠାବେ ଠାବେ ରସ୍ତା ଉପରେ ବରଗଛ ଓ ଅଶ୍ୱତ୍ଥ ଗଛର ଚେରମାନେ ବାଟରେ ପ୍ରାକୃତିକ ହମ୍ପସ୍ ତିଆରି କରିଛନ୍ତି । ମାତ୍ର ବର୍ଷାଦିନ ରାସ୍ତାଟି କାଦୁଅରେ ଚପର ଚପର । ରାସ୍ତାକଡ଼ରେ ଗାଡ଼ିଆର ପାଣି ରାସ୍ତା ଉପରେ ଚଢ଼ି ଆଣ୍ଠିଏ ହୋଇଯାଏ । ସେଇ ରାସ୍ତାର ଆଗରେ ଦକ୍ଷିଣ ପାର୍ଶ୍ୱକୁ ଛୋଟ ମଙ୍ଗଳା ମନ୍ଦିର ଆଉ ବାମପାର୍ଶ୍ୱରେ କର ଅଙ୍କଲଙ୍କ ଘର । କର ଅଙ୍କଲ ଜାତିରେ ବ୍ରାହ୍ମଣ । ମଙ୍ଗଳା ମନ୍ଦିରର ପୂଜକ ତଥା ସେଇ ଗାଁ'ର ପ୍ରାଇମେରୀ ସ୍କୁଲ ଶିକ୍ଷକ । ତାଙ୍କର ଚାରୋଟି ଝିଅ । ପୁଅ ନ ଥାଏ । ଏତିକି ତାଙ୍କର ଦୁଃଖ । ସେଇମାନଙ୍କୁ ନେଇ ଦୁଃଖସୁଖରେ ତାଙ୍କର ସଂସାରଟି ଚଳିଯାଏ । ଘର ପଛପଟରେ ବାରି ବଗିଚା ଅଛି । ପନିପରିବାଠୁଁ ନେଇ ଯାବତୀୟ ଗଛ ସେଠି ବିଦ୍ୟମାନ । କିଆ ବଣରେ ବିଲୁଆମାନେ ସନ୍ଧ୍ୟା ଆସିଲେ ହୁକେ-ହୋ ରାବରେ ଗଗନପବନ ପ୍ରକମ୍ପିତ କରନ୍ତି । ରାସ୍ତାପାର୍ଶ୍ୱ ବାଡ଼ରେ ମନ୍ଦାର, ମଲ୍ଲୀ, କନିଅର, କୃଷ୍ଣଚୂଡ଼ା ଫୁଲ ସାଇଟିର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ ।

ଦୀପ୍ତି କର ଅଙ୍କଲଙ୍କର ସବା ସାନ ଝିଅ । ରୂପରେ ଯେମିତି ଗୁଣରେ ସେମିତି । ସାମାନ୍ୟ ଡେଙ୍ଗୀ, ତନୁପାତେଳୀ ପ୍ରଶସ୍ତ ନିତମ୍ବ ସାଙ୍ଗକୁ ଚେହେରା ଚମ୍ପାଫୁଲ ପରି ଗୋରା ତକ ତକ । ଆଉ ମୁହଁ ଯେମିତି ସୂର୍ଯ୍ୟଙ୍କ ପରି ଦୀପ୍ତିମାନ । ଆଖି, ଭ୍ରୂଲତା, ନାକ ଓ ପାଟି ସତେଯେମିତି ତୂଳୀର ଚିତ୍ରିତ ଚିତ୍ରପଟ । ଗାଁ'ର ଲୋକମାନେ ତାକୁ ଯେମିତି ଆଦର କରନ୍ତି, ସେମିତି ଥଟ୍ଟା ମଧ୍ୟ କରନ୍ତି । ଏଥିରେ ସେ କେବେ ବି ବିବ୍ରତ ହୁଏନି । ସାଇର ଅନ୍ୟ ଝିଅଙ୍କଠୁଁ ସେ ସଂପୂର୍ଣ୍ଣ ଭିନ୍ନ । ତା' ମନରେ କେବେ ଦୁଃଖ ନା ଗର୍ବ । ହସ ହସ ମୁଖରେ ଛୋଟଠାରୁ ପ୍ରୌଢ଼ଯାଏ ହସେଇ ସେ ପାଲଟିଯାଇଥାଏ ଅତି ଗେଲବସରର । ସେମାନେ ତାଙ୍କୁ ଦଣ୍ଡେ ମାତ୍ର ନ ଦେଖିଲେ ବିଚଳିତ ହୋଇପଡ଼ନ୍ତି । ତା'ର ରେଶମୀ ବାଳ ଝାଙ୍କି ହୋଇପଡ଼ିଲେ ମୁହଁଟି ସବୁଜପତ୍ର ଗହଳି ମଧ୍ୟରେ ସତେଜ ଗୋଲାପ ପରି ଝଲସିଉଠେ । ପଦ୍ମପତ୍ରରେ ଢଳ ଢଳ ଜଳ ବିନ୍ଦୁପରି ତା'ର ସୁଗୋଲ ଆଖି ଦୁଇଟି । ଆଖିରେ କଜଳ ଧାରେ ନାଇଦେଲେ ଦେଖାଯାଏ ସ୍ୱର୍ଗର ପରି ଭଳିଆ ।

ସାଇର କିଶୋରମାନେ ସବୁବେଳେ ଆପେ ଆପେ ତା' ଉପରେ ପଡ଼ନ୍ତି; କିନ୍ତୁ ସେ ଏହାକୁ ଅପସନ୍ଦ କରି ରାସ୍ତାରେ ପାଦକୁ କଚାଡ଼ି ଘରକୁ ଦୌଡ଼ି ପଳେଇଯାଏ । ଦେହରେ ଆଣ୍ଠୁଯାଏ ଫ୍ରକ୍‌ଟିଏ ପିନ୍ଧି ସେ ସାହିରୁ ସ୍କୁଲ ଯାଏ ଯା'ଆସ କରେ । ସେଇ ବସ୍ତ୍ର ପରିଧାନରେ ତା'ର ରୂପ ଲାବଣ୍ୟକୁ ବୋଧହୁଏ କାହା ସଙ୍ଗେ ତୌଲ କରି ହେବନାହିଁ ।

ଗାଁ ସ୍କୁଲରେ ସେ ପଢ଼େ । ହାତର ଅକ୍ଷର ପ୍ରିଣ୍ଟିଂ ଅକ୍ଷର ପରି । ସେ ମେଧାବୀ ଓ ଚତୁର ପ୍ରକୃତିର । ବର୍ଷସାରା ବ୍ୟବହୃତ ବହିଖାତା ସେଇପରି ନୂଆ ପରି ଯତ୍ନ ରଖେ । ସବୁ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କର ସେ ଅତି ଅଲିଅଳୀ । ଗୋଟିଏ ଦିନ ସ୍କୁଲ ଅନୁପସ୍ଥିତିରେ ଗୁରୁକୁଳ ମଧ୍ୟରେ ଜୁଆର ଭଟ୍ଟାର ଭାଳେଣି ପଡ଼େ । ସେଇଦିନ ସ୍କୁଲ ପରିସର, ହତା, ବଗିଚା ଯେମିତି ଏକ ଜେଲଖାନା । ସବୁଆଡ଼େ ଖାଲି ଖାଁ ଖାଁ ଲାଗେ । ତା' କ୍ଲାସ୍‌ର ପିଲାମାନଙ୍କ ମଧ୍ୟରେ ଦୁଃଖର ବାତାବରଣ ସୃଷ୍ଟି ହୋଇଥାଏ । ବିଶେଷକରି ଦୀପକ୍ ସମସ୍ତଙ୍କଠାରୁ ତା' ପାଇଁ ବେଶୀ ବାଚାଳ ହୋଇଥାଏ ।

ଦୀପକ ବି ସେଇ ଗାଁ'ର । ଛକରୁ ଅଙ୍କବାଟ ଗଲା ପରେ ବାମହାତି ମୋଡ଼ଣିରୁ ଆଉ କିଛି ଚଲାବାଟ ପରେ ପଡ଼େ ବାଉଁଶ ବଣ ଭିତରେ ସରୁ ରାସ୍ତାଟିଏ । ନଡ଼ିଆ ଗଛ ଧାଡ଼ି ଧାଡ଼ି ହୋଇ ଆକାଶକୁ ଅନେଇଥା'ନ୍ତି । ରାସ୍ତାର ଜଗନ୍ନାଥ ମନ୍ଦିରକୁ ଡେଇଁଲେ ଗୋଟିଏ ବଡ଼ ଦାଣ୍ଡ ପୋଖରୀ । ସେଇ ପୋଖରୀକୁ ପରିବେଷ୍ଟିତ ହୋଇଛି ରାଉତ ସାହି । ଦୀପକ ସେଇ ସାହିର ଗୋଳକ ରାଉତଙ୍କ ସାନପୁଅ । ବଡ଼ ପୁଅ ଓ ବଡ଼ ଝିଅ ତଳେ ସିଏ । ସମୁଦାୟ ପଞ୍ଚପ୍ରାଣୀ । ଘଞ୍ଚ ସବୁଜ ବନାନୀ ଘେରରେ ଛୋଟ ଚାଳକୁଡ଼ିଆଟିରେ ସେମାନେ ରହନ୍ତି । ଘରର ଚଳଣି ସେମିତି କିଛି ଭଲ ନୁହେଁ । ଅଭାବ ଅନଟନ ଭିତରେ ଗଣ୍ଡେ ଖାଇ ଜିଇଁ ରହିଥା'ନ୍ତି ଆଗାମୀ ଭବିଷ୍ୟତ ପାଇଁ । ଏହି ଅଭାବର ରାକ୍ଷସ କବଳରେ

ଦୀପକ୍ ଦେଖେ ଭିନ୍ନ ସ୍ୱପ୍ନ ।

ଦୀପକ୍ ଅତି ସରଳ, ଶାନ୍ତ ପ୍ରକୃତିର । ଗୌରବର୍ଣ୍ଣ, ଥୁକୁଲ ଥାକୁଲ ଚେହେରା । ବଳିଷ୍ଠ ହାତ ବାହୁକୁ ଗୋଲିଆ ମୁଖମଣ୍ଡଳ । କେଶଗୁଡ଼ିକ ଝାମ୍ପୁରୁ ହୋଇ କାନ ଓ ପଛକୁ ଲମ୍ବିଛି । ଦେହରେ ନିମ୍ନମାନର ପୋଷାକ;କିନ୍ତୁ ସେ ଉଚ୍ଚମନା ଓ ପରୋପକାରୀ । ସାଇରେ କିଏ ଅସୁବିଧାରେ ଥିଲେ ସେଠି ସିଏ ଉପସ୍ଥିତ ଥାଏ ଆଗ । ସାଇର ବାପା-ଦାଦାଠାରୁ ଜେଜେ, ବୁଢ଼ୀମା' ପର୍ଯ୍ୟନ୍ତ ସେ ଅତି ଆଦରର । ଛୋଟ ଛୋଟ ପିଲାଙ୍କର ସିଏ ଲିଡର । ସମସ୍ତେ ଦୀପୁ ଭାଇ ବିନା କେହି ଟିକିଏ ପାଣି ପିଅନ୍ତି ନାହିଁ । ସନ୍ଧ୍ୟା ହେଲେ ଦାଣ୍ଡରେ ବସିଯାଏ ପଢ଼ିବାକୁ । ତା' ପାଖରେ ବସିଥା'ନ୍ତି କେତେଟା ଛୋଟ ପିଲା । ସେ ନିଜେ ପଢ଼ିସାରି ପିଲାଙ୍କୁ କିଛି ହୋମ୍‌ୱାର୍କ ବତେଇଦିଏ । ତେଣୁ ସେ ପିଲାଙ୍କର ଗୁରୁସ୍ୱରୂପ ।

ଦୀପକ ଘରର ଯାବତୀୟ କାର୍ଯ୍ୟ କରିବା ସହିତ ବାପାମାଆଙ୍କ କାମରେ ସାହାଯ୍ୟ କରେ । ସେ ପ୍ରତ୍ୟେକ ଘରେ ଘରେ ଗେହ୍ଲା । ଯଦି କାହା ଘରକୁ ଗଲା ବିନା ଖାଦ୍ୟପେୟରେ ତାକୁ କେହି ଛାଡ଼ନ୍ତି ନାହିଁ । ଦାରିଦ୍ର୍ୟତାର ଚାପରେ ସେ ସବୁବେଳେ ମର୍ମାହତ । କେମିତି ପଢ଼ିବ, ଭଲ ମଣିଷଟିଏ ହେବ, ସବୁବେଳେ ଦେଖେ ସ୍ୱପ୍ନ । ଶେଷରେ ଈଶ୍ୱରଙ୍କୁ ନିଜର ଦୁଃଖ ଜଣାଏ ।

ଦୀପକ ମଧ ସେଇ ସ୍କୁଲରେ ଏକା କ୍ଲାସ୍‌ରେ ଦୀପ୍ତି ସହିତ ପଢ଼େ । ତା'ର ହିତାହିତ ଜ୍ଞାନ ବହୁତ ଭଲ । କ୍ଲାସର ପିଲାଙ୍କ ସହ ସହଯୋଗ ସହାନୁଭୂତି ଓ ଉପକାରରେ ସାମିଲ ହେବା ତା'ର ମୌଳିକ ଧର୍ମ । ସାଥୀମାନଙ୍କୁ ହୋମ୍‌ୱାର୍କରେ ସାହାଯ୍ୟ କଲାବେଳେ ଶିକ୍ଷକଙ୍କ ଠାରୁ ଶୁଣେ କେତେ ଗାଳି; କିନ୍ତୁ ସେ ଏଥିରେ ଅଧୀର ଓ ଅଥୟ ନ ହୋଇ ତା'ର ସାହାଯ୍ୟ ପଥର ଦ୍ୱାର ସର୍ବଦା ଉନ୍ମୁକ୍ତ । ସେ କ୍ଲାସ୍‌ରେ ପ୍ରଥମ ହେଲେ ଦୀପ୍ତି ହୁଏ ଦ୍ୱିତୀୟ । ଶିକ୍ଷକଙ୍କ ପ୍ରଶ୍ନବାଣରେ ଅତିଷ୍ଠ ନ ହୋଇ ଅତି ସୁନ୍ଦର ଭାବେ ଉତ୍ତର ଫୁଟାଇ ତୋଳନ୍ତି ସେ ଦୁହେଁ । ପୁଅ ବିଭାଗରୁ ଦୀପକ୍ ଓ ଝିଅ ବିଭାଗରୁ ଦୀପ୍ତି ଏମିତି କେତେ କ'ଣ କୁଇଜ୍ କମ୍ପିଟିସନ୍ ଚାଲେ । ଏହି ସୁଯୋଗରୁ ଦୁହିଁଙ୍କ ମଧ୍ୟରେ ଘନିଷ୍ଠତାର ଦୂବ କଅଁଳି ଉଠେ ତାଙ୍କ ମନ ବଗିଚାରେ । ଦୀପକ୍ ଯେମିତି ସ୍ୱାଭିମାନ, ଅଭିମାନ, ସତ୍ୟବାଦୀ, ଦୀପ୍ତି ଠିକ୍ ସେମିତି ସ୍ୱାଭିମାନୀ, ଅଭିମାନୀ ଓ ସମଦୁଃଖୀ । ସ୍କୁଲ ଭିତରେ ଓ ବାହାରେ ଏ ଦୁହିଁଙ୍କୁ ନେଇ ନାନା ଗୁଜବ ସମୁଦ୍ରର ଢେଉମାଳା ପରି ପଛକୁପଛ ଅତିକ୍ରମ କରେ । ହେଲେ ଏଥିରେ କେହି ମର୍ମାହତ ନ ହୋଇ ଧୈର୍ଯ୍ୟ ସହକାରେ ନିଜର ମନ ନୌକାକୁ ସମାଜ ସାଗରରେ ଆହୁଲେଇ ନିଅନ୍ତି । ଏଥିପାଇଁ ଦୁହିଁଙ୍କୁ ଭୋଗିବାକୁ ପଡ଼େ ଦୁର୍ଦ୍ଦଶା ନିଜ ଘର ଲୋକଙ୍କ ଉପଚାରରୁ । କିନ୍ତୁ ଦୁହିଁଙ୍କର ସମ୍ପର୍କ ସେମିତି ରହେ ଅତୁଟ ଆଉ କଂକ୍ରିଟ୍ ପରି ଟାଣ ।

ଅଳ୍ପ କେଇଟା ଦିନ ପରେ ମାଟ୍ରିକ୍ ପରୀକ୍ଷା । ଦୀପ୍ତିର ବଢ଼ିଲା ଚେହେରା ସାଙ୍ଗକୁ ସଦ୍ୟ ପ୍ରସ୍ଫୁଟିତ ରୂପ ଯୌବନରେ ଫାଟି ପଡୁଥାଏ । ହେଲେ ଏଥିପାଇଁ ତା'ର ଟିକିଏ ବି ଦମ୍ଭିଲା ପଣ ନ ଥାଏ । ଏକଦା ଦଶମ ଶ୍ରେଣୀରେ କ୍ଲାସ୍ ନେଉଥାନ୍ତି ଚକ୍ରଧର ସାର । ପିଲାଙ୍କୁ କିଛି ପ୍ରଶ୍ନ ପଚାରିଲେ ସଙ୍ଗେ ସଙ୍ଗେ ତା'ର ପ୍ରତି ଉତ୍ତର ମିଳେ ପିଲାଙ୍କଠୁଁ । କିନ୍ତୁ ଦୀପକର କିଛି ତ୍ରୁଟି ଦେଖି ସାର୍ କ୍ରୋଧାନ୍ୱିତ ହେଲେ । ଚେୟାରରୁ ଧଡ଼୍ କରି ଉଠି କୁଦିପଡ଼ିଲେ ଦୀପକ୍ ଆଡ଼କୁ । କିଛି ଭାବିବା ପୂର୍ବରୁ ବେତ୍ରାଘାତର ପ୍ରହାର ବଜ୍ରନାଦ ପରି ବର୍ଷିଚାଲେ ଦୀପକ୍ ଉପରେ । ଦୀପକ୍ ଥିଲା ସ୍ଥିର ନିଶ୍ଚଳ ଏବଂ ନିର୍ଭୀକ । ଅକାଟ୍ୟ ଗାଳିକୁ ମଥାପାତି ସହି ନେଉଥିଲା ନିଜର ଗୁରୁଙ୍କଠାରୁ । ନିଜ ପକ୍ଷରୁ କିଛି ଅଭିଯୋଗ ନ ଥାଏ । କ୍ଲାସ୍ ଛାଡ଼ି ବାହାରିଗଲେ ଶିକ୍ଷକ । ସାରା କ୍ଲାସ୍‌ରେ ଶୋକର ଛାୟା । ପ୍ରତିଟି ସାଥୀ ଅବାକ୍ ହୋଇ ଚାହିଁ ରହିଥିଲେ ଦୀପକ୍‌କୁ । ଅନ୍ତରର ଲୁକ୍କାୟିତ କୋହକୁ ସମ୍ଭାଳି ନ ପାରି କ୍ରନ୍ଦନରେ ଫଟାଇଦେଲା କ୍ଲାସ୍ ରୁମ୍‌ଟା । ବିଷଣ୍ଣଭରା ମୁଖମଣ୍ଡଳଟା ଦିଶୁଥିଲା ଲାଲ୍ ଟହ ଟହ । ଆକ୍ତାମାକ୍ତା ହୋଇ ଆଖିରୁ ଝରାଇ ଦେଇଥିଲା ଲୋତକଧାର ଚଟାଣ ଉପରେ । ସାଙ୍ଗସାଥୀ ଦୀପକର ଚାରିପାଖରେ ଘେରିପଡ଼ି ବିଭିନ୍ନ ସାନ୍ତ୍ୱନାମୂଳକ କଥା କହି ବୁଝାଉଥିଲେ ତାକୁ; ତଥାପି କ୍ରନ୍ଦନର ରୋଳ ବନ୍ଦ ହେଇ ନ ଥିଲା । କିଛି ସମୟର ଅତିକ୍ରାନ୍ତ ପରେ ସୁଉଁ ସୁଉଁ ହେଇ ବନ୍ଦ କରିଥିଲା ତା'ର ସାଥୀଙ୍କ ଅନୁରୋଧକ୍ରମେ । ପକେଟ୍‌ରୁ ରୁମାଲ୍ କାଢ଼ି ମୁହଁ ପୋଛିଲା ।

ଧୀରେ ଧୀରେ ସବୁ ଠିକ୍ ଠାକ୍ ହୋଇଗଲା । ଦୀପକ୍ ଉପରକୁ ଚାହିଁ ମୁଣ୍ଡ ବୁଲାଇଲା । ଅଲରା ବାଳକୁ ହାତରେ କୁଣ୍ଡେଇଲା । ଝିଅପିଲା ଆଡ଼େ ବୁଲି ଦେଖିଲାବେଳକୁ ଦୀପ୍ତି ବେଞ୍ଚ ଉପରେ ମୁଣ୍ଡଟାକୁ ଲଦି ସ୍ଥାଣୁ ପାଲଟି ଯାଇଛି । ଝିଅ ସାଥୀମାନେ ଦେଖିଲେ ସେ ପ୍ରକୃତରେ ତଳମୁହିଁ କରି କଇଁ କଇଁ କାନ୍ଦୁଛି । କାନ୍ଦିବାର କାରଣ ଯେତେ ପଚାରିଲେ ବି ଉତ୍ତର ସେ ଦିଏ ।

– ନାହିଁ, ମୋର କିଛି ହେଇନି । ମୁଁ କାନ୍ଦୁନି, ମୋ ଆଖିରେ ଗୋଟିଏ ପୋକ ପଡ଼ିଗଲା ଯେ ସେଥିପାଇଁ ଲୁହ ଝରୁଛି ।

ସେମିତି ଖୁଣ୍ଟାସିଆ ହୋଇ ମୁଣ୍ଡକୁ ତଳମୁହାଁ କରି ବସି ରହିଥିଲା ଦୀପ୍ତି ।

କିନ୍ତୁ ଅସଲ କାରଣଟା ବୁଝିପାରିଥିଲା ଦୀପକ୍ । କ୍ଲାସ୍ ଛୁଟି ହେଲା । ବାଟରେ ଯାଉ ଯାଉ ଦୀପକ୍ ଦୀପ୍ତିକୁ ନ କାନ୍ଦିବାକୁ ବହୁତ ବୁଝାଇଥିଲା । ଦୀପ୍ତି ତୁନି ହେଇ ନିଜ ଓଢ଼ଣୀରେ ମୁହଁକୁ ପୋଛି ପଚାରିଲା–

– ଦୀପକ୍, ତୁମେ କେମିତି ଜାଣିଲ ଯେ ମୁଁ କାନ୍ଦୁଛି ।

– ମୁଁ ଜାଣିବିନି ତ ଆଉ କିଏ ଜାଣିବ । ସେମିତି କିଛି ଦରଦ ତୁମ ଉପରେ ଅଛି ବୋଲି ମୁଁ ଅନୁମେୟ କରି ନେଇଥିଲି ।

– ହଉ, ହଉ, ତୁମେ ସର୍ବଜ୍ଞ ହେଇଗଲଣି । ସମସ୍ତଙ୍କ ଅନ୍ତର ଭିତରର ଅନୁମାନକୁ ତୁମେ ଜାଣିପାରୁଛ ।

ଆଗରେ ରାସ୍ତାଟି ଦୁଇ ଶାଖା ହେଇ ବିସ୍ତାରିତ ହେଇଛି । ଦୁହେଁ ଦୁହିଁଙ୍କୁ କଣେଇ କଣେଇ ଚାହିଁ ଦାନ୍ତ ଚିପି ମୁରୁକି ହସିଦେଲେ । ଗୋଟିଏ ଶାଖାରେ ଦୀପ୍ତି ଓ ଅନ୍ୟ ଶାଖାରେ ଦୀପକ୍ ଆଗକୁ ମାଡ଼ି ଚାଲିଥିଲେ ମଝିରେ ମଝିରେ ପଛକୁ ଚାହିଁ । ସେହିଦିନଠାରୁ ଦୁହିଁଙ୍କ ମଧ୍ୟରେ ଗଢ଼ି ଉଠିଥିଲା ଏକ ମଧୁମୟ ସମ୍ପର୍କ ।

ସେଦିନ ରାତି ଦୀପକର ଥିଲା ମଳୟ ପ୍ରଣୟର ଭାବନା ରାତି । ଖଟ ଉପରେ କାଠ ଗଡ଼ଟିଏ ପରି ପଡ଼ିରହିଥିଲା ବିନା ନିଦ୍ରାରେ ସାରା ରାତି । ଏହି ଭାବ ବିହ୍ୱଳିତ ମନ ଆଗରେ ଗୁରୁଙ୍କ ଶାସ୍ତି ହାର ମାନି

ନେଇଥିଲା । ଜୀବନର ପ୍ରଥମ ପାଦରେ ଭଲ ପାଇବାର ବାସନା ଜୀବନକୁ ରଙ୍ଗେଇ ଦେଇଥିଲା ଏକ ଗୁମ୍‌ସୁମ୍ ପରିବେଶର ମଡୁଆଲାଟେ ପରି । ମୁକ୍ତ ବିହଙ୍ଗ ପରି ଉଡ଼ି ବୁଲୁଥିଲା ତା'ର ଚୁଲ୍‌ବୁଲ୍ ମନ ତା'ର ସେଇ ନବଦିଗନ୍ତ ନାୟିକା ପାଖରେ ।

ଅପରପକ୍ଷରେ ଦୀପ୍ତି ବି ଚାହିଁ ବସିଥିଲା ଝରକା ଦେଇ ଆକାଶର ଚନ୍ଦ୍ରମାକୁ । ନୂଆ ନୂଆ ଭାବନାର ଡଙ୍କ ମେଲାଇ କେତେ କ'ଣ ଭାବନାର ସ୍ୱପ୍ନରେ ଉବୁଟୁବୁ ହୋଇ ଦୀପ୍ତି ପରୀର ପକ୍ଷ ମେଲାଇ ଉଡ଼ିବାକୁ ଚେଷ୍ଟାକରେ ତା'ର ସେଇ ଅଭୁଲା ମୁହୂର୍ତ୍ତର ସାଥୀ ଦୀପକ୍ ନିକଟକୁ । ଦୁହିଁଙ୍କର ଭଲପାଇବାର ନିଶା ସୁରାପାନ ନିଶାଠାରୁ ଆହୁରି ନିବିଡ଼ ହେଲା । ଜଣେ ଜଣକୁ ନ ଦେଖିଲେ ସେଦିନ ହେଲା ପୂର୍ଣ୍ଣିମା ଚନ୍ଦ୍ର ପାଇଁ ଅମାବାସ୍ୟା ରାତି ।

ପରଦିନ ସକାଳ । ଦୀପକର ଆଘାତ ଅଂଶକୁ ଅନୁଶୀଳନ କରିବା ପାଇଁ ଦୀପ୍ତି ଧାଇଁଆସିଛି ଦୀପକ ଘରକୁ । ଦୀପକର ମାଆ ଶ୍ରଦ୍ଧାରେ ପାଛୋଟି ନେଇ କହିଲେ ।

– ଦୀପ୍ତି, କ'ଣ ଏତେ ସକାଳୁ ।

– ନା, ଟିକିଏ ପାଠ ବୁଝିବାର ଥିଲା ତ ! ଚାଲିଆସିଲି ଦୀପକ ପାଖକୁ ।

– ଆଉ କ'ଣ ଘରେ ସମସ୍ତେ ଭଲ ?

– ହଁ, ଆଣ୍ଟି । ସମସ୍ତେ କୁଶଳରେ ଅଛନ୍ତି । ବଡ଼ ଅପା ଆସିଛନ୍ତି ।

– କେତେ ଦିନ ରହିବ । ତା'ପୁଅ ଆସିଛି ।

– ସପ୍ତାହେ ରହିପାରେ । ହଁ, ସିଏ ଆସିଛି ।

– ମାଆଟା ପରା, ଆସେ ଟିକିଏ ଜଳଖିଆ ଖାଇ ନେବୁ ।

– ହଁ, ଖାଇବି ଯେ । ଦୀପକ୍ କୁଆଡ଼େ ଗଲା କି ?

– ପାଖ ଘେରାକୁ ଯାଇଛି । ପ୍ରାୟ ଆସୁଥିବ ।

ଚପଲ ଖସ୍ ଖସ୍ ହେଲା । ଘରକୁ ଦୀପକ୍ ଆସିବାର ଜାଣି ଦୀପ୍ତି ଦୌଡ଼ିଗଲା ତା' ଆଡ଼େ । ଦୀପକର ହାତକୁ ଧରି ବୁଲାଇଦେଲା । ତା'ର ପିଠିକୁ ତନ୍ନତନ୍ନ କରି ଚାହିଁବସିଲା । ପିଠିରେ ବେତ୍ରାଘାତର ଚିହ୍ନସବୁ ସ୍ପଷ୍ଟ ବାରି ହେଉଥିଲା । ଛଳଛଳ ଆଖିରେ ଦୀପ୍ତି ଚାହିଁରହିଲା ଦୀପକର ନୟନକୁ । ଅଧୀର ହୋଇପଡ଼ିବାରୁ ଦୀପକର ନୟନରୁ ଦୁଇଧାର ଅଶ୍ରୁ ନିଗିଡ଼ି ପଡ଼ିଥିଲା ଦୀପ୍ତିର କଅଁଳ ହାତ ଉପରେ । ସେଇ ଉଷୁମ ଲୁହକୁ ପାଟିରେ ଚୁମି ନେଇଥିଲା ଦୀପ୍ତି ଅତି ସରାଗରେ । ପିଠି ଆଉଁଶି ମୁଭ୍ ମାଲିସ୍ କଲା । କିଛିକ୍ଷଣ ପରେ ପ୍ରଶ୍ନ କଲା ।

– ଆଜି କ'ଣ ସ୍କୁଲ ଯିବ ।

– କ'ଣ ହେଲା କି ?

– ନାହିଁ, ଏମିତି ପଚାରୁଥିଲି ।

– ହଁ, ଯିବି । ଆଉ ତମେ ।

– ହଁ, ନିଶ୍ଚୟ ଆସିବି ।

ଲାଜରେ ସରମି ଯାଇ ଆଣ୍ଟି ପାଖକୁ ଯାଇ ଜଳଖିଆ କଲା । ଆଣ୍ଟିକୁ କହି ନିଜ ଘରକୁ ବାହାରିଲା । ତା'ର ଯିବା ବାଟକୁ ଆଣ୍ଟି ଓ ଦୀପକ୍ ଚାହିଁରହିଥିଲେ ।

ପ୍ରତିଦିନ ସ୍କୁଲରେ ଦୁଇଜଣଙ୍କର ମତ ବିନିମୟ ଘଟୁଥିଲା, ଚାହାଁଚାହିଁ ହୋଇ ହସୁଥିଲେ, ଖୁସି ଖୁସିରେ ସମୟ କେମିତି ବିତିଯାଏ ଜଣାପଡ଼େ ନାହିଁ ।

ବସନ୍ତଋତୁ । ଆମ୍ରଗଛରେ ବଉଳର ମହକ ଚାରିଆଡ଼େ ମହମହ ମହକିଯାଏ । କୋଇଲିର କୁହୁକୁହୁ ସଙ୍ଗୀତରେ ମଧୁର ମଳୟ ପବନ ନୃତ୍ୟରତା । କ୍ଲାସ୍ ବନ୍ଦ ହେଇଯାଇଥାଏ । କେବଳ ସନ୍ଧ୍ୟାବେଳେ ଟିଉସନ୍ ଚାଲେ । ଆଉ ତିନିଦିନ ପରେ ପରୀକ୍ଷା । ସନ୍ଧ୍ୟା ସମୟ । ସ୍କୁଲର ଫାଟକଟି ହାଁ ମୁକୁଳା । ଆଗରେ କିଛି ଝିଅଙ୍କ ସାଥୀରେ ଦୀପ୍ତି ଚାଲିଥାଏ ରାଜହଂସ ପରି ହସମୁଖୁରୀ ହୋଇ । ପଛରେ ଥାଏ ଦୀପକ୍ । ଦୀପ୍ତି ହାତରୁ ଖଣ୍ଡେ ଲୋଚାକୋଚା କାଗଜ ଫିଙ୍ଗି କିଛି ନ ଜାଣିଲା ପରି ଧସେଇ ପଶିଗଲା ଟିଉସନ୍ ଭିତରକୁ । ଅଟକିଯାଇ ଦୀପକ୍ ହାତରେ ତୋଳିନେଲା କାଗଜ ଖଣ୍ଡଟିକୁ । ଅତି ସନ୍ତର୍ପଣରେ ପକେଟ୍‌ରେ ପୂରାଇ ଚାଲିଗଲା ପଢ଼ିବାକୁ ତାଙ୍କ ପଛରେ; କିନ୍ତୁ ଦୀପକର ମନ ନ ଥାଏ ପାଠରେ । ଚୋର ପରି କନ୍‌କନ୍ ହେଉଥାଏ । ଭାବନାରେ ମଜ୍ଜିଯାଇ ଟିଉସନ ପୀଠସ୍ଥଳୀକୁ ଭୁଲିଯାଇଛି । ଟିଉସନ ଛୁଟି ପରେ ସମସ୍ତେ ଚାଲିଗଲେ ଯେଝା ଘରକୁ । କିନ୍ତୁ ଦୀପକ ଯାଉ ଯାଉ ଅଟକିଯାଇଛି ନଡ଼ିଆଗଛ ମୂଳରେ । ଆକାଶରେ ପୂର୍ଣ୍ଣିମା ଜହ୍ନ ତା'ର ଜୋଛନାରେ ରଙ୍ଗାୟିତ କରିଛି ପୃଥିବୀର ବକ୍ଷସ୍ଥଳକୁ ।  ଗଛଗୁଡ଼ିକ ଛାଇ ଆଲୁଅ ଖେଳ ଭିତରେ ଅତି ଉତ୍ସାହରେ କିନ୍ତୁ ଡରି ଡରି ସେ ପକେଟ୍‌ରୁ ବାହାର କଲା ସେଇ କାଗଜଖଣ୍ଡଟିକୁ । ଲୋଚାକୋଚା କାଗଜଟିକୁ ସଳଖି ଚନ୍ଦ୍ରାଲୋକର ଅସ୍ପଷ୍ଟ ଆଲୋକରେ ଦେଖିଲା, ରକ୍ତର ତୂଳୀରେ ଲେଖାଅଛି–

– ''ଦୀପୁ, ଆଇ ଲଭ୍ ୟୁ ।'' (ଇତି) ଦୀପ୍ତି ।

ମର୍ମସ୍ପର୍ଶୀ ଲେଖାକୁ ପଢ଼ି ଆନନ୍ଦରେ କୁରୁଳି ଉଠିଲା । ଏହି ପ୍ରଳାପର ଭାଷାରେ ନାଚି ଉଠିଲା ଦୀପକର ମନ । ହୃଦୟ ଭିତରୁ ଉଦ୍‌ଗାରି ପଡ଼ିଥିଲା କିଛି ଗୁଣୁଗୁଣୁ ଗୀତ । କିଛିକ୍ଷଣ ପରେ ଘରେ ପହଞ୍ଚିଲା ସେ ।

ହାତଗୋଡ଼ ଧୋଇ ଜଳଖିଆ କଲା । ଖଟ ଉପରେ ଲଥ୍ କରି ବସିପଡ଼ିଲା ବହିଟିକୁ ମେଲି ମିଛ ବାହାନାରେ । ଭିତରୁ କବାଟ ବନ୍ଦ କରି ହାତ ଲେଖା କାଗଜଟିକୁ ବାହାର କରି ମନଭରି ପଢୁଥିଲା । ଆଉ ଦୁଇ ହୃଦୟର ଭାଷାକୁ ବୁଝିନେଉଥିଲା । ରୁଦ୍ଧ ପ୍ରକୋଷ୍ଠ ଭିତରେ କେତେ କ'ଣ ସ୍ୱପ୍ନ ଦେଖିଲା । ଦୀପ୍ତିର ସମ୍ମୋହିତ ହସ ବାରମ୍ବାର ଧସେଇ ପଶିଆସୁଥିଲା ଦୀପକର ମନ ଭିତରକୁ । ବର୍ଣ୍ଣିଳ ସ୍ୱପ୍ନରେ ଅପ୍ରକାଶିତ ଘଟଣାଗୁଡ଼ିକୁ ଭାବି ଭାବନା ବିହ୍ୱଳ ହେଲା ସିଏ । ଏମିତି ରାତିସାରା ଉଜାଗର ଥିଲା କେବଳ ସେଇ କଳ୍ପନା ବିଳାସ ଇନ୍ଦ୍ରଧନୁକୁ ଭାବି ଭାବି । ରାତିର ବେଳଅବେଳ କିଛି ଜଣା ନ ଥିଲା ତାକୁ ।

ପରୀକ୍ଷା ସରିଗଲା । ଦୀପ୍ତି ଆଉ ଦୀପକର ଏମିତି ଚକ୍କର ଚାଲେ ମିଛ ବାହାନାରେ ଇଏ ତା' ଘରକୁ ଓ ସିଏ ତା' ଘରକୁ ଯିବା ଆସିବାରେ । ରେଜଲ୍ଟ ଡିକ୍‌ଲେରେସନ୍ ପରେ ଦୁହେଁ ଫାଷ୍ଟ କ୍ଲାସ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି ବୋଲି ଜାଣିବାକୁ ପାଇଲେ । + ୨ ଆଡ୍‌ମିଶନ ପାଇଁ ସାର୍ଟିଫିକେଟ୍ ସକାଶେ ସ୍କୁଲ ଆଜି ଗହଳି ହେଇଛି । ଦୀପକ୍ ଦୀପ୍ତି ପାଖେ ପାଖେ ରହି ଆନନ୍ଦାଶ୍ରୁ ଝରାଇ ନିଜର ପରୀକ୍ଷା ଫଳ ପ୍ରକାଶ କରେ । ସାର୍ଟିଫିକେଟ୍ ନେଇସାରିଲା ପରେ ସବୁ ପିଲା ଚାଲିଗଲେ ନିଜ ନିଜ ଘରକୁ; କିନ୍ତୁ ଦୀପ୍ତି ଓ ଦୀପକର କିଛି ସମୟ ଅପେକ୍ଷାରେ ନିଜ ନିଜର ଭାବ ବିନିମୟ

କରି ଫେରିଯାଇଥିଲେ ।

ଗାଁ କଲେଜରେ ଆଡ୍‌ମିଶନ କରି + ୨ ବିଜ୍ଞାନ ପଢ଼ିଲା ଦୀପକ୍ । କିନ୍ତୁ ଦୀପ୍ତି ତା'ଭଉଣୀ ଘରେ (ବାଲେଶ୍ୱର) ରେ ରହି ଫକୀରମୋହନ କଲେଜରେ ପଢ଼ିଲା +୨ କଳା । ସେଇ ସାର୍ଟିଫିକେଟ୍ କଲେକ୍‌ସନ୍ ଦିନଟି ଶେଷଦିନ ଥିଲା ଦୀପ୍ତି ଆଉ ଦୀପକର ଭେଟ । ଅର୍ଥ ଅଭାବରୁ ଦୀପକ୍ ଟିଉସନ୍ ହୋଇ ପାରି ନ ଥିଲା । ଶେଷରେ +୨ ବିଜ୍ଞାନରେ ଅକୃତକାର୍ଯ୍ୟ ହେଲା ।

କାଳର କୁଟୀଳ ଗତିରେ ସବୁ ସ୍ୱପ୍ନ ଏପଟସେପଟ ହେଇଯାଇଛି ଦୀପକର । ଅର୍ଥ ବାଧକତା ସାଜିବାରୁ ପାଠରେ ପୂର୍ଣ୍ଣଚ୍ଛେଦ ପକାଇ ଦୀପକ ଚାଲିଗଲା କଟକ । ଦିନରାତି ଏକ କରି ଅର୍ଥ ଉପାର୍ଜନ କରେ ନିଜର ପରିବାର ଭରଣପୋଷଣ ପାଇଁ; କିନ୍ତୁ ପ୍ରତ୍ୟେକ ଦିନ ରାତିରେ କାନ୍ଥୁରା କାନ୍ଥୁରା ମୁହଁରେ ଚୁନା ଚୁନା ପ୍ରତିବିମ୍ବ ଦେଖେ ଭଙ୍ଗା ଅଇନାରେ, ସେଇ ଅତୀତର ସ୍ନେହବୋଳା ସ୍ମୃତିକୁ ଝୁରି ଝୁରି । ଶାପଗ୍ରସ୍ତ ଜୀବନକୁ ନେଇ ସକାଳୁ ସଞ୍ଜଯାଏ ଧାଇଁଥାଏ ସେ ଅର୍ଥର ଲୋଭ ଲାଳସାକୁ ଆବୁରି । ଅସାଧ କଷ୍ଟ ସାଙ୍ଗକୁ ଦୀର୍ଘବର୍ଷ ପରେ + ୨ ପରୀକ୍ଷା ଦେଇ ସେକେଣ୍ଡ ଡିଭିଜନ୍‌ରେ ପାସ୍ କରେ ଦୀପକ୍ । କିନ୍ତୁ ପ୍ରତିଦିନ ରାତିଥାଏ ସେଇ କାଗଜ ଖଣ୍ଡିକ ଦୀପକର ଅଲିଭା ସ୍ମୃତି ।

ଏମିତି ଭାବୁ ଭାବୁ ଅତୀତର ସ୍ମୃତି ପ୍ରାଚୀ ଭାଗରେ ସୂର୍ଯ୍ୟ ବାହାରି ଆସିଥିଲେ ଆକାଶର ବଗିଚାକୁ । ଧଡ଼ପଡ଼୍ ବିଛଣାରୁ ଉଠି ଦୀପକ୍ ଧାଇଁଲା ମୁହଁ ଧୋଇବାକୁ । ନିଜ ଗାଁ ବୈତରଣୀ ନଦୀରେ ସ୍ନାନ କରି ଅସ୍ତବ୍ୟସ୍ତ ଭାବେ ଘରକୁ ଫେରି ଠାକୁର ଘରେ ମୁଣ୍ଡିଆଟେ ମାରିଲା । ତରବର ହୋଇ ସାର୍ଟ ପ୍ୟାଣ୍ଟ ପିନ୍ଧି ବାହାରିପଡ଼ିଲା ଯାଜପୁରକୁ । ପଛରୁ ମାଆ ଡାକ ମାରିଲେ–

– ଆରେ ଦୀପୁ, ଟିକିଏ ଜଳଖିଆ ଖାଇକରି ଯାଆ ।

– ମାଆ, ବହୁତ ଅରଜେଣ୍ଟ । ମୁଁ ଆସିଲେ ଖାଇବି ।

ଏତକ କହି ଲମ୍ବା ଲମ୍ବା ପାଦ ପକାଇ ଧାଇଁଥିଲା ଛକକୁ । ବରଗଛମୂଳେ ଠିଆ ହେଇ ଅପେକ୍ଷା କଲା ବସ୍‌କୁ । ମନଟା ବ୍ୟସ୍ତ ଥାଏ କେମିତି ଶୀଘ୍ର ପହଞ୍ଚିବ ଦୀପ୍ତି ପାଖରେ । ବସ୍ ଆସି ପହଞ୍ଚିଲା । କିନ୍ତୁ ବସ୍‌ଟି ଲୋକାରଣ୍ୟ ଥିବାରୁ ସେଠାରେ ନ ଅଟକି ପଳାଇଗଲା ଆଗକୁ ଆଗକୁ । ଦୀପକର ମନ ଅସମ୍ଭାଳ, ଦୁଃଖର କାୟାକୁ ଧରି ଦୁଃଖର ଭାବନାରେ ପାରି ହେଉଥାଏ ଦୀପକ୍ । ବହୁ ପ୍ରତୀକ୍ଷା ପରେ ଅଟୋଟିଏ ପହଞ୍ଚିଲା । ଅଟୋକୁ ଅଟକାଇ ଧମ୍ କରି ତା' ଭିତରକୁ ଲମ୍ଫ ପ୍ରଦାନ କଲା ସେ । ଅଟୋ ଚାଳକ ଆଗେଇ ନେଲା ଅଟୋକୁ ଯାଜପୁର ଆଡ଼େ । ବାରମ୍ବାର ଅଟୋ ଡ୍ରାଇଭରକୁ କହି ଚାଲୁଥାଏ ।

– ଭାଇ, ଅଟୋ ଟିକିଏ ଶୀଘ୍ର ଚଳା । ମୋର ବହୁତ ଅରଜେଣ୍ଟ ଅଛି ।

– ଇଏ କ'ଣ ଉଡ଼ାଜାହାଜ ଯେ ସଟ୍ କରି ଉଡ଼ିଯିବ ।

– ହଉ, ହଉ ଚାଲ୍ । ଆଉ ବେଶୀ ମୋ ସଙ୍ଗେ ଗପନା ।

ଅଟୋକୁ ନେଇ ଦୀପକ୍ ଠିକଣା ଜାଗାରେ ପହଞ୍ଚିଗଲା । ରାସ୍ତାପାର୍ଶ୍ୱରେ ଗୋଟିଏ ଉଚ୍ଚ ପିଣ୍ଡା । ଘରଟା ଆଜ୍‌ବେଷ୍ଟସର । ପୁରୁଣା ରଙ୍ଗହୀନ କାଠ କବାଟ । ପିଣ୍ଡା ଉପରେ ଚଢ଼ି ଦୀପକ୍ କବାଟକୁ ଠକ୍ ଠକ୍ କଲା । ଘର ଭିତରେ ଦୀପ୍ତି କାର୍ଯ୍ୟବ୍ୟସ୍ତ ଥାଏ । ବାହାରୁ ଠକ୍ ଠକ୍ ଆୱାଜ୍ ଶୁଣି କବାଟ ଖୋଲିବାକୁ ଆସିଲେ । କବାଟ ଖୋଲି ଘର ଭିତରୁ ବାହାରି ଆସିଲେ ଏକ ନାରୀ । ମୁଣ୍ଡରେ ଆଲୁଳାୟିତ କେଶ, ଦେହରେ ଛାପଛାପିଆ ସୂତା ଶାଢ଼ୀ । ମଉଳା ମୁଖମଣ୍ଡଳକୁ ଦେଖି ଦୀପକ୍ ଆବାକାବା ହୋଇ ଚାହିଁ ରହିଲା ଆଖିରେ ଆଖି ମିଶାଇ । ଗୁମ୍‌ସୁମ୍ ଭାବରେ ବହୁ ନିରୀକ୍ଷା କରିବା ପରେ ରୁଦ୍ଧପୂର୍ଣ୍ଣ ନାରୀଟି ବାକ୍ୟ ବାଢ଼ିଲା ।

– ଆରେ, ଦୀପକ୍ ! ତମେ ! ମୁଁ ଭାବିପାରୁନି ତମେ ଦୀପକ୍ ନା ଆଉ କିଏ ? କେତେବେଳେ ଆସିଲ ।

– ମୁଁ..... । ବର୍ତ୍ତମାନ ପା ଆସି ପହଞ୍ଚିଲି ।

– ହଉ, ଭିତରକୁ ଆସ ।

ଭୟ ଭୟ ମନରେ ଦୀପକ୍ ପାଦ ଥାପିଲା ଏରୁଣ୍ଡି ବନ୍ଧକୁ ଡେଇଁ ଘର ଭିତରକୁ ।

– ଚେୟାର ଉପରେ ବସ । ଆଉ ତମ ଖବର କ'ଣ ? ଆଉ ଏବେ କେଉଁଠି ? କ'ଣ ମନେପଡ଼ିଲା ଏତେ ଦିନ ପରେ ।

ଏମିତି ନିଃଶ୍ୱାସ ନ ନେଇ ବହୁତ କିଛି କହି ଚାଲିଥିଲେ ନାରୀ ଜଣକ । ଦୀପକ୍ ଚେୟାର ଉପରେ ବସି କହିଲେ–

– କ'ଣ ଆଉ ଖବର । ଏମିତି ଦୁଃଖସୁଖରେ । କଟକରେ ଗୋଟେ କମ୍ପାନୀରେ କାମ କରୁଛି, ଆଉ ତମେ ତ କିଛି ପଚାରିଲନି । ହଉ ଭଗବାନଙ୍କ ଇଚ୍ଛା ।

ଏତକ କହୁ କହୁ, ଭିତରୁ ମାଆ ମାଆ ଡାକି ପୁଅଟି ଆସି ପହଞ୍ଚିଲା ଦୀପ୍ତି ପାଖରେ । ଦୀପକ୍ ପଚାରିଲେ ।

– ଇଏ କିଏ ?

– ଇଏ ପରା ମୋ ପୁଅ ।

ଏତିକି ଶୁଣି ଆବାକ୍ ହୋଇଯାଇଥିଲା ଦୀପକ୍ । ବିଷାଦପୂର୍ଣ୍ଣ ନୟନରେ ଭଲକରି ନିରିମାଖି ଚାହିଁଲା ଦୀପ୍ତି ଆଡ଼େ । ତା'ର ମୁଣ୍ଡରେ ନ ଥିଲା ସଧବା ସିନ୍ଦୂର ଟୋପା କି ସିନ୍ଥିରେ ସିନ୍ଦୂର । ହାତର ବଳାରେ ନ ଥିଲା ନାଲି ଶଙ୍ଖା । କେବଳ କେତେ ପଟ କାଚ ଚୁଡ଼ିରେ ଝଣଝଣ ହେଉଥିଲା ତା' ହାତ ।

ଏହାକୁ ଦେଖି ତା'ର ପାଦ ତଳୁ ମାଟି ଖସିଗଲା ପରି ସେ ଅନୁଭବ କଲା । ଆଖିର ଛଳଛଳ ଅଶ୍ରୁ ବନ୍ୟାରେ ନିଜେ ଭାସିଯାଇ ଦୀପକ ସ୍ଥାଣୁ ପାଲଟି ଯାଇଥିଲା । ଚେୟାର ଉପରୁ ଧଡ଼୍ କରି ଉଠିପଡ଼ି ଘର ବାହାରକୁ ଲମ୍ଫ ପ୍ରଦାନ କରିଥିଲା ହାତରେ ଧରିଥିବା ସେଇ ରକ୍ତଲେଖା କାଗଜଟିକୁ ଫିଙ୍ଗି । ଘର ଭିତରୁ ଦୀପ୍ତିଙ୍କ ପାଟିରୁ ଶୁଭୁଥିଲା –

– ଦୀପକ୍ ! କ'ଣ ହେଲା, ଟିକିଏ ରୁହ । ଏମିତି କାହିଁକି ଚାଲିଯାଉଛ ?

ଦୀପକର ପାଦ ଥିଲା ଆଗକୁ ଆଗକୁ ବିନା ପଛକୁ ଅନେଇ । ଦୀପ୍ତି ଦୌଡ଼ିଆସି ଘର ବାହାରୁ ଚାହିଁ ରହିଥିଲା ତାଙ୍କର ଚଲାପଥକୁ । ସମୟର ନିରବ ଉପାନ୍ତେ କୋଇଲି ଗାଉଥିଲା ।

– କୁହୁ କୁହୁ କୁହୁ.........

◆❖◆


ROUT CLASSES
CBSE XII
2018 RESULT
For Mathematics
Akankshya Baisakh
DAV PUBLIC SCHOOL, CDA, Cuttack
MATH SCORE 98/100
Sidhartha
DAV, Chandrasekharpur, BBSR
MATH SCORE 96/100
Amit Pradhan
DAV Public School, CDA, Cuttack
MATH SCORE 95/100
Madhusmita Agasti
DAV PUBLIC SCHOOL, CDA, Cuttack
MATH SCORE 94/100
Nitu Mohapatra
MATH SCORE 91/100
Sarthak Satapathy
Mother's Public School, BBSR
MATH SCORE 90/100
Triparna Mishra
Delhi Public School
MATH SCORE 89/100
Bidyut
DAV Public School, Unit-8, BBSR
MATH SCORE 89/100
Namrata Jena
MATH SCORE 83/100
& many more....
ROUT CLASSES
Blooming the Hidden Treasure
94384 09975 / 97763 55340
94384 09975
routclasses@gmail.com
www.routclasses.com
Sector-6, CDA (Cuttack), Sailashree Vihar,
VSS Nagar, BJB Nagar, Bomikhal (BBSR)
YouTube

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ୍ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ